

ଡନ୍ ହେବେ
କାର୍ତ୍ତିକ
ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-279 • BHUBANESWAR • FRIDAY • 5 APRIL 2024 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୨୭ ୯ • ଭୁବନେଶ୍ୱର • ଶୁକ୍ରବାର • ୫ ଏପ୍ରିଲ୍ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦


# ବିଜେପିରେ ବିଦ୍ରୋହ

## ୩ ଦିନ ହେଲା ଅସନ୍ତୁଷ୍ଟଙ୍କ ଘେରରେ ରାଜ୍ୟ କାର୍ଯ୍ୟାଳୟ



- ଧସେଇ ପଶିଲେ କର୍ମୀ; ଭାଙ୍ଗିଲେ ଚେୟାର, ଫୁଲକୁଣ୍ଡ
- ରାଜ୍ୟ ନେତୃତ୍ୱ ବିରୋଧରେ କର୍ମୀଙ୍କ ଟିକଟ ବିକ୍ରି ଅଭିଯୋଗ
- ଖଣି ମାଫିଆଙ୍କୁ ଟିକଟ ନେଇ ବାଙ୍କି ବିଜେପି ନେତାଙ୍କ କ୍ଷୋଭ
- ହିଞ୍ଜିଳି, ଖୋର୍ଦ୍ଧା, ରେଢ଼ାଖୋଲରେ କୁହୁଳୁଛି ବିଦ୍ରୋହର ନିଆଁ
- ମାହାଙ୍ଗା, ଜୟଦେବ, କୋରାପୁଟରେ ନେତା-କର୍ମୀ ଖପ୍ପା
- ଘୋଷିତ ୧୧୨ ମଧ୍ୟରୁ ଅଧେ ଆସନରେ ପ୍ରାର୍ଥୀଙ୍କୁ ବିରୋଧ
- କର୍ମୀ ଓ ନେତାଙ୍କୁ ସାମ୍ନା କରିପାରୁନାହାନ୍ତି ରାଜ୍ୟ ନେତୃତ୍ୱ



**ଭୁବନେଶ୍ୱର, ୪।୪ (ସମିସ):** ପ୍ରଥମ ପର୍ଯ୍ୟାୟରେ ୧୧୨ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା ପରେ ବିଜେପିରେ ସୃଷ୍ଟି ହୋଇଛି ଅସନ୍ତୋଷ ବିସ୍ଫୋରଣ। ରାଜ୍ୟ ବିଜେପି ବିଦ୍ରୋହର ବାରୁଦଗଦାରେ ଉପରେ ଠିଆ ହୋଇଛି। କେତେବେଳେ କେଉଁ ଘଟଣା ଘଟିବ ତାହା କଳ୍ପନା କରି ହେଉ ନାହିଁ। ଟିକଟ ପ୍ରଦାନରେ ପ୍ରୀୟାପ୍ରୀତି, ଟଙ୍କା କାରବାର ଅଭିଯୋଗ କରିଛନ୍ତି କର୍ମୀ ଓ ନେତା। ଜୟଦେବ, ମାହାଙ୍ଗା, କୋରାପୁଟ, ହିଞ୍ଜିଳି, ଖୋର୍ଦ୍ଧା, ରେଢ଼ାଖୋଲ, କଟକ ସଦର, କୋରେଇ, ଧର୍ମଶାଳାଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରୁ ଦଳୀୟ ନେତା ଓ କର୍ମୀମାନେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଜମାଇଛନ୍ତି। ଯୋଗ୍ୟ ଓ ସଂଗଠନ ସମ୍ଭାଳିଥିବା ପ୍ରାର୍ଥୀଙ୍କୁ ସୁଯୋଗ ନ ଦେଇ ରାଜ୍ୟ ବିଜେପି ନେତୃତ୍ୱ ଟିକଟ ବିକ୍ରି କରି ଦେଇଛନ୍ତି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି ଦଳୀୟ ନେତା। ପରିସ୍ଥିତି ଏପରି ହୋଇଛି ଯେ ଗତ ୩ ଦିନ ହେଲା ରାଜ୍ୟ ବିଜେପି କାର୍ଯ୍ୟାଳୟ ବିଦ୍ରୋହୀଙ୍କ କବ୍‌ଜାରେ ରହିଛି। ମାତ୍ର ଦଳୀୟ ନେତାଙ୍କ ଦେଖା ମିଳୁନାହିଁ। କର୍ମୀ ଓ ନେତାଙ୍କୁ ସାମ୍ନା କରିବାକୁ ରାଜ୍ୟ ନେତୃତ୍ୱ ସାହସ କରି ପାରୁ ନାହାନ୍ତି।

ଟିକଟ ବଦଳାଇବା ଦାବି କରି ଗତ ଦୁଇଦିନ ଧରି ଧର୍ମଶାଳାର ହିମାଂଶୁ ସାହୁଙ୍କ ସମର୍ଥକ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ କବଜାରେ ରଖିଛନ୍ତି। ଦିନ ଗଡ଼ିବା ସହ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅସନ୍ତୋଷର ନିଆଁ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ପ୍ରତିଦିନ ଏକାଧିକ ନିର୍ବାଚନମଣ୍ଡଳୀର ଟିକଟରୁ ବାଦ୍ ପଡ଼ିଥିବା ନେତା ଏବଂ ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମା, ନାରାବାଜି କରୁଛନ୍ତି। ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜୟଦେବରୁ ଆସିଥିବା ବସନ୍ତ ନାୟକଙ୍କ ସମର୍ଥକମାନେ ଭଙ୍ଗାରୁଜା କରିଛନ୍ତି। ଚେୟାର ଓ ଫୁଲକୁଣ୍ଡ ଭାଙ୍ଗି ଟ୍ରେଲର ଦେଖାଇଛନ୍ତି। ଟିକଟ ନ ବଦଳାଇଲେ ଆଗକୁ ପୂରା ପିକ୍‌ଚର ଦେଖିବାକୁ ମିଳିବ ବୋଲି ଖୋଲାଖୋଲି ଧମକ ଦେଇଛନ୍ତି ବସନ୍ତଙ୍କ ସମର୍ଥକ। କେବଳ ଜୟଦେବ ନୁହେଁ, ବାଙ୍କୀ, କୋରେଇ, ହିଞ୍ଜିଳି, କାକଟପୁର ନିର୍ବାଚନମଣ୍ଡଳୀରେ ଦଳୀୟ ଟିକଟରୁ ବାଦ୍ ପଡ଼ିଥିବା ଆଶାୟୀଙ୍କ ସମର୍ଥକ ଆଜି ଦିନ ତମାମ୍ ରାଜ୍ୟ କାର୍ଯ୍ୟାଳୟକୁ ବନ୍ଧକ ରଖିଛନ୍ତି। କେବଳ ରାଜ୍ୟ କାର୍ଯ୍ୟାଳୟ ନୁହେଁ ବରଂ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଦଳୀୟ ଟିକଟ ବିରୋଧରେ ଚରମ ଅସନ୍ତୋଷ ଦେଖିବାକୁ ମିଳିଛି। ଯଦି ସମୟ ଥାଉ ଥାଉ ବିଜେପି ନେତୃତ୍ୱ ଏହାର ସମାଧାନ ନ କରନ୍ତି, ତାହେଲେ ଆଗାମୀ ଦିନରେ ରାଜ୍ୟ ବିଜେପିରେ ଏକ ବଡ଼ ଧରଣର ବିସ୍ଫୋରଣକୁ ସାମ୍ନା ପୃଷ୍ଠା-୯

### ଚଳିତ ବର୍ଷର ରେକର୍ଡ ତାତି

# ୪୨° ଛୁଇଁଲା ୨ ସହର

**ଭୁବନେଶ୍ୱର, ୪।୪ (ସମିସ):** ଚଳିତ ଗ୍ରୀଷ୍ମ ଋତୁରେ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଛି। ମାଲକାନଗିରି ଓ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି ଓ ଏଠାରେ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଅନୁଗୁଳରେ ତାପମାତ୍ରା ୪୧.୭ ଡିଗ୍ରୀ ରହିଥିବା ବେଳେ ବଲାଙ୍ଗୀରରେ ୪୧.୭, ଝାରସୁଗୁଡ଼ାରେ ୪୧.୬, ଭବାନୀପାଟଣା ଓ ଟିଟିଲାଗଡ଼ରେ ୪୧, ନୂଆପଡ଼ାରେ ୪୦.୪, ରାଉରକେଲାରେ ୪୦.୨, ସୁନ୍ଦରଗଡ଼ରେ ୪୦.୧ ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନୁରୂପ ଭାବେ କଟକ ଓ ଭୁବନେଶ୍ୱର ତାପମାତ୍ରା ଯଥାକ୍ରମେ ୩୮ ଓ ୩୭.୪ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଲଗାତାର ଭାବେ ୪ ଦିନ ହେବ ଅସମ୍ଭାଳ ତାତି ସାଙ୍ଗକୁ ଗୁଳୁଗୁଳିର ପ୍ରଭାବ ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରିଛି। ଗତକାଲି ୧୦ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଗୁରୁବାର ୧୧ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏପରି ତାତି ଲାଗି ରହିବା ସହ ଏହି ସମୟରେ କିଛି ସ୍ଥାନରେ ଗ୍ରୀଷ୍ମ ଲହରୀ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ୫ ଓ ୬ ତାରିଖ ପାଇଁ ବିଭିନ୍ନ ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି। ତେବେ ୨ ଦିନ ପରେ ଅର୍ଥାତ ୭ ତାରିଖ ବେଳକୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ମାଲକାନଗିରି, ନୟାଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି। ଏଠାରେ ଦିନର ତାପପାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିବା ସହିତ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାସହିତ ରାତିରେ ମଧ୍ୟ ୨ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ତାପମାତ୍ରା ଅଧିକ ରହିବ। ଶୁକ୍ରବାର ମୁଖ୍ୟତଃ ବଲାଙ୍ଗିର, କନ୍ଧମାଳ, ବୌଦ୍ଧ ଓ ଭଦ୍ରକ ଜିଲ୍ଲାରେ ଉଷ୍ମ ରାତି ଅନୁଭୂତ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ପୃଷ୍ଠା-୯



ଆହୁରି ୨ ଦିନ ଅନୁଭୂତ ହେବ ଗୁଳୁଗୁଳି

୬ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ସତର୍କତା ଜାରି


'ମିତ୍ର, ଭ୍ରଷ୍ଟାଚାରିଙ୍କ ବିରୁଦ୍ଧରେ ଆକ୍ସନ ନେବି'
ଜଣ-ଜଣ କରି ଜୁମଲା ପାର୍ଟିରେ ଭରି ଦେବି।



Issued in public interest by
All India Congress Committee.

# ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ୧୪ ସାଂସଦ

ନୂଆଦିଲ୍ଲୀ,୪।୪(ଏଜେନ୍ସି)

ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ୧୪ ସାଂସଦ ବିଧିବଦ୍ଧ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟ ନିର୍ବାଚିତ ସାଂସଦ ରାଜ୍ୟସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଏକ ବିଶେଷ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖର ନୂତନ ସଂସଦ ଭବନରେ ସେମାନଙ୍କୁ ଶପଥ ପାଠ କରାଇଛନ୍ତି। ସୋନିଆ ଗାନ୍ଧୀ ରାଜସ୍ଥାନରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲା ବେଳେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ନିର୍ବାଚିତ ହୋଇଛନ୍ତି। ଶପଥ ନେଇଥିବା ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅଜୟମାକେନ୍ (କର୍ଣ୍ଣାଟକ), ବିଜେପି ନେତା ଆର ପି ଏନ ସିଂ(ଉତ୍ତରପ୍ରଦେଶ) ଏବଂ ବିଜେପି ସଦସ୍ୟ ସମିକ ଭଟ୍ଟାଚାର୍ଯ୍ୟ (ପଶ୍ଚିମବଙ୍ଗ) ରହିଛନ୍ତି। ସେହିପରି ୱାଇଏସଆରସିପି ନେତା ଗୋଲା ବାବୁ ରାଓ, ମେଧା ରଘୁନାଥ ରେଡ୍ଡି ଏବଂ ୟେରମ୍ ଭେଙ୍କଟ ସୁବା ରେଡ୍ଡି ଆନ୍ଧ୍ରପ୍ରଦେଶରୁ




ରାଜ୍ୟସଭା ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ସୋନିଆ ଗାନ୍ଧୀ ପ୍ରଥମ ଥର ପାଇଁ ରାଜ୍ୟସଭା ସଦସ୍ୟ ହୋଇଛନ୍ତି। ସେ ରାଜ୍ୟସଭା ନେତା ପୀୟୁଷ ଗୋୟଲ ଏବଂ କଂଗ୍ରେସ ସଭାପତି ତଥା ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଉପସ୍ଥିତିରେ ଶପଥ ଗ୍ରହଣ କରିଥିଲେ।

### ୨୦ଘଣ୍ଟାର ଅକ୍ଲାନ୍ତ ଉଦ୍ୟମ

# ବୋର୍‌ୱେଲରୁ ୨ ବର୍ଷର ଶିଶୁ ଉଦ୍ଧାର




ଲାଚ୍ୟାନା, ୪।୪(ଏଜେନ୍ସି): କର୍ଣ୍ଣାଟକର ଲାଚ୍ୟାନା ଗ୍ରାମରେ ଘରବାହାରେ ଖେଳୁଥିବା ୨ ବର୍ଷର ଶିଶୁ ଶତଭିକ ସତୀଶ ଖୋଲା ଛାଡ଼ିଦିଆଯାଇଥିବା ଏକ ବୋରୱେଲରେ ଗଳିପଡ଼ିଥିଲା। ୨୦ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ଓ ଖୋଦନ ପରେ ଶିଶୁକୁ ଉଦ୍ଧାର କରାଯାଇପାରିଛି। ଶିଶୁଟି ବୋରୱେଲରେ ଖସିପଡ଼ିଥିଇବା ଜାଣି ଆଖପାଖର ଲୋକେ ତୁରନ୍ତ ପ୍ରଶାସନକୁ ଖବର ଦେଇଥିଲେ। ବୁଧବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଏନଡିଆରଏଫ୍ ଓ ଏସଡିଆରଏଫ ଜବାନଙ୍କୁ ନେଇ ଗଠିତ ଉଦ୍ଧାରକାରୀ ଦଳ ଆଜି ଅପରାହ୍ନରେ ଶିଶୁଟିକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ଉଦ୍ଧାର ପାଇଁ ବୋରୱେଲ କଡ଼ରେ ମାଟିଖୋଳା ଚାଲିଥିବା ବେଳେ ଶିଶୁର କ୍ରନ୍ଦନ ଶୁଣିବାକୁ ମିଳୁଥିଲା। ଶିଶୁ ବଞ୍ଚିଥିବା ଓ କାନ୍ଦୁଥିବା ଜାଣି ଉଦ୍ଧାରକାରୀ ଦଳ ଦ୍ୱିଗୁଣ ତତ୍ପରତାର ସହ ମାଟି ଖୋଳା କାର୍ଯ୍ୟ କରିଥିଲେ ଓ ଶିଶୁକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ।

### ଇରାନ ସେନା ମୁଖ୍ୟାଳୟ ଉପରେ ଆକ୍ରମଣ

# ୧୧ ସେନା କର୍ମଚାରୀଙ୍କ ସହ ୨୮ ମୃତ



ତେହରାନ୍,୪।୪(ଏଜେନ୍ସି): ଇରାନର ସେନା (ରିଭୋଲ୍ୟୁସନାରୀ ଗାର୍ଡ) ମୁଖ୍ୟାଳୟ ଉପରେ ସୁନ୍ନି ଗୋଷ୍ଠୀର ଆତଙ୍କବାଦୀଙ୍କ ଦ୍ୱାରା ଗୁରୁବାର ପ୍ରଚଣ୍ଡ ଆକ୍ରମଣ କରାଯାଇଛି। ଏହି ଘଟଣାରେ ଇରାନ ସେନାର ୧୧ କର୍ମଚାରୀଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଏହାବ୍ୟତୀତ ଘଟଣାରେ ୨୦ ରୁ ଅଧିକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତକାଲି ରାତିରେ ଇରାନର ଦକ୍ଷିଣପୂର୍ବ ପ୍ରଦେଶ ସିସ୍ତାନ-ବେଲୁଚିସ୍ତାନର ଚାବହାର ଏବଂ ରାସ୍କ ସହରରେ ଜୈସ୍-ଅଲ ଆଦି ଗୋଷ୍ଠୀର ଆତଙ୍କବାଦୀମାନେ ଆକ୍ରମଣ କରିଥିଲା ବେଳେ ସେମାନଙ୍କ ସହ ରାତି ତମାମ ଇରାନ ସେନା ମୁକାବିଲା କରିଥିଲା। କିନ୍ତୁ ଗୁରୁବାର ସକାଳେ ଏହି ଗୋଷ୍ଠୀ ପକ୍ଷରୁ ସେଠାକାର ସେନା ମୁଖ୍ୟାଳୟ ଉପରେ ଆକ୍ରମଣ କରାଯାଇଥିଲା।

### ଆପ୍ ନେତାଙ୍କୁ ଆଶ୍ୱସ୍ତି

# କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଆବେଦନ ଖାରଜ

ନୂଆଦିଲ୍ଲୀ,୪।୪(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ଏବେ ଜେଲରେ ରହିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଲାଗି ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ କୋର୍ଟ ଖାରଜ କରିଦେଇଛନ୍ତି। କେଜ୍ରିୱାଲ କୋର୍ଟ ନିର୍ଦ୍ଦେଶ ଅନୁସାରେ ନ୍ୟାୟିକ ହେପାଜତକୁ ଯିବା ପରେ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ବିଜେପି ଦାବି କରିଆସୁଥିବା ବେଳେ ଏନେଇ ସାମାଜିକ କର୍ମୀ ତଥା ହିନ୍ଦୁ ସେନା ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଷ୍ଣୁ ଗୁପ୍ତା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। କେଜ୍ରିୱାଲ ଅପରାଧରେ ଜଡ଼ିତ ହୋଇଥିବାରୁ ସେ ତାଙ୍କ ସାମ୍ବିଧାନିକ ପଦବୀ ପ୍ରତି ବିଶ୍ୱାସଘାତ କରିଛନ୍ତି। ତେଣୁ ସେ ଇସ୍ତଫା ଦେବା ଉଚିତ ବୋଲି ଶ୍ରୀଗୁପ୍ତା



ତାଙ୍କ ଆବେଦନରେ ଦର୍ଶାଇଥିଲେ। ଏହି ପ୍ରସଙ୍ଗରେ ଗୁରୁବାର ହାଇକୋର୍ଟରେ ଶୁଣାଣି ହୋଇଥିଲେ ହେଁ କୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ , ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇବେ କି ନାହିଁ ତାହା କେଜ୍ରିୱାଲଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ସେ ଚାହିଲେ ଇସ୍ତଫା ଦେଇପାରିବେ , ନଚେତ୍ ତାଙ୍କ ପଦବୀରେ ରହି ଦାୟିତ୍ୱ ତୁଲାଇ ପାରିବେ। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ଏହା ଚାଲିବ ଏବଂ ଏଥିରେ କୋର୍ଟ ହସ୍ତକ୍ଷେପ କରିବାର କିଛି ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। କେଜ୍ରିୱାଲ ଗିରଫ ହେବା ପରେ ଦିଲ୍ଲୀରେ ସରକାର ଅଚଳ ହୋଇପଡ଼ିଛି ବୋଲି ଶ୍ରୀ ଗୁପ୍ତା କହିଥିଲା ବେଳେ ଏହାର ଜବାବରେ କୋର୍ଟ କହିଥିଲେ, 'ସରକାର ଅଚଳ ହୋଇପଡ଼ିଛି କି ନାହିଁ ତାହା ଆମେ କିଭଳି ଘୋଷଣା କରିବୁ? ଏହି କାର୍ଯ୍ୟ ଉପରାଜ୍ୟପାଳଙ୍କର ଏବଂ ଏଥିପାଇଁ କୌଣସି ନିଷ୍ପତ୍ତି ନେବା କ୍ଷେତ୍ରରେ ତାଙ୍କର କର୍ତ୍ତୃତ୍ୱ ଅଧିକ ରହିଛି। ତାଙ୍କୁ ଆମର ମାର୍ଗଦର୍ଶନର ଆବଶ୍ୟକତା ନାହିଁ ଏବଂ ସାମ୍ବିଧାନିକ ଆଇନ ଅନୁଯାୟୀ ସେ ଯାହା କରିବା କଥା ତାହା କରିବେ' ବୋଲି ଖଣ୍ଡପୀଠ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଏହା ଥିଲା ଦ୍ୱିତୀୟଆବେଦନ ଯାହାକି ଖାରଜ ହୋଇଛି।

### ପାଣି ଟାଙ୍କିରୁ ବାହାରିଲା ୩୦ ମାଙ୍କଡଙ୍କ ମୃତଦେହ

# ଡାକ୍ତରଖାନାରେ ଭର୍ତ୍ତି ହେଲେ ୨୦୦ ପରିବାର

ହାଇଦରାବାଦ୍,୪।୪(ଏଜେନ୍ସି): ତେଲଙ୍ଗାନାର ନାଲଗୋଣ୍ଡା ଜିଲ୍ଲା ନନ୍ଦିକୋଣ୍ଡା ମ୍ୟୁନିସିପାଲିଟିର ଏକ ପାଣି ଟାଙ୍କିରୁ ୩୦ଟି ମାଙ୍କଡ଼ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତକାଲି ଏହି ଟାଙ୍କିରୁ ଉତ୍କଟ ଗନ୍ଧ ଆସିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ତେବେ ସନ୍ଧାନ ପରେ ୩୦ ମାଙ୍କଡଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଟାଙ୍କିରୁ ୨୦୦ରୁ ଅଧିକ ପରିବାର ପାଣି ବ୍ୟବହାର କରୁଥିବାରୁ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ ସେମାନଙ୍କୁ ହସ୍ପିଟାଲରେଭର୍ତ୍ତି କରାଯାଇଛି। ପୌର କର୍ମଚାରୀମାନେ ଏହି ଟାଙ୍କି ଘୋଡଣୀ ଦେଇ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି।

### ■ ପର୍ଯ୍ୟଟକ ଡଙ୍ଗାରେ ନିଆଁ

# ସମୁଦ୍ରକୁ ଡେଇଁ ଅଳ୍ପକେ ବର୍ତ୍ତିଲେ ୧୦୮ ଯାତ୍ରୀ



ବ୍ୟାଙ୍କକ୍,୪।୪(ଏଜେନ୍ସି): ଥାଇଲ୍ୟାଣ୍ଡ ସମୁଦ୍ର ଉପକୂଳରେ ଗୁରୁବାର ସକାଳେ ଏକ ପର୍ଯ୍ୟଟକ ଡଙ୍ଗାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଡଙ୍ଗା ପ୍ରାୟ ୧୦୦ରୁ ଅଧିକ ପର୍ଯ୍ୟଟକଙ୍କ ନେଇ ଥାଇଲାଣ୍ଡର ସୁରାଟଥାନି ବନ୍ଦରରୁ କୋହ ତାହ' ଯାଉଥିଲା ବେଳେ କୌଣସି କାରଣରୁ ଅଚାନକ ଭାବେ ଏଥିରେ ନିଆଁ ଲାଗି ଯାଇଥିଲା। ଡଙ୍ଗାଟି ହୁତହୁତ୍ ହୋଇ ଜଳିବାକୁ ଆରମ୍ଭ କରିଥିଲା ବେଳେ ଜୀବନ ବଞ୍ଚାଇବାକୁ ଯାଇ ଯାତ୍ରୀମାନେ ସମୁଦ୍ର ଭିତରକୁ ଡେଇଁବା ଆରମ୍ଭ କରିଥିଲେ। ତେବେ ଜାହାଜରେ ଥିବା ସମସ୍ତ ୧୦୮ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା କୁହାଯାଇଛି। ପାଞ୍ଚ ମିନିଟରୁ କମ୍ ସମୟ ମଧ୍ୟରେ ଧୂଆଁ ଓ ନିଆଁ ବ୍ୟାପିଯିବା ଯୋଗୁ ସମସ୍ତ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। କିଛି ଯାତ୍ରୀ ଜୀବନ ରକ୍ଷକ ଜ୍ୟାକେଟ୍ ପାଇଥିଲେ ହେଁ ଏହାକୁ ପିନ୍ଧିବାକୁ ସମୟ ପାଇ ନଥିଲେ। ତେବେ ଘଟଣା ସମ୍ପର୍କରେ ସୂଚନା ପାଇ କିଛି ସମୟ ପରେ ସ୍ଥାନୀୟ ପ୍ରସାଶନ ପକ୍ଷରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା।

### ■ ଟିକଟ ନ ମିଳିବାରୁ ଚିରାଗ ପାଶୱାନଙ୍କ ଉପରେ ଖପ୍ପା

# ଦଳ ଛାଡ଼ିଲେ ୨୨ ନେତା

ପାଟନା,୪।୪(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୯ରୁ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବାରେ ଲାଗିଛି। କିନ୍ତୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଦଳ ମଧ୍ୟରେ ମେଣ୍ଟ ସ୍ଥିତିକୁ ନେଇ ଟିକଟ ବଣ୍ଟନ ପ୍ରକ୍ରିୟା ସବୁଠୁ ଜଟିଳ ହୋଇପଡ଼ିଥିବା ଦେଖାଯାଉଛି। ଏହିକ୍ରମରେ ବିହାର ରାଜନୀତିରେ ମଧ୍ୟ ଘଡ଼ିକେ ଘୋଡା ଛୁଟୁଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଇଣ୍ଡିଆ ମେଣ୍ଟ ଛାଡି ଏନଡିଏରେ ଯୋଗ ଦେବା ପରେ ଏଠାକାର ରାଜନୀତିକ ସମୀକରଣ ବଦଳିବା ସହ ଚିରାଗ ପାଶୱାନଙ୍କ ଲୋକ ଜନଶକ୍ତି ପାର୍ଟି-ରାମ ବିଲାସକୁ ଶକ୍ତ ଧକ୍କା ଲାଗିଛି। ଟିକଟ ବଣ୍ଟନକୁ ନେଇ ଚିରାଗଙ୍କ ଉପରେ ୨୨ ନେତା ଖପ୍ପା ହେବା ସହିତ ଦଳ ଛାଡିଛନ୍ତି। ଏନଡିଏ ବୁଝାମଣା ଅନୁଯାୟୀ ବିହାରର ୪୦ଟି ଲୋକସଭା ଆସନ ମଧ୍ୟରୁ ବୈଶାଳୀ, ହାଜିପୁର, ସମସ୍ତିପୁର, ଖଗଡିଆ ଏବଂ ଜାମୁଇ ଆଦି ୫ ଲୋକସଭା ଆସନରେ ଚିରାଗଙ୍କ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ। କିନ୍ତୁ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଢେର ଅଧିକ ଥିବାରୁ ସେମାନଙ୍କ ମଧ୍ୟରୁ ୨୨ ଜଣ ନେତା ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ିଥିବା କୁହାଯାଇଛି। ସେମାନେ ଏବେ ଇଣ୍ଡିଆ ମେଣ୍ଟକୁ ସମର୍ଥନ କରିବେ ବୋଲି କହିଛନ୍ତି। ଯେଉଁମାନେ ଦଳର ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି ସେମାନଙ୍କ ମଧ୍ୟରେ ରାଜ୍ୟ ତଥା ଜାତୀୟ ସ୍ତରର ନେତା ରହିଛନ୍ତି। ସୂଚନାନୁସାରେ, ପୂର୍ବତନ ସାଂସଦ ତଥା ବିହାର ମନ୍ତ୍ରୀ ଏବଂ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରେଣୁ କୁଶୱାହ, ପୂର୍ବତନ ବିଧାୟକ ତଥା ଜାତୀୟ ସାଧାରଣ ସମ୍ପାଦକ ସତୀଶ କୁମାର, ରାଜ୍ୟ ସଂଗଠନ ସଚିବ ରବିନ୍ଦ୍ର ସିଂ, ରାଜ୍ୟ ଉପାଧ୍ୟକ୍ଷ ସଞ୍ଜୟ ସିଂଙ୍କ ସମେତ ୨୨ଜଣ ଦଳ ଛାଡ଼ିଛନ୍ତି।

### ସନ୍ଦେଶଖାଲି ମାମଲାରେ ପୁଣି ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

# ଘଟଣାର ୧% ସତ୍ୟତା ଥିଲେ ବି ଶତପ୍ରତିଶତ ଲଜ୍ଜାଜନକ



କୋଲକାତା,୪।୪(ଏଜେନ୍ସି)

ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ମହିଳା ନିର୍ଯାତନା ଘଟଣାରେ ପୁଣିଥରେ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି କୋଲକାତା ହାଇକୋର୍ଟ। ଗୁରୁବାର ଏହି ପ୍ରସଙ୍ଗକୁ ନେଇ ହୋଇଥିବା ଏକ ସତ୍ୟପାଠକୁ ଆଧାର କରି ଶୁଣାଣି ଚାଲିଥିଲା ବେଳେ ହାଇକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସନ୍ଦେଶଖାଲିରୁ ଆସିଥିବା ଅଭିଯୋଗ ମଧ୍ୟରୁ ଯଦି ଏକ ପ୍ରତିଶତ ବି ସତ ହୋଇଥାଏ ତେବେ ତାହା ଶତପ୍ରତିଶତ ଲଜ୍ଜାଜନକ ବୋଲି ହାଇକୋର୍ଟ କହିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟ ମହିଳାମାନଙ୍କ ଲାଗି ସବୁଠୁ ସୁରକ୍ଷିତ ସ୍ଥାନ ବୋଲି ରାଜ୍ୟ ସରକାର ଯେଉଁଭଳି ଡିଣ୍ଡିମ ପିଟୁଛନ୍ତି ତାହାକୁ ମଧ୍ୟ ହାଇକୋର୍ଟ କଡ଼ା ସମାଲୋଚନା କରିଛନ୍ତି। ଟିଏମସି ନେତା ଶେଖ ଶାହାଜାହାନଙ୍କ ଦ୍ୱାରା ସ୍ଥାନୀୟ ମହିଳାଙ୍କ ବିରୋଧରେ ହୋଇଥିବା ଯୌନ ନିର୍ଯାତନା ଏବଂ ଜମି ଜବରଦଖଲ ମାମଲାର ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଯାଞ୍ଚ ଲାଗି ହୋଇଥିବା ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ଟିଏସ୍ ଶିବାଜ୍ଞାନମ କହିଛନ୍ତି ଯେ, ଏଭଳି ଏକ ସ୍ପର୍ଶକାତର ଘଟଣା ପାଇଁ ସମଗ୍ର ଜିଲ୍ଲା ପ୍ରଶାସନ ଏବଂ ସରକାର ନୈତିକ ଦାୟିତ୍ୱ ନିର୍ବାହ କରିବା ଉଚିତ। ରାଜ୍ୟ ସରକାର କହୁଛନ୍ତି, ପଶ୍ଚିମବଙ୍ଗ ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ। କିନ୍ତୁ ଯଦି ଗୋଟିଏ ବି ସତ୍ୟପାଠ ସତ ପ୍ରମାଣିତ ହୁଏ, ତାହା ସରକାରଙ୍କ ଏହି ଦାବିକୁ ମିଛ ପ୍ରମାଣିତ କରିଦେବ ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସନ୍ଦେଶଖାଲିରେ ବନ୍ଧୁକ ମୁନରେ ମହିଳାଙ୍କୁ ଯୌନ ଶୋଷଣ କରାଯାଉଥିବା ଏବଂ ଆଦିବାସୀଙ୍କ ଜମିକୁ ଜୋର ଜବରଦସ୍ତ ହଡପ କରାଯାଉଥିବା ଅଭିଯୋଗ ହେବା ପରେ ହାଇକୋର୍ଟ ନିଜ ପକ୍ଷରୁ ଏହି ମାମଲାର ସଂଜ୍ଞାନ ନେଇଥିଲେ। ଏହିକ୍ରମରେ ମୁଖ୍ୟ ବିଚାରପତି ଶିବାଜ୍ଞାନମ୍ ଏବଂ ଜଷ୍ଟିସ୍ ହିରେନମୟ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକାଧିକ ଜନସ୍ୱାର୍ଥ ମାମଲାର ଶୁଣାଣି କରୁଛନ୍ତି।

# ରାହୁଲଙ୍କ ସମ୍ପତ୍ତି ମୂଲ୍ୟ ୨୦ କୋଟି

ନୂଆଦିଲ୍ଲୀ, ୪।୪(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ଏକ ସତ୍ୟପାଠ ଜରିଆରେ ଇଲେକ୍ସନ କମିଶନ୍ ଅଫ୍ ଇଣ୍ଡିଆ(ଇସିଆଇ)ଙ୍କୁ ତାଙ୍କ ସମ୍ପତ୍ତି ବିବରଣୀ ଦେଇ ପ୍ରତ୍ୟେକ ସମ୍ପତ୍ତିର ମୂଲ୍ୟ ଓ ସବୁ ସମ୍ପତ୍ତିର ମୋଟ ମୂଲ୍ୟ ଜଣାଇଛନ୍ତି।



### ୨୫କମ୍ପାନୀର ଷ୍ଟକ ଓ ୭ ମ୍ୟୁଚୁଆଲ ଫଣ୍ଡସ୍

ସତ୍ୟପାଠ ଅନୁଯାୟୀ ରାହୁଲଙ୍କ ମୋଟ ସମ୍ପତ୍ତି ମୂଲ୍ୟ ହେଉଛି ପ୍ରାୟ ୨୦ କୋଟି ଟଙ୍କା। ତାଙ୍କର ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ ହେଉଛି ୯କୋଟି ୨୪ଲକ୍ଷ୫୯ହଜାର ୨୬୪ଟଙ୍କା। ସେଥିରୁ ପ୍ରାୟ ୯୦% ବା ୮କୋଟି ୧୬ଲକ୍ଷ୯୪ହଜାର୯୧ ଟଙ୍କା ହେଉଛି ମ୍ୟୁଚୁଆଲ ଫଣ୍ଡ ଓ ଷ୍ଟକରେ ନିବେଶ। ୨୫ଟି ତାଲିକାଭୁକ୍ତ (ଲିଷ୍ଟେଡ୍) କମ୍ପାନୀର ଅଂଶଧନ ରାହୁଲଙ୍କ ପାଖରେ ଅଛି। ୨୦୨୪ ମାର୍ଚ୍ଚ୧୫ ତାରିଖରେ ରାହୁଲଙ୍କ ଷ୍ଟକଗୁଡ଼ିକର ମୂଲ୍ୟ ଥିଲା ୪କୋଟି ୩୩ଲକ୍ଷ ଟଙ୍କାରୁ ସାମାନ୍ୟ କିଛି ଅଧିକ। ରାହୁଲଙ୍କ ପାଖରେ ଏକ ସ୍ମଲ କ୍ୟାପ୍ କମ୍ପାନୀ ସୁପ୍ରାଜିତ ଇଂଜିନିୟରିଂର ୪୦୬୮ଟି ଅଂଶଧନ (ସେୟାର) ରହିଛି ଯାହାର ମୋଟ ବଜାର ମୂଲ୍ୟ ଗତ ମାର୍ଚ୍ଚ ୧୫ରେ ୧୬ଲକ୍ଷ ୬୫ ହଜାର ଟଙ୍କା ଥିଲା ଯାହା ଏପ୍ରିଲ ୪ସୁଦ୍ଧା ୧୭ ଲକ୍ଷ ଟଙ୍କାରୁ କିଛି ଅଧିକ ହୋଇଛି। ତାଙ୍କ ପାଖରେ ଆଇଟିସିର ୩୦୯୩ଟି ଓ ଆଇସିଆଇସିଆଇ ବ୍ୟାଙ୍କର ୨୨୯୯ଟି ଅଂଶଧନ ରହିଛି। ମାର୍ଚ୍ଚ ୧୫ ସୁଦ୍ଧା ତାଙ୍କ ଆଇଟିସି ଅଂଶଧନଗୁଡ଼ିକର ମୋଟ ମୂଲ୍ୟ ୧୨ଲକ୍ଷ ୯୬ହଜାର ଟଙ୍କା ଓ ଆଇସିଆଇସିଆଇ ବ୍ୟାଙ୍କର ଅଂଶଧନଗୁଡ଼ିକର ମୋଟ ମୂଲ୍ୟ ୨୪ଲକ୍ଷ ୮୩ହଜାର ଟଙ୍କା ଥିଲା। ରାହୁଲଙ୍କ ପାଖରେ ପିଡିଲାଇଟ କମ୍ପାନୀର ୧୪୭୪ଟି ଅଂଶଧନ ରହିଛି ଯାହାର ମୋଟ ମୂଲ୍ୟ ହେଉଛି ୪୨ଲକ୍ଷ ୨୭ହଜାର ଟଙ୍କା। ଏହାବାଦ ରାହୁଲଙ୍କ ପାଖରେ ଏସିଆନ ପେଣ୍ଟସ, ବଜାଜ ଫାଇନାନ୍ସ,ନେସଲେ ଇଣ୍ଡିଆ, ଇନଫୋସିସ୍, ଟିସିଏସ ଆଦି କମ୍ପାନୀର କିଛି କିଛି ଅଂଶଧନ ରହିଛି। ସେ ୭ଟି ମ୍ୟୁଚୁଆଲ ଫଣ୍ଡରେ ମୋଟ ୩କୋଟି ୮୧ଲକ୍ଷ ଟଙ୍କା ନିବେଶ କରିଛନ୍ତି।

### କଂଗ୍ରେସକୁ ଝଟ୍‌କା ପରେ ଝଟ୍‌କା

# ଦଳ ଛାଡ଼ି ବିଜେପିରେ ସାମିଲ ହେଲେ ଦୁଇ ବରିଷ୍ଠ ନେତା

ନୂଆଦିଲ୍ଲୀ,୪।୪(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି କଂଗ୍ରେସକୁ ସେତିକି ଝଟକା ଲାଗିବାରେ ଚାଲିଛି। ବିଭିନ୍ନ କାରଣକୁ ନେଇ ରାଜ୍ୟସ୍ତରର ବହୁ ନେତା ଦଳ ଛାଡୁଥିଲା ବେଳେ ଗତକାଲି ମହାରାଷ୍ଟ୍ର କଂଗ୍ରେସରୁ ଇସ୍ତଫା ଦେଇଥିବା ବରିଷ୍ଠ ନେତା ସଞ୍ଜୟ ନିରୁପମ୍ ଗୁରୁବାର ବିଜେପିରେ ସାମିଲ ହୋଇଛନ୍ତି। ସଞ୍ଜୟ ବିଜେପିରେ ସାମିଲ ହେବା ପରେ କଂଗ୍ରେସ ଉପରେ ବର୍ଷିଛନ୍ତି। ଦଳର ବିଚାର ଏବଂ ସାଙ୍ଗଠନିକ ସ୍ଥିତିକୁ ନେଇ ସେ କ୍ଷୋଭ ପ୍ରକାଶ କରିବା ସହିତ ଏହି ଦଳର ଭବିଷ୍ୟତ ଆଉ କିଛି ନାହିଁ ବୋଲି କହିଛନ୍ତି।




ସେ ବିଗତ କିଛି ବର୍ଷ ହେଲା ଏଭଳି ସ୍ଥିତିର ସାମ୍ନା କରିଆସୁଥିଲା ବେଳେ ଏବେ ତାଙ୍କ ଧୈର୍ଯ୍ୟ ବିଚ୍ୟୁତି ହୋଇଛି ବୋଲି କହିଛନ୍ତି। କେବଳ ସେ ନୁହେଁ , ଜାତୀୟସ୍ତରରେ ତାଙ୍କ ଭଳି ହଜାର ହଜାର କର୍ମୀ ଏଭଳି ସ୍ଥିତି ଦେଇ ଗତି କରୁଥିବା ସେ କହିଛନ୍ତି। ବର୍ତ୍ତମାନ ଦଳରେ ୫ଟି ସ୍ତରରେ ଦଳକୁ ପରିଚାଳିତ କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସର ଜାତୀୟ ପ୍ରବକ୍ତା ଗୌରବ ବଲ୍ଲଭ ମଧ୍ୟ ଦଳ ଛାଡ଼ିଛନ୍ତି। ଦଳ ଏବେ ଦିଗହରା ବୋଲି କହି ସେ କଂଗ୍ରେସ ହାତ ଛାଡୁଥିବା କହିଛନ୍ତି। ଏହାବ୍ୟତୀତ ଦଳର ସନାତନ ବିରୋଧୀ ମନୋଭାବକୁ ମଧ୍ୟ ସେ ତୀବ୍ର ସମାଲୋଚନ କରିଛନ୍ତି।

# ହ୍ୱାଇଟ୍‌ହାଉସ୍ ଇଫତାର ପାର୍ଟିକୁ ମୁସଲିମ୍‌ଙ୍କ ବର୍ଜନ

ୱାଶିଂଟନ,୪।୪(ଏଜେନ୍ସି): ପବିତ୍ର ରମଜାନ ମାସରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱାରା ଗି ମଙ୍ଗଳବାର ସନ୍ଧ୍ୟାରେ ହ୍ୱାଇଟହାଉସରେ ଆୟୋଜିତ ଇଫତାର ଡିନର ପାର୍ଟିରେ ଅତିଥି ଭାବେ ଯୋଗ ଦେବାକୁ ମୁସଲିମ୍ ଧର୍ମାବଲମ୍ବୀ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା ଯାହାକୁ ସେମାନେ ଏଡ଼ାଇଦେଇଛନ୍ତି। କାରଣ, ଗାଜା ଯୁଦ୍ଧରେ ଆମେରିକାର ବାଇଡେନ ପ୍ରଶାସନ ଇସ୍ରାଏଲକୁ ସମର୍ଥନ ଦେଉଥିବାରୁ ମୁସଲିମମାନେ ଅସନ୍ତୁଷ୍ଟ,କ୍ଷୁବ୍ଧ ଓ କ୍ରୋଧିତ ଅଛନ୍ତି। ପାଲେଷ୍ଟିନୀୟମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି, ସେମାନେ ଯୁଦ୍ଧକ୍ଷେତ୍ରରେ ଫସିରହି କ୍ଷୁଧିତ ରହି, ଭୟଭୀତ ହୋଇ ଅମାନବୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ପାଲେଷ୍ଟାଇନ ଲୋକଙ୍କ ଦୁର୍ଗତିମୋଚନ ପାଇଁ ବାଇଡେନ ସରକାର କିଛି କରୁନଥିବା ପରିତାପର ବିଷୟ ବୋଲି ମୁସଲିମ ସମାଜ ମତ ଦେଉଛି। ଆମେରିକା ସରକାରଙ୍କ ଭବ୍ୟ ଇଫତାର ଭୋଜର ଖାଦ୍ୟ ସମ୍ଭାରରେ ଆପ୍ୟାୟିତ ହେବା ଅବସରରେ ଆମେ କେମିତି କ୍ଷୁଧା ଓ ଭୋକ ବିଷୟରେ ଆଲୋଚନା କରିପାରିଥାନ୍ତୁ ବୋଲି ପାଲେଷ୍ଟିନୀୟ-ଆମେରିକାନ୍ ଡାକ୍ତର



ଥାଇର ଅହମଦ ନ୍ୟୁୟର୍କ ଟାଇମ୍ସକୁ କହିଛନ୍ତି। ନିମନ୍ତ୍ରିତ ମୁସଲିମ ବିଶିଷ୍ଟ ବ୍ୟକ୍ତିମାନେ ଇଫତାର ଭୋଜକୁ ଏଡ଼ାଇଯାଇଥିବାରୁ ବାଇଡେନ୍ ପ୍ରଶାସନ କେବଳ ହ୍ୱାଇଟହାଉସ ଷ୍ଟାଫଙ୍କ ପାଇଁ ଛୋଟ ଏକ ଇଫତାର ପାର୍ଟିର ଆୟୋଜନ କରିଥିଲେ।

# ଆଗାମୀ ନିର୍ବାଚନରେ ହାରିବେ ଋଷି ସୁନକ !

ଲଣ୍ଡନ,୪।୪(ଏଜେନ୍ସି): ଆଗାମୀ ବ୍ରିଟେନ ନିର୍ବାଚନରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଋଷି ସୁନକ ଦୟନୀୟ ଭାବେ ପରାଜିତ ହେବେ। ତାଙ୍କ କଞ୍ଜରଭେଟିଭ୍ ଦଳ ଆଗାମୀ ନିର୍ବାଚନରେ ସତ୍ତା ହରାଇବା ସହ ବିରୋଧୀ ଲେବର ପାର୍ଟି କ୍ଷମତାସୀନ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ବୋଲି କରାଯାଇଥିବା ଏକ ଜନମତ ସର୍ଭେରେ ଏଭଳି ଦାବି କରାଯାଇଛି। ପ୍ରାୟ ୧୮ ହଜାର ଲୋକଙ୍କ ମତାମତକୁ ନେଇ କୁହାଯାଇଛି, ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ନେତୃତ୍ୱାଧୀନ କଞ୍ଜରଭେଟିଭ୍ ପାର୍ଟି ଆଗାମୀ ନିର୍ବାଚନରେ ବହୁ ଭୋଟ୍ ବ୍ୟବଧାନରେ ପରାଜିତ ହୋଇ କ୍ଷମତାଚ୍ୟୁତ ହେବ। ବ୍ରିଟିଶ ସଂସଦରେ ସରକାର ଗଢିବାକୁ ୩୨୬ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଥିଲା ବେଳେ ବିରୋଧୀ ଲେବର ପାର୍ଟିକୁ ୪୦୩ ଟି ଆସନ ମିଳିବ ବୋଲି ଆକଳନ କରାଯାଇଛି।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-279 ◆BHUBANESWAR ◆FRIDAY ◆5 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୭୯ ◆ଭୁବନେଶ୍ୱର ◆ଶୁକ୍ରବାର ◆୫ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ସେନ୍‌ସେକ୍ସ ଟପିଲା ୭୪ ହଜାର ପଏଣ୍ଟ

**ମୁମ୍ବଇ,୪।୪(ଏଜେନ୍ସି):** ଘରୋଇ ପୁଞ୍ଜିବଜାରରେ ପୁଣି ଥରେ ପ୍ରତିଷ୍ଠା ହୋଇଛି ନୂଆ ମାଇଲ୍‌ଖୁଣ୍ଟ। ଗୁରୁବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୭୪,୦୦୦ ପଏଣ୍ଟ ସ୍ତର ଟପି ନୂଆ ସର୍ବକାଳୀନ ରେକର୍ଡ କରି ଇତିହାସ ରଚିଛି। ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୩୫୧ ପଏଣ୍ଟ ବା ୦.୫ ପ୍ରତିଶତରୁ ଅଧିକ ବୃଦ୍ଧି ଘଟି ୭୪,୨୨୮ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ମଧ୍ୟ ନୂଆ ରେକର୍ଡ ଦେଖିବାକୁ ମିଳିଛି। ଆଜିର କାରବାରରେ ନିଫ୍ଟିରେ ୮୦ ପଏଣ୍ଟ ବା ୦.୪ ପ୍ରତିଶତ ବୃଦ୍ଧି ହୋଇ ୨୨,୫୧୫ ପଏଣ୍ଟରେ ବନ୍ଦ ହୋଇଛି। ଗୁରୁବାର କାରବାରରେ ବ୍ୟାଙ୍କ, ଆଇଟି ଏବଂ ଅଟୋ ଆଦି କ୍ଷେତ୍ରର ସେୟାର ମୂଲ୍ୟରେ ବୃଦ୍ଧି ଯୋଗୁ ଘରୋଇ ଇକ୍ୟୁଟି ବଜାର ଉପରମୁହାଁ ହୋଇଥିଲା।

# ରାଜ୍ୟ ବିଜେପିରେ ମହିଳାଙ୍କୁ ଉପେକ୍ଷା

## ଅସମ୍ମାନିତ ହୋଇ ଦଳ ଛାଡୁଛନ୍ତି ଜଣକ ପରେ ଜଣେ ନେତ୍ରୀ

**ଭୁବନେଶ୍ୱର,୪।୪(ସମିସ):** ନାରୀଶକ୍ତି ବନ୍ଦନ ଅଧିନିୟମ ଅଧିନରେ ସଂସଦରେ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ନିକଟରେ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ରରେ ବିଜେପି ସରକାର ମହିଳା ସମ୍ମାନ, ବେଟି ବଚାଓ- ବେଟି ପଢ଼ାଓର ଆହ୍ୱାନ ଦେଇ ଆସୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଉପରେ ଏହି ଅଭିଯାନର କାଣିଚାଏ ପ୍ରଭାବ ପଡ଼ି ନ ଥିବା ଅନୁଭୂତ ହେଉଛି। ଏକଥା ଅନ୍ୟ କେହି ନୁହନ୍ତି, ଦଳ ଛାଡ଼ିଥିବା ବିଜେପିର ବହୁ ଆଗଧାଡ଼ିର ନେତ୍ରୀ ଆଣିଛନ୍ତି ଏହି ଅଭିଯୋଗ। ରାଜ୍ୟ ବିଜେପି ମହିଳାଙ୍କୁ ସମ୍ମାନ ଦେଇ ଜାଣେନାହିଁ। ଅଧିକାର ଦେବା ତ ଦୂରର କଥା, ଦଳରୁ ସମ୍ମାନ ଟିକେ ମିଳିବା କଷ୍ଟକର ବୋଲି ଖୋଲାଖୋଲି କହିଛନ୍ତି ବିଜେପିର ବହୁ ବରିଷ୍ଠ ନେତ୍ରୀ।

ନିକଟରେ ନୟାଗଡ଼ ବିଜେପିର ଆଗଧାଡ଼ିର ନେତ୍ରୀ ତଥା ୨୦୧୯ ମସିହାରେ ବିଧାୟିକା ଭାବେ ନିର୍ବାଚନ ଲଢ଼ିଥିବା ଇରାନୀ ରାୟ ଦଳ ଛାଡ଼ିଥିଲେ। ନିଜର ଇସ୍ତଫାର କାରଣ ସମ୍ପର୍କରେ ସେ ଯେଉଁ କେତୋଟି ମୁଖ୍ୟ ବିନ୍ଦୁ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ, ସେଥିରେ ତାଙ୍କୁ ମହିଳା ସମ୍ମାନ କଥା ସର୍ବାଗ୍ରେ ରହିଥିଲା। ବିଜେପିରେ ମହିଳାଙ୍କୁ ସମ୍ମାନ ମିଳେନାହିଁ ବୋଲି ଉଲ୍ଲେଖ କରି ଇରାନୀ ଏହି ଅନ୍ୟାୟ ବିରୋଧରେ ଲଢିବାକୁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବୁଧବାର ବିଜେପି ନେତୃତ୍ୱଙ୍କ ମନମାନି ବିରୋଧରେ ଢେଙ୍କାନାଳ ଜିଲ୍ଲା ବିଜେପିର ବହୁ ଟାଣୁଆ ନାରୀ ନେତ୍ରୀ ଦଳ ଛାଡ଼ିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଳିକ, ବିଜେପି ଜିଲ୍ଲା ସମ୍ପାଦକ ଅନିତା ଦାସ ଓ ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ସସ୍ମିତା ସାମଲ ପ୍ରମୁଖ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇରାନୀଙ୍କ ପରି ନିରୋଜ ନଳିନୀ, ଅନିତା ଓ ସସ୍ମିତା ସମାନ ଅଭିଯୋଗ କରିଛନ୍ତି। ଯେଉଁଠି ମହିଳାଙ୍କ ପ୍ରତି ସମ୍ମାନ ନାହିଁ, ସେଠାରେ କାମ କରିବା ଅସମ୍ଭବ ବୋଲି ଉପରୋକ୍ତ ନେତ୍ରୀମାନେ ମତବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ଦଳର ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ ବିଜେପି ପରିତ୍ୟାଗ କରିବା ବେଳେ ସମାନ କଥା ଦୋହରାଇଛନ୍ତି। ବିଜେପିରେ କାମ କରିବା ବେଳେ ଦଳ ଆଦୌ ମହିଳା ସପକ୍ଷବାଦୀ ନୁହେଁ ବୋଲି ମୁଁ ଅନୁଭବ କରିଛି। ମହିଳାଙ୍କୁ ଅଧିକାର ଦେବା ତ ଦୂରର କଥା, ଏଠାରେ ସମ୍ମାନ ଟିକିଏ ମିଳିବା କଷ୍ଟକର। ସେଥିପାଇଁ ମୁଁ ଦଳ ଛାଡ଼ିବାକୁ ବାଧ ହେଉଛି ବୋଲି ସେ ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। କେବଳ ଇରାନୀ, ନିରୋଜ ନଳିନୀ କିମ୍ବା ସୋନାଲୀ ନୁହନ୍ତି, ଅତୀତରେ ଅନେକ ମହିଳା ନେତ୍ରୀ ଦଳରେ ଅବହେଳିତ, ଅସମ୍ମାନିତ ହୋଇ ଦଳ ଛାଡ଼ିଛନ୍ତି। ମାତ୍ର ଦଳ ଏଥରୁ କିଛି ଶିକ୍ଷା ଲାଭ କରି ନ ଥିବା ▶ପୃଷ୍ଠା-୯

## ନବୀନ ନିବାସରେ ସଂଖ୍ୟାଲଘୁ ସମ୍ପ୍ରଦାୟର ହଜାର ହଜାର ଜନସାଧାରଣ

# ସବୁ ଧର୍ମକୁ ସମ୍ମାନ ଦିଅନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୪(ସମିସ):** ଜାତି, ଧର୍ମ, ବର୍ଣ୍ଣ, ବୟସ ବର୍ଗ ନିର୍ବିଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ପାଇଁ ଆପଣାର। ଅନୁରୂପ ଭାବରେ ରାଜ୍ୟର ସାଢ଼େ ଚାରିକୋଟି ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନିଜ ପରିବାର ମନେ କରନ୍ତି ଓ ସମସ୍ତଙ୍କ ଦୁଃଖ ଦୂର ପାଇଁ ପଦକ୍ଷେପ ନେଇଥାଆନ୍ତି। ସବୁ ଧର୍ମକୁ କିପରି ସମ୍ମାନ ଦିଆଯାଏ, ଅନ୍ୟମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଶିଖିବା ଉଚିତ। ସେଥିପାଇଁ ଓଡ଼ିଶାବାସୀ କ୍ରମାଗତ ଭାବେ ୫ ଥର ତାଙ୍କୁ ମୁଖ୍ୟମନ୍ତ୍ରୀ କରିଛନ୍ତି ଆଉ ଆଗାମୀ ନିର୍ବାଚନରେ ମଧ୍ୟ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ଅଛନ୍ତି ବୋଲି କହିଛନ୍ତି ରାଜ୍ୟର ସଂଖ୍ୟାଲଘୁ ସମ୍ପ୍ରଦାୟର ଜନସାଧାରଣ।

ନବୀନ ନିବାସରେ ଆଜି ହଜାର ହଜାର ସଂଖ୍ୟାଲଘୁ ସମ୍ପ୍ରଦାୟର ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ୱାକଫ୍ ବୋର୍ଡ ଅଧ୍ୟକ୍ଷ ଶେଖ ନିଜାମୁଦ୍ଦିନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ସର୍ବଧର୍ମର ସମନ୍ୱୟ। ସାରା ରାଜ୍ୟରେ ମସଜିଦ୍, କବରସ୍ଥାନର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ପାଣ୍ଠି ଦେବାରେ ଅବହେଳା କରି ନାହାନ୍ତି। ୱାକଫ୍ ବୋର୍ଡ ଜରିଆରେ



ରାଜ୍ୟର ୧୫୦୦ରୁ ଅଧିକ ଅନୁଷ୍ଠାନକୁ ପାଣ୍ଠି ଯୋଗାଇ ଦିଆଯାଇଛି। ପୂର୍ବରୁ ଏପରି କେବେ ହୋଇ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆମର ସମସ୍ୟା ଶୁଣିଲେ ଆଉ ଦୂର କରିବା ପାଇଁ ପଦକ୍ଷେପ ନେଲେ। ସେଥିପାଇଁ ଆଜି ଆମେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ହୃଦୟରୁ କୃତଜ୍ଞତା ଜଣାଇଥିଲୁ। ସାରା ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଶୁଭକାମନା ମୁଖ୍ୟମନ୍ତ୍ରୀଙ୍କ ସହିତ ରହିଛି ଆଉ ସବୁଦିନ ଅତୁଟ ରହିବ। ଓଡ଼ିଶାବାସୀ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ ଦେଇ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବେ ବୋଲି ସେ କହିଛନ୍ତି।

ଆଜି ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। କେବଳ ଆଜି ନୁହେଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଉଛନ୍ତି। ଗତ ୫ ବର୍ଷ ଭିତରେ ଓଡ଼ିଶାର ଐତିହାସିକ ରୂପାନ୍ତରଣ ହେଉ ଅବା ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପ

- ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ
- ୧୫୦୦ ମସଜିଦ୍ ଓ କବରସ୍ଥାନର ଉନ୍ନତି ପାଇଁ ସହାୟତା

ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରିଦେଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଲୋକେ ଦେଇଥିବା ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ବହୁ ପଦକ୍ଷେପ ନେଇଛନ୍ତି। ଏହା ଲୋକଙ୍କ ସରକାର କହି ଆସୁଥିବା ମୁଖ୍ୟମନ୍ତ୍ରୀ ଲୋକଙ୍କ ମତ ଆଧାରରେ ହିଁ ସରକାର ଚଳାଉଛନ୍ତି। ଲୋକେ ଯାହା କହୁଛନ୍ତି ମୁଖ୍ୟମନ୍ତ୍ରୀ ତାହା କରୁଛନ୍ତି।

# ବିଜେଡି ସପକ୍ଷରେ ପୋଷ୍ଟ କରିବାରୁ ଆକ୍ରମଣ

**ଭୁବନେଶ୍ୱର, ୪।୪(ସମିସ):** ଆଗାମୀ ନିର୍ବାଚନକୁ ଅପରାଧ ମୁକ୍ତ ରଖିବା ପାଇଁ ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାର କିଛି ଘଣ୍ଟା ପରେ ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ସାମ୍ନାକୁ ଆସିଛି। ଭଦ୍ରକର ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ବିଜେଡି ସପକ୍ଷରେ ପୋଷ୍ଟ କରିବା ଯୋଗୁଁ ବିଜେପିର ସ୍ଥାନୀୟ ନେତା ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ




**ବିଜେପି ନେତାଙ୍କ ବିରୋଧରେ ବିଜେଡିର କାର୍ଯ୍ୟାନୁଷ୍ଠାନ ଦାବି**

କରିଥିବା ଅଭିଯୋଗ ହୋଇଛି। ଏହା କେବଳ ସମ୍ପୃକ୍ତ ଯୁବକଙ୍କ ଉପରେ ନୁହେଁ, ବରଂ ବିଜେପିର ଗଣତନ୍ତ୍ର ପ୍ରତି ଆକ୍ରମଣ ବୋଲି ଅଭିଯୋଗ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଛି ବିଜେଡି। ଏଥିସହ ଭବିଷ୍ୟତରେ ଏପରି ଅଘଟଣ ▶ପୃଷ୍ଠା-୯

# କୋରାପୁଟରେ ବିଜେପି ଓ କଂଗ୍ରେସକୁ ଧକ୍କା

## ବିଜେଡିରେ ମିଶିଲେ ରାମଚନ୍ଦ୍ର ପାଙ୍ଗୀ ଓ ଅଭିରାମ ହନ୍ତାଳ



**ଭୁବନେଶ୍ୱର,୪।୪(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ବିଜେପି ନେତା ତଥା ୨୦୧୯ ର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଗୁରୁବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ୨୦୨୪ ସାଧାରଣ ନିର୍ବାଚନର ପଟ୍ଟାଙ୍ଗୀ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀଙ୍କ ଉପସ୍ଥିତିରେ ରାମଚନ୍ଦ୍ର ଓ ଅଭିରାମ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ବିଜେପି ନେତା ରାମଚନ୍ଦ୍ର ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ବିଜେଡି ନେତୃମଣ୍ଡଳୀ ଦଳକୁ ସ୍ୱାଗତ କରିଛନ୍ତି। ଆଜି ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ପାଙ୍ଗୀ କହିଥିଲେ।

ଏହି ଅବସରରେ ରାମଚନ୍ଦ୍ର ଓ ଅଭିରାମ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଅଭୂତପୂର୍ବ ବିକାଶ ସୁନିଶ୍ଚିତ କରିଛି। କୃଷିରୁ ନେଇ କ୍ରୀଡ଼ା, ଶିକ୍ଷାରୁ ନେଇ ଶିଳ୍ପ, ସବୁ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଉତ୍କର୍ଷ ସାଧନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ଯୋଗ ଦେଇଥିବା ଉଭୟ ଘୋଷଣା କରିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଓ ଆମ ସହ ଯୋଗ ଦେଇଥିବା ସମସ୍ତ ବିଜେପି ଓ କଂଗ୍ରେସ ▶ପୃଷ୍ଠା-୯

## ଲୋକକଥା



ଜଣେ ପରେ ଜଣେ 'ଫୁଲ'କୁ ପକେଇ
ଶଙ୍ଖ ଫୁଙ୍କି ବୁଲିଲେଣି,
ଆଗକୁ ଯା' ହେବ ପରିସ୍ଥିତି ଆହେ
ଏବେଠୁ ହେଲାଣି ଜାଣି !
ପିଟିବ ସାର ଖଞ୍ଜଣି,
ଓଡ଼ିଶାରେ ଲୋକହସା ଥୟ ବୋଲି
ସ୍ଥିତାବସ୍ଥା କହିଲାଣି !!

# ଶପଥ ନେଲେ ଦେବାଶିଷ, ଶୁଭାଶିଷ, ଅଶ୍ୱିନୀ







**ଭୁବନେଶ୍ୱର,୪।୪(ସମିସ):** ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଓଡ଼ିଶାର ୩ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ ଓ ଅଶ୍ୱିନୀ ବୈଷ୍ଣବ ଆଜି ଶପଥ ଗ୍ରହଣ କରିଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଉଭୟ ଦେବାଶିଷ ଓ ଶୁଭାଶିଷ ପ୍ରଥମଥର ପାଇଁ ବିଜେଡି ଟିକଟରେ ରାଜ୍ୟସଭାକୁ ଯାଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଦ୍ୱିତୀୟଥର ପାଇଁ ବିଜେପି ଟିକଟରୁ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶା ପାଇଁ ଖାଲି ପଡ଼ିବାକୁ ଯାଉଥିବା ୩ ରାଜ୍ୟସଭା ଆସନ ପାଇଁ ଗତ ଜାନୁଆରୀ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦେବାଶିଷ ଓ ଶୁଭାଶିଷ ବିଜେଡି ପକ୍ଷରୁ ନାମାଙ୍କନପତ୍ର ଦାଖଲ କରିଥିଲେ। ବିଜେପି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିଲା। ତେବେ ସେମାନଙ୍କ ବିରୋଧରେ ଆଉ କେହି ପ୍ରାର୍ଥିପତ୍ର ଦାଖଲ କରିନଥିବା ବେଳେ ସେମାନେ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ।

## ସୀମା ଟପିଲା ବିଜେପିର ଅସହିଷ୍ଣୁତା, ଗୁଣ୍ଡାଗିରି

# 'ନନ୍ଦିଘୋଷ ଟିଭି' ସାମ୍ବାଦିକଙ୍କୁ ଆକ୍ରମଣ

**ଭୁବନେଶ୍ୱର, ୪।୪(ସମିସ):** ପୁଣିଥରେ ପଦାରେ ପଡ଼ିଛି ରାଜ୍ୟ ବିଜେପିର ଅସହିଷ୍ଣୁତା, ଗୁଣ୍ଡାଗିରି। ଦଳ ବିରୋଧରେ ସୃଷ୍ଟି ହୋଇଥିବା କର୍ମୀ ଓ ନେତାଙ୍କ ଅସନ୍ତୋଷକୁ ଲୁଚାଇବାକୁ ନେତା ଯତୀନ ମହାନ୍ତି ଆକ୍ରମଣ କରିଛନ୍ତି। ଧକ୍କା ମାରି କାର୍ଯ୍ୟାଳୟ ପରିସରୁ ତଡ଼ିଦେବା ସହ ଭିଡ଼ିଓ କ୍ୟାମେରା ବନ୍ଦ କରି ଦେଇଛନ୍ତି। କେବଳ ସେତିକି ନୁହେଁ, କାର୍ଯ୍ୟାଳୟ ବିଜେପି କର୍ମୀଙ୍କ ଭଙ୍ଗାରୁଜା, ହଙ୍ଗାମା ସମୟରେ ସୌମ୍ୟ ରିପୋର୍ଟିଂ କରୁଥିବା ବେଳେ ହଠାତ୍ ଯତୀନ୍ ମହାନ୍ତି 'ନନ୍ଦିଘୋଷ ଟିଭି' ପ୍ରତିନିଧି ସୌମ୍ୟରଞ୍ଜନଙ୍କୁ ଠେଲାପେଲା କରୁଥିବା ବେଳେ ବିଜେପି ନେତାଙ୍କ ଗୁଣ୍ଡାଗିରି ଦଳର ଚରିତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମ୍ବାଦିକଙ୍କ ଉପରେ ଆକ୍ରମଣ କରିବାକୁ ଯତୀନଙ୍କୁ କିଏ ଅଧିକାର ଦେଲା



- ଧକ୍କା ମାରି ତଡ଼ିଲେ, ବନ୍ଦ କରିଦେଲେ ଭିଡିଓ କ୍ୟାମେରା
- କାର୍ଯ୍ୟାଳୟ ପରିସରରୁ ଖବର ସଂଗ୍ରହ ନ କରିବାକୁ ଧମକ
- ଦଳ ବିଫଳତାକୁ ଲୁଚାଇବାକୁ ଯତୀନଙ୍କ ଭୀରୁ ଆଚରଣକୁ ନିନ୍ଦା
- ରାଜ୍ୟବ୍ୟାପୀ ପ୍ରତିକ୍ରିୟା, ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି

ବିଜେପିର ରାଜ୍ୟ ନେତା ହୀନ ଉଦ୍ୟମ କରିଛନ୍ତି। ଖବର ସଂଗ୍ରହ ପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟ ଯାଇଥିବା 'ନନ୍ଦିଘୋଷ ଟିଭି'ର ଖବରଦାତା ସୌମ୍ୟରଞ୍ଜନ ନାୟକଙ୍କୁ ବିଜେପି ପରିସରରୁ ଖବର ସଂଗ୍ରହ ନ କରିବାକୁ ବି ଧମକ ଦେଇଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ଆଜି ଜୟଦେବ ନିର୍ବାଚନମଣ୍ଡଳୀର କରିଥିଲେ। ସେ ବିଜେପି କାର୍ଯ୍ୟାଳୟରେ ରିପୋର୍ଟିଂ କରିପାରିବେ ନାହିଁ ବୋଲି କହିବା ସହ ତାଙ୍କ କ୍ୟାମେରା ବନ୍ଦ କରି ଦେଇଥିଲେ। ଜଣେ ସାମ୍ବାଦିକ ନିଜ କର୍ତ୍ତବ୍ୟ ସମ୍ପାଦନ ଏବଂ ଏଥିରେ ରାଜ୍ୟ ବିଜେପି ଶୀର୍ଷ ନେତୃତ୍ୱଙ୍କ ସମର୍ଥନ ରହିଛି କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯତୀନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୯


SIKSHA 'O' ANUSANDHAN

SAAT-2024

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Hospitality Management)

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category

To apply for admission through SAAT, Please visit: www.soa.ac.in

## ଦଶପଲ୍ଲା ନିର୍ବାଚନମଣ୍ଡଳୀ

# ବିଦ୍ରୋହୀ: ନା ଏ କୁଳର ନା ସେ କୂଳକୁ

**ନୟାଗଡ଼, ୪।୪ (ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିରୋଧୀଙ୍କ ବ୍ୟୂହ ଫେଲ ମାରିଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ଘେରିବା ପାଇଁ ଅସନ୍ତୁଷ୍ଟ ବିରୋଧୀ ଯେଉଁ ଗୋଟି ଚଳାଇଥିଲେ, ସେଥିରେ ସେମାନେ ବିଫଳ ହୋଇଛନ୍ତି। ଫଳରେ ଦଶପଲ୍ଲାରେ ଏବେ ବିଜେଡିର ଆଧିପତ୍ୟ ଆହୁରି ସୁଦୃଢ଼ ହୋଇଛି।

୨୦୧୯ ସାଧାରଣ ନିର୍ବାଚନରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ନିର୍ବାଚିତ ହୋଇଥିଲେ। କିନ୍ତୁ ଗତ ଅଢ଼େଇବର୍ଷ ହେଲା, ଏକ କୁଚକ୍ରୀ ଗୋଷ୍ଠୀ ତାଙ୍କୁ ଲଗାତାର ଭାବେ ବିରୋଧ କରିବା ସହ ଏଥର ତାଙ୍କ ଟିକଟ୍ କଟିବା ନେଇ ଆଶା ବାନ୍ଧିଥିଲେ। ପ୍ରଥମେ ସମାଜସେବୀ ଶ୍ରୀହରି ନାୟକଙ୍କ ନେତୃତ୍ୱରେ ଅସନ୍ତୁଷ୍ଟ ଏକାଠି ହୋଇ ପରାକ୍ରମ ଦେଖାଉଥିବା ବେଳେ କିଛି ଦିନ ହେବ ନବାଗତ ଡଃ ରବୀନ୍ଦ୍ର ସେଠୀଙ୍କ ନେତୃତ୍ୱକୁ ଗ୍ରହଣ କରି ସଂଗଠନ ଚଳାଇଥିଲେ। ଶ୍ରୀହରି ଏବଂ ଡଃ ରବୀନ୍ଦ୍ର ଉଭୟ ବିଜେଡି ଟିକଟ୍ ଆଶାରେ ରହିଥିଲେ। ନୂଆଗାଁ, ଦଶପଲ୍ଲା ଓ ଗଣିଆ ବ୍ଲକର ୫୦ ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ଅସନ୍ତୁଷ୍ଟଙ୍କ ପ୍ରାଦୁର୍ଭାବକୁ ପରାହତ କରିବା କାଠିକର ପାଠ ବୋଲି ଆଲୋଚନା ହେଉଥିଲା। କିନ୍ତୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରମେଶଙ୍କ ଉପରେ ପୁଣି ଭରସା କରି ତାଙ୍କୁ ଆଗାମୀ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ଅସନ୍ତୁଷ୍ଟଙ୍କ ନିଦ ହଜିଯାଇଥିଲା। ତରବରିଆ ଭାବେ ଡଃ ରବୀନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଅସନ୍ତୁଷ୍ଟ ବିରୋଧୀମାନେ ବିଜେପିରେ ସାମିଲ ହୋଇଥିଲେ। କିନ୍ତୁ ବିଜେପି ରାଘବ ମଲ୍ଲିକଙ୍କୁ ପ୍ରାର୍ଥୀ କରିବା ପରେ ଡଃ ରବୀନ୍ଦ୍ରଙ୍କ ବିଜେପି ଟିକଟ ପାଇବା ଆଶା ମଧ୍ୟ ମଉଳିଗଲା। ଏହାସହ ବିରୋଧୀ ରଚିଥିବା ବ୍ୟୂହ ମଧ୍ୟ ଭଙ୍ଗ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ, ବିଜେପିରୁ ବି ନିରାଶ ହେବା ପରେ ଡଃ ରବୀନ୍ଦ୍ର ଏବେ କ'ଣ କରିବେ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଡଃ ରବୀନ୍ଦ୍ରଙ୍କ ଦଶା ଦେଖି ସମାଜସେବୀ ଶ୍ରୀହରି ନାୟକ ପୂର୍ବଭଳି ବିଜେଡି ସମର୍ଥନରେ ରହିବା ନେଇ ନିର୍ବାଚନମଣ୍ଡଳୀରେ ଆଲୋଚନା ହେଉଛି।

■ କ'ଣ କରିବେ ଡ. ରବୀନ୍ଦ୍ର ସେଠୀ ?
■ କାହାକୁ ସମର୍ଥନ ଦେବେ ଶ୍ରୀହରି?



ସୂଚନାଯୋଗ୍ୟ, ଦଶପଲ୍ଲା ନିର୍ବାଚନମଣ୍ଡଳୀଟି ୨୦୦୯ ମସିହାରୁ ବିଜେଡି ଦଖଲରେ ରହିଛି। ୨୦୦୯ରେ କାଶୀନାଥ ମଲ୍ଲିକ, ୨୦୧୪ରେ ପୂର୍ଣ୍ଣଚନ୍ଦ୍ର ନାୟକ, ୨୦୧୯ରେ ରମେଶ ଚନ୍ଦ୍ର ବେହେରା ବିଜେଡିରୁ ନିର୍ବାଚିତ ହୋଇଛନ୍ତି। ଇତିହାସ ଉପରେ ନଜର ପକାଇଲେ, ଏହି ଆସନରୁ ୧୯୫୧ ମସିହାରେ ରାଜବାହାଦୁର କିଶୋର ଚନ୍ଦ୍ର ଭଞ୍ଜଦେଓ କଂଗ୍ରେସରୁ ନିର୍ବାଚିତ ହୋଇଥିବା ବେଳେ ୧୯୫୭ରେ ଶ୍ରୀଧର ନାୟକ କମ୍ୟୁନିଷ୍ଟ, ୧୯୬୦ ଉପନିର୍ବାଚନରେ ରାଜବାହାଦୁର କିଶୋର ଚନ୍ଦ୍ର ଭଞ୍ଜଦେଓ, ୧୯୬୧ରେ ସହଦେବ ନାୟକ କଂଗ୍ରେସରୁ, ୧୯୬୭ରେ ବି. ନାୟକ ସ୍ୱତନ୍ତ୍ର ପାର୍ଟିରୁ, ୧୯୭୧ରେ ସହଦେବ ନାୟକ କଂଗ୍ରେସରୁ, ୧୯୭୪ରେ ହରିହର କରଣ ସ୍ୱାଧୀନରୁ ଏବଂ ୧୯୭୭, ୧୯୮୦, ୧୯୮୫ ମସିହାରେ କଂଗ୍ରେସରୁ ବିଧାୟକ ହୋଇଥିଲେ। ୧୯୯୦ରୁ ୨୦୦୦ ମସିହା ରୁଦ୍ରମାଧବ ରାୟ ଜନତା ଦଳରୁ, ୨୦୦୦ ମସିହାରେ ପୁଣି ହରିହର କରଣ କଂଗ୍ରେସରୁ, ୨୦୦୪ ମସିହାରେ ରୁଦ୍ର ମାଧବ ରାୟ ସ୍ୱାଧୀନରୁ ନିର୍ବାଚିତ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ବିଜେପିରୁ ପ୍ରାର୍ଥୀ ହୋଇ ୩୯ ହଜାର ୭୧୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ୭୫ ହଜାର ୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ।

# ଧାମନଗର ଦେଖିବ ବଡ଼ ଲଢ଼େଇ

■ ସୂର୍ଯ୍ୟବଂଶୀଙ୍କୁ ଟକ୍କର ଦେବା ପାଇଁ ସଞ୍ଜୟ ସଜବାଜ
■ ବିରୋଧୀ ଶିବିରରେ ମିଶିବା ପରେ ରାଜୁଙ୍କ ସଂଗଠନ ଦୁର୍ବଳ ନେଇ ଚର୍ଚ୍ଚା

**ଦୋବଲ,୪।୪(ସମିସ):** ସବୁ କଳ୍ପନା-ଜଳ୍ପନାର ଅନ୍ତ ଘଟାଇ ବିଜେପି ଧାମନଗର ବିଧାନସଭା କ୍ଷେତ୍ରରେ ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କୁ ୨୦୨୪ ନିର୍ବାଚନ ପାଇଁ ପୁଣି ଟିକଟ ଦେଇଛି। ସେହିପରି ବିଜୁ ଜନତା ଦଳରୁ ଡାଃ ସଞ୍ଜୟ ଦାସଙ୍କୁ ଟିକଟ ମିଳିଛି। ତେଣୁ ଏହି ଆସନରେ ଉଭୟଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି। ୨୦୨୨ର ଉପନିର୍ବାଚନରେ ବିଧାୟକ ନିର୍ବାଚିତ ସୂର୍ଯ୍ୟବଂଶୀ ସୁରଜ ୨୦୨୪ରେ ନିଜ ଆସନକୁ ସୁରକ୍ଷିତ ରଖିପାରୁଛନ୍ତି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଧାମନଗର ବିଧାନସଭା ଆସନଟି ୧୯୫୧ରୁ ୨୦୨୨ ଯାଏ ୧୭ଟି ନିର୍ବାଚନ ଦେଖିଛି। ଏଠାରେ ୬ଥର କଂଗ୍ରେସ ଜିତିଥିବା ବେଳେ ଓଡ଼ିଶା ଜନ କଂଗ୍ରେସ ଥରେ, ଉତ୍କଳ କଂଗ୍ରେସ ୨ ଥର, ଜନତା ଦଳ ୨ ଥର, ସ୍ୱାଧୀନ ଥରେ, ବିଜେପି (ମେଣ୍ଟ) ଥରେ ଏବଂ ବିଜେଡି ଓ ବିଜେପି ୨ଥର ଲେଖାଏଁ ଏହି ଆସନରୁ ଜିତିଛନ୍ତି। ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ବିଷ୍ଣୁ ସେଠୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ହରାଇ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୨୨ରେ ତାଙ୍କର ଅକାଳ ବିୟୋଗ ହେବାରୁ ସେହିବର୍ଷ ଅକ୍ଟୋବରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡିରୁ ଆଶାୟୀ ଥିବା ରାଜେନ୍ଦ୍ର ଦାସଙ୍କ ଉପରେ ଦଳ ଭରସା କରିନପାରିବାରୁ ସେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ସ୍ୱାଧୀନ ଭାବେ ଲଢ଼ି ବିଜେଡିର ଭୋଟ୍ ଭାଗ କରାଇଥିଲେ। ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ଏଠାରୁ ହାରିଯିବାର ଏହା ଏକ ବଡ଼ କାରଣ ଥିଲା। ଅବନ୍ତୀଙ୍କୁ ଏଠାରୁ ୭୦, ୪୭୦ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ୮୦, ୩୫୧ ଖଣ୍ଡ ଭୋଟ୍ ପାଇଥିଲେ। କିନ୍ତୁ ବିଗତ ୨ବର୍ଷ ମଧ୍ୟରେ ଧାମନଗର ରାଜନୈତିକ ପାଣିପାଗରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି। ବିଦ୍ରୋହୀ ରାଜୁ ଦାସ ବିଜେପିରେ ସାମିଲ ହେବା ପରେ ଦଳ ତାଙ୍କୁ ସୋରରୁ ବିଧାୟକ ପ୍ରାର୍ଥୀ କରାଇଛି। ସୋର ବିଜେପି ଶିବିର ଏହାକୁ ନେଇ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିବା ବେଳେ ତାକୁ ପ୍ରଶମିତ କରିବାରେ ରାଜୁ ପୂରା ଜୋର୍‌ରେ ଲାଗିପଡ଼ିଛନ୍ତି। ଏପଟେ ତାଙ୍କର ସଂଗଠନ ଧାମନଗରରେ ଦୁର୍ବଳ ହେବାରେ ଲାଗିଛି। ଅପରପକ୍ଷେ, ୨୦୨୨ର ପରାଜୟକୁ ପୁନରାବୃତ୍ତି ନ କରିବା ପାଇଁ ବିଜେଡି ଏଠାରେ ଦଳୀୟ ସ୍ଥିତିକୁ ମଜଭୁତ୍ କରିଛି। ବିଧାୟକ ପ୍ରାର୍ଥୀ ଡାଃ ସଞ୍ଜୟ ଦାସ ତୃଣମୂଳସ୍ତରର କର୍ମୀ, ନେତାଙ୍କ ସହ ମିଶି ସଂଗଠନକୁ ସୁଦୃଢ଼ କରିଛନ୍ତି। ଏହାସହ ନବୀନ ସରକାରରେ ରାଜ୍ୟର ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ତାକୁ ଭୋଟର ଆୟୁଧ କରିବା ପାଇଁ ପୂରା ଜୋରସୋର୍‌ରେ ଲାଗି ପଡ଼ିଛନ୍ତି। ଆଉ ଏକ କଥାକୁ ମଧ୍ୟ ଅଣଦେଖା କରାଯାଇନପାରେ ବୋଲି ରାଜନୈତିକ ବିଶାରଦମାନେ କହିଛନ୍ତି। ସେମାନଙ୍କ କହିବା କଥା, ୨୦୦୯ ସୀମା ନିର୍ଦ୍ଧାରଣ ପରଠାରୁ ସଂରକ୍ଷିତ ହୋଇଥିବା ଏହି ଆସନରେ ତିହିଡ଼ି ବ୍ଲକ୍‌ର ୧୩ଟି ପଞ୍ଚାୟତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହି ୧୩ ଆସନରେ ବିଜେଡିର ସ୍ଥିତି ଭଲ ରହିଥିବାରୁ ଏହା ନିଶ୍ଚିତ ଭାବେ ଦଳକୁ ଫାଇଦା ଦେବ। ତେଣୁ ଏଥର ନିର୍ବାଚନରେ ଧାମନଗର ଏକ ବଡ଼ ଲଢ଼େଇ ଦେଖିବାକୁ ଯାଉଛି ବୋଲି ସେମାନେ କହିଛନ୍ତି।





# ମହିଳାଙ୍କୁ ଭରସି ପାରୁନି ବିଜେପି!

**ବ୍ରହ୍ମପୁର, ୪।୪(ସମିସ):** ମହିଳାଙ୍କୁ ଭରସିପାରୁନି ବିଜେପି। ବିଧାନସଭା ନିର୍ବାଚନରେ ଗଞ୍ଜାମ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାରୁ ଜଣେ ବି ମହିଳାଙ୍କୁ ବିଜେପି ପ୍ରାର୍ଥୀ କରିନଥିବାରୁ ରାଜନୈତିକ ସମୀକ୍ଷକଙ୍କ ମହଲରେ ଏପରି ଏକ ଚର୍ଚ୍ଚାକୁ ଜିଲ୍ଲାରେ ଖୋରାକ୍ ମିଳିଛି। ନିକଟରେ ବିଜେପିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ଏଥିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଧାନସଭା ଲାଗି ଦଳୀୟ ପ୍ରାର୍ଥୀ ଘୋଷଣା ହୋଇଛି। କିନ୍ତୁ ଗୋଟିଏ ବିଧାନସଭା ଆସନରେ ମଧ୍ୟ ଦଳ ମହିଳାଙ୍କୁ ଅଗ୍ରାଧିକାର ଦେଇନି। ମହିଳାଙ୍କୁ ସମ୍ମାନ ଓ ସ୍ୱାବଲମ୍ବୀ କରିବା ନେଇ ବାହାସ୍ଫୋଟ ମାରୁଥିବା ଏହି ଦଳ ମହିଳାଙ୍କ କ୍ଷେତ୍ରରେ ଚରମ ଅବହେଳା ଦେଖାଇଛି ବୋଲି କୁହାଯାଇଛି।

ଗଞ୍ଜାମରେ ୧୩ଟି ବିଧାନସଭା କ୍ଷେତ୍ର ରହିଛି। ଏଥିମଧ୍ୟରୁ ବିଜେପି ସାନଖେମୁଣ୍ଡି ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ଦଳୀୟ ପ୍ରାର୍ଥୀ ଘୋଷଣା କରିସାରିଛି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ କେ. ଅନିଲ, ଭଞ୍ଜନଗର ଲାଗି ପ୍ରଦ୍ୟୁମ୍ନ ନାୟକ, କବିସୂର୍ଯ୍ୟନଗରରେ ପ୍ରତାପ ନାୟକ, ପୋଲସରାରେ ଗୋକୁଳାନନ୍ଦ ମଲ୍ଲିକ, ଗୋପାଳପୁରରେ ବିଭୂତି ଜେନା, ଛତ୍ରପୁରରେ କୃଷ୍ଣ ନାୟକ, ଦିଗପହଣ୍ଡିରେ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ାରେ ନିଳମଣି ବିଶୋୟୀ, ଖଲ୍ଲିକୋଟରେ ପୂର୍ଣ୍ଣ ସେଠୀ, ଆସିକାରେ ସରୋଜ ପାଢ଼ୀ, ଚିକିଟିରେ ମନୋରଞ୍ଜନ ଦ୍ୟାନ ସାମନ୍ତରା, ହିଞ୍ଜିଳିରେ ଶିଶିର ମିଶ୍ରଙ୍କ ନାମ ଘୋଷଣା ହୋଇଛି। ଗଞ୍ଜାମ ଜିଲ୍ଲା ପ୍ରତିଟି ସମୟରେ ରାଜ୍ୟକୁ ଦୃଢ଼ ନାରୀ ନେତୃତ୍ୱ ଦେଇ ଆସିଛି। ଏଠାକାର ବିଭିନ୍ନ ବିଧାନସଭାରୁ ବିଜୁ ଜନତା ଦଳରୁ ପ୍ରତିନିଧିତ୍ୱ କରି ରାଜ୍ୟର ବରିଷ୍ଠ ବିଭାଗରେ ମନ୍ତ୍ରୀ ମଧ୍ୟ ହୋଇଛନ୍ତି ମହିଳା। ବର୍ତ୍ତମାନ ମଧ୍ୟ ବିଜୁ ଜନତା ଦଳ କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା ଆଦି ନିର୍ବାଚନ ମଣ୍ଡଳୀରେ ମହିଳା ପ୍ରାର୍ଥୀ ଘୋଷଣା କରିଛି। ଏହି ତୁଳନାରେ ବିଜେପି ମହିଳାଙ୍କ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ପ୍ରାର୍ଥୀ ନକରି ଦଳ କ'ଣ ପ୍ରମାଣ କରିବାକୁ ଚାହୁଁଛି ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ କରାଯାଇଛି। ଭାରତୀୟ ଜନତା ପାର୍ଟି ଗୋଟିଏ ସ୍ଥାନରେ ମଧ୍ୟ ମହିଳାଙ୍କୁ ପ୍ରାର୍ଥୀ କରୁ ନ ଥିବାରୁ ଜିଲ୍ଲାର ମହିଳାମାନେ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ସମୁଦାୟ ୨୯ ଲକ୍ଷ ୭୧ ହଜାର ୨୨୭ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ୧୪ ଲକ୍ଷ ୩୯ ହଜାର ୨୮୬ଜଣ ମହିଳା ଭୋଟର ଅଛନ୍ତି। ଏମାନେ ଆଗାମୀ ଦିନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ଗୁରୁତ୍ୱପୂର୍ଣ୍ଣ ଗଞ୍ଜାମର ଗୋଟିଏ ବିଧାନସଭା ଆସନରେ ବି ଦେଇନି ପ୍ରାର୍ଥୀ

## ପାରାଦୀପ ପାଇଁ ୩ ପ୍ରମୁଖ ଦଳର କସରତ

# ବିଜେଡି ଆଡ଼କୁ ଢଳିବ କି କଂଗ୍ରେସ ଭୋଟ

**ପାରାଦୀପ, ୪।୪ (ସମିସ):** ପାରାଦୀପ ନିର୍ବାଚନମଣ୍ଡଳୀ ଦଖଲ କରିବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ କସରତ ଆରମ୍ଭ ହୋଇଛି। ବିଜେପି ଗତଥରର ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡି ଓ କଂଗ୍ରେସ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଦୀର୍ଘଦିନ ହେବ ବିଜେଡି ଦଖଲରେ ଥିବା ପାରାଦୀପକୁ ପୁଣିଥରେ ନିଜ ଅକ୍ତିଆରକୁ ନେବା ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ ଗତ କିଛି ବର୍ଷ ହେବ ବିଜେଡି ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ବହୁ ପଛରେ ରହିଛି। କଂଗ୍ରେସ ପାଇଁ ପାରାଦୀପରେ ପ୍ରାର୍ଥୀ ସଙ୍କଟ ଦେଖାଦେଇଛି। ଦଳ କାହାକୁ ପ୍ରାର୍ଥୀ କରିବ, ଆକଳନ କରିପାରୁନି। ପାରାଦୀପରେ କଂଗ୍ରେସ ଦଳର ମଙ୍ଗ ଧରିଥିବା ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା ସର୍ଖେଲ ବିଜେଡିରେ ମିଶିବା ପରେ କଂଗ୍ରେସ ସଂଗଠନ ଏକପ୍ରକାର ଶୂନ୍ୟ ହୋଇଯାଇଛି। ଏଭଳି ସ୍ଥିତିରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଗଣିତ ଜଟିଳ ହେବାରେ ଲାଗିଛି।

ଅପରପକ୍ଷେ, ଶାସକ ବିଜେଡି ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅଣ୍ଟା ଭିଡୁଥିବା ବିଜେପି ସାଂଗଠନିକ କ୍ଷେତ୍ରରେ ଦୁର୍ବଳ ହେବାରେ ଲାଗିଛି। ଦଳ ଭିତରେ ଥିବା ଅନ୍ତଃଦ୍ୱନ୍ଦ୍ୱ ଏଯାଏଁ ସମାଧାନ ହୋଇପାରୁନାହିଁ। ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିଜେପି ପ୍ରାର୍ଥୀ ସମ୍ପଦଙ୍କୁ ଖୋଲାଖୋଲି ବିରୋଧ କରୁଛନ୍ତି। ଗତ ପୌର ନିର୍ବାଚନରେ ସମ୍ପଦଙ୍କ ନେତୃତ୍ୱରେ ଲଢ଼ୁଥିବା ବିଜେପିକୁ ମାତ୍ର ୩ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ପଞ୍ଚାୟତ ନିର୍ବାଚନରେ ଦଳକୁ ସେପରି କୌଣସି ଆଖିଦୃଶିଆ ସଫଳତା ମିଳି ନଥିବା ବେଳେ ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ବ୍ଲକ ଅଧ୍ୟକ୍ଷ ପଦକୁ ହାତେଇବାରେ ଅସମର୍ଥ ରହିଥିଲା ଦଳ। ବିଜେପିରେ ଲାଗି ରହିଥିବା ଦୀର୍ଘଦିନର ବିବାଦ ଦଳ ପାଇଁ ବୁମେରାଂ ହେବ।

୨୦୦୯, ୨୦୧୪ ଓ ୨୦୧୯ ତିନୋଟି ନିର୍ବାଚନରେ ବିଜେଡି ସହିତ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ରହିଆସିଛି। ତେବେ କଂଗ୍ରେସର ମଙ୍ଗ ଧରିଥିବା ବାପି ସର୍ଖେଲ ଦଳରୁ ଦୂରେଇ ଯାଇଥିବାରୁ ଓ ତାଙ୍କ ପତ୍ନୀ ବିଜେଡିରେ ମିଶିଥିବାରୁ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ବିଜେଡି ସହିତ ମୁକାବିଲା କରିବା ବିଜେପି ପାଇଁ କଷ୍ଟକର ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

■ ବାପିଙ୍କ ପତ୍ନୀ ମୋନିଦୀପା ବିଜେଡିରେ ମିଶିବା ପରେ ପ୍ରାର୍ଥୀ ପାଉନି କଂଗ୍ରେସ
■ ବିଜେପିର ସାଂଗଠନିକ ଅନ୍ତଃଦ୍ୱନ୍ଦ୍ୱ ବୁମେରାଂ ହେବ



# ଚିକିଟି: ପରସ୍ପର ବିରୋଧରେ ଲଢ଼ିବେ ଦୁଇ ଭାଇ

**ବ୍ରହ୍ମପୁର, ୪।୪ (ସମିସ):** ନିର୍ବାଚନରେ ପାରିବାରିକ ରାଜନୀତିକୁ ନେଇ ବିଭିନ୍ନ ଘଟଣା ନଜରକୁ ଆସିଥାଏ। କେଉଁଠି ଦିଅର-ଭାଉଜ ତ କେଉଁଠି ଖୁଡ଼ି-ପୁତୁରା ତ ପୁଣି କେଉଁଠି ଭାଇ-ଭାଇ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥାଏ। ଏଥର ଚିକିଟି ବିଧାନସଭା ଆସନରେ ବି ଏମିତି ଏକ ପାରିବାରିକ ଲଢ଼େଇ ଦେଖିବାକୁ ମିଳିଛି।। ଏହି ବିଧାନସଭା ଆସନରେ ଦୀର୍ଘ ବର୍ଷ ଧରି ଚିକିଟି ରାଜପରିବାର ସହ ପ୍ରତିଦ୍ୱନ୍ଦ୍ୱିତା କରିଆସୁଥିବା ଦ୍ୟାନସାମନ୍ତରା ପରିବାରର ଦୁଇ ଭାଇ ଏଥରକ ପରସ୍ପର ବିରୋଧରେ ଲଢ଼ିବେ। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଦୁଇ ପୁଅ ରବୀନ୍ଦ୍ର ଦ୍ୟାନସାମନ୍ତରା ଓ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଚିକିଟି ନିର୍ବାଚନମଣ୍ଡଳୀ ପାଇଁ ଏହା ପ୍ରଥମ ଘଟଣା। ଦୁଇ ଜାତୀୟ ଦଳ କଂଗ୍ରେସ ଓ ବିଜେପି ପକ୍ଷରୁ ଦୁଇ ଭାଇଙ୍କୁ ପ୍ରାର୍ଥୀ କରାଯାଇଛି। ବଡ଼ଭାଇ ରବୀନ୍ଦ୍ର ଦ୍ୟାନସାମନ୍ତରାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିବା ବେଳେ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କୁ ବିଜେପି ପ୍ରାର୍ଥୀ କରିଛି।

ପୂର୍ବରୁ ଚିନ୍ତାମଣି ଦ୍ୟାନସାମନ୍ତରା ୩ଥର ବିଜୟୀ ହୋଇଥିଲେ। ତେବେ ରବୀନ୍ଦ୍ର ଦ୍ୟାନସାମନ୍ତରା କେବେ ମଧ୍ୟ ପୂର୍ବରୁ ନିର୍ବାଚନ ଲଢ଼ିନାହାନ୍ତି। ୨୦୦୯ ମସିହାରେ ଯଦିଓ ରବୀନ୍ଦ୍ରଙ୍କୁ କଂଗ୍ରେସରୁ ଟିକେଟ ମିଳିଥିଲା, ଶେଷ ମୁହୂର୍ତ୍ତରେ ବାପା ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ପାଇଁ ଦଳୀୟ ଟିକଟକୁ ସେ ହାତଛଡ଼ା କରିଥିଲେ। ସେହି ନିର୍ବାଚନରେ ଚିନ୍ତାମଣି ଦ୍ୟାନସାମନ୍ତରା କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଫଳରେ ପ୍ରତ୍ୟକ୍ଷ ନିର୍ବାଚନରେ ଏହା ତାଙ୍କର ପ୍ରଥମ ପଦାର୍ପଣ। ସେପଟେ ମନୋରଞ୍ଜନ ଦ୍ୟାନସାମନ୍ତରା ୨୦୧୪ ମସିହାରେ କଂଗ୍ରେସରୁ ଓ ୨୦୧୯ ମସିହାରେ ବିଜେପିରୁ ଚିକିଟି ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀଙ୍କଠାରୁ ବହୁ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଚଳିତଥର ପୁଣି ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କୁ ବିଜେପି ପ୍ରାର୍ଥୀ କରିଛି। ଦୁଇ ଜାତୀୟ ଦଳରୁ ଗୋଟିଏ ପରିବାରର ଦୁଇ ଭାଇଙ୍କୁ ଟିକଟ ପାଇବା ପରେ ଲଢ଼େଇକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରବୀନ୍ଦ୍ରଙ୍କ କହିବା କଥା, ଆମ ପରିବାର କଂଗ୍ରେସ। ଦଳ ଆମ ପରିବାରକୁ ଅନେକ କିଛି ଦେଇଛି। ତେବେ ଏଠାରେ ଦଳର ନୁହେଁ ବରଂ ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ସମର୍ଥକ ଅଛନ୍ତି। ଚିକିଟିରେ ବିଜେପି ବୋଲି କିଛି ନାହିଁ। ଏଣୁ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଯେଉଁଳି ଲଢ଼େଇ ହେବା କଥା, ଠିକ୍ ସେହିଭଳି ହେବ। ଗୋଟିଏ ପରିବାରର ଏକାଧିକ ସଦସ୍ୟ ଭିନ୍ନଭିନ୍ନ ଦଳରେ ରହି ନିର୍ବାଚନ ଲଢ଼ିବାର ଅନେକ ନଜିର ରହିଛି। ଏହା ପ୍ରଥମ ଘଟଣା ନୁହେଁ। ତେବେ ନିର୍ବାଚନକୁ ନେଇ ପାରିବାରିକ ସମ୍ପର୍କରେ କିଛି ଫାଟ ସୃଷ୍ଟି ହେବାର କୌଣସି ଆଶଙ୍କା କରିବା ଆଦୌ ଉଚିତ ନୁହେଁ। ବାପା ଚିନ୍ତାମଣି ଦ୍ୟାନସାମନ୍ତରାଙ୍କୁ ବର୍ତ୍ତମାନ ୮୪ ବର୍ଷ। ଆଜି ବି ସେ କଂଗ୍ରେସର ଜଣେ ଶୃଙ୍ଖଳିତ ସଦସ୍ୟ। ଏଣୁ କୌଣସି ପରିସ୍ଥିତିରେ ସେ ବିଜେପି ପାଇଁ ପ୍ରଚାର କରିବେ ନାହିଁ, ବରଂ ମୋ ପାଇଁ ଅର୍ଥାତ୍ କଂଗ୍ରେସ ପାଇଁ ପ୍ରଚାର କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ରବୀନ୍ଦ୍ର। ସେପଟେ ଭିନ୍ନଭିନ୍ନ ଦଳର ଭିନ୍ନଭିନ୍ନ ଆଦର୍ଶକୁ ନେଇ ବ୍ୟକ୍ତିଗତ ଭାବେ ପରିବାର ସଦସ୍ୟଙ୍କ ମଧ୍ୟରେ ମତଭେଦ ଥାଇପାରେ। ତେବେ ଏହାଦ୍ୱାରା ପାରିବାରିକ ସମ୍ପର୍କରେ କିଛି ସମସ୍ୟା ସୃଷ୍ଟିହେବ ନାହିଁ ବୋଲି କହିଛନ୍ତି ମନୋରଞ୍ଜନ। ତେବେ ଲଢ଼େଇ ଦୁଇ ଭାଇଙ୍କ ମଧ୍ୟରେ ନୁହେଁ, ବରଂ ଦୁଇ ବିରୋଧୀ ଦଳ ମଧ୍ୟରେ ନିଶ୍ଚିତ ହେବ। କଥା ରହିଲା ବାପାଙ୍କ ସମର୍ଥନ କାହାକୁ ମିଳିବ ? ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ଗୋଟିଏ ବିଧାନସଭା ଆସନରୁ ଦୁଇ ଭାଇଙ୍କ ପ୍ରାର୍ଥିତ୍ୱ ଉଭୟଙ୍କ ପାଇଁ କ୍ଷତିକାରକ ବୋଲି ସ୍ୱୀକାର କରିଛନ୍ତି ମନୋରଞ୍ଜନ। ଏଭଳି ପରିସ୍ଥିତିରେ ବାପା ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ନିଷ୍ପତ୍ତି କ'ଣ ହେବ ଓ ସେ କାହାକୁ ସମର୍ଥନ କରିବେ, ତାହା ଉପରେ ରହିଛି ସମସ୍ତଙ୍କ ନଜର।

■ କଂଗ୍ରେସରୁ ରବୀନ୍ଦ୍ର ଓ ବିଜେପିରୁ ମନୋରଞ୍ଜନ ଦ୍ୟାନସାମନ୍ତରା
■ ବାପା ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଭୂମିକା ଉପରେ ରହିବ ନଜର





## ବାରବାଟୀ-କଟକ ବିଧାନସଭା କ୍ଷେତ୍ର

# ଏଥର ବି ହେବ ହାଇଭୋଲଟେଜ୍ ଲଢ଼େଇ

**କଟକ, ୪।୪ (ସମିସ):** ୨୦୦୯ ମସିହାରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ କଟକ ସହର ନିର୍ବାଚନମଣ୍ଡଳୀର କେତେକ ଅଂଶକୁ ନେଇ ଗଠନ ହୋଇଥିଲା ବାରବାଟୀ-କଟକ ବିଧାନସଭା କ୍ଷେତ୍ର। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ତିନୋଟି ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଆସିଛି। ଏପରିକି ଏହି ଟ୍ରେଣ୍ଡ ମଧ୍ୟ ଆସନ୍ତା ୨୦୨୪ ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଦଳ ବାରବାଟୀ-କଟକ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି।

### ୨୦୧୯ ଫଳାଫଳ

ଇଂ ମହମ୍ମଦ ମୋକିମ(କଂଗ୍ରେସ)-୫୦, ୨୪୪ଖଣ୍ଡ ଭୋଟ (୩୭.୫୭ପ୍ରତିଶତ)
ଦେବାଶିଷ ସାମନ୍ତରାୟ (ବିଜେଡି)-୪୬, ୪୧୭ଖଣ୍ଡ ଭୋଟ (୩୪.୭୧ପ୍ରତିଶତ)
ସମୀର ଦେ (ବିଜେପି)-୩୩, ୮୨୫ଖଣ୍ଡ ଭୋଟ(୨୫.୩ପ୍ରତିଶତ)

### ୨୦୨୪ରେ ମତସାବ୍ୟସ୍ତ କରିବେ

୧, ୨୦, ୫୨୩(ପୁରୁଷ), ୧, ୧୭, ୮୯୪(ମହିଳା), ୩୩(ଅନ୍ୟାନ୍ୟ), ମୋଟ ଭୋଟର-୨, ୩୮, ୪୫୦ଜଣ

ତେବେ ଏଠାରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଉପରୁ ଦଳ ନିଲମ୍ବନ ହଟାଇବା ପରେ ସେ ହିଁ ଏଠାରୁ ପୁଣି କଂଗ୍ରେସ ଦଳର ପ୍ରାର୍ଥୀ ହେବେ ବୋଲି କୁହାଯାଉଛି।

ତେବେ ବିଜେଡି ଓ ବିଜେପିର ପ୍ରାର୍ଥୀ ଚୟନକୁ ନେଇ ଏବେ ବି ସସପେନ୍ସ ଜାରି ରହିଛି। ଉଭୟ ଦଳ ଏଥର ନୂଆ ମୁହଁଙ୍କୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି। ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେପିକୁ ଏହି ବିଧାନସଭା କ୍ଷେତ୍ରରେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୦୯ରେ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କୁ ୨୫ ହଜାର ଭୋଟ ବ୍ୟବଧାନରେ ହରାଇଥିଲେ। ତେବେ ସେହି ସମୟରେ ବିଜେପି ପ୍ରାର୍ଥୀ ସମୀର ଦେ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ପ୍ରାୟ ୧୪ ହଜାର ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମଙ୍କଠାରୁ ଜିତିଥିଲେ। ହେଲେ ବିଜେପି ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କୁ ୩୮୦୦ରୁ ଅଧିକ ଭୋଟ ବ୍ୟବଧାନରେ ହରାଇଥିଲେ। ଏହି ନିର୍ବାଚନରେ ବିଜେପି ପ୍ରାର୍ଥୀ ସମୀର ଦେ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଦେବାଶିଷ ସାମନ୍ତରାୟଙ୍କୁ ବିଜେଡି ନିକଟରେ ରାଜ୍ୟସଭାକୁ ପଠାଇଥିବାରୁ ବାରବାଟୀ-କଟକରେ ମଧ୍ୟ ନୂଆ ଚେହେରାଙ୍କୁ ସାମ୍ନାକୁ ଆଣିବ ବୋଲି ଚର୍ଚ୍ଚା ହେଉଛି।

ସେହିପରି ବିଜେପି ମଧ୍ୟ ଏଠାରୁ ପୁଣି ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକଟ ଦେବ ନା ନୂଆ ମୁହଁକୁ ପ୍ରାର୍ଥୀ କରିବ, ସେନେଇ ଚିନ୍ତାରେ ପଡ଼ିଛି। ବିଜେଡିର ପ୍ରାର୍ଥୀ ଘୋଷଣାକୁ ବିଜେପି ଅପେକ୍ଷା କରିଥିବା ନେଇ ଆଲୋଚନା ହେଉଛି।



■ ବିଜେଡିର ପ୍ରାର୍ଥୀ ଚୟନକୁ ନେଇ କର୍ମୀଙ୍କ ଉତ୍କଣ୍ଠା
■ ବିଗତ ୩ ନିର୍ବାଚନରେ ବିଜେପି ତୃତୀୟ

**ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**

# ସୁବାସଙ୍କୁ ବୁମେରାଂ ହେବ ଗତ ନିର୍ବାଚନର ମିଛ ପ୍ରତିଶ୍ରୁତି

**ଦେବଗଡ଼,୪।୪(ସମିସ):** ଦେବଗଡ଼ ବିଧାନସଭା ଆସନ ପାଇଁ ବିଜେପି ପୁଣିଥରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଉପରେ ଭରସା କରିଛି। ଏଥିରେ ସୁବାସଙ୍କ କିଛି ସମର୍ଥକ ଉତ୍ସାହିତ ହୋଇପଡ଼ିଛନ୍ତି। ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି। ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ସୁବାସ ବି କହିଛନ୍ତି, ରାଜ୍ୟରେ ବିଜେପି ସରକାର ଗଢ଼ିବ ଏବଂ ଦେବଗଡ଼ର ବିକାଶ ହେବ। ସେ ବିରୋଧୀ ଦଳରେ ବିଧାୟକ ଥାଇ ମଧ୍ୟ ଦେବଗଡ଼ ଜିଲ୍ଲାର ବିକାଶ କରିଛନ୍ତି ବୋଲି କହିଛନ୍ତି। କିନ୍ତୁ ଏସବୁ ଭିତରେ ଗୋଟିଏ ଚର୍ଚ୍ଚା-ଆଲୋଚନା ଏବେ ତାଙ୍କୁ ବିପଦରେ ପକାଇବାକୁ ଯାଉଛି। ତାହା ହେଲା, ଗତ ନିର୍ବାଚନ ବେଳେ ସୁବାସ ଜିଲ୍ଲାବାସୀଙ୍କୁ ଗଣ୍ଡାଗଣ୍ଡା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେଥିରୁ ଗୋଟିଏ ବି ପାଳନ କରିନାହାନ୍ତି। ସୁତରାଂ, ସେହି ମିଛ ପ୍ରତିଶ୍ରୁତିଗୁଡ଼ିକ ତାଙ୍କ ପାଇଁ ଏବେ ବୁମେରାଂ ହେବାକୁ ଯାଉଛି। ସାମାଜିକ ଗଣମାଧ୍ୟମରେ ଏହି ଚର୍ଚ୍ଚା ଏବେ ଟ୍ରେଣ୍ଡ କରୁଛି। ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବହୁ ସଚେତନ ଭୋଟର୍ ସାମାଜିକ ଗଣମାଧ୍ୟମରେ ୨୦୧୯ ନିର୍ବାଚନରେ ସୁବାସ ଦେଇଥିବା ପ୍ରତିଶ୍ରୁତି ଓ ସଂକଳ୍ପକୁ ମନେ ପକାଇ ଦେଇଛନ୍ତି। ୨୪ଟି ପ୍ରତିଶ୍ରୁତିର ସଂକଳ୍ପପତ୍ରରୁ କେତୋଟି ପୂରଣ କରିଛ ବୋଲି ପ୍ରଶ୍ନ କରୁଛନ୍ତି।

ସୁବାସ ଗତ ନିର୍ବାଚନ ବେଳେ ରେଙ୍ଗାଲି ଡ୍ୟାମ ବିସ୍ଥାପିତଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବା, ଦେବଗଡ଼ ପଲିଟେକ୍‌ନିକକୁ ଇଞ୍ଜିନିୟରିଂ କଲେଜ କରାଯିବା, ଦେବଗଡ଼ ସହରକୁ ବ୍ରାହ୍ମଣୀ ନଦୀରୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବା, ଚାଷୀଙ୍କ ପାଇଁ ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ଜିଲ୍ଲାରୁ ଉତ୍ପାଦିତ ଆମ୍ବ, ତରଭୁଜ, ଓ ଲିଚୁ ପାଇଁ ମଣ୍ଡି ବ୍ୟବସ୍ଥା, ଧାନର ସୁବିକ୍ରୟ ପାଇଁ ପ୍ରତି ବ୍ଲକରେ ଅଧିକ ରାଇସ୍ ମିଲ୍ ପ୍ରତିଷ୍ଠା, ଜିଲ୍ଲାର ଉପାନ୍ତ ଅଞ୍ଚଳ କଂସର, ଲଇମୁରା, ବୁଢ଼ାପାଳ, ପଳସମା, ଠିଆନାଳ ଓ ପୁରୁଣାପାଣି ଅଞ୍ଚଳରେ ଅଧିକ ଓ ବଡ଼ ଡାକ୍ତରଖାନା ନିର୍ମାଣ ପାଇଁ ପ୍ରତିଶ୍ରୁତି

- **୨୦୧୯ ନିର୍ବାଚନରେ ୨୪ ପ୍ରତିଶ୍ରୁତିର ସଂକଳ୍ପପତ୍ର ଜାରି କରିଥିଲେ**
- **୫ବର୍ଷ ଭିତରେ ଗୋଟିଏ ବି ପ୍ରତିଶ୍ରୁତି ପାଳନ କରିନାହାନ୍ତି**
- **ସାମାଜିକ ଗଣମାଧ୍ୟମରେ ସଚେତନ ଭୋଟର୍‌ଙ୍କ ଘନଘନ ପ୍ରଶ୍ନ**

ଦେଇଥିଲେ। ଏହାଛଡ଼ା ଲଇମୁରାର ଉଭୟ ପାର୍ଶ୍ୱ ରାସ୍ତାକୁ ଏକ୍ସପ୍ରେସ ୱେ ନିର୍ମାଣ, କୁରଡ଼କୋଟରେ ମଡେଲ ପାୱାର ପ୍ଲାଣ୍ଟ ସ୍ଥାପନ, ବାରକୋଟରେ ବିଶ୍ୱସ୍ତରୀୟ ଜଳକ୍ରୀଡ଼ା କେନ୍ଦ୍ର ପ୍ରତିଷ୍ଠା, ଦେବଗଡ଼ ଜିଲ୍ଲାରେ ଅଧିକ ୩/୪ ବ୍ଲକ ପ୍ରତିଷ୍ଠା, ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ୫ବର୍ଷରେ ଜିଲ୍ଲାର ୧୦ ହଜାର ବେକାରଙ୍କୁ ନିଯୁକ୍ତି ସୁଯୋଗ ପାଇଁ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ମେଗା ସୋଲାର୍ ପାୱାର୍-ପ୍ଲାଣ୍ଟ ସ୍ଥାପନ, ଗୋ-ଆଶ୍ରୟସ୍ଥଳର ଉନ୍ନତୀକରଣ ଓ ନୂତନ ଗୋ-ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଗତ ନିର୍ବାଚନ ବୈତରଣୀ ପାର ହୋଇଥିଲେ ସୁବାସ। କିନ୍ତୁ ବିଧାୟକ ନିର୍ବାଚିତ ହେବା ପରେ ଗତ ୫ ବର୍ଷରେ ସେ ଗୋଟିଏ ହେଲେ ପ୍ରତିଶ୍ରୁତି ପୂରଣ କରିନାହାଁନ୍ତି। ଫଳରେ ସୁବାସଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ନେଇ ଚାଷୀବହୁଳ ଦେବଗଡ଼ବାସ ଖପ୍ପା ହୋଇଛନ୍ତି।

ସେହିପରି ଗୋଟିଏ ଉପନିର୍ବାଚନ ଓ ଦୁଇ ଥର ସାଧାରଣ ନିର୍ବାଚନରେ ବିଜେପି ଟିକଟରେ ବିଧାୟକ ହୋଇଥିବା ସୁବାସ ଅନେକ ଘଟଣାକୁ ନେଇ ବିବଦୀୟ ହୋଇଛନ୍ତି। ବିଧାନସଭା ମଧ୍ୟରେ ସାନିଟାଇଜର ପିଇବା ହେଉ କି ତିଳେଇବଣି ବ୍ଲକ୍‌ର ପୂର୍ବତନ ବିଡିଓ କୃଷ୍ଣଚନ୍ଦ୍ର ଦଳପତଙ୍କୁ ମାଡ଼ ଘଟଣା, 'ମୁକ୍ତା' ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ନାମରେ କାର୍ଯ୍ୟାଦେଶ ଥାଇ ନିର୍ମାଣାଧୀନ ଟାଉନ୍ ହଲ୍ ପାଚେରି ଭଙ୍ଗା ହେଉ କି ବିଧାୟକ ପାଣ୍ଠି ଦୁରୁପଯୋଗ ଭଳି ସଂଗୀନ ଅଭିଯୋଗରେ ଛନ୍ଦି ହୋଇ ସୁବାସ ବିବାଦ ମୁଣ୍ଡାଇଛନ୍ତି। ଏଣୁ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ଲକ୍ଷ୍ୟ କରି ଜିଲ୍ଲା ବିଜେପିର ବହୁ ପୁରୁଖା ସକ୍ରିୟ କର୍ମକର୍ତ୍ତା ସୁବାସଙ୍କ ବଦଳରେ ଅନ୍ୟ କାହାରିକୁ ଦଳୀୟ ପ୍ରାର୍ଥୀ କରିବାକୁ ଦୀର୍ଘ ଦିନରୁ ଦଳୀୟ ମୁଖିଆଙ୍କ ନିକଟରେ ଫେରାଦ ହୋଇଥିଲେ। କିନ୍ତୁ ତାହା ନ ହେବାରୁ ଏଠାକାର ବିଜେପି ଅନ୍ଦରମହଲରେ ଅସନ୍ତୋଷର ନିଆଁ ଏକରକମର କୁହୁଳୁଛି।



ଜିଲ୍ଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର କହିଛନ୍ତି ଯେ ବିଧାୟକ ପଦରେ ଥାଇ ମଧ୍ୟ ସୁବାସ ଜିଲ୍ଲାର ଚାଷୀଙ୍କ ପାଇଁ କୌଣସି ଆଖିଦୃଶିଆ କାର୍ଯ୍ୟ କରିନାହାନ୍ତି। ନିଜ ଅପାରଗତାର ପରିଚୟ ଦେଇ ବିଧାନସଭାରେ ସାନିଟାଇଜର୍ ପିଇ ଚାଷୀଙ୍କ ପାଇଁ ଆତ୍ମହତ୍ୟାର ନାଟକ କରିଥିଲେ। କଂଗ୍ରେସ ଜିଲ୍ଲା ମିଡିଆ ସେଲ୍ ଅଧକ୍ଷ ସିଦ୍ଧେଶ୍ୱର ଗୁରୁ କହିଛନ୍ତି ଯେ ଦେବଗଡ଼ ଜିଲ୍ଲାବାସୀଙ୍କୁ ବିଜେପି ସବୁ ନିର୍ବାଚନରେ ଭୁଆଁ ବୁଲାଇ ଆସିଛି। ସୁବାସ କୌଣସି ସାଧାରଣ ଗରିବ ଭୋଟର ପାଇଁ କିଛି ମଧ୍ୟ କରିନାହାନ୍ତି। ବିଧାୟକ ପାଣ୍ଠିରୁ ହେଉଥିବା ଉନ୍ନୟନ କାର୍ଯ୍ୟ ପିସି ବଦଳରେ ବଣ୍ଟା ହେବା ତାଙ୍କ କର୍ମୀ ମଧ୍ୟ ସ୍ୱୀକାର କରୁଛନ୍ତି। 'ମୁକ୍ତା' ଯୋଜନାର କାର୍ଯ୍ୟାଦେଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କରାଯାଉଥିବା ଉନ୍ନୟନ କାର୍ଯ୍ୟକୁ ବିରୋଧ କରି ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ସବୁବେଳେ ବାହାସ୍ଫୋଟ ମାରୁଥିବା ସୁବାସ ଉନ୍ନୟନ କାର୍ଯ୍ୟ ପରିବର୍ତ୍ତେ ବିବାଦୀୟ କାର୍ଯ୍ୟରେ ମୁଣ୍ଡ ପୂରାଇଛନ୍ତି। କାଉନସିଲର ଯତୀନ ନାୟକ କହିଛନ୍ତି ଯେ ବିଧାନସଭାରେ ସୁବାସ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଲୋକଙ୍କ ସମସ୍ୟା ଉତ୍ଥାପନ କରିବା ବଦଳରେ ବିଧାୟକ ନିଜ ଦଳର କେତେକ କୁଚକ୍ରୀ ଗୋଷ୍ଠୀ ଦ୍ୱାରା ପରିଚାଳିତ ହୋଇ ସେମାନଙ୍କ ନିଜ ସ୍ୱାର୍ଥସମ୍ବଳିତ ପ୍ରଶ୍ନୋତ୍ତର କରିବାକୁ ପଛାଇ ନାହାନ୍ତି। ପ୍ରତି ନିର୍ବାଚନରେ ନୂଆନୂଆ ମିଛ ପ୍ରତିଶ୍ରୁତିର ଫର୍ଦ୍ଦ ତିଆରି କରି ଭୋଟ ବେଳେ ଲୋକଙ୍କୁ ଭୁଆଁ ବୁଲାଇଥା'ନ୍ତି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ କହିଛନ୍ତି ଯେ ଜିଲ୍ଲାର ବିକାଶ କରିବା ପ୍ରତିଶ୍ରୁତି ଦେଇ ଗତ ନିର୍ବାଚନରେ ଭୋଟରଙ୍କୁ ଉଭୟ ବିଧାୟକ ଓ ସାଂସଦ ଲୋକଙ୍କୁ ଭୁଆଁ ବୁଲାଇଛନ୍ତି। ଭୋଟ ହାତେଇବା ପରେ ଉଭୟ ଭୋଗ ବିଳାସରେ ବୁଡ଼ି ରହିଲେ। ସାଂସଦ ନିଖୋଜ ରହିବା ଏବଂ ବିଧାୟକ ବିବାଦୀୟ ହୋଇ ଜନକଲ୍ୟାଣଠାରୁ ଦୂରେଇ ରହିବା ଲୋକଙ୍କୁ ଉତ୍ତେଜିତ କରି ରଖିଛି। ଉଭୟଙ୍କ କାର୍ଯ୍ୟଶୈଳୀରେ ଜନସାଧାରଣ ବୀତସ୍ପୃହ ହୋଇପଡ଼ିଛନ୍ତି। ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବା ବେଳେ ସୁବାସଙ୍କ ବିରୋଧରେ ଏପରି ପ୍ରତିକ୍ରିୟା ତାଙ୍କ ପଥକୁ କଣ୍ଟକିତ କରିବ ବୋଲି ଚର୍ଚ୍ଚା ହେଉଛି।

**ନୂଆପଡ଼ା ବିଧାନସଭା ଆସନ**

# ବିଜେପିରେ ବିଦ୍ରୋହ, କଂଗ୍ରେସ ଭୋଟ୍ ଭାଗ କରିବେ ଘାସିରାମ

**ନୂଆପଡ଼ା,୪।୪ (ସମିସ):** ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ବିଜେପିର ପ୍ରାର୍ଥୀ ତାଲିକା ସାର୍ବଜନୀନ କରିବା ପରେ ଅସଲ ଚିତ୍ର ପଦାକୁ ଆସୁଛି। ବିଶେଷକରି ବିଜେପି ଏବଂ କଂଗ୍ରେସରେ ବିଦ୍ରୋହର ସ୍ୱର ତୀବ୍ର ହେବାରେ ଲାଗିଛି। ବିଜେପି ଶିବିରରେ ବିଦ୍ରୋହର ଝଡ଼ ସୃଷ୍ଟି ହୋଇଥିବା ବେଳେ କଂଗ୍ରେସ ଦୁଇଫାଳ ହୋଇଥିବା ଚର୍ଚ୍ଚା ହେଉଛି। ସମଗ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ବିରୋଧର ଉଭୟ ବିଜେପି ଓ କଂଗ୍ରେସ ଶିବିରରେ ବିରୋଧର ଝଡ଼ ସୃଷ୍ଟି ହୋଇଛି।

ବିଜେପି ତରଫରୁ ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ନୂଆପଡ଼ା ବିଧାନସଭା ପାଇଁ ଟିକଟ ମିଳିଛି। ଏହାକୁ କର୍ମୀମହଲ ତୀବ୍ର ବିରୋଧ କରୁଛି। ଦଳ କର୍ମକର୍ତ୍ତାଙ୍କ ଉପରେ ଗୁରୁତ୍ୱ ଦେଇନାହିଁ; ବରଂ ପରିବାରବାଦ ଉପରେ ବିଶ୍ୱାସ କରିଛି ବୋଲି ଟିକଟ ଆଶାୟୀ ସ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ସାଇ କଲେଜ କ୍ୟାମ୍ପସରେ ଏକ ବିଶାଳ ସମାବେଶ ହୋଇଥିଲା। ଏଥିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ଯଦୁମଣି ପାଣିଗ୍ରାହୀ, ଚତୁର୍ଭୁଜ ଶର୍ମା ନେତୃତ୍ୱ ନେଇଥିଲେ। ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ମନିଜର ଆର୍ଯ୍ୟ, ଦୃଷ୍ଟି ମାଝୀ, ଭଗତ ସିଂ, ଲାଲା ରାମଙ୍କ ସମେତ ନିର୍ବାଚନମଣ୍ଡଳୀର ୭ ମଣ୍ଡଳ ସଭାପତି ଯୋଗ ଦେଇଥିଲେ। ଦଳରେ ଦୀର୍ଘ ୩୫ବର୍ଷ ଧରି କାମ କରିବା ପରେ ବି ସେମାନଙ୍କୁ ଉପେକ୍ଷା କରାଯାଇଛି ବୋଲି ବୈଠକରେ ଅଭିଯୋଗ ଉଠିଥିଲା। ବସନ୍ତ ପଣ୍ଡାଙ୍କୁ ସାଂସଦ ଟିକଟ ଦିଆଗଲା ନାହିଁ ବୋଲି ତାଙ୍କ ପୁଅକୁ ଥଇଥାନ କରାଯାଇଛି ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ତେବେ ଏହି ସମୟରେ



ଟିକଟ ପାଇଥିବା ଅଭିନନ୍ଦନ ସେଠାରେ ପହଞ୍ଚି ସମସ୍ତଙ୍କ ଶରଣାପନ୍ନ ହୋଇଥିଲେ ହେଁ କେହି ତାଙ୍କୁ ଗ୍ରହଣ କରିନଥିଲେ। ଏନେଇ କର୍ମୀମାନେ ରାଜ୍ୟ ମୁଖ୍ୟଙ୍କୁ ଫେରାଦ ହେବା ସହ ଟିକଟ ପ୍ରତ୍ୟାହାର କରିବାକୁ ଦାବି ଜଣାଇବେ ବୋଲି କହିଛନ୍ତି।

ଅନ୍ୟପଟେ ନୂଆପଡ଼ା କଂଗ୍ରେସ ଶିବିର ଶୂନଶାନ ହୋଇପଡ଼ିଛି। ଗତ ନିର୍ବାଚନରେ ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସର ଘାସିରାମ ମାଝୀଙ୍କୁ ଟିକଟ ନ ଦେଇ ଖୋଦ୍ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଛିଡ଼ା ହେଉଥିବାରୁ ଘାସିରାମ ବିରୋଧ କରୁଥିବା ପ୍ରକାଶ। ସେ ଏଥର ବିଜୟୀ ହେବା ପାଇଁ ସବୁ ଶକ୍ତି ଲଗାଇ ଦେଇଥିଲେ। ଦଳ ପାଇଁ ଦିନରାତି ଏକ କରି ଦେଇଥିଲେ।

- **ପଦାରେ ପଡ଼ିଲା ୨ ଦଳର ବିଶୃଙ୍ଖଳା**
- **ବସନ୍ତ ପଣ୍ଡାଙ୍କ ପୁଅକୁ ଟିକଟ ମିଳିବାରୁ ଅସନ୍ତୋଷ**
- **ନିଜ ସ୍ୱାର୍ଥ ପାଇଁ ଘାସିରାମଙ୍କୁ ବଳି ପକାଇଲେ ଶରତ**

ହେଲେ ରାଜ୍ୟ ସଭାପତି ଦଳର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜ ପାଇଁ ତାଙ୍କୁ ବଳି ଦେଉଛନ୍ତି। ସେ ତାଙ୍କର ଶକ୍ତି ଦେଖାଇବେ। ସ୍ୱାଧୀନ ପ୍ରାର୍ଥୀ ଭାବେ ତାଙ୍କ ଜୀବନର ଶେଷ ଲଢ଼େଇ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି। ଶ୍ରୀ ମାଝୀ ଦିନରାତି ନିର୍ବାଚନମଣ୍ଡଳୀ ଘୂରି ବୁଲୁଛନ୍ତି। ସାଧାରଣ କର୍ମୀ ଏବଂ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସମର୍ଥନ ଜୁଟାଇବାରେ ଲାଗିଛନ୍ତି।

**ଅଣ-କଂଗ୍ରେସ ରାଜନୀତିର ଗଡ଼ ସୁବର୍ଣ୍ଣପୁର**

# ୧୭ ବିଧାୟକଙ୍କ ମଧ୍ୟରୁ କଂଗ୍ରେସର ମାତ୍ର ୩

**ସୋନପୁର, ୪।୪ (ସମିସ):** ରାଜାରାଜୁଡ଼ା ସମୟରୁ କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସୋନପୁର ଗଡ଼ଜାତ ବେଶ ସମୃଦ୍ଧ। ଏହା ଏକ ଛୋଟ ଗଡ଼ଜାତ ହେଲେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସାରା ଦେଶରେ ସୋନପୁର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ତେବେ ଦେଶରେ ରାଜତନ୍ତ୍ର ଲୋପ ପାଇ ଗଣତନ୍ତ୍ର ପ୍ରତିଷ୍ଠା ପରେ ମଧ୍ୟ ସୋନପୁର ବିଧାନସଭା କ୍ଷେତ୍ରରୁ ବହୁ ଜ୍ଞାନୀ, ଗୁଣୀ ପ୍ରତିନିଧିଙ୍କୁ ଲୋକେ ନିର୍ବାଚିତ କରି ଏହି କ୍ଷେତ୍ରର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ସୋନପୁର ବିଧାନସଭା କ୍ଷେତ୍ରରେ ୧୯୫୨ରୁ ୨୦୧୯ ଯାଏଁ ୧୭ ଜଣ ବିଧାୟକ ନିର୍ବାଚିତ ହୋଇଥିବା ବେଳେ ସେଥିରୁ ମାତ୍ର ୩ ଜଣ କଂଗ୍ରେସରୁ ରହିଛନ୍ତି।

ସୋନପୁର ବ୍ଲକ, ସୋନପୁର ପୌରାଞ୍ଚଳ, ତରଭା ବ୍ଲକ, ତରଭା ଏନ୍‌ଏସି, ଡୁଙ୍ଗୁରିପାଲି ବ୍ଲକ ଏବଂ ବିନିକା ବ୍ଲକର କିଛି ଅଞ୍ଚଳକୁ ନେଇ ଗଠିତ ଏହି ବିଧାନସଭା ଆସନରେ ୧୯୫୨ରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଅଲ୍ ଇଣ୍ଡିଆ ଗଣତନ୍ତ୍ର ପରିଷଦରୁ ସ୍ୱର୍ଗତ ଅନ୍ତରାମ ନନ୍ଦ ବିଧାୟକ ନିର୍ବାଚିତ ହୋଇଥିଲେ। ସେହିପରି ୧୯୫୭ରୁ ୧୯୬୧ ଯାଏଁ ପୁଣି ସେହି ଦଳରୁ ଅନ୍ତରାମ ବିଧାୟକ ହୋଇଥିଲେ। ସେହି ପର୍ଯ୍ୟାୟରେ ଅଲ୍ ଇଣ୍ଡିଆ ଗଣତନ୍ତ୍ର ପରିଷଦରୁ ଦୌଲତ ଗଣ୍ଡ ମଧ୍ୟ ବିଧାୟକ ହୋଇଥିଲେ। ୧୯୬୧ରୁ ୧୯୬୭ ଯାଏଁ ସ୍ୱତନ୍ତ୍ର ପାର୍ଟିରୁ ଦୌଲତ ଗଣ୍ଡ ପୁଣି ନିର୍ବାଚିତ ହୋଇଥିଲେ। ୧୯୬୭ରୁ ୧୯୭୧ ଏବଂ ୧୯୭୧ରୁ ୧୯୭୩ ଯାଏଁ ସ୍ୱତନ୍ତ୍ର ପାର୍ଟିରୁ ସ୍ୱର୍ଗତ ନୀଳାମ୍ବର ରାୟଗୁରୁ ବିଧାୟକ ହୋଇଥିଲେ। ୧୯୭୪-୧୯୭୭ ସ୍ୱତନ୍ତ୍ର ପାର୍ଟିରୁ ସ୍ୱର୍ଗତ ଦୌଲତ ବାଘ ବିଧାୟକ ହୋଇଥିଲେ। ୧୯୭୭ରୁ ୧୯୮୦ ଜନତା ଦଳରୁ ଦେବରାଜ ସେଠ ବିଧାୟକ ଥିଲେ। ଅଷ୍ଟମ ବିଧାନସଭା ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ସ୍ୱର୍ଗତ ଧନେଶ୍ୱର କୁମ୍ଭାର ପ୍ରଥମେ କଂଗ୍ରେସ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ଅଚ୍ୟୁତ ବିଶ୍ୱାଳ କଂଗ୍ରେସରୁ ବିଧାୟକ ହୋଇଥିଲେ। ପୁଣି କଂଗ୍ରେସ ହାତରୁ କ୍ଷମତା ଛଡ଼ାଇଥିଲେ ସ୍ୱର୍ଗତ କୁନ୍ଦୁରୁ କୁଶଳ। ୧୯୯୦-୧୯୯୫ ଓ ୧୯୯୫-୨୦୦୦ ଜନତା ଦଳରୁ ଏବଂ ୨୦୦୦-୨୦୦୪ ବିଜୁ ଜନତା ଦଳରୁ କୁନ୍ଦୁରୁ କୁଶଳ ନିର୍ବାଚିତ ହୋଇଥିଲେ। ପୁଣି ୨୦୦୪ରୁ ୨୦୦୯ କଂଗ୍ରେସରୁ ବିନୋଦ ପାତ୍ର ନିର୍ବାଚିତ ହୋଇଥିଲେ। ୨୦୦୯-୨୦୧୪, ୨୦୧୪-୨୦୧୯ ଏବଂ ୨୦୧୯ରୁ ଏଯାଏଁ ବିଜୁ ଜନତା ଦଳରୁ ନିରଞ୍ଜନ ପୂଜାରୀ ନିର୍ବାଚିତ ହୋଇ ଆସୁଛନ୍ତି। ବିଗତ ଦିନରେ ସୋନପୁର ବିଧାନସଭା କ୍ଷେତ୍ରରେ ହୋଇଥିବା ନିର୍ବାଚନ ଇତିହାସ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଏହି କ୍ଷେତ୍ର ଅଣ-କଂଗ୍ରେସ ରାଜନୀତିର ଏକ ଗଡ଼।

**ନିଜ ଜିଲ୍ଲାରେ ବିଦ୍ରୋହ ସମ୍ଭାଳି ପାରୁନାହାନ୍ତି ମନମୋହନ**

# ପୁରୁଖାଙ୍କୁ ଅଣଦେଖା, ନବାଗତଙ୍କୁ ସୁଯୋଗ

**ଭଦ୍ରକ, ୪।୪(ସମିସ):** ଭଦ୍ରକ ହେଉଛି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜ ଜିଲ୍ଲା। ଏହି ଜିଲ୍ଲାର ୫ଗୋଟି ବିଧାନସଭା ଆସନ ମଧ୍ୟରୁ ୩ଟିରେ ବିଜେପି ବିଳମ୍ବରେ ପ୍ରାର୍ଥୀ ଘୋଷଣା କରିଛି। ଧାମନଗରରୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଚାନ୍ଦବାଲିରୁ ନିଜେ ରାଜ୍ୟ ସଭାପତି ମନମୋହନ ପ୍ରାର୍ଥୀ ହୋଇଥିବା ବେଳେ ଭଦ୍ରକ ବିଧାନସଭା ଆସନରେ ନବାଗତ ସୀତାଂଶୁ ମହାପାତ୍ର(ଚନ୍ଦୁ)ଙ୍କୁ ପ୍ରାର୍ଥୀ କରିଛି ବିଜେପି। ଭଦ୍ରକ ବିଧାନସଭା ଆସନରୁ ଗତ ୨ଟି ନିର୍ବାଚନ ଲଢ଼ିଥିବା ଓ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ୬୦ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ଡାକ୍ତର ପ୍ରଦୀପ ନାୟକଙ୍କୁ ଦଳ ଟିକେଟରୁ ବଞ୍ଚିତ କରିଛି। ଏଠାରୁ ନବାଗତ ସୀତାଂଶୁଙ୍କୁ ସୁଯୋଗ ଦେଇଛନ୍ତି ରାଜ୍ୟ ସଭାପତି। ଅନୁରୂପ ଭାବେ ଏହି ଆସନରୁ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ଜିଲା ମହିଳା ମୋର୍ଚ୍ଚା ସଭାପତି ମନସ୍ମିତା ଖୁଣ୍ଟିଆ ଆଶାୟୀ ଥିବା ବେଳେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଫଳରେ ଏଠାରେ ବିଦ୍ରୋହ ମୁଣ୍ଡ ଟେକିଛି। ସେହିଭଳି ବାକି ୨ଟି ବିଧାନସଭା କ୍ଷେତ୍ର ଭଣ୍ଡାରିପୋଖରୀ ଓ ବାସୁଦେବପୁର ଆସନରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିବାରେ ସକ୍ଷମ ହୋଇନି ବିଜେପି। ଏଠାରେ ମଧ୍ୟ ନବଗତଙ୍କୁ ଦଳ ସୁଯୋଗ ଦେବ ବୋଲି ଚର୍ଚ୍ଚା ହେଉଛି। ଏହି ଦୁଇ ଆସନରେ ଗତ ଥର ବିଜେପି ୩ ନମ୍ବରକୁ ଚାଲିଯାଇଥିଲା।



ତେଣୁ ଭଣ୍ଡାରିପୋଖରୀର ନେତା ବଦ୍ରି ନାରାୟଣ ଧଳ ଓ ବାସୁଦେବପୁରର ନେତା ମାଧବାନନ୍ଦ ମଲ୍ଲିକଙ୍କୁ ଏଥରକ ଟିକଟ ମିଳିବା ନ ମିଳିବା ନେଇ ସଂଶୟ ସୃଷ୍ଟି ହୋଇଛି। ଭଣ୍ଡାରିପୋଖରୀ ଲାଗି ବଦ୍ରି ପୁନଃ ଆଶାୟୀ ଥିବା ବେଳେ ବାସୁଦେବପୁର ପାଇଁ ମାଧବାନନ୍ଦ ମଲ୍ଲିକଙ୍କ ପୁଅ ଉଦୟ ନାରାୟଣ ଆଶାୟୀ ଅଛନ୍ତି। ସେହିଭଳି ବରିଷ୍ଠ ବିଜେପି ନେତା ପଞ୍ଚାନନ ରାଉତ ଭଣ୍ଡାରିପୋଖରୀ ଆସନରୁ ପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା ବେଳେ ଜଣେ ମହିଳାନେତ୍ରୀ ମଧ୍ୟ ଭିତିରିଆ ଲବିରେ ଅଛନ୍ତି। ବିଜେଡିରୁ ନିଲମ୍ବିତ ସୁଧାଂଶୁ ନାୟକ ବିଜେପିରେ ମିଶିବା ପରେ ସେ ମଧ୍ୟ ଭଣ୍ଡାରିପୋଖରୀ ପାଇଁ ଆଶାୟୀ ଅଛନ୍ତି। ବାସୁଦେବପୁର ଆସନରେ ଆସନରେ ବିଜେପିର ବରିଷ୍ଠ ନେତା ଦୀନବନ୍ଧୁ ପତି ଆଶାୟୀ ଅଛନ୍ତି। ତେବେ ମନମୋହନ ରାଜ୍ୟ ସଭାପତି ହେବା ପରେ ଅନ୍ୟଦଳରୁ ନେତା ବିଜେପିରେ ସାମିଲ ହୋଇ ଆଶାୟୀ ତାଲିକା ଲମ୍ବାଇ ଚାଲିଛନ୍ତି। ବାସୁଦେବପୁର ଆସନରେ ବିଜେଡିର ଆସିଥିବା ଯୁବନେତା ବାଣୀକଲ୍ୟାଣ ମହାନ୍ତିଙ୍କୁ ମନମୋହନ ନିକଟରେ ଦଳରେ ମିଶାଇଛନ୍ତି। ସେ ମଧ୍ୟ ଟିକଟ ଆଶାୟୀ ଅଛନ୍ତି। ଅନୁରୂପ ଭାବେ ଭଦ୍ରକର ପ୍ରାକ୍ତନ ବିଧାୟକ ନରେନ ପଲେଇଙ୍କୁ ମଧ୍ୟ କିଛିଦିନ ତଳେ ଦଳରେ ସାମିଲ କରିଛନ୍ତି ମନମୋହନ। ତାଙ୍କୁ ମଧ୍ୟ ଥଇଥାନର ପ୍ରତିଶ୍ରୁତି ମିଳିଥିବା କୁହାଯାଉଥିବାରୁ ବାସୁଦେବପୁର ଲାଗି ତାଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି। ଏହା ବ୍ୟତୀତ ଭଦ୍ରକ ଲୋକସଭା ଆସନ ଅଧୀନ ସୋରରୁ ଧାମନଗର ଉପନିର୍ବାଚନରେ ବିଜେଡିର ବିଦ୍ରୋହୀ ଭାବେ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର ଦାସଙ୍କୁ ବିଜେପି ପ୍ରାର୍ଥୀ କରିଛି। ରାଜେନ୍ଦ୍ର ଗତ ୩ ସପ୍ତାହ ତଳେ ଦଳରେ ମିଶିଥିଲେ। ନବାଗତ ରାଜେନ୍ଦ୍ରଙ୍କୁ ସୋର ସଂରକ୍ଷିତ ଆସନରୁ ପ୍ରାର୍ଥୀ କରିବା ପରେ ସେଠାରେ ବିଜେପିର ବିଦ୍ରୋହ ଆରମ୍ଭ ହୋଇଛି। ଏଠାରେ ପ୍ରାର୍ଥୀ ବଦଳିବା ନେଇ ଚର୍ଚ୍ଚା ହେଉଥିବାରୁ ରାଜେନ୍ଦ୍ରଙ୍କୁ ଅନ୍ୟତ୍ର ଥଇଥାନ କରାଯାଇପାରେ ବୋଲି କୁହାଯାଉଛି।

ତେଣୁ ବାସୁଦେବପୁର ଓ ଭଣ୍ଡାରିପୋଖରୀ ଉପରେ ବାକିଥିବା ସବୁ ଆଶାୟୀଙ୍କ ଆଶା ଲାଖି ରହିଛି। ଅନ୍ୟପକ୍ଷରେ ନବାଗତଙ୍କୁ ସୁଯୋଗ ଦେବା ଯୋଗୁଁ ଜିଲ୍ଲା ବିଜେପିରେ ପୁରୁଖା ନେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ କୁହୁଳି ଆଗକୁ ଅଡୁଆ ସ୍ଥିତି ଆଣିବା ନିଶ୍ଚିତ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

**ବ୍ରହ୍ମପୁର ବିଧାନସଭା ଆସନ**

# ନବାଗତଙ୍କ ଉପରେ ଭାରି ପଡ଼ିବେ କି ଅଭିଜ୍ଞ

**ବ୍ରହ୍ମପୁର, ୪।୪ (ସମିସ):** ମେ' ୧୩ ତାରିଖରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ମତଦାନ କରାଯିବ। ଉଭୟ ବିଜେପି ଓ ବିଜେଡି ପକ୍ଷରୁ ଏହି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ତେବେ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ନିଜର ପ୍ରାର୍ଥୀ ଚୂଡ଼ାନ୍ତ କରିପାରିନାହିଁ। ବିଜେଡିରୁ ୫ଥର ବିଧାୟକ ହୋଇସାରିଥିବା ଅଭିଜ୍ଞ ରାଜନେତା ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଅପରପକ୍ଷେ ବିଜେପି ପୂର୍ବତନ କର୍ପୋରେଟର୍ ତଥା



ନବାଗତ କେ. ଅନୀଲ କୁମାରଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ଫଳରେ ଅନେକ ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଛି। ଅନୀଲଙ୍କୁ ଦଳ ଟିକଟ ପ୍ରଦାନ କରିଥିବାରୁ ଦଳ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

କେ. ଅନୀଲ କୁମାର ୨୦୦୩-୦୪ ମସିହାରେ ବ୍ରହ୍ମପୁର ପୌରପାଳିକାରେ କାଉନସିଲର ଓ ପରେ ୨୦୦୭-୦୮ ମସିହାରେ କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ସାଧାରଣ ନିର୍ବାଚନରେ ସେ ଚଳିତ ଥର ନବାଗତ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ସେପଟେ ରାଜନୀତିରେ ଅଭିଜ୍ଞ ତଥା ପୋଖତ ଗୋଟିଚାଳନା କରୁଥିବା ବରିଷ୍ଠ ରାଜନେତା ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ବ୍ରହ୍ମପୁର ସହରରେ ଘରେ ଘରେ ପରିଚିତ। ୧୯୮୪ ମସିହାରୁ ସେ ବ୍ରହ୍ମପୁର ପୌରପାଳିକାରେ କାଉନସିଲର ଭାବେ ନିର୍ବାଚିତ ହୋଇ ରାଜନୀତିରେ ପ୍ରବେଶ

**ଚର୍ଚ୍ଚାରେ ଗୁରୁ- ଶିଷ୍ୟ ଲଢ଼େଇ**





କରିଥିଲେ। ପରେ ୧୯୯୫ ମସିହାରେ ଜନତା ଦଳ ପକ୍ଷରୁ ବ୍ରହ୍ମପୁରର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହାରେ ବିଜୁ ଜନତା ଦଳରୁ ବିଧାୟକ ହେବା ସହ କ୍ରମାଗତ ଭାବେ ୨୦୦୪, ୨୦୦୯ ଓ ୨୦୧୪ ମସିହା ନିର୍ବାଚନରେ କ୍ରମାଗତ ନିର୍ବାଚିତ ହୋଇଥିଲେ। ୨୦୧୯ ମସିହାରେ ଡାକ୍ତର ଚ୍ୟାଉପଟ୍ଟନାୟକଙ୍କ ସ୍ଥାନରେ ଯୁବନେତା ବିକ୍ରମ କୁମାର ପଣ୍ଡାଙ୍କୁ ଦଳ ଟିକଟ ଦେଇଥିଲା। ଚଳିତ ନିର୍ବାଚନରେ ବିକ୍ରମ କୁମାର ପଣ୍ଡାଙ୍କୁ ଗୋପାଳପୁରରୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଡାକ୍ତର ଚ୍ୟାଉପଟ୍ଟନାୟକଙ୍କୁ ପୁଣି ବ୍ରହ୍ମପୁର ଆସନରେ ପ୍ରାର୍ଥୀ କରିଛି। ଚଳିତ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ଦ୍ୱିମୁଖୀ ମୁକାବିଲା ହେବାକୁ ଥିବା ବେଳେ ବିଜେପିର ନବାଗତ ପ୍ରାର୍ଥୀଙ୍କ ଉପରେ ବିଜେଡିର ଅଭିଜ୍ଞ ତଥା ପୋଖତ ପ୍ରାର୍ଥୀ ଭାରି ପଡ଼ିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ନିକଟରେ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିବା ବିଜେପିର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାର ଅତୀତରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବିଜେଡି ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ପ୍ରତିନିଧି ଭାବେ ବ୍ରହ୍ମପୁର ମହାନଗର ନିଗମରେ ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ଉଭୟଙ୍କ ମଧ୍ୟରେ ହେବାକୁ ଥିବା ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତାକୁ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଲଢ଼େଇ ବୋଲି ମଧ୍ୟ ସହରରେ ଚର୍ଚ୍ଚା ଚାଲିଛି। ସେପଟେ ବ୍ରହ୍ମପୁରରେ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଗୋପାଳପୁରରୁ ପ୍ରାର୍ଥୀ କରାଯିବା ପରେ ବିଜେଡି ପକ୍ଷରୁ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ମଧ୍ୟ ଅନେକ ଆଶାୟୀ ଥିଲେ। ତେବେ ଡାକ୍ତର ଚ୍ୟାଉପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯିବା ପରେ ଦଳ ମଧ୍ୟରେ ସମସ୍ତ ଆଶାୟୀ ଓ ସେମାନଙ୍କ ସମର୍ଥକ ସମସ୍ତେ ଏକଜୁଟ ହୋଇ ତାଙ୍କୁ ଷଷ୍ଠଥର ପାଇଁ ବିଜୟୀ କରିବାକୁ ପଣ କରିଥିବା ସୂଚନା ମିଳିଛି।

## ରାଉରକେଲା କଂଗ୍ରେସରେ ଗୋଷ୍ଠୀକନ୍ଦଳ ତୀବ୍ର

# ଜନାର୍ଦ୍ଦନ ଓ ବୀରେନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ଗ୍ରହଣ କରି ପାରୁନାହାନ୍ତି କର୍ମୀ

**ରାଉରକେଲା, ୪।୪(ସମିସ)**

ରାଉରକେଲା କଂଗ୍ରେସ ଗୋଷ୍ଠୀ କନ୍ଦଳ ଆଜି ପଦାରେ ପଡ଼ି ଯାଇଛି। ଏଆଇସିସି ଦ୍ୱାରା ଚୟନ କରାଯାଇଥିବା ସାଂସଦ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ରାଉରକେଲା ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ନାଥ ପଟ୍ଟନାୟକଙ୍କ ପାର୍ଥିତ୍ୱକୁ ତୀବ୍ର ବିରୋଧ କରି ଆଜି ରାଉରକେଲା କଂଗ୍ରେସ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଦୁଇ ପ୍ରାର୍ଥିତ୍ୱ ନିଷ୍ପତ୍ତି ବିଷୟରେ ପୁନଃ ବିଚାର କରିବା ପାଇଁ ଦାବି କରିଛନ୍ତି ଡିସିସି ସଭାପତି ରବି ରାୟ ଏବଂ ଅନ୍ୟ ତୁଙ୍ଗନେତା। ଏପରିକି ଡିସିସି ଦ୍ୱାରା ଆହୁତ କଂଗ୍ରେସର ଉକ୍ତ ବୈଠକକୁ ସାଂସଦ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ଡକା ନ ଯିବା ଘଟଣା ବି କଂଗ୍ରେସରେ ସେମାନଙ୍କ ପ୍ରତି ରହିଥିବା ପ୍ରବଳ କ୍ଷୋଭ ସ୍ପଷ୍ଟ ହୋଇଯାଉଛି। ଆଜି ସ୍ଥାନୀୟ ରାଉରକେଲା କଂଗ୍ରେସ ଭବନରେ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ରବି ରାୟଙ୍କ ଆହ୍ୱାନ କ୍ରମେ ଏକ ଦଳୀୟ ବୈଠକ ଡକାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ବିଧାୟକ ପ୍ରାର୍ଥୀ ବୀରେନ ସେନାପତି, ପୂର୍ବତନ ଡିସିସି ସଭାପତି ଦେବବ୍ରତ ବିହାରୀ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ମିଶ୍ର, ମହିଳା ସଭାନେତ୍ରୀ ଗୀତା ସିଂହଙ୍କ ସମେତ ଶତାଧିକ କଂଗ୍ରେସର କର୍ମୀ ନେତା ଯୋଗ ଦେଇଥିଲେ। କଂଗ୍ରେସର ପୁରୁଖା ନେତା ବୀରେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ଏଆଇସିସି ପକ୍ଷରୁ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ଘୋଷଣା କରାଯାଇ ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ରାଉରକେଲା ଡିସିସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀର ଜଣାଶୁଣା କଂଗ୍ରେସ ନେତା ତଥା ପୂର୍ବତନ କଂଗ୍ରେସ ବିଧାୟକ ଜନାର୍ଦ୍ଦନ ଦେହୁରୀଙ୍କୁ ଏଆଇସିସି ପକ୍ଷରୁ ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ତେବେ ଏଆଇସିସି ପକ୍ଷରୁ କରାଯାଇଥିବା ଏହି ଘୋଷଣାକୁ ରାଉରକେଲା କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଦୀର୍ଘଦିନ ଧରି ଦଳ ସହିତ କୌଣସି ସମ୍ପର୍କ ରଖି ନ ଥିବା ବୀରେନ୍ଦ୍ରନାଥ ପଟ୍ଟନାୟକଙ୍କୁ ରାଉରକେଲା ବିଧାନସଭା ପ୍ରାର୍ଥୀ ଭାବେ ରାଉରକେଲା କଂଗ୍ରେସ ନେତା ଓ କର୍ମୀମାନେ ସହଜରେ




ଗ୍ରହଣ କରି ପାରୁନାହାଁନ୍ତି। ରାଉରକେଲା ଡିସିସି ସଭାପତି ରବି ରାୟ ଏ ସମ୍ପର୍କରେ କହିଛନ୍ତି ଯେ ବିଏନ ପଟ୍ଟନାୟକ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ। ଫଳରେ ଦୀର୍ଘ ବର୍ଷ ଧରି କଂଗ୍ରେସ ଦଳ ସହ ତାଙ୍କର କୌଣସି ସମ୍ପର୍କ ନ ରହିବାରୁ ତାଙ୍କ ସହ କୌଣସି ନେତା କି କର୍ମୀ ନାହାଁନ୍ତି। ସୁତରାଂ ଏହାର ପୁନଃ ବିଚାର କରିବା ପାଇଁ ରାଉରକେଲା କଂଗ୍ରେସ ପକ୍ଷରୁ ଏଆଇସିସି ପକ୍ଷରୁ ଦାବୀ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର କହିଛନ୍ତି ରାଉରକେଲାର ପ୍ରାର୍ଥୀ ବିଏନ ପଟ୍ଟନାୟକ ୨୦୧୪ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ସାମିଲ୍ ହୋଇଥିଲେ। ଦୀର୍ଘ ୧୦ ବର୍ଷ ପରେ ତଥା ନିର୍ବାଚନ ଆଗରୁ ସେ ପୁଣି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଯୋଗ ଦେବାର କିଛି ଦିନ ପରେ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇ ଥିବାରୁ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ରଘୁନାଥପାଲି ପ୍ରାର୍ଥୀ ଗୋପାଳ ଦାସ ଅଳ୍ପ ଦିନରୁ କଂଗ୍ରେସ ସହ ଜଡ଼ିତ ଥିବାବେଳେ ତାଙ୍କ ପ୍ରାର୍ଥିତ୍ୱକୁ ମଧ୍ୟ ବିରୋଧ କରାଯାଇଛି। ସେହିପରି ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି କହିଛନ୍ତି ଦୀର୍ଘ ବର୍ଷ ଧରି ଦଳରେ ରହି କାମ କରି ଆସିଥିବା କର୍ମୀ ମାନଙ୍କୁ ଅଣଦେଖା କରାଯାଇ ଡିସିସିର ବିନା ମନୋନୟନରେ ପ୍ରାର୍ଥୀ ଚୟନ କରାଯାଇଥିବାରୁ ଦଳରେ ଏପରି ବିଦ୍ରୋହ ଦେଖାଦେଇଛି। ଏ ନେଇ ରାଉରକେଲା କଂଗ୍ରେସ ପ୍ରାର୍ଥୀ ବିଏନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ ସେ କହିଥିଲେ ସବୁ ଦଳରେ କିଛି କିଛି ମତପାର୍ଥକ୍ୟ ରହିଥାଏ। କଂଗ୍ରେସ ରାଉରକେଲାର ବିକାଶ ପାଇଁ ସବୁବେଳେ କାମ କରି ଆସିଛି। ଆଗାମୀ ଦିନରେ ସମସ୍ତଙ୍କୁ ନେଇ ଗୋଟିଏ ପ୍ଲାଟଫର୍ମରେ ରାଉରକେଲାର ବିକାଶ ପାଇଁ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ରାଉରକେଲାରେ ଏପରି ଏକ ସମ୍ବେଦନଶୀଳ ବୈଠକ ଡକାଯାଇ ଥିବା ବେଳେ ତାଙ୍କୁ ଡିସିସି ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ସଂସଦ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରି କହିଛନ୍ତି।

## ଆର୍ଥିକ ବର୍ଷରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭିନନ୍ଦନ



**ରାଉରକେଲା, ୪।୪(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ର ବିଭିନ୍ନ ବିଭାଗ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ଚିତ୍ତାକର୍ଷକ ପ୍ରଦର୍ଶନ ସହ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ହାସଲ ନିମନ୍ତେ ଅଭିନନ୍ଦନ ଜଣାଇବା ପାଇଁ ଆରଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ବିଭିନ୍ନ ୟୁନିଟ ପରିଦର୍ଶନ କରିଥିଲେ।

ଗତ ଆର୍ଥିକ ବର୍ଷରେ ଆର୍‌ଏସ୍‌ପି ସର୍ବକାଳୀନ ଶ୍ରେଷ୍ଠ ଉତ୍ତପ୍ତ ଧାତୁ, ଅଶୋଧିତ ଇସ୍ପାତ ଏବଂ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି। ଡିଆଇସିଙ୍କ ଗହଣରେ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରେ ସାମୂହିକଙ୍କ ସହିତ ମତବିନିମୟ ଅବସରରେ ଡିଆଇସି ବିଭାଗୀୟ ଦଳଙ୍କୁ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ଭେଟି ଦେଇଥିଲେ। ବିଭିନ୍ନ ବିଭାଗରେ ଆରଏସ୍‌ପି ସାମୂଦାୟିକଙ୍କ ସହିତ ମତ ବିନିମୟରେ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ପ୍ରଦର୍ଶନ ପାଇଁ ଡିଆଇସି ଦଳଗୁଡିକର ପ୍ରଚେଷ୍ଟାର ଉଚ୍ଚପ୍ରଶଂସା କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏବିପି ଲକ୍ଷ୍ୟ ଗୁଡ଼ିକୁ ବର୍ଣ୍ଣନା କରି ଶ୍ରୀ ସୂର୍ଯ୍ୟବଂଶୀ ସକରାତ୍ମକ ଭାବନା ସହକାରେ ଆଗକୁ ବଢ଼ି ଲକ୍ଷ୍ୟ ହାସଲ କରିବାକୁ ଆର୍‌ଏସ୍‌ପି ସାମୂହିକଙ୍କୁ ଉତ୍ସାହିତ କରିଥିଲେ। ଗତ ଆର୍ଥିକ ବର୍ଷରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲରେ ପ୍ରତ୍ୟେକ ବିଭାଗର ଅବଦାନ ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ। ଡିଆଇସି ଏବଂ ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ୧୦ ଟି ବିଭାଗ ଗସ୍ତ କରିଥିଲେ ଯେଉଁଠାରେ ସେମାନେ ଅଭିବୃଦ୍ଧିରେ ସହଯୋଗ କରିଥିବା ସମସ୍ତ ସମ୍ପୃକ୍ତ ବିଭାଗ ସାମୂହିକଙ୍କୁ ଭେଟିଥିବା ସୂଚନା ମିଳିଛି।

## ଟ୍ରକ୍-ବାଇକ୍ ଧକ୍କା; ବାପଝିଅ ଗୁରୁତର

**ବଣାଇଁ, ୪।୪(ସମିସ):** ବଣାଇଁ ଥାନା ୧୪୩ ନମ୍ବର ଜାତୀୟ ରାଜପଥର ସେଣ୍ଢପୁର (ଇନ୍ଦ୍ରପୁର) ନିକଟରେ ଏକ ୧୪ଚକିଆ ଟ୍ରକ୍ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାପା ଝିଅ ଗୁରୁତର ହୋଇଥିବା ଜଣାପଡ଼ିଛି। ସାନଜଲ ଗ୍ରାମରୁ ଏକ ବାଇକ୍ ଯୋଗେ ବାପ ସେଜାନ ହର ଓ ତାଙ୍କ ନାବାଳିକା ଝିଅ ସୁଶୁମା ହର ବାବେଇହୁଡି ଗ୍ରାମକୁ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ଯାଉଥିବାବେଳେ ସେଣ୍ଢପୁର ( ଇନ୍ଦ୍ରପୁର) ଗ୍ରାମ ନିକଟରେ ମୁଖ୍ୟ ରାସ୍ତା ଉପରେ ଏକ ଟ୍ରକ୍ ସହିତ ଧକ୍କା ଦେବା ଫଳରେ ବାଇକ୍‌ରେ ବସିଥିବା ବାପ ଝିଅ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଗୁରୁତର ଅବସ୍ଥାରେ ବାପ ଝିଅଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଗାଡିଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## କେନାଲ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ବଣାଇଁ, ୪।୪(ସମିସ):** ବଣାଇଁ ରୁକୁଡ଼ା ଜଳସେଚନ ପ୍ରକଳ୍ପ ବିଭାଗ ପକ୍ଷରୁ କେନ୍ଦ୍ରିକଳା ପଞ୍ଚାୟତ ଅଧୀନ ଉପରବାହାଲ ଗୁଡିଆଳି ବନ୍ଧ ନିକଟରେ ଚାଲିଥିବା କେନାଲ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ କରିଛନ୍ତି ସ୍ଥାନୀୟ ଚାଷୀ। ଗତ ସପ୍ତାହେ ହେବ ରୁକୁଡ଼ା ଜଳସେଚନ ପ୍ରକଳ୍ପ ଅଧୀନରେ କେନ୍ଦ୍ରିକଳା ସବ୍‌ମେନର ୧ (ଶାଖା କେନାଲ) ର ନୂତନ କାର୍ଯ୍ୟ ଚାଲୁଛି। ପୂର୍ବରୁ ଏହା ମାଟି କେନାଲ ରହିଥିବା ବେଳେ ଏବେ ଏହାକୁ କଂକ୍ରିଟ କେନାଲରେ ପରିଣତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ନିର୍ମାଣ ହେଉଥିବା କେନାଲ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। କାମ ଆରମ୍ଭ ହେବା ସମୟରେ ଲୋକେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। କାମର ମାନ ଯାଞ୍ଚ କରା ନ ଗଲେ ଆଗାମୀ ଦିନରେ ଭିଜିଲାନ୍ସ ଦ୍ୱାରା ଯାଞ୍ଚ କରାଯିବାକୁ ଦାବି କରିବେ ବୋଲି ଚାଷୀ କହିଛନ୍ତି। ଚାଷୀଙ୍କ ଅଭିଯୋଗକ୍ରମେ ନିର୍ମାଣ ସମୟରେ ବିଭାଗୀୟ କୌଣସି ଯନ୍ତ୍ରୀ ତଦାରଖ କରୁ ନ ଥିବା ବେଳେ ଏହି କାର୍ଯ୍ୟ କେତେଦୂର ପର୍ଯ୍ୟନ୍ତ କରିବା ପାଇଁ ଯୋଜନା ରହିଛି ତାହା ଲୋକେ ଜାଣି ପାରୁନାହାଁନ୍ତି। କାର୍ଯ୍ୟସ୍ଥଳରେ କୌଣସି ସୂଚନା ବୋର୍ଡ ନ ଥିବାରୁ ଏହା କେତେ ଟଙ୍କାର ଅନୁଦାନ, କିଏ କାର୍ଯ୍ୟ କରୁଛି ଏବଂ କାର୍ଯ୍ୟ ସରିବାର ଅବଧି କେତେ ଦିନକୁ ଧାର୍ଯ୍ୟ ହୋଇଛି ଲୋକେ ଏ ବାବଦରେ କୌଣସି କଥା ଜାଣିପାରୁ ନାହାନ୍ତି। ତେଣୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହି କେନାଲ ସମ୍ପୂର୍ଣ୍ଣ ହେବାପରେ ବଇଦପାଲି, ମଧୁପୁର ଉପରପଡ଼ା, କେନ୍ଦ୍ରିକଳା ଗ୍ରାମର ଶହଶହ ଏକର ଜମି ଚାଷ ହେବାକୁ ଥିବା ବେଳେ କେନାଲ ନିର୍ମାଣ କରିବା ପାଇଁ ଦାବି କରିବା ପରେ ରୁକୁଡା ଜଳସେଚନ ବିଭାଗ ପକ୍ଷରୁ କେନାଲ ନିର୍ମାଣ କାମ ହାତକୁ ନିଆଯାଇଥିଲା। ହେଲେ କଂକ୍ରିଟ ମିଶ୍ରଣରେ ଅନିୟମିତତା ହେବା ସହ ଢଳେଇ ମଧ୍ୟ ଠିକ୍ ଭାବେ ହେଉ ନାହିଁ। ଫଳରେ ଗୋଟିଏ ପଟେ କାମ ଚାଲୁଥିବା ବେଳେ ଅନ୍ୟପଟେ କଂକ୍ରିଟ ରେ ଫାଟ ହୋଇ ଉଠିଯାଉଛି। ଯେଉଁଳି ଭାବେ କାମ ହେଉଛି ତାହା ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ କାମର ମାନ ଯାଞ୍ଚ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ଚାଷୀମାନେ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା କହିଛନ୍ତି। ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।



## ଆର୍‌ଏସ୍‌ପି ସେଲ୍ ହକି ଏକାଡେମୀକୁ ‘ହକି ଇଣ୍ଡିଆ ପ୍ରେସିଡେଣ୍ଟ’ ପୁରସ୍କାର

**ରାଉରକେଲା, ୪।୪(ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ର ସେଲ ହକି ଏକାଡେମୀକୁ ହକି ଇଣ୍ଡିଆ ଦ୍ୱାରା ସମ୍ମାନଜନକ ‘ହକି ଇଣ୍ଡିଆ ପ୍ରେସିଡେଣ୍ଟ -୨୦୨୩ ପୁରସ୍କାର ମାର୍ଚ୍ଚ ୩୧ ତାରିଖ ଦିନ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବହୁ ସେଲିବ୍ରିଟି ଖେଳାଳି, କୋଚ୍ ଏବଂ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ସେଲ, ହକି ଏକାଡେମୀ ତରଫରୁ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ଟ୍ରଫି, ସାର୍ଟିଫିକେଟ୍ ସହିତ ୫ ଲକ୍ଷ ଟଙ୍କାର ପୁରସ୍କାର ଗ୍ରହଣ କରିଥିଲେ। ଡିଆଇସିଙ୍କ କାର୍ଯ୍ୟାଳୟସ୍ଥିତ ମନ୍ଥନ ସମ୍ମିଳନୀ କକ୍ଷରେ ଏପ୍ରିଲ ୩ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ ପିକେ ସ୍ୱାଇଁ, ପିଏଚ, କ୍ରୀଡ଼ା, ଏସ୍‌ଡବ୍ଲ୍ୟୁ ଏବଂ ବିମାନବନ୍ଦର ବିଭାଗର ଜିଏମ ଇନ୍‌ଚାର୍ଜ ରାକେଶ ବର୍ମା ଏବଂ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ, ରାଉରକେଲା ଓ ବୋକାରୋ ଇସ୍ପାତ କାରଖାନାର ଡିଆଇସି ଅତନୁ ଭୌମିକଙ୍କୁ ଏହି ପୁରସ୍କାର ଏବଂ ଚେକ ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମାଇନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆଙ୍କ ସମେତ ଏମଏମ ବିଭାଗର ସିଜିଏମ ଅନିଲ କୁମାର ତଥା ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଏକତ୍ର ଓ ଓଡ଼ିଶା ନାଟ୍ୟ ସଂଘର ଆଲୋଚନାଚକ୍ର

# ନାଟକ ବାସ୍ତବଧର୍ମୀ ହେଲେ ସମାଜର ସେତୁ ପାଲଟିଯାଏ

**ରାଉରକେଲା, ୪।୪(ସମିସ)**

ନାଟକ ବାସ୍ତବଧର୍ମୀ ହେଲେ ତାହା ସମାଜର ସେତୁ ପାଲଟି ଯାଇଥାଏ। ନାଟକରେ ଆତ୍ମବୋଧ ରହିଲେ ନାଟକ ଗ୍ରହଣୀୟ ହୋଇଥାଏ ବୋଲି ଏକତ୍ର ଓ ଓଡ଼ିଶା ନାଟ୍ୟ ସଂଘର ଆଲୋଚନାଚକ୍ରରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଶ୍ୱ ନାଟକ ଦିବସ ପରୀପ୍ରେକ୍ଷୀରେ ଓଡ଼ିଶା ନାଟ୍ୟ ସଂଘ, ଭୁବନେଶ୍ୱର ଓ ସହରର ୨୫ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ ଏକତ୍ର, ରାଉରକେଲା ଦ୍ୱାରା ଆୟୋଜିତ ‘ନାଟକ ଆମ ସମ୍ପର୍କର ସେତୁ’ ଶୀର୍ଷକ ଆଲୋଚନା ଚକ୍ର ଓ ସ୍ମରଣିକା ଉନ୍ମୋଚନ ଉତ୍ସବ ଛେଣ୍ଡ କଲୋନୀସ୍ଥିତ ଗୋପବନ୍ଧୁ ପାଠାଗାରର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏକତ୍ରର ସଭାପତି କବି ରାଜୀବ ପାଣିଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାପକ ଗିରିଜା ଶଙ୍କର ଗୋସ୍ୱାମୀ, ଡାଲମିଆ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ହୀରନ ଲୁଗୁନ ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଗଣ ଏକତ୍ରର ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ରଥ ଏକ ଭିନ୍ନ ଶୈଳୀରେ ଆଲୋଚନା କରିବାକୁ ଯାଇ ସମବେତ ଦର୍ଶକଙ୍କ ମଧ୍ୟରୁ ସୁମନ ଦତ୍ତ, ଡ଼ା କୃପାସିନ୍ଧୁ ନାୟକ, ଡ଼ା ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ବିଲୋଚନ ପାତ୍ର, ସୁଦେଶ ନାୟକ, ଶରତ ଦାସ, ଅଜୟ ମହାନ୍ତି, ଡ ସୁଶାନ୍ତ ପାଣି, ଗୌତମ ଦାସ, ସଞ୍ଜୀବ ଭୋଇ, କାଶୀନାଥ ନନ୍ଦୀ, ରମେଶ ମହାନ୍ତିଙ୍କ ପ୍ରଶ୍ନ ଓ ଅଭିମତକୁ ଭିତ୍ତିକରି ନାଟକରେ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀଙ୍କ ସମ୍ପର୍କ କିପରି ହେବ, ନାଟକ କାହାଣୀର ବିଷୟବସ୍ତୁ, ଉପସ୍ଥାପନା ଶୈଳୀ, ସଂଳାପ ଉଚ୍ଚାରଣ, ସର୍ବୋପରି ନାଟକ, ସମାଜ ଓ ଦର୍ଶକଙ୍କ ସମ୍ପର୍କ ଏକ ଦ୍ୱିପାକ୍ଷିକ ବିଷୟ ବୋଲି କହିବା ସହ ମତଭେଦ ଦେଖାଦେଲେ ସଂଗଠନ ଦୁର୍ବଳ ହୋଇଥାଏ। ଏହାକୁ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ସର୍ବଦା ବାଞ୍ଛନୀୟ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀ ଗୋସ୍ୱାମୀ ତାଙ୍କ ବକ୍ତବ୍ୟରେ ଦେଶ ଓ ଜାତିର ଇତିହାସ କଥା ନାଟକରୁ ମିଳିଥାଏ ଏବଂ ନାଟକ ବାସ୍ତବଧର୍ମୀ ହେଲେ ତାହା ସମାଜର ସେତୁ ପାଲଟିଯାଇଥାଏ ବୋଲି ମତ ରଖିଥିଲେ। ଅଧ୍ୟକ୍ଷା ଡ. ଲୁଗୁନ ନାଟକର ଉତ୍ପତ୍ତି, କ୍ରମବିକାଶ ଓ ବର୍ତ୍ତମାନ ସ୍ଥିତିର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବା ସହ ନାଟକ ହୃଦୟକୁ ଛୁଇଁ ପାରିଲେ ସମ୍ପର୍କର ସେତୁ ସୃଷ୍ଟି ହୋଇଥାଏ ବୋଲି ମତ ରଖିଥିଲେ। ଅଧ୍ୟାପକ ଶ୍ରୀ ତ୍ରିପାଠୀ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରି କହିଲେ ଯେ ନାଟକ ମାଧ୍ୟମରେ ଇଶ୍ୱରପ୍ରାପ୍ତ କରିବା ସର୍ବଶ୍ରେଷ୍ଠ ସମ୍ପର୍କର ସେତୁ ବୋଲି କହିଥିଲେ। ଆରମ୍ଭରେ କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ପାଣି ସଭାପତିତ୍ୱ ଅଭିଭାଷଣରେ ଏକତ୍ର ପକ୍ଷରୁ ବିଭିନ୍ନ ସମୟରେ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସମ୍ପର୍କର ସେତୁ କିପରି ମାନସିକତା, ପରିବେଶ ଓ ପରିସ୍ଥିତି ଉପରେ ନିର୍ଭର କରିଥାଏ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସୁଶାନ୍ତ ପାଣି ଓ ମନବୋଧ ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲା ବେଳେ ସମ୍ପାଦକ ସୁଦେଶ ନାୟକ ମଞ୍ଚାସୀନ ଥିଲେ ଓ ଉପସଭାପତି ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣୀକାର ସମ୍ପାଦକ ବିଲୋଚନ ପାତ୍ର ସ୍ମରଣିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ଶଙ୍ଖୁଆ, ବବି ମହାଲିକ, ପ୍ରଜ୍ଞାନନ୍ଦ ମହାନ୍ତି, ଅକ୍ଷୟ ଧଳ, ଗୀତାରାଣୀ ବେହେରା, ରାଜକୁମାର ମହାନ୍ତି, କିଶୋରୀ ମୋହନ କର, ଚିନ୍ମୟ କୁମାର ପତି, ହରିହର ଶତପଥି ପ୍ରମୁଖ ସହଯୋଗ କରିଥିବାବେଳେ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ମହେନ୍ଦ୍ର କୁମାର ପଟ୍ଟନାୟକ, ଇଂ ଅଭୟ କୁମାର ଦାସ, ଶର୍ମିଷ୍ଠା କବିଶତପଥୀ, ଶଙ୍କର ପ୍ରସାଦ ତ୍ରିପାଠୀ, ହରିହର ଶତପଥୀ, ନୃସିଂହ ଚରଣ ବିଶ୍ୱାଳ, ପାରେଶ୍ୱର ବିଶ୍ୱାଳ, କିଶୋରୀ ମୋହନ କର, ପଶୁପତିନାଥ ଚାଟାର୍ଜୀ, ଅକ୍ଷୟ ସାମଲ, ସୁକାନ୍ତ ମହାପାତ୍ର, ନିର୍ମଳ କୁମାର ଆଚାର୍ଯ୍ୟ, ପ୍ରକାଶ ସାହାଣୀ, କୁଞ୍ଜନ ବୋଷ, ପ୍ରବୀର ମିଶ୍ର, ରାଧାମୋହନ ନାୟକ, ରମାକାନ୍ତ ମହାରଣା, କୈଳାସ ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ପ୍ରଦୀପ ନାୟକ, ଅଶୋକ ବଳ, ରାଜକୁମାର ମହାନ୍ତି, ନଳିନୀ ପଟ୍ଟନାୟକ, ପଲ୍ଲବ ଚାଟାର୍ଜୀ, ଅଶୋକ ପଟ୍ଟନାୟକ, ଗଙ୍ଗାଧର ଜେନା, ଲକ୍ଷ୍ମଣନାଥ ଦାସ, ନବଘନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






## ଶପଥ ନେଲେ ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା

**ରାଉରକେଲା, ୪।୪(ସମିସ):** ରାଉରକେଲା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କ ଶପଥ ଗ୍ରହଣ ସମାରୋହ ଗୁରୁବାର ବିରଜାପାଲି ସ୍ଥିତ ସଂଘର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ତଥା ସଂଘର ବରିଷ୍ଠ ସଦସ୍ୟ ଚତୁର୍ଭୁଜ ନାଏକ ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ସଂଘର ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଲିଙ୍ଗମ ଅନୁସୁରୁ ହରି ଦୋରା, କୋଷାଧ୍ୟକ୍ଷ ଉପେନ୍ଦ୍ର ଶତପଥୀ, ସହ ସମ୍ପାଦକ (ଏଏସ୍‌ଏମ୍ ଫଣ୍ଡ) ଗୁରୁ ଚରଣ ଖୁଣ୍ଟିଆ, କାର୍ଯ୍ୟକାରୀ କମିଟି ସଦସ୍ୟ ବ୍ରଜେଶ କୁମାର ମିଶ୍ର, ସୁଶାନ୍ତ କୁମାର ନାୟକ, ଅନନ୍ତ ନାରାୟଣ ସାହୁ, ଧୀରେନ୍ଦ୍ର ପ୍ରସାଦ ଦାସ, ଅକ୍ଷୟ କୁମାର ସିଂହଦେଓ, ମେରୀ ମ୍ୟାକ୍ସିମା ଏକ୍କା, ସୁମିତା ନନ୍ଦ, ଉଦୟ ଲାକ୍ରା ପ୍ରମୁଖ ଶପଥଗ୍ରହଣ କରିବା ସହିତ ଆଗାମୀ ଦିନରେ ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ, ବାର୍ ବେଞ୍ଚ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା, ଆଇନଜୀବୀ ଓ ସେମାନଙ୍କ ପରିବାରକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବା ଓ ଆଇନଜୀବୀ ପେଶାରେ ନୂତନ ଭାବେ ଯୋଗ ଦେଉଥିବା ଯୁବ ଆଇନଜୀବୀମାନଙ୍କୁ ସରକାର ମାସିକ ପ୍ରୋତ୍ସାହନ ରାଶି ଘୋଷଣା କରିବା ପାଇଁ ସଂଘ ଦାବି ଉପସ୍ଥାପନ ଆଗାମୀ ଦିନରେ କରିବ ବୋଲି ନୂତନ କର୍ମକର୍ତ୍ତାମାନେ କହିବା ସହିତ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ସମ୍ପାଦିତ କରିଥିବାରୁ ନିର୍ବାଚନ ଅଧିକାରୀ ଓ ତାଙ୍କର ସମସ୍ତ କମିଟି ସଦସ୍ୟମାନଙ୍କୁ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିବାକୁ ଓକିଲ ସଂଘର ସମସ୍ତ ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ।








## ଇତିହାସ ଓ ପ୍ରାଣୀବିଜ୍ଞାନ ବିଭାଗର ନିଆରା କାର୍ଯ୍ୟକ୍ରମ

# ମଣିଷର ବର୍ତ୍ତମାନ ଓ ଅତୀତ ସହ ଜୀବଜନ୍ତୁଙ୍କ ସମ୍ପର୍କ ପ୍ରଦର୍ଶନୀ

ରାଉରକେଲା, ୪।୪(ସମିସ)



ସ୍ଥାନୀୟ ପାନପୋଷସ୍ଥିତ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଓ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ନିଆରା ପ୍ରଦର୍ଶନୀ ଆୟୋଜିତ ହୋଇଛି। ପ୍ରଦର୍ଶନୀକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରା ଉଦ୍‌ଘାଟନ କରି ଏହିଭଳି ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରଛାତ୍ରୀ ଏବଂ ଅନ୍ୟମାନେ ଅନେକ କିଛି ଜାଣିବାର ସୁଯୋଗ ପାଇବେ ବୋଲି କହିଛନ୍ତି। ଏହି ଦିନିକିଆ ପ୍ରଦର୍ଶନୀ ପ୍ରଦର୍ଶନୀରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ଡ. ବେହେରା ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରଦର୍ଶନୀ ମାଧ୍ୟମରେ ମଣିଷର ବର୍ତ୍ତମାନ ଓ ଅତୀତ ସହିତ ଜୀବଜନ୍ତୁଙ୍କ ସମ୍ପର୍କୀତ ଅନେକ ଅଜଣା କଥା ସମ୍ପର୍କୀତ ତଥ୍ୟ ଓ ସୂଚନା ପ୍ରଦାନ କରାଯାଇଛି। ଇତିହାସ ବିଭାଗ ପକ୍ଷରୁ ମୋଟ ୨୧ଟି ଷ୍ଟଲ୍ ମାଧ୍ୟମରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ ସମେତ, ପାରମ୍ପରିକ ଖାଦ୍ୟ ଓ ଜୀବନଧାରଣ ଶୈଳୀ, ବଡ଼ଠାକୁର ଜଗନ୍ନାଥଙ୍କ ବିଭିନ୍ନ ବେଶ, ଭାରତୀୟ ଓ ଅନ୍ୟ କିଛି ଦେଶର ପୁରାତନ ଓ ବର୍ତ୍ତମାନ ପ୍ରଚଳିତ ମୁଦ୍ରା, ପୁରାତନ ପ୍ରସ୍ତର ଯୁଗଠାରୁ ନେଇ ନୂତନ ପ୍ରସ୍ତର ଯୁଗ ପର୍ଯ୍ୟନ୍ତ ଜୀବନଯାପନ ଶୈଳୀ ଓ ପ୍ରଣାଳୀ, ପାରମ୍ପରିକ ବାଦ୍ୟ, ଅସ୍ତ୍ରଶସ୍ତ୍ର ସହିତ ଖାଦ୍ୟସାମଗ୍ରୀ ଆଦିକୁ ନେଇ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଭାଗର ଶତାଧିକ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମିଳିତ ଉଦ୍ୟମରେ ହୋଇଥିବା ଏହି ପ୍ରଦର୍ଶନୀ ମାଧ୍ୟମରେ ଅନେକ ବିଷୟ ଓ ପ୍ରସଙ୍ଗରେ ସୂଚନା ଓ ବାର୍ତ୍ତା ଦିଆଯାଇଛି। ବିଭାଗୀୟ ମୁଖ୍ୟ ବାସନ୍ତୀ କୁଜୁରଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରଦର୍ଶନୀ ଆୟୋଜନ କରିବାରେ ବିଭାଗର ଅଧ୍ୟାପିକା ଡ.ରଞ୍ଜିତା ଓରାମ, ସଂଯୁକ୍ତା ଦାସଙ୍କ ସମେତ ଅଧ୍ୟାପକ ବିକ୍ରମ କୁମାର ମଲ୍ଲିକ ଓ ସମୀର କଂସାରୀ ସକ୍ରିୟ ସହଯୋଗ କରିଥିଲେ। ସେହିଭଳି ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ୧୯ଟି ଷ୍ଟଲ୍ ମାଧ୍ୟମରେ ମଣିଷର ବିବର୍ତ୍ତନ, ବିଷଧର ଏବଂ ବିଷହୀନ ସର୍ପ, ରକ୍ତ ବର୍ଗୀକରଣ, ରକ୍ତ ଗ୍ରୁପିଙ୍ଗ୍ ଚିହ୍ନଟ, ପକ୍ଷୀମାନଙ୍କର ବାସସ୍ଥାନ, ରାଉରକେଲାର ଇନ୍ଦିରା ଗାନ୍ଧୀ ପାର୍କରେ ମିଳୁଥିବା ବିଭିନ୍ନ ପ୍ରଜାତିର ପ୍ରଜାପତିଙ୍କ ସମ୍ପର୍କୀତ ତଥ୍ୟ ଓ ସୂଚନା, ମଣିଷର ଶରୀର ସମ୍ପର୍କିତ ବିବରଣୀ, ଜୀବଶୈଳୀ ଜନିର ରୋଗର କାରଣ, କର୍କଟ ରୋଗର କାରଣ ଓ ନିରାକରଣ, ପରୀକ୍ଷାଗାରରେ ବ୍ୟବହୃତ ବିଭିନ୍ନ ଉପକରଣ ସହିତ ସଂଗ୍ରହାଳୟରେ ଦେଖିବାକୁ ମିଳୁଥିବା କିଛି ଜଳଜୀବଙ୍କ ଜୀବନ୍ତଭଳି ଦେଖାଯାଉଥିବା ସାମ୍ପୁଲ ଆଦି ପ୍ରଦର୍ଶିତ ହୋଇଥିଲା। ବିଭାଗୀୟ ମୁଖ୍ୟ ସମୀର ସୌରଭ ପୃଷ୍ଟିଙ୍କ ନେତୃତ୍ୱରେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏଥିରେ ସହଯୋଗ କରିଥିଲେ। ଡ. ଦୀପକ କୁମାର ସିଂହ, ଦେବାଶିଷ ସୂତାର, ଅଧ୍ୟାପିକା ମମତା ବାକ୍ସଲା, ଲାରିକା ମହନ୍ତ, ରାଧା କୁମାରୀ, ମଧୁସ୍ମିତା ପରିଡ଼ା ଏବଂ ପରୀକ୍ଷାକାର ସହାୟକ ଲମ୍ବୋଦର ନାୟକ, ରାଜେଶ ବନଛୋର ଓ ରାଇମଣି କିସ୍କୁ ପ୍ରମୁଖ ଏହି ପ୍ରଦର୍ଶନୀ ଆୟୋଜନରେ ସହଯୋଗ କରିଥିଲେ। ଏହି ଦିନିକିଆ ପ୍ରଦର୍ଶନୀରେ ରାଉରକେଲା ସହରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ଯୋଗଦେଇ ଥିଲେ।

## ଭୁଜାଲି ମାଡ଼ ଘଟଣାକୁ କେନ୍ଦ୍ରକରି ବୀରମିତ୍ରପୁରରେ ବନ୍ଦ ପାଳନ

**ରାଉରକେଲା, ୪।୪(ସମିସ):** ବୀରମିତ୍ରପୁର ଗୁପ୍ତେଶ୍ୱର ମନ୍ଦିରରେ କମେଣ୍ଟ ମାରିବାକୁ କେନ୍ଦ୍ର କରି ଭୁଜାଲି ମାଡ଼ ଘଟଣାର ପ୍ରତିବାଦ ଓ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଜି ବୀରମିତ୍ରପୁର ବନ୍ଦ ପାଳନ ଅଭୂତପୂର୍ବ ରହିଥିଲା। ଗାନ୍ଧିରୋଡ ଓ କର୍ବଳା ରୋଡର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଭୁଜାଲି ଆକ୍ରମଣ ହୋଇଥିଲା। ଏଥିରେ କୋଲଦଫାଇର ଦୀପକ ଶର୍ମା (୩୫) ଓ ମହାବୀର ଗିରି ନାମକ ୨ ଜଣ ଯୁବକ ଆହତ ହୋଇଥିଲେ। ପୁଲିସ ଏହି ଘଟଣାରେ ଉଭୟ ପକ୍ଷର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅପରପକ୍ଷେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ଏହାକୁ ନେଇ ପୁଲିସ ଓ ଲୋକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୀରମିତ୍ରପୁର ସହରରେ ସବୁ ଛକରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଆହତ ଯୁବକମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଆକ୍ରମଣକାରୀମାନେ ଫେରାର ରହିଛନ୍ତି। ତେବେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଜି ହୋଇଥିବା ବୀରମିତ୍ରପୁର ବନ୍ଦ ପାଳନ ଅଭୂତପୂର୍ବ ରହିଥିଲା। ସହରରେ ୧୦ ପ୍ଲାଟୁନ ପୁଲିସ ମୁତୟନ ସହ ମଙ୍ଗଳବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ଖବରପାଇ ପଶ୍ଚିମାଞ୍ଚଳ ଡିଆଇଜି ଏବଂ ସୁନ୍ଦରଗଡ଼ ଏସ୍‌ପି ବିରମିତ୍ରପୁରରେ ପହଞ୍ଚି ଆଇନ ଶୃଙ୍ଖଳା ସ୍ଥିତି ତଦାରଖ କରିଥିଲେ। ସହରରେ ଶାନ୍ତି ବଜାୟ ରଖିବାକୁ ପ୍ରଶାସନ ସହ ବିଭିନ୍ନ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।

## ଘର ସମ୍ମୁଖରୁ ବାଇକ୍ ଚୋରି

**ରାଉରକେଲା, ୪।୪(ସମିସ):** ବିଳମ୍ବିତ ରାତିର ସୁଯୋଗ ନେଇ ଘର ସମ୍ମୁଖରୁ ଦୁର୍ବୃତ୍ତମାନେ ବାଇକ୍ ଚୋରି କରି ଫେରାର ହୋଇଯାଇଛନ୍ତି। ବାସନ୍ତୀ କଲୋନୀ, ଏଫ୍‌ଏଲ/୧୬୬ରେ ଆଶୁତୋଷ ସିଂ ରୁହନ୍ତି। ବୁଧବାର ରାତିରେ ସେ ନିଜ ଘର ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ଗୁରୁବାର ସକାଳେ ଉଠି ଦେଖିଲା ବେଳକୁ ବାଇକ ନ ଥିବା ଜାଣି ପାରିଥିଲେ। ଘରେ ଲାଗିଥିବା ସିସିଟିଭି ଯାଞ୍ଚ୍ କରିବା ପରେ ଏକ ବାଇକ ଯୋଗେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କ ବାଇକ ଚୋରି କରି ନେଇଥିବା ଜାଣିପାରି ଥିଲେ। ଏନେଇ ସେ ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଅଞ୍ଚଳରେ ଗତ କିଛି ମାସରୁ ବାଇକ୍ ଚୋରି ହେବା ସହ ଘରୁ ଚୋରି ଓ ପେଟ୍ରୋଲ ଚୋରି ବୃଦ୍ଧି ପାଇବାରେ ବସିଲାଣି। ରାତି ସମୟରେ ପୁଲିସ ପାଟ୍ରୋଲିଂ ସଠିକ୍ ଭାବେ ହେଉ ନ ଥିବା ଯୋଗୁଁ ଏଭଳି ଚୋରି ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

## ଧାମରା ସଂଘ ପକ୍ଷରୁ ବସନ୍ତ ସାହିତ୍ୟ ଆସର

# ଯନ୍ତ୍ରଣାଦଗ୍ଧ ପ୍ରାଣକୁ ଶୀତଳଚନ୍ଦନ ପ୍ରଲେପ କରେ ବସନ୍ତ



**ରାଉରକେଲା, ୪।୪(ସମିସ):** ବସନ୍ତ ଏକ ପ୍ରେମ ଋତୁର ନାଁ, ପ୍ରଥମ ଚଇତି ଛୁଆଁରେ ଭରିଦିଏ ସ୍ୱପ୍ନ, ବଞ୍ଚିବାର ଉଦ୍ଦାମତା। ଚାରୁ ଚଇତାଳି, ପୁଷ୍ପ ପରାଗରେ ଭରିଦିଏ ପ୍ରୀତିର କରବୀ। ଆଜିର ଉଗ୍ର ଆଧୁନିକତା ଯୁଗରେ କୃଷ୍ଣଚୂଡ଼ା, ବନପଳାଶ, ଶିମୁଳିର ରଙ୍ଗ, ହଳଦୀବସନ୍ତର ପ୍ରୀତି ଅନୁରାଗ ସାମୟିକ ଭାବେ ଚହଲାଇ ଦିଏ କବି, ଭାବୁକ, ରସିକ ଚପଳମତି ପ୍ରାଣକୁ। ଆଜିର ଯନ୍ତ୍ରଣା ଦଗ୍ଧ ପ୍ରାଣକୁ ଶୀତଳଚନ୍ଦନ ପ୍ରଲେପନ କରି ଏକ ପ୍ରୀତି ମଧୁର ସମାଜ ଗଠନରେ ଏକ ଅନନ୍ୟ ଭୂମିକା ଗ୍ରହଣ କରେ ଏଇ ଋତୁ ରାଜ ବସନ୍ତ। ଏହାଥିଲା ଛେଣ୍ଡ ସ୍ଥିତ ଧାମରା ସଂଘ ଦ୍ୱାରା ଆୟୋଜିତ ବସନ୍ତ କବିତା ଆସରରେ ମୁଖ୍ୟ ବକ୍ତା ବିଶିଷ୍ଟ ସାରସ୍ୱତ ସାଧକ ପ୍ରାଧ୍ୟାପକ ଡ. ଅଶ୍ୱିନୀ ରାୟଙ୍କ ଅଭିଭାଷଣ। ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ସ୍ନିଗ୍ଧ ସୁଚରିତା ପୁରାତନ କବିଙ୍କ କବିତାରୁ ଆରମ୍ଭ କରି ଉତ୍ତର ଆଧୁନିକ କବିମାନଙ୍କ କବିତାରେ ଥିବା ବସନ୍ତ ଏକ ପ୍ରେମ ଋତୁର ନାଁ କୁ କିପରି ସାର୍ଥକ କରିଛି ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପୀନାଥ ପଟ୍ଟନାୟକ ଯୋଗ ଦେଇ କହିଲେ ଏବେର ବସ୍ତୁବାଦୀ ସମାଜର ବିଭିନ୍ନ ଋତୁ ସେମାନଙ୍କର ପ୍ରଭାବ ଓ ଅନୁଭବର ରଙ୍ଗ ହରାଉଥିଲା ବେଳେ ଧାମରା ସଂଘର ଋତୁ ମାନଙ୍କୁ ନେଇ କବିତା ଆସର ଉଚ୍ଚ ପ୍ରଶଂସନୀୟ। ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାରେ ସୁପରିଚିତ କବି ଅଙ୍ଗୁରବାଳା ପରିଡ଼ାଙ୍କ ସଭାପତିତ୍ୱ ଏବଂ ସମ୍ମାନିତ ଅତିଥି ଡ. ସୁଚିତ୍ରା ମହାନ୍ତିଙ୍କୁ ନେଇ ଏକ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡ. ଲକ୍ଷ୍ମୀମାଝୀ, ମାନସୀ ମହାପାତ୍ର ଏବଂ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବି ତ୍ରିନାଥ ସିଂହ, ମୀନକେତନ ପଶାୟତ, ତ୍ରିଲୋଚନ ସ୍ୱାଇଁ, ଅଶ୍ୱିନୀ ରାୟ, ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଗଦାଧର ରଥ, କାଶୀନାଥ ନନ୍ଦୀ, କନକ ଲତା ମିଶ୍ର, ସୁନିତା ସାହୁ, ସଞ୍ଜୀବ ଭୋଇ, ଅଙ୍ଗୁରବାଳା ପରିଡ଼ା, ଗୁଣନିଧି ମହଲା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ରାହୁଲ ଭୋଇ, ଅଲିଭା ଟପୋ, ଯାଜ୍ଞସେନୀ ସେଠୀ, ଅଜୁ ମେହେର, ଦୁଷ୍ମନ୍ତ ଦିପ ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ଦାସ, ବାଳକୃଷ୍ଣ ସ୍ୱାଇଁ, ସୂର୍ଯ୍ୟନାରାୟଣ ପଣ୍ଡା ସହଯୋଗ କରିଥିଲେ। କବି ବସନ୍ତ ବିଶ୍ୱକର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ହାସଲ ଦିଗରେ ଆର୍‌ଏସ୍‌ପିର ପ୍ରସ୍ତୁତି



**ରାଉରକେଲା, ୪।୪(ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ପାଇବା ଦିଗରେ ଅଗ୍ରସର ହେବା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, 'ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର' ମୂଲ୍ୟ ଶୃଙ୍ଖଳାରେ ଉତ୍ତମ ସାମାଜିକ ଏବଂ ପରିବେଶ ପ୍ରଦର୍ଶନର ସମସ୍ତ ବିଷୟାବଳୀକୁ ଏକତ୍ର କରୁଛି ଏବଂ ଶିଳ୍ପ କ୍ଷେତ୍ରରେ ଏହା ଅନ୍ୟତମ କଠୋର ସାମାଜିକ ଏବଂ ପରିବେଶ ମାନଦଣ୍ଡ ରୂପେ ପରିଚିତ ଅଟେ। ସମଗ୍ର ବିଶ୍ୱରେ କେବଳ ୨୮ଟି ଇସ୍ପାତ ଶିଳ୍ପ ସାଇଟ ଏହି ସମ୍ମାନଜନକ ପ୍ରମାଣପତ୍ର ହାସଲ କରି ପାରିଛନ୍ତି। ଏହି ସାର୍ଟିଫିକେଟ୍ ହାସଲରେ ମାର୍ଗଦର୍ଶନ ତଥା ସହାୟତା ପ୍ରଦାନ କରିବାକୁ ଆରଏସପି ପ୍ରତିଷ୍ଠିତ ବହୁରାଷ୍ଟ୍ରୀୟ କମ୍ପାନୀ ମେଷର୍ସ ବ୍ୟୁରୋ ଭେରିଟାସ୍ ଇଣ୍ଡଷ୍ଟ୍ରିଆଲ୍ ସର୍ଭିସେସକୁ ନିୟୋଜିତ କରିଛି। ଏଥିନିମନ୍ତେ ଅନବୋର୍ଡ ତଥା ପ୍ରାରମ୍ଭିକ ବୈଠକ ଏପ୍ରିଲ ୩ ତାରିଖରେ ଡିଆଇସି କାର୍ଯ୍ୟାଳୟର ମନ୍ଥନ କନ୍‌ଫରେନ୍ସ ହଲରେ ଅନୁଷ୍ଠିତ ହୋଇଥିଲା। ଆର୍‌ଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ, ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବ୍ୟୁରୋ ଭେରିଟାସ୍ ଇଣ୍ଡିଆ ସର୍ଭିସେସ୍ ଲିମିଟେଡ୍ ତରଫରୁ ବିଭିଆଇଏସର ପୂର୍ବ ଓ ଦକ୍ଷିଣ ମଧ୍ୟ ଆଞ୍ଚଳିକ ମୁଖ୍ୟ ରୂପମ ବରୁଆ, ପ୍ରୋଜେକ୍ଟ ମ୍ୟାନେଜର ଏସ୍‌ଏସ୍‌ଦେ ଏବଂ ମାର୍କେଟିଂ ମୁଖ୍ୟ ଏସ୍ ଚାଟାର୍ଜୀ ପ୍ରତିନିଧିତ୍ୱ କରିଥିଲେ। ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ରର ବିଭିନ୍ନ ଦିଗ ଉପରେ ଶ୍ରୀ ବରୁଆ ଏବଂ ଶ୍ରୀଦେଙ୍କ ଦ୍ୱାରା ଏକ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଶ୍ରୀ ଭୌମିକ କହିଥିଲେ ଯେ ଏହି ପ୍ରମାଣପତ୍ର ନା କେବଳ ପରିବେଶ ତଥା ସାମାଜିକ ଅଙ୍ଗୀକାରବଦ୍ଧତା ଦିଗରେ ଆମର ସମସ୍ତ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିବ ବରଂ ଏକ ସ୍ଥାୟୀ ସମାଜ ଗଠନରେ ମଧ୍ୟ ସହାୟକ ହେବ। ସର୍ବନିମ୍ନ ସମ୍ଭାବ୍ୟ ସମୟରେ ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ପ୍ରକ୍ରିୟା ସମାପ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏମ୍‌ଏସ୍ ବିଭାଗର ସିଜିଏମ୍ ପିକେ ସାହୁ ସ୍ୱାଗତ ଏବଂ ପରିଚାଳନା କରିଥିଲେ। ଦାୟିତ୍ୱଶୀଳ ଇସ୍ପାତ ପ୍ରମାଣପତ୍ର ନା କେବଳ ଅନୁପାଳନର ଏକ ବିଷୟ ଅଟେ, ବରଂ ଦୀର୍ଘକାଳୀନ ସଫଳତା ଏବଂ ସ୍ଥିରତା ପାଇଁ ଏକ ରଣନୀତିକ ଆବଶ୍ୟକତା ମଧ୍ୟ ଅଟେ। ସ୍ଥାୟୀ ଅଭ୍ୟାସରେ ବିନିଯୋଗ କରି ଏବଂ ଏକ ବୃତ୍ତାକାର ଅର୍ଥନୀତି ମାନସିକତାକୁ ଗ୍ରହଣ କରି ଏହା ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ଉନ୍ମୁକ୍ତ କରିବାକୁ ଏକ ଦାୟିତ୍ୱଶୀଳ କର୍ପୋରେଟ୍ ନାଗରିକ ଭାବରେ ସୁନାମରେ ଉନ୍ନତି ଆଣିବାକୁ ଏବଂ ଗ୍ରାହକ ପଣଧାରୀଙ୍କ ବିଶ୍ୱାସ ଏବଂ ବିଶ୍ୱସ୍ତତାକୁ ସୁରକ୍ଷିତ ରଖିବାକୁ ସୁଯୋଗ ପ୍ରଦାନ କରିବ ବୋଲି ଜଣାପଡ଼ିଛି।

## 'ଗରିମା' ପକ୍ଷରୁ ଉତ୍କଳ ଦିବସ ପାଳିତ



**ରାଉରକେଲା, ୪।୪(ସମିସ):** ସାମାଜିକ ମହିଳା ଅନୁଷ୍ଠାନ ଗରିମା ପରିବାର ତରଫରୁ ଷଷ୍ଠ ଉତ୍କଳ ଦିବସ ପାଳନ ଭଞ୍ଜଭବନ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଗରିମା ପରିବାର ବିଗତ ୬ ବର୍ଷ ଧରି ଉତ୍କଳ ଦିବସ ପାଳନ କରିଆସୁଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଏନ୍‌ଆଇଟିର ପ୍ରାଧ୍ୟାପିକା ଶୁଚିସ୍ମିତା ଚିନ୍ନାରା, ସମାଜସେବୀ ମଞ୍ଜୁଦେବୀ ବାଗାଡିଆ, ନିମନ୍ତ୍ରିତ ଅତିଥି ଭାବେ ଓଲିଉଡ଼ ଅଭିନେତ୍ରୀ ଇପ୍ସିତା ଦାସ, ଶ୍ରୀୟା ମହାନ୍ତି ପ୍ରମୁଖ ଯୋଗ ଦେଇ ଥିଲେ। ଅର୍ପିତା ବେହେରା ନାରୀ ସଶକ୍ତିକରଣ ଆଧାରିତ ବକ୍ତୃତା ରଖିଥିଲେ। ଏହି ଅବସରରେ ସାଗର ରିଦିମ୍ସ, ତ୍ରିଶା ଡ୍ୟାନ୍ସ ଗ୍ରୁପ, ଦେବ ନୃତ୍ୟମ୍ ଗ୍ରୁପ ତରଫରୁ ଓଡ଼ିଆ କଳା ସଂସ୍କୃତି ଓ ନାରୀ ସଶକ୍ତିକରଣ ଆଧାରିତ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗୋମତୀ ନାୟକ, ସୁରେଖା ଘାସି ଓ ବନ୍ଦନା ଟ୍ରିବ୍ରେୱାଲଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ନୃତ୍ୟ, ସଙ୍ଗୀତ ବ୍ୟତୀତ ରାମାୟଣରେ ଥିବା ନାରୀ ଚରିତ୍ରକୁ ନେଇ ଯୁଗେଯୁଗେ ନାରୀ ଓ ଅନୁସୂଚିତ ଜାତି ପିନ୍ଧୁଥିବା ଅଳଙ୍କାରକୁ ପରିଧାନ କରି ସଦସ୍ୟାମାନେ ରାମ୍ପ ସୋ' କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁନୀଲ କୟାଲ, ପ୍ରଦୀପ ଦାସ, ପ୍ରଫୁଲ୍ଲ ସୁନାନୀ, ସନ୍ତୋଷ ଅଗ୍ରୱାଲ, ଦିଲୀପ ମହାପାତ୍ର, ବିଜୟ ପ୍ରଧାନ, ଦିଲୀପ କର, ବିଶ୍ୱରଞ୍ଜନ ବେହୁରା, ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୃଷ୍ଠପୋଷକ ଶଙ୍କର ଜେନାଙ୍କ ସହ ଅଧ୍ୟକ୍ଷା ନିହାରିକା ବସ୍ତିଆ, ସଭାପତି ମମତା ନାୟକ, ସମ୍ପାଦିକା ଡ ସରିତା ମଲ୍ଲ, ସଂଯୋଜକ ସୁମିତା ମହାନ୍ତି, ଲୀନା ତ୍ରିପାଠୀ, କୋଷାଧ୍ୟକ୍ଷ ରେବତୀ ବାରିକ, ଶାନ୍ତିଲତା ବାରିକ, ଶଙ୍ଖରିନା ପ୍ରଧାନ, ପ୍ରଣତି ଜେନା, ସସ୍ମିତା ମିଶ୍ର, ମୀନତି ମୋଦୀ, ତପସ୍ୱିନୀ ପାତ୍ର, ମମତା ଦାସ, ସନ୍ତୋଷୀ ମଲ୍ଲିକ, ସୁନିତା ଶ୍ରୀନିବାସନ, ରଶ୍ମିତା ଚୌଧୁରୀ, ଦେବସ୍ମିତା ଶତପଥୀ, ଲୁସି ଦାଶ, ଶର୍ମିଳା ରାଜଗୁରୁ, ସବିତା ମହାପାତ୍ର, ରଶ୍ମୀ ନାୟକ, ତପସ୍ୱିନୀ ପାତ୍ର, ଶୁଭଲକ୍ଷ୍ମୀ ପାତ୍ର, ମୋନାଲିସା ସାହୁ, ମୋନାଲିସା ଗୌଡ଼, ମୀନାକ୍ଷୀ ପାଢ଼ୀ, ମୌସୁମୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସିଲି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଲ୍ଲୀ ହାଇକୋର୍ଟରେ କୋଇଲା ଦୁର୍ନୀତି ମାମଲାର ଶୁଣାଣି ଆଜି

# କୁଆଡ଼େ ହେବ ଦିଲୀପ ରାୟଙ୍କ ଗତି

ରାଉରକେଲା, ୪।୪(ସମିସ)

ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତା ମେ ୨୦ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଇତିମଧ୍ୟରେ ସୁନ୍ଦରଗଡ଼ ଲୋକସଭା ଆସନ ପାଇଁ ବିଜେପି ଜୁଏଲ ଓରାମ, କଂଗ୍ରେସ ଜନାର୍ଦ୍ଦନ ଦେହୁରୀ ଓ ବିଜେଡି ପକ୍ଷରୁ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଏତଦବ୍ୟତୀତ ଏହି ଲୋକସଭା ଅସନ ଅନ୍ତର୍ଗତ ୭ ନିର୍ବାଚନ ମଣ୍ଡଳୀରେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା ହୋଇ ସାରିଥିବାବେଳେ ବୁଧବାର ବିଜେଡି ପକ୍ଷରୁ ବଣାଇଁରେ ଭୀମସେନ ଚୌଧୁରୀ, ରାଜଗାଙ୍ଗପୁରରେ ନୂଆମୁହଁ ତଥା ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନଙ୍କ ପୁଅ ଅନିଲ ବରୁଆ (କିଷାନ), ତଳସରାରେ ବିନୟ ଟପ୍ପୋ ଓ ସୁନ୍ଦରଗଡ଼ରେ ଯୋଗେଶ ସିଂହଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତେବେ ଜିଲ୍ଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଧାନସଭା କ୍ଷେତ୍ର ରାଉରକେଲା ସମେତ ରଘୁନାଥପାଲୀ ଓ ବୀରମିତ୍ରପୁର ପାଇଁ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବେଳକୁ ବେଳ ଆଶାୟୀଙ୍କ ମଧ୍ୟରେ ଛନକା ବଢ଼ିବାରେ ଲାଗିଛି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ନାମ ଆପାତତଃ ସ୍ଥିର ହୋଇ ସାରିଥିବା ବେଳେ ଅନ୍ୟ ଆଶାୟୀମାନେ ମଧ୍ୟ ଏବେ ସୁଦ୍ଧା ଭୁବନେଶ୍ୱରରେ ଡେରା ପକାଇ ପଡ଼ିଛନ୍ତି। ସବୁଠାରୁ କୌତୁହଳର ବିଷୟ ଯେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମଧ୍ୟ ଏଥର ପ୍ରାର୍ଥୀ ହେବାକୁ ଅଣ୍ଟା ଭିଡ଼ିଛନ୍ତି। ତେବେ କୋଇଲା ଦୁର୍ନୀତି ମାମଲା ଏବେ ଦିଲୀପଙ୍କୁ ବୁଡ଼ିଆଣୀ ଜାଲରେ ଫସାଇ ଦେଇଥିବା ଭଳି ପରିସ୍ଥିତି ସୃଷ୍ଟି କରିଛି। କୋଇଲା ଦୁର୍ନୀତି ଅଭିଯୋଗରେ ସିବିଆଇ ଦ୍ୱାରା ଛନ୍ଦିହୋଇ ଏଥିରୁ ମୁକୁଳିବା ପାଇଁ ଦିଲୀପ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଏହି ଦୁର୍ନୀତି ନେଇ ତାଙ୍କଠାରେ କଳାଦାଗ ଲାଗିଥିବା ପର୍ଯ୍ୟନ୍ତ ସେ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ନିୟମ ରହିଥିବାରୁ ଏଥିରୁ ମୁକୁଳିବା ପାଇଁ ନୂଆଦିଲ୍ଲୀରେ ଡେରା ପକାଇଥିବା ସୂଚନା ମିଳିଛି। ଆସନ୍ତା ୫ ତାରିଖରେ ଦିଲ୍ଲୀ ହାଇକୋର୍ଟରେ ମାମଲାର ଶୁଣାଣି ରହିଥିବା ବେଳେ ଏହାକୁ ଅପେକ୍ଷା କରିଛନ୍ତି ଦିଲୀପ। ଯଦି ଦିଲ୍ଲୀ ହାଇକୋର୍ଟ ଏହି ମାମଲାରେ ରହିତାଦେଶ ଜାରି କରି ନିର୍ବାଚନ ଲଢ଼ିବାକୁ ଅନୁମତି ଦେଇ ଦିଅନ୍ତି, ତେବେ ଦିଲୀପଙ୍କ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବା ବାଟ ଫିଟିବ। ତେବେ ସେ କେଉଁ ଦଳକୁ ଯିବେ ସେ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଆଜି ସେ ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ସୁତରାଂ ଦିଲୀପ ରାଉରକେଲା ବିଧାନସଭା ଆସନରୁ ବିଜେପିରୁ ଟିକଟ ନେଇ ଲଢ଼ିବା ପାଇଁ ସଜବାଜ ହେଉଥିବା କୁହାଯାଉଛି।

**ଅଦାଲତ ଅନୁମତି ମିଳିଲେ ବିଜେପିରୁ ନେଇପାରନ୍ତି ଟିକଟ**

ଅପରପକ୍ଷେ ବିଜେଡିରୁ ତାଙ୍କ ପାଇଁ ଦ୍ୱାର ଖୋଲା ରହିଥିବା କୁହାଯାଉଥିବା ବେଳେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ବାଟ ଓଗାଳିଛନ୍ତି। ସେପଟେ ବର୍ତ୍ତମାନର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଲୋକପ୍ରିୟତା ଯୋଗୁଁ ପୁନର୍ବାର ତାଙ୍କ ମୁଣ୍ଡରେ ସୁନାକଳସ ଢାଳିବା ପ୍ରାୟତଃ ଥୟ ବୋଲି ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଯଦି ଦିଲୀପ ବିଜେପିରୁ ଟିକଟ ନେଇ ରାଉରକେଲା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୁଅନ୍ତି ତେବେ ସାରଦା ଓ ଦିଲୀପଙ୍କ ମଧ୍ୟରେ ଲଢ଼େଇ ଘମାଘୋଟ ହେବ ବୋଲି କୁହାଯାଇଛି। ସେପଟେ ରାଉରକେଲା ବିଧାନସଭା ଆସନରେ କଂଗ୍ରେସରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବରିଷ୍ଠ କଂଗ୍ରେସ ନେତା ବୀରେନ୍ଦ୍ର ନାଥ ପଟ୍ଟନାୟକ ମଧ୍ୟ ଏହି ଦୁଇ ଲଢୁଆ ନେତାଙ୍କୁ ଅଡୁଆରେ ପକାଇବା ନିଶ୍ଚିତ। କାରଣ ବୀରେନ୍ଦ୍ରଙ୍କ କଂଗ୍ରେସ ପ୍ରାର୍ଥିତ୍ୱ ବ୍ୟତୀତ ତାଙ୍କ ନିର୍ମଳ ଭାବମୂର୍ତ୍ତି ଓ ଉଦାର ମନୋଭାବ ଯୋଗୁଁ ସେ କଂଗ୍ରେସର ପକେଟ ଭୋଟ ସହ ଆହୁରି ଅଧିକ ଭୋଟ ଟାଣିବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ୨୦୧୪ ବିଧାନସଭା ନିର୍ବାଚନରେ ଦିଲୀପ ରାୟ ବିଜେପିରୁ ପ୍ରାର୍ଥୀ ହୋଇ ୫୯, ୬୫୩ ଭୋଟ ପାଇ ୧୦, ୯୨୯ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କୁ ପରାସ୍ତ କରିଥିଲେ। ସେତେବେଳେ ସାରଦା ୪୮, ୭୨୪ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରଭାତ ମହାପାତ୍ରଙ୍କୁ ୧୦, ୩୯୭ ଭୋଟ ମିଳିଥିଲା। ୨୦୧୮ ଶେଷ ଆଡ଼କୁ ଦିଲୀପ ରାୟ ବିଜେପି ଓ ବିଧାୟକ ପଦବୀରୁ ଇସ୍ତଫା ଦେଇଥିଲେ। ୨୦୧୯ ନିର୍ବାଚନରେ ଦିଲୀପ ନିର୍ବାଚନରୁ ଦୂରେଇ ଯାଇଥିଲେ। ଏହି ନିର୍ବାଚନରେ ସାରଦା ୬୦, ୮୭୭ ଭୋଟ ପାଇ ୧୦, ୪୬୦ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ନିହାର ରାୟଙ୍କୁ ପରାସ୍ତ କରିଥିଲେ। ସେତେବେଳେ ନିହାର ରାୟ ୫୦, ୪୧୭ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତି ୧୩, ୯୭୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଅନ୍ୟପଟେ ଦିଲୀପ ରାୟ ଜଣେ ଦକ୍ଷ ରାଜନୀତିଜ୍ଞ ହୋଇଥିବାରୁ କେଉଁ ଦଳକୁ ଯିବେ ସେ ନିଜେ ନିଷ୍ପତ୍ତି ନେବେ ବୋଲି ଚର୍ଚ୍ଚା ହେଉଛି। ତେବେ ସେ ବିଜେପିରେ ଯୋଗଦେଇ ଟିକଟ ନେବେ ବୋଲି ତାଙ୍କ ନିକଟତମ ସମର୍ଥକ କହୁଛନ୍ତି। ବିଗତ ଦିନରେ ସହରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିପାରି ନ ଥିବାରୁ ୨୦୧୮ରେ ସେ ଦଳ ଏବଂ ପଦ ତ୍ୟାଗ କରିଥିବା ଘୋଷଣା କରିଥିଲେ। ପରେ ତାଙ୍କ ପ୍ରତିଶ୍ରୁତି ତଥା ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଅନ୍ୟପଟେ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଉରକେଲା ସହର ପଛରେ ରହିଥିବାବେଳେ ବର୍ତ୍ତମାନ ଯାଏଁ ଏହାର ସମାଧାନ ହୋଇପାରି ନାହିଁ। ଏହାଛଡ଼ା ଅନ୍ୟ ମୌଳିକ ସୁବିଧା ଏବେ ବି ଲୋକଙ୍କ ପାଖରେ ପହଞ୍ଚି ନାହିଁ। ଅପରପକ୍ଷେ ଇସ୍ତଫା ଦେବାର ଗତ ୫ ବର୍ଷ ମଧ୍ୟରେ ସେ କୌଣସି ଦଳରେ ଯୋଗଦେଇ ନ ଥିବା ସତ୍ତ୍ୱେ ରାଉରକେଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ତଥା ରାଜନୀତି ସମ୍ବନ୍ଧୀୟ କାର୍ଯ୍ୟରେ ଯୋଗଦାନ କରିଥିବା ନଜିର ରହିଛି। ଏହାସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଶୁଭାରମ୍ଭ ମଧ୍ୟ କରିଥିବା ଦେଖାଯାଇଛି। ଏହାଛଡ଼ା ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକରେ ମଧ୍ୟ ଦିଲୀପଙ୍କ ଉପସ୍ଥିତିକୁ ନେଇ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି। ବର୍ତ୍ତମାନ୍ ସୁଦ୍ଧା ସେ ରାଜନୀତି ମଇଦାନରେ ଓହ୍ଲାଇବେ କି ନାହିଁ କିଛି ଘୋଷଣା କରିନାହାନ୍ତି। ସେ ବିଜେଡିକୁ ପରୋକ୍ଷରେ ସମର୍ଥନ କରିବେ ବୋଲି ମଧ୍ୟ ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ହ୍ରାସ ପାଇନି। ଏଭଳି ଅନେକ ରାଜନୈତିକ ଉଷ୍ମତା ରହିଥିବା ବେଳେ ଆସନ୍ତା ୫ ତାରିଖ ହିଁ ତାଙ୍କ ପାଇଁ ନିର୍ଣ୍ଣାୟକ ହେବାକୁ ଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିଛି।



ଜଳ ହେଉଛି ପ୍ରକୃତିର ପ୍ରକୃତ ସଞ୍ଚାଳକ।
-ଲିଓନାର୍ଡୋ ଦା ଭିନ୍ସି

ସକାଳ
THE SAKALA

## ଜେଲ୍ ଭିତରୁ କେଜ୍ରିୱାଲଙ୍କ ଦିଲ୍ଲୀ ଶାସନ ପ୍ରୟାସ

# ବିଚାରାଧୀନ କଏଦୀ ଶାସନମୁଖ୍ୟ ହେବେ କିପରି?

ରାଜନୀତିରେ ନୂଆ ପ୍ରୟୋଗ ଏବଂ ନୂତନ ପରୀକ୍ଷା ନିରୀକ୍ଷାର ସୁଯୋଗ ସର୍ବଦା ରହିଛି। ଏହାସତ୍ତ୍ୱେ ଶାସନ ଓ ବିଧି ବ୍ୟବସ୍ଥାର ଯେଉଁ ମୌଳିକ ଢାଞ୍ଚା ଆମ ଗଣତନ୍ତ୍ର ଓ ସମ୍ବିଧାନ ନିର୍ମାତା ଦେଇ ଯାଇଛନ୍ତି ସେଥିରେ ରାଜନେତାଙ୍କ ପାଇଁ ଲକ୍ଷ୍ମଣରେଖା ସ୍ପଷ୍ଟ କରିଦିଆଯାଇଛି। ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ତିହାର ଜେଲ୍‌ରେ ବିଚାରାଧୀନ ବନ୍ଦୀ ଭାବେ ରହିବା ପରେ ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜ ପଦରୁ ଇସ୍ତଫା ଦେଇନାହାନ୍ତି, ବରଂ ସେ ସ୍ପଷ୍ଟ କରି ଦେଇଛନ୍ତି ଯେ ତାଙ୍କର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ନାହିଁ ଏବଂ ସେ କାରାଗାରରୁ ଶାସନ କରିବେ। ତାଙ୍କର ଏହି ନିଷ୍ପତ୍ତି କେବଳ ଭାରତରେ ନୁହେଁ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଚର୍ଚ୍ଚା ସୃଷ୍ଟି କରିଛି। ଏହାଦ୍ୱାରା ଭାରତ ଗଣତାନ୍ତ୍ରିକ ଭାବମୂର୍ତ୍ତି କିଛିଟା କ୍ଷୁଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀ ଜଣେ ସର୍ବସାଧାରଣ ସେବକ ବା ପବ୍ଲିକ ସରଭାଣ୍ଟ। କୌଣସି ବଡ଼ଧରଣର ଦୁର୍ନୀତି ଓ ଆର୍ଥିକ ଅନିୟମିତତା ବା ଅପରାଧରେ ସେ ଯଦି ଗିରଫ ହୁଅନ୍ତି, ଦେଶର ଆଇନ ଅନୁସାରେ ଏବଂ ଭାରତୀୟ ଲୋକପ୍ରତିନିଧି ଆଇନ ବଳରେ ତାଙ୍କୁ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦେବାକୁ ପଡ଼ିବ। କେଜ୍ରିୱାଲ କିନ୍ତୁ ନିଜ ପଦରୁ ଇସ୍ତଫା ଦେଇ ନାହାନ୍ତି ଏବଂ ନିଜ ପତ୍ନୀଙ୍କ ଜରିଆରେ ଦିଲ୍ଲୀର ଶାସନ କିପରି ଚାଲିବ, ସେଥିପାଇଁ ଲିଖିତ ନିର୍ଦ୍ଦେଶ ଓ ଭିଡିଓ ବାର୍ତ୍ତା ଆଦି ଜେଲ୍‌ରୁ ନିଜର ମନ୍ତ୍ରୀ ଏବଂ ବିଧାୟକମାନଙ୍କ ନିକଟକୁ ପଠାଉଛନ୍ତି। ଏହି ପ୍ରକ୍ରିୟା କେତେ ସାମ୍ବିଧାନିକ ବା ଆଇନ ଅନୁକୂଳ ତାହା ଉପରେ ଦେଶବ୍ୟାପୀ ଚର୍ଚ୍ଚା ଚାଲିଛି, କିନ୍ତୁ ଏହାର ନିଷ୍କର୍ଷ କିଛି ବାହାରି ନାହିଁ।

କେଜ୍ରିୱାଲଙ୍କ ନିଷ୍ପତ୍ତି ଭାରତରେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। ହୋଇପାରେ ତାଙ୍କ କହିବା ଅନୁସାରେ କେନ୍ଦ୍ର ସରକାର ରାଜନୈତିକ ଆକ୍ରୋଶ ରଖି ତାଙ୍କୁ ଏକ ମିଛ ମାମଲାରେ ଛନ୍ଦି ଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ଇଡି) ବିନା ତଥ୍ୟ ପ୍ରମାଣରେ ତାଙ୍କୁ ଗିରଫ, ଅଟକ ଓ ପଚରାଉଚରା କରିପାରିବ କି? ସେ କହୁଛନ୍ତି ଯେ ଏହି ଅବକାରୀ ଦୁର୍ନୀତି ମାମଲାରେ ସେ କୌଣସି ଲାଞ୍ଚ କାହାରିଠାରୁ ନେବାର ପ୍ରମାଣ ଯାଞ୍ଚ ସଂସ୍ଥା ଏ ପର୍ଯ୍ୟନ୍ତ ପାଇ ନାହାନ୍ତି କିମ୍ବା ଚଢ଼ଉ ବେଳେ କୌଣସି କଳାଧନ ବାଜ୍ୟାପ୍ତି ହୋଇନାହିଁ। ଅପରପକ୍ଷରେ ଇଡି କହୁଛି ଟଙ୍କା ଯଦି ଲାଞ୍ଚ ଆକାରରେ ନ ଆସିଛି, ତା'ହେଲେ ବିଭିନ୍ନ ବେଆଇନ ଅର୍ଥ କାରବାରରେ କୋଟି କୋଟି ଟଙ୍କା ଲଗା ହୋଇଛି କିପରି? ଅର୍ଥ ଜବତ ହୋଇନାହିଁ ସତ; କିନ୍ତୁ ଯେଉଁ ବିପୁଳ ଅର୍ଥ ଆପ୍ ବିଭିନ୍ନ ରାଜ୍ୟ ନିର୍ବାଚନରେ ଖର୍ଚ୍ଚ କରିଛି, ତାହାର ଉତ୍ସ ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ। କାରଣ ଏହା ମନିଲଣ୍ଡରିଂ ଅପରାଧର ଅନ୍ତର୍ଭୁକ୍ତ। ତେଣୁ କେଜ୍ରିୱାଲ ସେ ବାବଦ କୈଫିୟତ ଦେବାକୁ ବାଧ୍ୟ। ଆଉ ଗୋଟେ କଥା ହେଲା ତାଙ୍କୁ ନ'ଥର ଇଡି ସମନ ପରେ ସେ ସମୟ ଗଡ଼ାଇ ଲୋକସଭା ନିର୍ବାଚନ ପୂର୍ବରୁ ଗିରଫ ହେବା ପଛରେ ଭୋଟରଙ୍କ ଅନୁକମ୍ପା ହାସଲର କୌଶଳ ରହିଛି କି? ବିରୋଧୀଙ୍କୁ ଶାସକଦଳ ଦମନ କରିବା ନୀତିର ଆମେ ବିରୋଧୀ। ତେବେ ପ୍ରସଙ୍ଗ ଯେତେବେଳେ ଆଇନକାନୁନ ଓ ନୈତିକତା ସହିତ ଛନ୍ଦି ହୁଏ, ସେତେବେଳେ କୌଣସି ଦାୟିତ୍ୱସମ୍ପନ୍ନ ରାଜନେତା ଚତୁର ରାଜନୀତି ଓ ନୂଆ ପ୍ରୟୋଗ କରିବା ଅନୁଚିତ। ଲୋକପ୍ରତିନିଧି ଆଇନର ଧାରା ୮ ଓ ୯ କହୁଛି ଯେ କେହି ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ବା ମନ୍ତ୍ରୀ କୌଣସି ଆପରାଧିକ ଅଭିଯୋଗରେ ଗିରଫ ହେଲେ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦେବାକୁ ବାଧ୍ୟ। ଏହି ଧାରାରେ ଏକଦା ଜୟଲଳିତା, ଲାଲୁ ପ୍ରସାଦ ଯାଦବ ଓ ନିକଟରେ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସର୍ବସାଧାରଣ ନୈତିକତା ଓ ସାମ୍ବିଧାନିକ ପଦ ମର୍ଯ୍ୟାଦାର ଉଦାହରଣ ରଖିଯାଇଛନ୍ତି। କେଜ୍ରିୱାଲ ଏ ଯାଏଁ ଦୋଷୀ ସାବ୍ୟସ୍ତ ହୋଇ ନ ଥିଲେ ମଧ୍ୟ ତାଙ୍କ ନାମରେ ଯେଉଁ ବେଆଇନ ଅର୍ଥ କାରବାର ଅଭିଯୋଗ ଆସିଛି, ତାହାକୁ ମିଛ ପ୍ରମାଣିତ କରିବାକୁ ସେ ଆଇନଗତ ଲଢ଼େଇ ଲଢ଼ିବାକୁ ହେବ। ସେଥିପାଇଁ ଦେଶର ଆଇନ ଅନୁସାରେ ସେ ଗିରଫ ହୋଇଛନ୍ତି ଏବଂ ମାମଲା ଚାଲିବ। ସ୍ୱୟଂ ଦିଲ୍ଲୀ ଉଚ୍ଚ ଅଦାଲତ ମଧ୍ୟ ଏହି ମାମଲାରେ ତାଙ୍କୁ ତୁରନ୍ତ ଜାମିନ ଦେଇନାହାନ୍ତି କିମ୍ବା ଦୋଷମୁକ୍ତ କରିନାହାନ୍ତି। ଏଭଳି ଅବସ୍ଥାରେ ସେ ପଦତ୍ୟାଗ ନ କରି ଜେଲ୍‌ରୁ ଶାସନ କରିବାର ଆଇନ ବହିର୍ଭୂତ ଉଦାହରଣ କିପରି ପ୍ରସ୍ତୁତ କରୁଛନ୍ତି?

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ସରକାର ବା ମନ୍ତ୍ରିପରିଷଦର ସବୁ ନିଷ୍ପତ୍ତି ଏବଂ କାଗଜପତ୍ର ତିହାର ଜେଲକୁ ଯିବା ଆଇନତଃ ସମ୍ଭବ ନୁହେଁ। ପ୍ରଥମତଃ, ତିହାର ଜେଲ୍ ଭିତରକୁ ସରକାରୀ ଫାଇଲ୍ ଆଦି ନେବାର କୌଣସି ଆଇନଗତ ବ୍ୟବସ୍ଥା ନାହିଁ ଏବଂ ଏଥିପାଇଁ କେଜ୍ରିୱାଲ୍ ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁମତି ଲୋଡ଼ି ନାହାନ୍ତି। ଦ୍ୱିତୀୟତଃ, କେଜ୍ରିୱାଲ୍ ଜେଲ୍ ଭିତରେ ମନ୍ତ୍ରିମଣ୍ଡଳର ବୈଠକ ଡକାଇ ପାରିବେ କି? ଆମ ସମ୍ବିଧାନ ନିର୍ମାତାମାନେ ଏ ସମ୍ପର୍କରେ ଯଦି କିଛି ଖୋଲାଖୋଲି ବ୍ୟବସ୍ଥା ନିର୍ଦ୍ଦିଷ୍ଟ କରିନାହାନ୍ତି ତେବେ କେବଳ କେଜ୍ରିୱାଲ୍ ନିଜ ଇଚ୍ଛାରେ ଏଭଳି ଏକ ନୂଆ ପରମ୍ପରା ସୃଷ୍ଟି କରିପାରିବେ ନାହିଁ। ଏଥିପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ପଡ଼ିବ। ତେଣୁ ଜେଲ୍‌ରୁ ଶାସନ କରିବାର ନୂଆ ପରୀକ୍ଷା ନିରୀକ୍ଷା ଛାଡ଼ି କେଜ୍ରିୱାଲ ସର୍ବସାଧାରଣ ନୈତିକତା ବା ପବ୍ଲିକ ମୋରାଲିଟି ଦୃଷ୍ଟିରୁ ଇସ୍ତଫା ଦେଇଦେବା ଉଚିତ ହେବ। ସାମ୍ବିଧାନିକ ବ୍ୟବସ୍ଥା ଓ ଦେଶର ଆଇନର ଶାସନ ସହିତ ରାଜନୀତି ଖେଳ ଖେଳିବା ଅନୁଚିତ। ଆବଶ୍ୟକ ପଡ଼ିଲେ ତାଙ୍କୁ ନିଲମ୍ବନ ବା ବରଖାସ୍ତ କରିବାକୁ ଦିଲ୍ଲୀର ଉପରାଜ୍ୟପାଳ କେନ୍ଦ୍ର ସରକାରଙ୍କୁ ସୁପାରିସ କରି ପାରନ୍ତି।

କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ଦିଲ୍ଲୀ ହାଇକୋର୍ଟରେ ଯେଉଁ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା, ତାହାକୁ ଅଦାଲତ ଖାରଜ କରି ଦେଇଛନ୍ତି ସତ; କିନ୍ତୁ ଯେଉଁ ଟିପ୍ପଣୀ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ ବେଳେବେଳେ ବ୍ୟକ୍ତିଗତ ସ୍ୱାର୍ଥ ରାଷ୍ଟ୍ର ସ୍ୱାର୍ଥର ଅଧୀନ ହେବା ଉଚିତ। କେଜ୍ରିୱାଲ ଇସ୍ତଫା ଦେବେ କି ପଦରେ ବଜାୟ ରହିବେ ସେ ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ। ତେବେ ତାଙ୍କୁ ଏହି ପଦରୁ ହଟାଯିବ କି ନାହିଁ ସେ ନିଷ୍ପତ୍ତି ମଧ୍ୟ ଦିଲ୍ଲୀର ଉପରାଜ୍ୟପାଳ ଏବଂ ଭାରତର ରାଷ୍ଟ୍ରପତିଙ୍କ ଉପରେ ନିର୍ଭର କରେ। ଉଚ୍ଚ ଅଦାଲତଙ୍କ ଏହି ଟିପ୍ପଣୀ ବୋଧହୁଏ କେଜ୍ରିୱାଲଙ୍କ ପାଇଁ ଅନ୍ତିମ ଅଡୁଆ। ସାମ୍ବିଧାନିକ ବିଧି ବ୍ୟବସ୍ଥା, ଲୋକପ୍ରତିନିଧି ଆଇନ, ଆର୍ଥିକ ଦୁର୍ନୀତି ନିରୋଧ ଆଇନ, ରାଜନୀତି ଶିଷ୍ଟାଚାର ଓ ବ୍ୟକ୍ତିଗତ ନୈତିକତା ଆଗରେ ଜେଲ୍‌ରୁ ରାଜ୍ୟ ଶାସନ କରିବା ନିଷ୍ପତ୍ତି ଏକ ହାସ୍ୟାସ୍ପଦ ପ୍ରୟାସ। ରାଜନୈତିକ ପ୍ରୟୋଗ ଦ୍ୱାରା ଆଇନ ବ୍ୟବସ୍ଥାର ଅତିକ୍ରମଣ ଅନୁଚିତ।

# ଶାନ୍ତିର ବାର୍ତ୍ତାବହ 'ଜଳ'



ପ୍ରଫେସର ବିନାୟକ ରଥ
ଭୁବନେଶ୍ୱର, ମୋ: ୯୪୩୯୦୧୩୫୮୫

ଜୀବନ ଧାରଣ ପାଇଁ ଜଳ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏହି କାରଣରୁ ପୃଥିବୀରେ ମାନବ ସଭ୍ୟତା ନଦୀକୂଳ ଓ ସମୁଦ୍ର ତଟରୁ ହିଁ ଆରମ୍ଭ ହୋଇଥିଲା। ଅପରପକ୍ଷରେ ଜଳସଙ୍କଟ ଯୋଗୁଁ ମାନବ ସଭ୍ୟତା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ପ୍ରମାଣ ମଧ୍ୟ ଆମ ପାଖରେ ରହିଛି। ତେଣୁ ଯଥାର୍ଥରେ କୁହାଯାଏ ଯେ 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ।' ତେଣୁ ଜଳର ସଂରକ୍ଷଣ, ସୁରକ୍ଷା ଓ ପୁନଃଚକ୍ରୀକରଣ ଆମର ଦାୟିତ୍ୱ। ଜଳ, ଜନ ଓ ଜୀବିକା ମଧ୍ୟରେ ଥିବା ପରିପୂରକ ସମ୍ପର୍କର ଗୁରୁତ୍ୱ ଦୃଷ୍ଟିରୁ ୨୦୨୩ ମାର୍ଚ୍ଚରେ ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘର 'ବିଶ୍ୱ ଜଳ ସମ୍ମିଳନୀ'ରେ ଜାତିସଂଘର ମହାସଚିବ ଚଳିତ ବର୍ଷ ବିଶ୍ୱ ଜଳ ଦିବସ ପାଇଁ ବାର୍ତ୍ତା ରଖିଥିଲେ 'ଜଳ ଓ ଶାନ୍ତି।' ତେଣୁ ବିଶ୍ୱଶାନ୍ତି ପାଇଁ ଜଳ ସଂରକ୍ଷଣ, ପୁନଃଚକ୍ରୀକରଣ ଓ ଜଳ ଅମଳ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବ୍ୟକ୍ତିବିଶେଷ ବିଶେଷ ଅଭିଯାନ ଆରମ୍ଭ କରିବା ଉଚିତ।





ଭାରତର 'ଜଳପୁରୁଷ' ଭାବେ ଖ୍ୟାତ ରମଣ ମାଗାସେସେ ଆୱାର୍ଡ ବିଜେତା ଡ. ରାଜେନ୍ଦ୍ର ସିଂହଙ୍କ ନେତୃତ୍ୱରେ ପରିଚଳିତ ଭାରତର ଅନ୍ୟତମ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ସଂସ୍ଥା 'ତରୁଣ ଭାରତ ସଂଘ' ଦ୍ୱାରା ଗତ ମାର୍ଚ୍ଚ ମାସରେ ରାଜସ୍ଥାନର କୁରୌଲି ଜିଲ୍ଲାରେ ଜୈନ ତୀର୍ଥ ମହାବୀର ଜୀଠାରେ 'ଜନଶାନ୍ତି ଓ ଜଳ ସମ୍ମିଳନୀ' ନାମରେ ଏକ ଦୁଇଦିନିଆ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଭାରତର ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଶେଷଜ୍ଞ ସମେତ ସ୍ୱିଡେନ୍, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡ ଓ ଇଂଲଣ୍ଡର ବହୁ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ। ସେହି ସମ୍ମିଳନୀରେ ମୋତେ ମଧ୍ୟ ଭାଗ ନେବାର ସୁଯୋଗ ମିଳିଥିଲା। ସମ୍ମିଳନୀରେ ବହୁ ଉପାଦେୟ ସାରଗର୍ଭକ ଭାଷଣ ସହିତ କ୍ଷେତ୍ର ପରିଦର୍ଶନରୁ ଜ୍ଞାନ ଆହରଣର ସୁଯୋଗ ମଧ୍ୟ ମିଳିଥିଲା। ବିଶେଷକରି ଚମ୍ବଲ୍ ଉପତ୍ୟକାର ଅନୁଭୂତି ବିରଳ ଥିଲା। ସେହି ଅଞ୍ଚଳ ଏକଦା ଡକାୟତମାନଙ୍କ ଆଶ୍ରୟସ୍ଥଳ ଭାବେ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ସେମାନେ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟସ୍ରୋତର ସାମିଲ୍ ହେବା ପରେ କୃଷି, ପଶୁପାଳନ, ମତ୍ସ୍ୟଚାଷ ଆଦି କରି ଶାନ୍ତିରେ ଜୀବିକା ଉପାର୍ଜନ କରିପାରିଲେ ଏବଂ ସମାଜରେ ଶାନ୍ତି ସହାବସ୍ଥାନ ସ୍ଥାପିତ ହେଲା। କହିବା ବାହୁଲ୍ୟ, ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନର ମୁଖ୍ୟ ବାହକ ଥିଲା ଜଳ। ତେଣୁ ଜଳ କିପରି ଜୀବନକୁ ଓ ସମାଜକୁ ପରିବର୍ତ୍ତନ କରି ଶାନ୍ତି ମାର୍ଗରେ ପରିଚାଳିତ କରିପାରେ ସେହି ବାର୍ତ୍ତା ବିଶ୍ୱ ସହିତ ବାଣ୍ଟିବାକୁ ଚମ୍ବଲ୍ ବାସିନ୍ଦାଙ୍କୁ ଅନୁରୋଧ କରାଯାଇଥିଲା। ସେହି ଆଲୋଚନାଚକ୍ରର ଆଉ ଏକ ବିଶେଷତ୍ୱ ଥିଲା ଯେ ସେଠାରେ ଡ. ରାଜେନ୍ଦ୍ର ସିଂହଙ୍କ ଦ୍ୱାରା ଲିଖିତ ହିନ୍ଦୀ ପୁସ୍ତକ 'ପୁନଃଜୀବିତ ସଭ୍ୟତାକି ସରିତା: ପାର୍ବତୀ ସୈର୍‌ନି' ଏବଂ 'ସଭ୍ୟତାକି ସୁଖତି ସରିତା: ଜଳପୁରୁଷ ରାଜେନ୍ଦ୍ର ସିଂହ କି ବିଶ୍ୱ ଜଳଯାତ୍ରା କଥା'ର ମରାଠୀ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଶେଷକରି ଜଳ, ମହିଳା ଓ ନଦୀ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ସେଠାରେ ବିସ୍ତୃତ ଆଲୋଚନା ହୋଇଥିଲା।

ଚମ୍ବଲ ଉପତ୍ୟକାର ଦୁଇ ପ୍ରମୁଖ ନଦୀ ବା ଜୀବନଧାରା ହେଉଛି ଆରାବଳୀ ପର୍ବତରୁ ବାହାରିଥିବା ୮୪୧ ବର୍ଗ କିମି ପରିମିତ ଓ ୭୦ କିମି ଦୈର୍ଘ୍ୟ ବିଶିଷ୍ଟ ପାର୍ବତୀ ନଦୀ ଓ ୩୫ କିମି ଦୈର୍ଘ୍ୟ ବିଶିଷ୍ଟ ଏହାର ଉପନଦୀ ସୈର୍‌ନି। ବିଭିନ୍ନ ଅଞ୍ଚଳରୁ ଆସି ମିଶିଥିବା ଝରଣା ଓ ଜଳସ୍ରୋତ ଏହି ଦୁଇ ନଦୀକୁ ଚିରସ୍ରୋତା କରି ରଖିଥିଲେ। ୧୯୮୦ ପୂର୍ବରୁ ଏହି ଦୁଇନଦୀ ସମ୍ପୃକ୍ତ ଅଞ୍ଚଳର କୃଷି ପାଇଁ ବରଦାନ ଥିଲା। କାମକ୍ରମେ ଖଣି ଖନନ, ଜଙ୍ଗଲ ନଷ୍ଟ, ସହରୀକରଣ ସହିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନଦୀ ଦୁଇଟିର ଜଳସ୍ରୋତ କମିବାରେ ଲାଗିଲା। କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ନଦୀଗୁଡ଼ିକ ପ୍ରାୟତଃ ଶୁଷ୍କ ରହିଲା। ଫଳରେ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇ ନଳକୂପ, ପୋଖରୀ, ଜଳାଶୟଗୁଡ଼ିକ ଶୁଖିବାରେ ଲାଗିଲା। ଲୋକମାନଙ୍କର ଜୀବିକା ଗୁରୁତର ବାଧାପ୍ରାପ୍ତ ହେଲା ଏବଂ ସ୍ଥାନୀୟ ଲୋକେ ଜୀବିକା ଅନ୍ୱେଷଣରେ ସ୍ଥାନାନ୍ତରିତ ହେବାକୁ ଲାଗିଲେ। କିଛି ଲୋକ ଉତ୍ତରପ୍ରଦେଶ ଓ ଗାଙ୍ଗେୟ ଭୂମି ଅଞ୍ଚଳରେ ଅସ୍ଥାୟୀ ବସତି ସ୍ଥାପନ କଲେ। ଆଉ କିଛି ଲୋକ, ବିଶେଷକରି ଯୁବବର୍ଗ, ବିଭିନ୍ନ ଜୀବନଜୀବିକା ପାଇଁ ବିଭିନ୍ନ ଅସାମାଜିକ କାର୍ଯ୍ୟକୁ ଆପଣେଇଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଅଞ୍ଚଳରେ ଡକାୟତିକୁ ପେସା ଭାବରେ ଗ୍ରହଣ କରିନେଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ବିଭିନ୍ନ ପାର୍ବତ୍ୟାଞ୍ଚଳରେ ଲୁଚି ରହିଲେ। ଏହିକ୍ରମରେ ସବୁଠାରୁ ଅଧିକ ପ୍ରଭାବିତ ହେଲେ ମହିଳାମାନେ।

୧୯୯୦ ମସିହା ବେଳକୁ 'ତରୁଣ ଭାରତ ସଂଘ' ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇ ସ୍ଥାନୀୟ ଅଞ୍ଚଳର ପରିବେଶକୁ ରକ୍ଷା କରିବାକୁ ହେଲେ ଖଣି ଖାଦାନ କାର୍ଯ୍ୟକଳାପ ବନ୍ଦ କରିବାକୁ ନିବେଦନ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଅଞ୍ଚଳରେ ଖଣି ଖାଦାନ ସରକାରୀ ଭାବେ ବନ୍ଦ ହୋଇଥିଲେ ହେଁ ବନ୍ଧୁକ ଭୟ ଦେଖାଇ ଅନେକ ଖଣି କାର୍ଯ୍ୟକଳାପ ଘରୋଇ ସଂସ୍ଥାମାନେ ଜାରି ରଖିଲେ। ଏହାପରେ 'ତରୁଣ ଭାରତ ସଂଘ' ପକ୍ଷରୁ ଏକ ଅଭିନବ ଯୋଜନା ଆରମ୍ଭ କରାଗଲା। ସ୍ଥାନୀୟ ଅଞ୍ଚଳର ବୟୋଜ୍ୟେଷ୍ଠ ଓ ମହିଳାମାନଙ୍କୁ ପ୍ରରୋଚିତ କରାଇ ଜଳ ସଂରକ୍ଷଣ ଜରିଆରେ ପାର୍ବତୀ ଓ ସୈର୍‌ନି ନଦୀକୁ ପୁନଃଜୀବନ ଦେବା ପାଇଁ ସଂସ୍ଥାର ଉଦ୍ୟମ ଫଳପ୍ରଦ ହେଲା। ବିନା ସରକାରୀ ସାହାଯ୍ୟ ଓ ପ୍ରୋତ୍ସାହନରେ ନଦୀ ଓ ଝରଣାଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଡ୍ୟାମ୍, ବନ୍ଧ, ପୋଖରୀ ଇତ୍ୟାଦି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଗଲା। ଦୁଇ ନଦୀ ପୁଣି ଚିରସ୍ରୋତା ହେବାରେ ଲାଗିଲେ। ଭୂତଳ ଜଳସ୍ତର ବୃଦ୍ଧି ପାଇବାରୁ ଏକଦା ଶୁଷ୍କ ନଳକୂପ, ପୁଷ୍କରିଣୀଗୁଡ଼ିକ ବର୍ଷସାରା ଜଳପୂର୍ଣ୍ଣ ରହିଲେ। ଧରିତ୍ରୀ ପୁଣି ଶସ୍ୟଶ୍ୟାମଳା ହେଲା। ବିଶେଷକରି ଗହମ ଓ ସୋରିଷ ଅମଳ ଆଶାନୁରୂପ ହୋଇପାରିଲା। ଜଙ୍ଗଲ ମଧ୍ୟ ଜୀବନ୍ୟାସ ପାଇଲା ଏବଂ ବଢ଼ିବାରେ ଲାଗିଲା। ଲୋକମାନେ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷାରେ ପୁନଃ ମନୋନିବେଶ କଲେ। ଫଳରେ ପରିବାରର ରୋଜଗାର କ୍ରମଶଃ ବଢ଼ିଲା, ନିଯୁକ୍ତି ସୁଯୋଗ ସୃଷ୍ଟି ହେଲା। ଗୋପାଳନ ମଧ୍ୟ ବୃଦ୍ଧି ପାଇଲା। ଲୋକମାନେ ଆଉ ଜୀବିକା ଅନ୍ୱେଷଣରେ ଦେଶାନ୍ତରିତ ହେଲେ ନାହିଁ।

ଏହାଦ୍ୱାରା ଏକ ଅବିଶ୍ୱସନୀୟ ପରିବର୍ତ୍ତନ ମଧ୍ୟ ଦେଖାଦେଲା। ପେଟପାଟଣା ପାଇଁ ଲୁଚାଛପା ଜୀବନ ବିତାଉଥିବା ଡକାୟତମାନଙ୍କୁ ସେମାନଙ୍କ ସ୍ତ୍ରୀମାନେ ଘରକୁ ଫେରି ଆସିବାକୁ ଏବଂ ଜଳ ଓ ଜମି ସଂରକ୍ଷଣ ଅଭିଯାନରେ ଭାଗିଦାରୀ ହେବାକୁ ପ୍ରବର୍ତ୍ତାଇଲେ। ଏଥିରେ ନେତୃତ୍ୱ ନେଇଥିଲେ ଡାକୁ ସର୍ଦ୍ଦାର ଜଗଦୀଶଙ୍କ ପତ୍ନୀ ତଥା ଖିଜୁରା ଗ୍ରାମନିବାସୀ ଭଗବତୀ ନାମ୍ନୀ ମହିଳା। ନିଜ ଜମିରେ ଗହମ ଓ ସୋରିଷ ଚାଷରୁ ମିଳିଥିବା ଲାଭରେ ସେ ଏକ ଧଳା ଧୋତି ଓ କୁର୍ତ୍ତା କିଣି ଡ. ରାଜେନ୍ଦ୍ର ସିଂହଙ୍କ ସାମ୍ନାରେ ସ୍ୱାମୀଙ୍କୁ ଦେବାକୁ ସ୍ଥିର କଲେ, ଯାହାକୁ ଶାନ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଏ। ପତ୍ନୀଙ୍କ ଅନୁରୋଧ ରକ୍ଷା କରି ନିର୍ଦ୍ଦିଷ୍ଟ ଦିନ ଜଗଦୀଶ ନିଜ ଦଳର ସଶସ୍ତ୍ର ସାଥୀମାନଙ୍କ ସହିତ ଗ୍ରାମ ବୁଲିବାକୁ ଆସି ନିଜ ଘରକୁ ଗଲେ। କିଛି ସମୟ ପରେ ରାଜେନ୍ଦ୍ର ସିଂହ ମଧ୍ୟ ଆସିଲେ। ଏହି ସମୟରେ ଭଗବତୀ ପୂର୍ବ ଯୋଜନା ମୁତାବକ ଉକ୍ତ ଧଳା ଧୋତି ଓ କୁର୍ତ୍ତା ସ୍ୱାମୀଙ୍କୁ ଉପହାର ଦେଲେ। ଏଥିରେ ଭାବବିହ୍ୱଳିତ ହୋଇ ଜଗଦୀଶ ଡକାୟତି ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ପାଇଁ ନିଷ୍ପତ୍ତି ନେଲେ। ଏଥିରେ ଆଇନଗତ ସହାୟତା ପାଇଁ 'ତରୁଣ ଭାରତ ସଂଘ' ସହାୟତା କରିଥିଲା।

ଜଗଦୀଶ ଓ ପୁଲିସ ବିଭାଗ ମଧ୍ୟରେ ମଧ୍ୟସ୍ଥତା କରିଥିବା ଡ. ରାଜେନ୍ଦ୍ର ସିଂହଙ୍କ ଅନୁରୋଧକ୍ରମେ ଏକ ନିର୍ଦ୍ଦିଷ୍ଟ ଦିନ ପୁଲିସ୍ ଆଗରେ ଜଗଦୀଶ ଆତ୍ମସମର୍ପଣ କଲେ। ଆଇନଗତ ଔପଚାରିକତା ପୂରଣ ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇଦିଆଗଲା। କିଛିଦିନ ପରେ ସେ କ୍ଷମା ଆବେଦନ କଲେ। ବିଚାରପତି ତାଙ୍କ ରାୟରେ କହିଲେ ଯେ ପୁଲିସ ବିଭାଗ ଏତେ ଚେଷ୍ଟା ସତ୍ତ୍ୱେ ଜଗଦୀଶଙ୍କୁ ଗିରଫ କରିବାରେ ବିଫଳ ହୋଇଥିଲା। କିନ୍ତୁ ଜଗଦୀଶ ଯଦି ଜଳ ଓ ଶାନ୍ତି ପାଇଁ ଆତ୍ମସମର୍ପଣ କରିଛନ୍ତି ତେବେ ତାଙ୍କୁ ଜେଲ୍ ଦଣ୍ଡରୁ ମୁକ୍ତ କରି ସେ ଦିଗରେ କାମ କରିବାକୁ ସୁଯୋଗ ଦେବା ଉଚିତ। ଏହି ବାର୍ତ୍ତା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜଗଦୀଶଙ୍କ ସାଥୀମାନେ ମଧ୍ୟ ଉତ୍ସାହିତ ଓ ଅନୁପ୍ରାଣିତ ହୋଇ ଅସ୍ତ୍ରତ୍ୟାଗ ଓ ଆତ୍ମସମର୍ପଣ କଲେ ଏବଂ ଜଳ ଓ ଶାନ୍ତି ପାଇଁ କାମ କରିବାକୁ କ୍ଷମା ପ୍ରାର୍ଥନା କଲେ। କାଳକ୍ରମେ ସମସ୍ତ ଡକାୟତ ଦଳର ସଦସ୍ୟ ହିଂସା ଓ ଅସ୍ତ୍ର ତ୍ୟାଗ କରି ଜଳ ଓ ଶାନ୍ତି ପାଇଁ ସମର୍ପିତ ହୋଇଗଲେ। ଏହାଦ୍ୱାରା ଗୁଜ୍ଜର ସମ୍ପ୍ରଦାୟ ଓ ସ୍ଥାନୀୟ ଅଞ୍ଚଳ ସମୃଦ୍ଧ ହୋଇପାରିଲା। ଏକଦା ପୁଲିସ ଭୟରେ ଲୁଚିଛପି ଜୀବନ ନିର୍ବାହ କରୁଥିବା ଲୋକେ ଏବେ ପରିବାର ଓ ବନ୍ଧୁବର୍ଗ ସହିତ ସମ୍ମାନ, ଶାନ୍ତି ଓ ସୁରକ୍ଷିତ ଜୀବନ ବଞ୍ଚି ପାରିଲେ। ଜଳ ସଂରକ୍ଷଣର ବିକେନ୍ଦ୍ରୀକରଣ କିପରି ଏକ ବିରାଟ ସକାରାତ୍ମକ ପରିବର୍ତ୍ତନ ଆଣିପାରେ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିପାରେ ଉପରୋକ୍ତ ଘଟଣାକ୍ରମ ତାହାର ଏକ ଜ୍ୱଳନ୍ତ ଉଦାହରଣ।

ଜଳ ମଧ୍ୟ କିପରି ଶାନ୍ତି ଓ ସହାବସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରେ ଏବଂ ନଦୀ, ନାରୀ ଓ ଜଳ ଭିତରେ କିପରି ସୁସମ୍ପର୍କ ରହିଛି ସେ ସମ୍ପର୍କରେ ଉକ୍ତ ଆଲୋଚନାଚକ୍ର ଜରିଆରେ ବିଶ୍ୱକୁ ଏକ ସୁନ୍ଦର ବାର୍ତ୍ତା ଯାଇପାରିଲା। ଏକଦା ଚମ୍ବଲର ଡାକୁ ନାମରେ କୁଖ୍ୟାତି ଅର୍ଜନ କରିଥିବା ଏବଂ ଏବେ ଶାନ୍ତି ସହାବସ୍ଥାନ ଜୀବନ ନିର୍ବାହ କରୁଥିବା ସେହି ସ୍ଥାନୀୟ ଲୋକଙ୍କୁ ଆଲୋଚନାଚକ୍ର ଶେଷରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମଗ୍ର ପ୍ରକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହିଳାମାନଙ୍କୁ ମଧ୍ୟ ଯଥାର୍ଥ ସମ୍ମାନିତ କରିବା ପାଇଁ 'ନିର(ଜଳ), ନାରୀ(ମହିଳା) ଓ ନଦୀ' ସ୍ଲୋଗାନ୍‌କୁ ଗ୍ରହଣ କରାଯାଇଥିଲା।

# ବିବଶ ବକ୍ତା



ଡ ମନୋରଞ୍ଜନ ପ୍ରଧାନ
ଜୟପୁର, ମୋ: ୯୪୩୭ ୯୧୪୮୧୮

ସଭାସମିତିରେ ବକ୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଓଜସ୍ୱୀ ଅଭିଭାଷଣ, ଶବ୍ଦ ସମ୍ଭାର, ବିଷୟବସ୍ତୁ ଉପସ୍ଥାପନା, ତାତ୍ତ୍ୱିକ ବିଚାର, ମର୍ମସ୍ପର୍ଶୀ ଦୃଷ୍ଟାନ୍ତ ତଥା କଥନଶୈଳୀ ସଭାର ମୁଖ୍ୟ ଆଭୂଷଣ ଓ ଆକର୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଦୃଷ୍ଟିରୁ ବକ୍ତା ମଧ୍ୟ ବିଷୟବସ୍ତୁ ଓ ଶ୍ରୋତାଙ୍କ ପ୍ରତ୍ୟାଶାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇ ଆସିଥା'ନ୍ତି।

ବହୁପୂର୍ବରୁ ଗମନାଗମନର ସୁବିଧା ନଥିବା ସତ୍ତ୍ୱେ ବକ୍ତାଙ୍କ ଅଭିଭାଷଣ ଶୁଣିବା ପାଇଁ ଲୋକମାନେ ଚାଲି ଚାଲି ବହୁ ବାଟ ଯିବାର ଉଦାହରଣ ଅଛି। ଏପରିକି ଭଲ ବକ୍ତାଙ୍କ ଭାଷଣ ଶୁଣିବାକୁ ଟ୍ରାକ୍ଟର ବା ଟ୍ରଲିରେ ଠିଆ ହୋଇ ବା ଓହଳି ଯିବାର ଅଭୁଲା ଅନୁଭୂତି ଅନେକଙ୍କ ଥିବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଥରେ କହୁଥିଲେ, ପିଲାବେଳେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର୍ ଶାସ୍ତ୍ରୀଙ୍କ ଭାଷଣ ଶୁଣିବା ପାଇଁ କିପରି ଟ୍ରେନରେ ବହୁଦୂର ଯାଇଥିଲେ ଏବଂ ତାଙ୍କ ମର୍ମଭେଦୀ ଅଭିଭାଷଣରୁ କିପରି ପ୍ରେରଣା ପାଇଥିଲେ। ଏଭଳି ଅନୁଭବ ଅନେକଙ୍କ ଥିବ।

ଆଜିକାଲି କିନ୍ତୁ ବକ୍ତାମାନଙ୍କ ସେଭଳି ଗୁରୁତ୍ୱ ଓ ସମ୍ମାନ ନାହିଁ। ବକ୍ତାମାନେ ଯେଭଳି ଆଦର ଓ ସମ୍ମାନ ପାଇବା କଥା ସେଭଳି ଦେଖାଯାଉ ନାହିଁ। ଔପଚାରିକ ଦୃଷ୍ଟିରୁ ବକ୍ତା ଆମନ୍ତ୍ରିତ ହେଉଛନ୍ତି ସତ, କିନ୍ତୁ ଯେତିକି ସମୟ ତାଙ୍କ ବକ୍ତବ୍ୟ ପାଇଁ ମିଳିବା କଥା, ତାହା ମିଳୁନାହିଁ। ସଭାର ସୌଜନ୍ୟ ଦୃଷ୍ଟିରୁ ମୁଖ୍ୟଅତିଥି, ସମ୍ମାନିତ ଅତିଥିମାନଙ୍କ ବକ୍ତବ୍ୟ ପରେ ଦୀକ୍ଷାନ୍ତ ଭାଷଣ ନ୍ୟସ୍ତ ଥାଏ ମାନନୀୟ ମୁଖ୍ୟବକ୍ତାଙ୍କ ଉପରେ। ସେଥିପାଇଁ ପୂର୍ବପ୍ରସ୍ତୁତି ସହ ମଞ୍ଚାସୀନ ଅତିଥି ଓ ବକ୍ତାମାନଙ୍କୁ ଭଲଭାବେ ଶୁଣି, ବୁଝି ସମସ୍ତଙ୍କ ବିଷୟବସ୍ତୁ ଆଧାରିତ ସାରମର୍ମ ସହ ନିଜର ପକ୍ଷ ରଖିବା ମୁଖ୍ୟବକ୍ତାଙ୍କ ପରମ ଧର୍ମ। କିନ୍ତୁ ଏବେ ଅତିଥି ଓ ବକ୍ତାମାନଙ୍କ ଲମ୍ବା ଅଭିଭାଷଣ ମୁଖ୍ୟବକ୍ତାଙ୍କ ଅଭିଭାଷଣକୁ ସଂକ୍ଷିପ୍ତ କରିବାକୁ ବାଧ୍ୟ କରୁଛି। ବିଶେଷକରି ସଭାସମିତିରେ ରାଜନେତା ଅତିଥି ହୋଇଥିଲେ ପ୍ରାଜ୍ଞ ବକ୍ତା ମହାଶୟ ସମ୍ପୂର୍ଣ୍ଣ ରୂପେ ଅବହେଳାର ଶିକାର ହୁଅନ୍ତି।

ଅପରପକ୍ଷରେ ଆଜିକାଲି ଶ୍ରୋତାମାନେ ମଧ୍ୟ ଭାଷଣ ଶୁଣିବାକୁ ପସନ୍ଦ କରୁନାହାନ୍ତି। ବାର୍ଷିକ ଉତ୍ସବମାନଙ୍କରେ ପିତାମାତା ବକ୍ତାଙ୍କ ବକ୍ତବ୍ୟ ଶୁଣିବା ପରିବର୍ତ୍ତେ ନିଜ ପିଲାମାନଙ୍କ ନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବ୍ୟଗ୍ର ଥିବାର ଦେଖାଯାଏ। ସମବେତ ଛାତ୍ରଛାତ୍ରୀମାନେ ମଧ୍ୟ ପରସ୍ପର କଥାବାର୍ତ୍ତା ଓ କୋଳାହଳ କରି ବକ୍ତାଙ୍କୁ ନିରୁତ୍ସାହିତ କରିବାକୁ ଚେଷ୍ଟା କରନ୍ତି। ଏପରିକି ମଝିରେ ମଝିରେ ବକ୍ତାଙ୍କୁ ନିରୁତ୍ସାହିତ କରିବା ପାଇଁ ଅଯଥା ତାଳିମାରି ଭାଷଣ ଶେଷ କରିବାକୁ ସଙ୍କେତ ଦେଇଥା'ନ୍ତି। ଫଳରେ ଅସହାୟ ବକ୍ତା ଅତ୍ୟନ୍ତ ତରବରିଆ ଭାବରେ ନିଜର ବକ୍ତବ୍ୟକୁ ବିରାମ ଦେବା ପାଇଁ ବାଧ୍ୟ ହୁଅନ୍ତି।

ଏଠାରେ ଏକ ବାସ୍ତବ ଉଦାହରଣ ଉପସ୍ଥାପନ କରୁଛି। ଏକ ବିରାଟ ସାହିତ୍ୟିକ- ସାଂସ୍କୃତିକ ସଭାରେ ଉଦବୋଧନ ଦେବା ପାଇଁ ସୁଦୂର କଟକରୁ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ତଥା ଧୁରିଣ ବକ୍ତା ଆସିଥା'ନ୍ତି। ବକ୍ତାଙ୍କ ନାଁ ଶୁଣି ସହରରେ ଅନେକ ବୁଦ୍ଧିଜୀବୀ ସଭାଗୃହରେ ଉପସ୍ଥିତ ଥା'ନ୍ତି। ମଞ୍ଚ ଉପରେ ପ୍ରାୟ ସାତ/ଆଠଜଣ ଅତିଥି ବସିଥା'ନ୍ତି। ଜଣେ ଜଣ କରି ଭାଷଣବାଜି ଆରମ୍ଭ ହେଲା। ମୁଖ୍ୟବକ୍ତାଙ୍କୁ କହିବାର ସୁଯୋଗ୍ ମିଳିଲା ଦେଢ଼ ଘଣ୍ଟା ବିଳମ୍ବରେ। ତଥାପି ବୁଦ୍ଧିଜୀବୀ ଅପଲକ ନୟନରେ ଅନାଇ ବସିଥିଲେ ମୁଖ୍ୟବକ୍ତାଙ୍କୁ ଶୁଣିବାକୁ। ହେଲେ ସଭାଗୃହ କୋଳାହଳମୟ। କୃତି ପ୍ରତିଯୋଗୀମାନେ ପୁରସ୍କାର ପାଇଁ ଆତୁର। ପିତାମାତା ପିଲାଙ୍କ ପୁରସ୍କାର ବିତରଣ ସମୟର ଫଟୋ ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଉତ୍କଣ୍ଠିତ। ତେଣେ ନେତା ଅନ୍ୟ କାମର ଆଳ ଦେଖେଇ ମଞ୍ଚ ଛାଡ଼ି ଚାଲିଗଲେ। ତାଙ୍କୁ ଦେଖି ତାଙ୍କର ଅନେକ ଅନୁଗାମୀ ମଧ୍ୟ ଉଠି ପଳେଇଲେ। ମୁଖ୍ୟବକ୍ତା ଜଣକ ଦେଖୁଥା'ନ୍ତି ବିକଳ ହୋଇ। ସାମାନ୍ୟ ଶାନ୍ତି ପ୍ରତିଷ୍ଠା ପରେ ଅତି ବିନମ୍ର ଭାବରେ କହିଲେ, 'ସମୟ ଅତିକ୍ରାନ୍ତ, ଆପଣମାନେ ଆଗାମୀ କାର୍ଯ୍ୟକ୍ରମ ପାଇଁ ବ୍ୟଗ୍ର, ମୁଁ ମଧ୍ୟ ପ୍ରାୟ ଛଅଶହ କିଲୋମିଟରରୁ ଭ୍ରମଣକରି କ୍ଳାନ୍ତ। ବିଶେଷକରି ମୋର ପୂର୍ବ ଅତିଥିମାନଙ୍କ ବକ୍ତବ୍ୟ ଶୁଣିବା ପରେ ମୋର ଭାଷଣର ବୋଧହୁଏ ଆବଶ୍ୟକ ନାହିଁ। ତେଣୁ ଏତେ ବାଟରୁ ମୋତେ ଆମନ୍ତ୍ରଣ କରିଥିବାରୁ ଆୟୋଜକଙ୍କୁ କୃତଜ୍ଞତା ଜ୍ଞାପନ କରି ମୋ ବାଣୀକୁ ବିରାମ ଦେଉଛି। ଧନ୍ୟବାଦ।'

ସେହିପରି ଆଉ ଗୋଟିଏ ଘଟଣା। ଏକ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରର ଉଦଯାପନୀ ଦିବସ ଥିଲା। ଦୁଇଦିନର ସମସ୍ତ ଆଲୋଚନା, ଚର୍ଚ୍ଚା ଓ ପ୍ରଶ୍ନୋତ୍ତର ଆଧାରିତ ଏକ ବିସ୍ତୃତ ଆଲେଖ୍ୟ ପ୍ରସ୍ତୁତ କରି ଚମତ୍କାର ଭାବରେ ଉପସ୍ଥାପନ କରୁଥା'ନ୍ତି ଉଦଯାପନୀ ଦିବସର ବକ୍ତା। ଦଶ/ପନ୍ଦର ମିନିଟ୍ ପରେ ମଞ୍ଚରେ ବସିଥିବା ମୁଖ୍ୟଅତିଥି ବାରମ୍ବାର କଡ଼ ଲେଉଟାଉଥା'ନ୍ତି। ବକ୍ତା କିନ୍ତୁ ଅତି ଆକର୍ଷଣୀୟ ଢଙ୍ଗରେ ତାଙ୍କର ଅଭିଭାଷଣ ଦେଇ ଚାଲିଥା'ନ୍ତି। ଶେଷରେ ମୁଖ୍ୟଅତିଥି ପାଖରେ ବସିଥିବା ସାନ ଅଧିକାରୀଙ୍କୁ କହିଲେ ମୋର ଖାଇପିଇ ବିଶ୍ରାମ କରିବା ବେଳ ହୋଇଗଲାଣି। ମୁଁ ତାକୁ ବରଦାସ୍ତ କରିପାରିବି ନାହିଁ। ଟାଇମ୍ ମାନେ ଟାଇମ୍। ଆବାହକଙ୍କୁ କୁହନ୍ତୁ ଭାଷଣ ବନ୍ଦ ପାଇଁ ନିର୍ଦ୍ଦେଶ ଦେବେ। ଶେଷରେ ତାହାହିଁ ହେଲା। ହାକିମ୍ ନିର୍ଦ୍ଦେଶନାରେ ଅଧାରୁ ଭାଷଣ ବନ୍ଦ ହେଲା। ସମବେତ ବୁଦ୍ଧିଜୀବୀ ଜଳକା ହୋଇ ଚାହିଁ ରହିଥା'ନ୍ତି।

ଏ ହେଉଛି ବିଚରା ବକ୍ତାମାନଙ୍କର ଆଜିର ସ୍ଥିତି ଓ ପରିସ୍ଥିତି। କିନ୍ତୁ ଏଭଳି ବୌଦ୍ଧିକ ଅବହେଳା ସମାଜ ତଥା ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଅଭିଭାଷଣ, ଚର୍ଚ୍ଚା ତଥା ପରସ୍ପା ଆଲୋଚନା ବୌଦ୍ଧିକ ବିକାଶର ପ୍ରକୃଷ୍ଟ ମାଧ୍ୟମ। ଜଣେ ପୁସ୍ତକ ପଢ଼ି ଜ୍ଞାନ ଆହରଣ କରିବାରେ ପରିଶ୍ରମ ଓ ସମୟ ଉପଯୋଗ ହୋଇଥାଏ। କିନ୍ତୁ ଜଣେ ବାଗ୍ମୀଙ୍କ ଉଚ୍ଚକୋଟୀର ଅଭିଭାଷଣ ତଥା ବାକ୍‌ପଟୁତାରେ ଅନେକ ତଥ୍ୟ ଓ ତତ୍ତ୍ୱ ଖୁବ୍ ସହଜରେ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଜାଣିହୁଏ। ଶ୍ରୋତାଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡ଼େ ନାହିଁ। ବିଶେଷକରି ସ୍ୱଳ୍ପ ଅଭିଭାଷଣର ପ୍ରଭାବ ଲମ୍ବା ଭାଷଣଠାରୁ ପ୍ରଭାବଶାଳୀ ହୋଇଥାଏ। କାରଣ ବକ୍ତା ନିରୂପିତ ସମୟ ଅବଧି ମଧ୍ୟରେ ବିଷୟବସ୍ତୁର ନିର୍ଯାସ ସରଳ, ସହଜ ଓ ସୁବୋଧ ଭାବରେ ଉପସ୍ଥାପନା ପାଇଁ ପ୍ରଯତ୍ନ କରିଥା'ନ୍ତି। ଗୋଟିଏ ଉଦାହରଣ ଦେଲେ ଭଲ ହେବ।

ଥରେ ଗୋଟିଏ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଇଁ ଜଣେ ସୁନାମଧନ୍ୟ ବକ୍ତାଙ୍କୁ ନିମନ୍ତ୍ରଣ ପାଇଁ ଯାଇଥିଲୁ। ଉତ୍ସବ ପାଞ୍ଚଦିନ ଥାଏ। ବକ୍ତା ସଫାସଫା ମନା କରିଦେଇ କହିଲେ ଦଶ ମିନିଟର ଭାଷଣ ପାଇଁ ମୁଁ ପାଞ୍ଚ ଦିନରେ ପ୍ରସ୍ତୁତ ହୋଇପାରିବି ନାହିଁ। ଆଶ୍ଚର୍ଯ୍ୟ ହୋଇ ପଚାରିଲି, ସାର୍ ତାହା ହେଲେ ଅଧଘଣ୍ଟାର ଭାଷଣ ପାଇଁ ଆପଣଙ୍କୁ କେତେଦିନ ଦରକାର। ସେ ଚଟାପଟ୍ କହିଲେ, ଅନ୍ତତଃ ସପ୍ତାହେ। ଆଉ ଘଣ୍ଟାଏ ପାଇଁ ପାଞ୍ଚଦିନ ହେଲେ ଚଳିବ। ଆହୁରି ଅବାକ୍ ହୋଇ ପଚାରିଲି ଦୁଇ ତିନି ଘଣ୍ଟାର ଭାଷଣ ପାଇଁ? ଏଇନେ ଚାଲୁନାହାନ୍ତି। କହିବାର ଅର୍ଥ ଅନେକ ପରିଶ୍ରମ ଓ ପ୍ରସ୍ତୁତି କରି ସଭାସମିତିରେ ଉପସ୍ଥିତ ହୋଇଥିବା ବକ୍ତାମାନଙ୍କର ସମୟ ଖାଇ ଦେବା, ଅବହେଳା କରିବା ବା କାମଚଳା ଭଳି ଅଧାରୁ ଚିଠା ବଢ଼େଇ ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ? କିନ୍ତୁ ଏଭଳି ଆଜିକାଲି ଅତ୍ର ତତ୍ର ସର୍ବତ୍ର ହେଉଛି। ଏଥିପାଇଁ ଆତ୍ମସମୀକ୍ଷା ଜରୁରୀ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ବଡ଼ମ୍ବା ବିଜେପିରେ ଗୋଷ୍ଠୀକନ୍ଦଳ ତୀବ୍ର

# ବିଜେପି ବିଦ୍ରୋହର ଫାଇଦା ନେବ ବିଜେଡି

**ବଡ଼ମ୍ବା, ୪।୪ (ସମିସ):** ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ ଆସନ୍ତା ନିର୍ବାଚନ ପାଇଁ ବିଜେଡିରୁ ଦେବୀ ପ୍ରସାଦ ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେପି ନୂଆ ମୁହଁ ମଇଦାନକୁ ଓହ୍ଲାଇଛି। ଏଠାରେ ବିଜେପି ସମ୍ବିତ ତ୍ରିପାଠୀଙ୍କୁ ଟିକଟ ଦେଇଛି। ତେବେ ଏହାକୁ ନେଇ ବଡ଼ମ୍ବା ବିଜେପିରେ ଗୋଷ୍ଠୀକନ୍ଦଳ ତୀବ୍ର ହୋଇଛି। ୨୦୧୯ରେ ପ୍ରାର୍ଥୀ ହୋଇଥିବା ବିଜେପି ନେତା ବିଜୟ କୁମାର ଦଳବେହେରାଙ୍କ ସମର୍ଥକମାନେ ସାମ୍ବାଦିକ ସମ୍ମିଳନୀ କରି ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି। ଏ ନେଇ ରାଜ୍ୟ ବିଜେପି ସଭାପତି ଓ ରାଷ୍ଟ୍ରୀୟ ବିଜେପି କାର୍ଯ୍ୟାଳୟକୁ ଚିଠି ଲେଖି ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ପ୍ରତ୍ୟାହାର କରିବା ସହ ବିଜୟଙ୍କୁ ଟିକଟ ଦେବା ପାଇଁ ଦାବି କରିଛନ୍ତି। ତେବେ ବିଜେପିର ଗୋଷ୍ଠୀକନ୍ଦଳ ବଢ଼ୁଥିବା ବେଳେ ଏହା ମଧ୍ୟରେ ବିଜେଡି ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଗାଁକୁ ଗାଁ ବୁଲି ମହିଳାଙ୍କୁ ଏକତ୍ର କରି ଆଗାମୀ ନିର୍ବାଚନ ଜିତିବା ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି।

ପ୍ରକାଶଯୋଗ୍ୟ ଯେ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ୧୯୯୫ରୁ ୨୦୧୯ ମସିହା ପର୍ଯ୍ୟନ୍ତ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୩୦ବର୍ଷ ହେବ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ବିଭିନ୍ନ ବିଭାଗରେ ମନ୍ତ୍ରୀ ହୋଇ ଗୁରୁଦାୟିତ୍ୱ ମଧ୍ୟ ସମ୍ଭାଳିଛନ୍ତି। ଦଳରେ ସାଂଗଠନିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହ ବିଜେଡି ରାଜ୍ୟ ଉପସଭାପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ନରସିଂହପୁର ୨ଟି ବ୍ଲକକୁ ନେଇ ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ। ଏହି ନିର୍ବାଚନ ମଣ୍ଡଳୀରେ ଚଳିତ ବିଧାନସଭା ନିର୍ବାଚନ ପାଇଁ ବିଜେଡି ଦଳରୁ ୭ମ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି ଦେବୀ ପ୍ରସାଦ ମିଶ୍ର। ଗତ ୨୦୧୯ ନିର୍ବାଚନରେ ପ୍ରଥମ କରି ବିଜୟ କୁମାର ଦଳବେହେରା ବିଜେପିରୁ ଟିକଟ ପାଇ ବଡ଼ମ୍ବା ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ହୋଇଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ଟକ୍କର ଦେଇଥିଲେ। ଶ୍ରୀ ଦଳବେହେରା ୭୨ହଜାର ଭୋଟ ପାଇଥିବା ବେଳେ ଦେବୀ ପ୍ରସାଦ ମିଶ୍ର ୯୮ହଜାର ଭୋଟ ପାଇ ବିଜୟ ଲାଭ କରିଥିଲେ। ଚଳିତ ନିର୍ବାଚନ ପାଇଁ ବିଜେଡି ଦେବୀ ପ୍ରସାଦଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଥିବା ବେଳେ ବିଜେପି ନୂତନ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କୁ ମଇଦାନକୁ ଓହ୍ଲାଇଛି।

## ସମ୍ବିତଙ୍କୁ ୨ ଘଣ୍ଟା ଅଟକ, ଉଦ୍ଧାର କଲା ପୁଲିସ

**ବଡ଼ମ୍ବା, ୪।୪ (ସମିସ):** ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀ ହୋଇଥିବା ସମ୍ବିତ ତ୍ରିପାଠୀଙ୍କୁ ଆଜି ବଡ଼ମ୍ବାରେ ହଟ୍ଟହଟ୍ଟା ହେବାକୁ ପଡ଼ିଛି। ନିଜ ଦଳର କର୍ମୀମାନେ ହିଁ ତାଙ୍କୁ ବିରୋଧ କରିବା ସହ ତାଙ୍କୁ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ। ଖବରପାଇ ପୁଲିସ ପହଞ୍ଚି ଉକ୍ତ କର୍ମୀଙ୍କୁ ବୁଝାସୁଝା କରି ତାଙ୍କୁ ସେଠାରୁ ଉଦ୍ଧାର କରିଥିଲା।



ସୂଚନାନୁଯାୟୀ, ଆଜି ବଡ଼ମ୍ବା ବିଜେପି କାର୍ଯ୍ୟାଳୟରୁ ବିଜେପି ପ୍ରାର୍ଥୀ ଶ୍ରୀ ତ୍ରିପାଠୀ କିଛି କର୍ମୀଙ୍କୁ ନେଇ ବାବା ସିଂହନାଥ ପୀଠକୁ ଯାଇ ବାବାଙ୍କୁ ଦର୍ଶନ କରି କୃପାଭିକ୍ଷା ଲାଭ କରିଥିଲେ। ପରେ ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ସେହି ସ୍ଥାନରୁ ମୁଖ୍ୟ ରାସ୍ତା ଦେଇ ନରସିଂହପୁର ପ୍ରଗଳା ଦେବୀଙ୍କୁ ଦର୍ଶନ କରିବା ପାଇଁ ଯିବା ବାଟ ଗୋପଳପୁର ଛକ ମୁଖ୍ୟ ରାସ୍ତା ଉପରେ ଶତାଧିକ ବିଜେପି କର୍ମୀମାନେ ଶ୍ରୀ ତ୍ରିପାଠୀ ଓ ତାଙ୍କ ସମର୍ଥକମାନେ ଯାଉଥିବା ପ୍ରାୟ ୧୨ଟି ଗାଡ଼ିକୁ ଅଟକାଇଥିଲେ। ସମ୍ବିତଙ୍କ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେବା ସହ ବିଜୟ କୁମାର ଦଳବେହେରାଙ୍କ ସମର୍ଥନରେ ନାରାବାଜି କରିଥିଲେ। ଖବର ପାଇ ବଡ଼ମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ଭାରପ୍ରାପ୍ତ ଅଧିକାରୀ ଶିବ ପ୍ରସାଦ ଭଦ୍ର, ଏସ୍‌ଆଇ ସମ୍ବିତ ସ୍ୱାଇଁଙ୍କ ସହ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଶତାଧିକ ବିଜେପି କର୍ମୀଙ୍କୁ ବୁଝାସୁଝା କରିଥିଲେ। ଏହାପରେ ସମ୍ବିତଙ୍କୁ ପ୍ରଗଳା ଦର୍ଶନ ପାଇଁ ଯିବାକୁ ବାହାରିଥିଲେ, ହେଲେ ପୁଣି ଉକ୍ତ କର୍ମୀମାନେ ତାଙ୍କ ଗାଡ଼ିକୁ ବିଧା ଗୋଇଠା ମାରିବା ସହ ଟମାଟୋ ମାଡ଼ କରିଥିଲେ। ପୁନର୍ବାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ବିତଙ୍କୁ ସୁରକ୍ଷାବଳୟ ମଧ୍ୟରେ ନେଇ ତାଙ୍କ ଘରେ ପହଞ୍ଚାଇଥିଲା। ଆଗାମୀ ଦିନରେ ବିଜୟ କୁମାର ଦଳବେହେରାଙ୍କୁ ଟିକଟ ଦିଆ ନଗଲେ ସମ୍ବିତଙ୍କୁ ବଡ଼ମ୍ବା ନରସିଂହପୁରର କୌଣସି ପଞ୍ଚାୟତରେ ପୂରାଇ ଦିଆଯିବନାହିଁ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କଟକ, ୪।୪ (ସମିସ):** କଟକ ସଦର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିବା ମାମଲାରେ କଟକସ୍ଥିତ ଆଡହକ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଫାଷ୍ଟଟ୍ରାକ କୋର୍ଟ-୧) ଭୁଜିଆ ଭୋଇ (୬୦)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ଭୁଜିଆକୁ ଆଇପିସିର ଧାରା ୩୭୬(୩) ଓ ପୋକ୍‌ସୋ ଆଇନର ଧାରା ୪(୨)ଅନୁସାରେ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନର ବ୍ୟବସ୍ଥା କରାଇବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ମେ' ୧୫ରେ କଟକ ସଦର ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ନାବାଳିକାଜଣକ ରାତିରେ ନିଜ ବାଡ଼ିକୁ ଯାଇଥିବା ବେଳେ ଅଭିଯୁକ୍ତ ଭୁଜିଆ ଜୋରଜବରଦସ୍ତ ତାକୁ ଅପହରଣ କରିନେଇ ଦୁଷ୍କର୍ମ କରିଥିଲା। ପାଟି ଶୁଣି କିଛି ସ୍ଥାନୀୟ ବାସିନ୍ଦା ପହଞ୍ଚିବାରୁ ଭୁଜିଆ ଖସି ପଳାଇଥିଲା। ପରେ ନାବାଳିକାର ମା' ସଦର ଥାନାରେ ଏକ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ୨୦୨୨ ଜୁଲାଇ ୭ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଏହି ମାମଲାର ଶୁଣାଣି କରି ୨୦୨୪ମାର୍ଚ୍ଚ ୨୨ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। କୋର୍ଟରେ ଶୁଣାଣି ବେଳେ ଦାଖଲ ହୋଇଥିବା ତଥ୍ୟପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ୨୦ବର୍ଷ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଏସ.ପି.ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ମହାନଦୀରେ ଡଙ୍ଗାବୁଡ଼ି ଜଣେ ନିଖୋଜ

**ବାଙ୍କୀ, ୪।୪ (ସମିସ):** ମହାନଦୀରେ ଗାଧୋଇବା ବେଳେ ଜଣେ ନିଖୋଜ ହୋଇଯାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ବାଙ୍କୀ ବ୍ଲକ୍ ଅନ୍ତର୍ଗତ ରତାଗଡ଼ ଗୋବିନ୍ଦପୁର ପଞ୍ଚାୟତ ସହଙ୍ଗାଗୋପାଳପୁରଠାରେ ଏହି ଅଘଟଣ ଘଟିଛି। ଆଜି ମଧ୍ୟାହ୍ନରେ ୪ଜଣ ସାଙ୍ଗ ଗାଧୋଇବାକୁ ଆସିଥିବା ବେଳେ ଏକ ହୁଲି ଡଙ୍ଗାରେ ନଦୀରେ ବୁଲିଥିଲେ। ଏହି ସମୟରେ ଡଙ୍ଗା ଓଲଟି ପଡ଼ିବାରୁ ୪ଜଣଯାକୁ ବୁଡ଼ିଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ୩ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଜଣେ ନିଖୋଜ ହୋଇଯାଇଥିଲେ। ଉଦ୍ଧାର ୩ଜଣଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ନିଖୋଜ ଯୁବକଜଣକ ଢେଙ୍କାନାଳ ଜିଲ୍ଲା ସପ୍ତଶର୍ଯ୍ୟା ପଞ୍ଚାୟତର ନିରଞ୍ଜନ ନାୟକଙ୍କ ପୁତ୍ର ରଜତ ନାୟକ ବୋଲି ଜଣାପଡ଼ିଛି।

## ସ୍ୱାମୀଙ୍କ ଚଳନ୍ତା ବାଇକ୍‌ରୁ ଖସି ସ୍ତ୍ରୀ ମୃତ

**ରାମଚନ୍ଦ୍ରପୁର/ଆନନ୍ଦପୁର, ୪।୪(ସମିସ):** ଚଳନ୍ତା ବାଇକ୍‌ରୁ ଖସି ଘସିପୁରା ବ୍ଲକ ମଦନପୁର ଗ୍ରାମର ଟୁନୁ ସାହୁଙ୍କ ପତ୍ନୀ ସୁରମା ସାହୁ ମୃତ୍ୟୁ ହୋଇଯାଇଛି। ଆଜି ସନ୍ଧ୍ୟାରେ ଏହି ଅଘଟଣ ଘଟିଛି। ଉଭୟ ପତିପତ୍ନୀ କେନ୍ଦୁଝରରୁ ଏକ ବାଇକ୍‌ରେ ନିଜ ଗାଁ ମଦନପୁରକୁ ଏକ ଶୁଦ୍ଧି କାମରେ ଯୋଗଦେବାକୁ ଯାଉଥିବା ବେଳେ ୨୦ନମ୍ବର ଜାତୀୟ ରାଜପଥର କୁମୁଡ଼ ଛକ ନିକଟରେ ଅସାବଧାନତାବଶତଃ ପତ୍ନୀ ସୁରମା ବାଇକ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ସୁରମାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ ୨୫ଲକ୍ଷର ଗହଣା

**ଡେଲାଙ୍ଗ, ୪।୪ (ସମିସ):** ବନ୍ଧୁକ ଦେଖାଇ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର। ଡେଲାଙ୍ଗ ଷ୍ଟେସନ୍ ବଜାର ନିକଟରେ ବୁଧବାର ରାତିରେ ଏହି ଆପରାଧିକ ଘଟଣା ଘଟିଛି। ଲୁଟ୍‌ର ଶିକାର ହୋଇଛନ୍ତି ସୁନା ବ୍ୟବସାୟୀ ପ୍ରଶାନ୍ତ କୁମାର ମହାପାତ୍ର(୪୧)। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହ ଆଖପାଖର ସିସିଟିଭି ଫୁଟେଜ୍ ଛାନଭିନ୍ ଆରମ୍ଭ କରିଛି। ସେହି ରାସ୍ତା ଦେଇ ଉଦୟପୁର, ବେରବୋଇ ସ୍ୱାଇଁ ସାହି, ମଣିଜିପୁର, ବୋଲକଣା ଓ ବରକେରା ପ୍ରମୁଖ ଗ୍ରାମଦେଇ ୩ ବାଇକରେ ୬ଜଣ ଯୁବକ ଦ୍ରୁତଗତିରେ ଯାଉଥିବା ସ୍ଥାନୀୟ ଲୋକମାନଙ୍କଠାରୁ ପୁଲିସ ଜାଣିବାକୁ ପାଇଛି।

ସୂଚନା ମୁତାବକ, ଡେଲାଙ୍ଗ ଷ୍ଟେସନ୍ ବଜାରରେ ଥିବା ପ୍ରଶାନ୍ତ କୁମାର ମହାପାତ୍ର(୪୧)ଙ୍କ ଅଳଙ୍କାର ଦୋକାନଠାରୁ ଉଦୟପୁର ରାସ୍ତାର ମାତ୍ର ଶହେ ମିଟର ଦୂରରେ ତାଙ୍କ ଘର। ତେଣୁ ସୁରକ୍ଷା ଦୃଷ୍ଟିରୁ ପ୍ରତିଦିନ ପ୍ରଶାନ୍ତ ଦୋକାନ ବନ୍ଦ କରିବା ବେଳେ ଦୋକାନରେ ଥିବା ସୁନା ଓ ଅନ୍ୟାନ୍ୟ ଅଳଙ୍କାରଗୁଡ଼ିକୁ ଗୋଟିଏ ବ୍ୟାଗ୍‌ରେ ରଖି ଘରକୁ ନେଇଯାନ୍ତି। ସବୁଦିନ ଭଳି ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ପ୍ରଶାନ୍ତ ସବୁ ଗହଣା ଗୋଟିଏ ବ୍ୟାଗ୍‌ରେ ରଖି ନିଜ ବାଇକ୍ ହ୍ୟାଣ୍ଡେଲ୍‌ରେ ଟଙ୍ଗାଇ ଘରକୁ ଫେରିଥିଲେ। ଘର ପଛପଟ ରାସ୍ତାକଡ଼ରେ ଜଣେ ବାଇକ୍ ଷ୍ଟାର୍ଟ କରି ରଖିଥିବା ଦେଖି ନିଜ ଗାଡ଼ିକୁ ଅଟକାଇବା ବେଳକୁ ହଠାତ୍ ଜଣେ ଦୁର୍ବୃତ୍ତ ପଛପଟୁ ଆସି ତାଙ୍କ ମୁହଁକୁ ଚାପି ଧରିଥିଲା। ମୁଣ୍ଡରେ ବନ୍ଧୁକ ଲଗାଇବା ସହ ଧମକାଇଥିଲା। ଆଉ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଗହଣା ବ୍ୟାଗ୍ ଓ ଗାଡ଼ି ଚାବି ଛଡ଼ାଇନେବା ସହ ତାଙ୍କୁ ଧକା ମାରି ତଳେ ପକାଇ ଚମ୍ପଟ ମାରିଥିଲା। ଗହଣା ବ୍ୟାଗ୍‌ରେ ୩ ଶହ ଗ୍ରାମ୍‌ର ସୁନା ଓ ୬ କେଜି ରୁପା ଥିଲା। ଏହାର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରଶାନ୍ତ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।

## କଂଗ୍ରେସ ଛାଡ଼ିଲେ ବାପି, ବିଜେପି ଛାଡ଼ିଲେ ସୋନାଲି

**ଭୁବନେଶ୍ୱର, ୪।୪(ସମିସ):** କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ପାରାଦ୍ୱୀପର ଯୁବ ନେତା ବାପି ସର୍ଖେଲ। ଗୁରୁବାର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କର ଇସ୍ତଫା ପତ୍ର ପଠାଇବା ସହ ଦଳର ବିଭିନ୍ନ କମିଟି ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଆଗାମୀ ଦିନରେ ସେ ଶ୍ରମିକମାନଙ୍କ ସାମାଜିକ ଉତ୍ଥାନ ପାଇଁ କାର୍ଯ୍ୟ କରିବେ। ଜଣେ ଟ୍ରେଡ୍ ୟୁନିୟନ ନେତା ଭାବେ ଏହା ତାଙ୍କର ସ୍ୱପ୍ନ ବୋଲି ସେ ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ନିଷ୍ଠାର ସହ ଦେଶ ଓ ରାଜ୍ୟ ପାଇଁ କାର୍ଯ୍ୟ କରିବାକୁ କଂଗ୍ରେସ ଦଳ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ପିସିସି ସଭାପତିଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ପାରାଦୀପର ଟାଣୁଆ ନେତା ତଥା କଂଗ୍ରେସର ପୂର୍ବତନ ବିଧାୟକ ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା ସର୍ଖେଲ ଗତ କିଛି ଦିନ ତଳେ ବିଜେଡିରେ ସାମିଲ ହେଇଥିଲେ।



**ଶ୍ରମିକ କଲ୍ୟାଣ ପାଇଁ କାମ କରିବି: ବାପି**
**ବିଜେପି ଏକ ଅସହିଷ୍ଣୁମାନଙ୍କ ଦଳ: ସୋନାଲି**

ଅନ୍ୟପକ୍ଷରେ ବିଜେପି ମୁଖପାତ୍ର ସୋନାଲି ସାହୁ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ଶ୍ରୀମତୀ ସାହୁ କହିଛନ୍ତି ଯେ ବିଜେପି ଏକ ଅସହିଷ୍ଣୁମାନଙ୍କର ଦଳ। ତମାମ ଦେଶରେ ବିଜେପି ଯେପରି ଭାବେ ପ୍ରତିହିଂସାର ରାଜନୀତି କରୁଛି ତାହା ଗଣତନ୍ତ୍ର ପାଇଁ ବିପଦ। ଦେଶରେ ମହିଳା, କୃଷକ ଓ ଯୁବବର୍ଗଙ୍କୁ ବିଜେପି ପ୍ରତାରିତ କରିଛି। ଏ ସବୁ ଅବଗତ ହେବା ପରେ ସେ ବିଜେପି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ସୋନାଲି କହିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବରେ ଶ୍ରୀମତୀ ସାହୁ ଦଳରେ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ମିଡିଆ ପ୍ରଭାରୀ ବବିତା ଶର୍ମାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତି ଥିଲେ।

## ଘାଟିତଳକୁ ଖସିଲା ପିକ୍‌ଅପ୍: ୨ ମୃତ, ୨୬ ଆହତ

**ପଟ୍ଟାଙ୍ଗି, ୪।୪ (ସମିସ):** ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶର ପାଡେରୁରେ ଘାଟି ତଳକୁ ଏକ ବଲେରୋ ଖସି ପଡ଼ିବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୬ଜଣ ଆହତ ହୋଇଛନ୍ତି। ମୃତାହତମାନେ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତ ଅନ୍ତର୍ଗତ ବାଡ଼ାମଗୁଡ଼ା ଗ୍ରାମର ବୋଲି ଜଣାଯାଇଛି। ସେମାନେ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଅଞ୍ଚଳକୁ କାମ କରିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ମୃତକଦ୍ୱୟ ହେଲେ, ସୋନୁ ଭୋଇ (୫୪) ଏବଂ ଜୟନ୍ତୀ ଭୋଇ (୩୬)। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଆହତ ଶ୍ରମିକମାନେ ଆନ୍ଧ୍ରର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି।



**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**LOST**
I Namita Sahoo, W/o Bichitra Kumar Sahoo, Vill: Lambodarpur, Ps- Dhenkanal Sadar, Dist – Dhenkanal that on 25.10.2023 at about 10.30 AM while I was going to Kakudibhag Branch from my home, I lost the Original ROR vide Khata No : 77/147 of Mouza-Jhinkaragadi, Ps: Sadar, Dist: Dhenkanal on the way. I searched the above missing Original ROR everywhere but unable to trace it out anywhere. If anybody found kindly inform me on 9937758424.

# ଅବଶିଷ୍ଟାଂଶ...

### ବିଜେପିରେ ବିଦ୍ରୋହ...

କରିବେ; ଦଳକୁ ଏଥିରୁ କେହି ରକ୍ଷା କରିପାରିବେ ନାହିଁ ବୋଲି ସତର୍କ କରିଛନ୍ତି ରାଜନୀତିକ ମହଲ।

୩୦ ବର୍ଷ ଧରି ଦଳ ପାଇଁ ପରିଶ୍ରମ କରିଥିବା ନେତାଙ୍କୁ ଅଣଦେଖା କରି ଅନ୍ୟ ଦଳରୁ ଆସି ଯୋଗ ଦେଇଥିବା ଅରବିନ୍ଦ ଡାଲିଙ୍କୁ ଟିକଟ ପ୍ରଦାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜୟଦେବ ନିର୍ବାଚନମଣ୍ଡଳୀର ବିଜେପି କର୍ମୀ। ଏହା ସହିତ କାର୍ଯ୍ୟାଳୟ ପରିସରରେ ଚେୟାର, ଫୁଲକୁଣ୍ଡକୁ ଭଙ୍ଗାରୁଜା କରିଛନ୍ତି ଟିକଟ ଆଶାୟୀ ବସନ୍ତଙ୍କ ସମର୍ଥକ। ବାଙ୍କୀରୁ ଆସିଥିବା ଶୁଭ୍ରାଂଶୁ ପାଢ଼ୀଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଉଗ୍ର ରୂପ ପ୍ରଦର୍ଶନ କରିଛନ୍ତି। ଅର୍ଥ ଲୋଭରେ ବାଙ୍କୀରେ ଜଣେ ଖଣି ମାଫିଆଙ୍କୁ ଦଳୀୟ ଟିକଟ ଦିଆଯାଇଛି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶୁଭ୍ରାଂଶୁଙ୍କ ସମର୍ଥକ ଚରମବାଣୀ ଶୁଣାଇଛନ୍ତି। 'ବାଙ୍କୀ ଚାହେଁ, ବାଙ୍କୀ ପୁଅ'; 'ଆମ ଟିକଟ ଫେରାଇ ଦିଅ' ସ୍ଲୋଗାନରେ ରାଜ୍ୟ କାର୍ଯ୍ୟାଳୟ କମ୍ପମାନ କରିଛନ୍ତି। କୋରେଇରୁ ଟିକଟ ଆଶାୟୀ ଇଂ ଆଲେକଜାଣ୍ଡର ଦାସଙ୍କ ସମର୍ଥକ, କାକଟପୁରର ବାଇଧର ମଲ୍ଲିକଙ୍କ ସମର୍ଥକ ମଧ୍ୟ କାର୍ଯ୍ୟାଳୟ ପରିସରରେ ପ୍ରବଳ ହଙ୍ଗାମା କରିଛନ୍ତି। ହିଞ୍ଜିଳିରୁ ଆସିଥିବା ବିଜେପି ସମର୍ଥକମାନେ ଦଳର ଟିକଟ ପ୍ରଦାନ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଲଗାତାର ଭାବେ ଟିକଟ ପ୍ରଦାନରେ ପ୍ରୀୟାପ୍ରୀତି ତୋଷଣ ସେମାନଙ୍କ ସ୍ୱାଭିମାନ ଉପରେ କୁଠାରଘାତ କରିଛି। ତେଣୁ ତୁରନ୍ତ ଟିକଟ ବଦଳାଇବାକୁ ସେମାନେ ଦାବି କରିଛନ୍ତି।

ଅନୁରୂପ ଭାବରେ ରେଢ଼ାଖୋଲରେ ମଧ୍ୟ ଦଳୀୟ ଟିକଟକୁ ନେଇ ବିଦ୍ରୋହ ସୃଷ୍ଟି ହୋଇଛି। ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବିଜେପି ଟିକଟକୁ ନେଇ କର୍ମୀମାନେ ଉଗ୍ରରୂପ ଧାରଣ କରିଛନ୍ତି। ଆଗାମୀ ଦିନରେ ସେମାନେ ରାଜ୍ୟ କାର୍ଯ୍ୟାଳୟକୁ ଆସିବାକୁ ସଜବାଜ ହେଉଥିବା ବେଳେ ଆଉ କେତେକ ପୁରୁଖା ନେତା ସ୍ୱାଧୀନ ଲଢ଼ିବାକୁ ସଜବାଜ ହେଉଛନ୍ତି। ଯାହା ବିଜେପି ରାଜ୍ୟ ନେତୃତ୍ୱଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି।

### ବିଜେଡି ସପକ୍ଷରେ...

ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ବିଜେଡି ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ମହେନ୍ଦ୍ର ପାତ୍ର ଜଣେ ସାମାଜିକ ଗଣମାଧ୍ୟମ କର୍ମୀ। ସେ ନିୟମିତ ଭାବେ ବିଜେଡି ସପକ୍ଷରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥାନ୍ତି। ରାଜ୍ୟ ସରକାରଙ୍କ ସଫଳ ଯୋଜନା, କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥାନ୍ତି। କେବଳ ଏହି କାରଣ ପାଇଁ ନାଲଗୋଣ୍ଡା ପଞ୍ଚାୟତ ସମିତି ସଭ୍ୟ ଅଭୟ ବାଲା ଏବଂ ତାଙ୍କର ସମର୍ଥକମାନେ ଶ୍ରୀ ପାତ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗତ ୨ ତାରିଖ ଅପରାହ୍ନରେ ମତୋ ପଞ୍ଚାୟତରେ ଅଭୟ ଏବଂ ତାଙ୍କ ସମର୍ଥକମାନେ ଶ୍ରୀ ପାତ୍ରଙ୍କ ଉପରେ ଆକ୍ରମଣ କରିଥିଲେ। ଜଣେ ନାଗରିକଙ୍କ ସ୍ୱାଧୀନତା ଉପରେ ବିଜେପି ନେତାମାନେ ଆକ୍ରମଣ କରିବା ଅର୍ଥ ହେଉଛି ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ। ବିଜେପି ନେତାଙ୍କର ଏପରି ଆଚରଣ ସମଗ୍ର ସଭ୍ୟ ସମାଜ ଉପରେ ଆକ୍ରମଣ। ତେଣୁ ମହେନ୍ଦ୍ର ପାତ୍ରଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜେପି ନେତା ଅଭୟ ଏବଂ ତାଙ୍କର ସମର୍ଥକମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏଥିସହ ଭବିଷ୍ୟତରେ ଏପରି ହିଂସାକାଣ୍ଡର ଯେପରି ପୁନରାବୃତ୍ତି ନ ହୁଏ ସେଥି ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ଆଜି ସଂଧ୍ୟାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାଂସଦ ସୁଲତା ଦେଓ, ସାଂସଦ ଡ଼ ସସ୍ମିତ ପାତ୍ର, ଡ଼ ଲେଲିନ୍ ମହାନ୍ତି, ସ୍ୱୟମ୍ ପ୍ରକାଶ ମହାପାତ୍ର, ସଞ୍ଜୟ ବାବୁ, ଡ଼ ପ୍ରିୟବ୍ରତ ମାଝି, ଓମପ୍ରକାଶ ସାହୁ, ମିହିର ରାୟ, ମଧୁସ୍ମିତା ନାୟକ, ଇପ୍ସିତା ସାହୁ ପ୍ରମୁଖ ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଛନ୍ତି।

### ୪୨° ଛୁଇଁଲା...

ରବିବାର ତାରିଖରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ରାଜ୍ୟରେ କେତେକ ଜିଲ୍ଲାରେ ବର୍ଷା ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ୬ରେ କିଛି ଜିଲ୍ଲାରେ କାଳବୈଶାଖୀ ହେବାକୁ ଥିବା ବେଳେ ୭ରୁ କାଳବୈଶାଖୀର ପ୍ରକୋପ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହା ଯୋଗୁଁ ତାପମାତ୍ରାରେ ସାମାନ୍ୟ ହ୍ରାସ ହେବା ନେଇ ଆକଳନ କରାଯାଇଛି। କାଳବୈଶାଖୀ ସମୟରେ କିଛି ଜିଲ୍ଲାରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବୋହିପାରେ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

### କୋରାପୁଟରେ ବିଜେପି...

କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ମିଶ୍ରଣ ପର୍ବରେ କଂଗ୍ରେସର ଶ୍ୟାମ ହନ୍ତାଳ, ହରିରାମ ଖୋରା, ସୋମୁ ଶିଶା, ପିଟୁ ଖୋରା, ଧୋନୁ ଘୁଣ୍ଟା, ବୀରେନ୍ଦ୍ର ଘୁଣ୍ଟା, ବିଜୟ ହନ୍ତାଳ, ନୋନା ମୋଣ୍ଡ, ମନୋଜ ଦୁରିଆ, ବିଜେପି ନେତା ଦାମୋଦର ସେଠୀ, ନାଗେଶ୍ୱର ପୂଜାରୀ, ନକୁଳ ନାୟକ, ଉପେନ୍ଦ୍ର ହନ୍ତାଳ, ଶ୍ୟାମସୁନ୍ଦର ଘୁଣ୍ଟା, ଉଗ୍ରେସେନ ପେଟିଆ, ମୁକୁନ୍ଦ ଘୁଙ୍ଗୋ, ପର୍ଶୁରାମ ପାଙ୍ଗୀ, ଜଗତରାୟ ଖିଲୋ, ରାମ ଦାସ ଖମୁଦୁ, ଦାଶରଥି ଖିଲୋ, ପର୍ଶୁରାମ ପାଙ୍ଗୀ, ରାଜେନ୍ଦ୍ର ପ୍ରଧାନ, ଗୁନା ପାଙ୍ଗୀଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।

### ରାଜ୍ୟ ବିଜେପିରେ...

ମନେ ହେଉଛି ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛନ୍ତି। ରାଜ୍ୟ ବିଜେପି ଉଭୟ ମହିଳା ସଶକ୍ତିକରଣ ପ୍ରସଙ୍ଗ ଓ ଦଳୀୟ ଆଦର୍ଶକକୁ ନେଇ ସମ୍ବେଦନଶୀଳ ନୁହେଁ, ତାହା ଦଳର ଉଭୟ ବିଧାନସଭା ଓ ଲୋକସଭା ପ୍ରାର୍ଥୀ ତାଲିକା ଦେଖିଲେ ସ୍ପଷ୍ଟ ହେଉଛି। ଦଳ ପକ୍ଷରୁ ୧୧୨ ଜଣିଆ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି, ସେଥିରେ ମାତ୍ର ୮ ଜଣ ମହିଳାଙ୍କୁ ସ୍ଥାନ ମିଳିଛି। ଅର୍ଥାତ୍ ତାଲିକାରେ ମାତ୍ର ୭ ପ୍ରତିଶତ ମହିଳା ସ୍ଥାନ ପାଇଛନ୍ତି। ସେହିପରି ୨୧ ଜଣିଆ ଲୋକସଭା ପ୍ରାର୍ଥୀ ତାଲିକାରେ ମାତ୍ର ୪ ଜଣ ମହିଳା ସ୍ଥାନ ପାଇଛନ୍ତି। ଏହାହିଁ, ବିଜେପିର ମହିଳା ସଶକ୍ତିକରଣ ପ୍ରତି ଉଦାସୀନତାକୁ ପ୍ରମାଣିତ କରୁଛି ବୋଲି ରାଜନୀତିକ ମହଲରେ ମତପ୍ରକାଶ ପାଇଛି।

### 'ନନ୍ଦିଘୋଷ ଟିଭି'...

ଗ୍ରହଣ କରିବାକୁ ସବୁ ମହଲରେ ଦାବି ହୋଇଛି। ଗତ ୩ ଦିନ ହେଲାଣି ବିଜେପି କର୍ମୀଙ୍କ ଅସନ୍ତୋଷ ନିଆଁରେ ରାଜ୍ୟ କାର୍ଯ୍ୟାଳୟ ଜଳୁଛି। ଏହାର ସମାଧାନରେ ରାଜ୍ୟ ନେତୃତ୍ୱ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ବେଳେ ହଙ୍ଗାମା, ପ୍ରତିବାଦ ଦିନକୁ ଦିନ ବଢ଼ୁଛି। ଜଣେ ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ଭାବେ 'ନନ୍ଦିଘୋଷ ଟିଭି' ରାଜ୍ୟ ବିଜେପିର ସମସ୍ତ ଖବର ପ୍ରସାରଣ କରୁଥିବା ବେଳେ ଏହି ଖବର ପ୍ରସାରଣ କରିବାକୁ ମଧ୍ୟ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟ ଯାଇଥିଲା। ହଙ୍ଗାମା କରୁଥିବା ଦଳୀୟ କର୍ମୀଙ୍କ ମତାମତ ନେବାକୁ ସାମ୍ବାଦିକ ସୌମ୍ୟରଞ୍ଜନ ଚେଷ୍ଟା କରୁଥିଲେ। ଏତିକିବେଳେ ଉତ୍କ୍ଷିପ୍ତ ହୋଇ ଉଠିଥିଲେ ବିଜେପି ନେତା ଯତୀନ ମହାନ୍ତି। ସୌମ୍ୟଙ୍କ କ୍ୟାମେରା ବନ୍ଦ କରିବାକୁ ସେ ଚେଷ୍ଟା କରିବା ସହ ତାଙ୍କୁ ଧକ୍କା ମାରିଥିଲେ। ଠେଲି ଠେଲି ସୌମ୍ୟଙ୍କୁ କାର୍ଯ୍ୟାଳୟ ବାହାର ପର୍ଯ୍ୟନ୍ତ ନେଇ ଆସିଥିଲେ। କାର୍ଯ୍ୟାଳୟ ପରିସରରେ ରିପୋର୍ଟିଂ କରିପାରିବ ନାହିଁ ବୋଲି ଧମକ ଦେଇଥିଲେ। ଯତୀନଙ୍କ ଏପରି ଗୁଣ୍ଡାଗିରିକୁ ନେଇ ଏବେ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ପ୍ରତି ବିଜେପି ନେତାଙ୍କର ଏପରି ଆଚରଣକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ରାଜ୍ୟ ବିଜେପିର କେତେକ ନେତା ସାମ୍ବାଦିକ ବିଶେଷକରି 'ନନ୍ଦିଘୋଷ ଟିଭି'ର ସାମ୍ବାଦିକଙ୍କୁ ଆକ୍ରମଣ କରିଛନ୍ତି। ବିଜେପିର ଅପ୍ରିୟ ସତକଥାକୁ ଲୋକଲୋଚନକୁ ଆଣୁଥିବାରୁ ଦଳୀୟ ନେତାମାନେ ପ୍ରତିହିଂସା ପରାୟଣ ହୋଇ ପଡ଼ୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**IN THE COURT OF CIVL JUDGE, (SENIOR DIVISION), (LR & LTV), SAMBALPUR**
Civil Suit No. 33 of 2016

Mst. Mohini Pattnaik ........Plaintiff
Vrs
Tripura Badehi & 8 others ______ Defendants

To,
1. Susama Badhei, aged about 37 years (Thirty seven) years
2. Surama Badhei,
3. Sukranti Badhei, aged about 31 years (Thirty one) years.
4. Sumani Badhei, aged about 29 years (Twenty nine) years.

All are sons and duaghters of Late Saheba Badhei, all are Resident of At. Bhatra, Po/Ps.: Dhanupali, Tahasil/Munsifi/District: Sambalpur.

5. Raghunandan Bohidar, aged about 65 (Sixty five) years, Resident of Hanumanpada, Po/Ps/ Tahasil/Munsifi: Padampur, District: Bargarh.

The above are defendant No.3 (three) to 6 (six)a respectively and defendant No.9 (nine). Take notice that the plaintiff named above has filed the aforementioned suit against you for declaration. Inspite of notice being issued from the court you have been avoiding to receive the same. Thus notice is made on to your for appearance in the court on dated 8th April 2024 at 07.30 A.M. personally or through authorized agent, failing which the court shall proceed in the suit against you in your absence.

Given under my hand and seal on the court today on 11.03.2024.

Sd/- Civil Judge (Sr. Division) (LR & LTV)
Sambalpur

**AFFIDAVIT**
I, Shaikh Abdul Kadir, S/o- Sekh Kalim uddin, resident of At- Umamaheswarpur, Po-Nuapatana, Ps-Nimapara, Dist-Puri, Pin-754004, Odisha Declared by this affidavit No.5896, dated : 04/04/2024, that now onwards I shall be known as **Sekh Abdul Kadir** for all future purposes.

**AFFIDAVIT**
I, Shaikh Kalim Uddin, S/o- Sekh Raphi Uddin, resident of At- Umamaheswarpur, Po-Nuapatana, Ps-Nimapara, Dist-Puri, Pin-754004, Odisha declared by this affidavit No.5895, dated- 04/04/2024, that now onwards I shall be known as **Sekh Kalim Uddin** for all future purposes.

## ଦୃଢ଼ଇଚ୍ଛା ଓ ଅଭ୍ୟାସ ସଫଳତାର ଚାବିକାଠି




**ସୁନ୍ଦରଗଡ,୪।୪(ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟାଳୟର ଚିଫ ଜେନେରାଲ ମ୍ୟାନେଜର ଦିନେଶ ପୃଥ୍ ଷ୍ଟେଟ ବ୍ୟାଙ୍କ ଆର୍‌ସିଟି ସୁନ୍ଦରଗଡ଼ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସିଲେଇ ତାଲିମ ଗ୍ରହଣ କରୁଥିବା ୬୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ସିଲେଇ ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବୀ ହେବାକୁ ସେ ପ୍ରୋତ୍ସାହିତ କରିଥିଲେ। ଡିଜିଏମ ମନମୋହନ ସ୍ୱାଇଁ ଓ ଡିଜିଏମ୍ (ଏଫ୍‌ଆର୍) ଅଶ୍ୱିନୀ ପ୍ରହରାଜ ଚୌଧୁରୀ ପ୍ରମୁଖ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱରଜଗାରି ଏବଂ ଏହାର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ। ସୁନ୍ଦରଗଡ଼ ଏଲଡିଏମ ଗଗନ ବିହାରୀ ଭୋଳ ଦୃଢ଼ ଇଚ୍ଛା ଏବଂ ଅଭ୍ୟାସ ସଫଳତାର ଚାବି କାଠି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ସୁରଜ ଆନନ୍ଦ, କୌଶଳ ପ୍ରଶିକ୍ଷିକା ମିନତୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ, କାର୍ଯ୍ୟକ୍ରମ ସହାୟକ ହର୍ଷବର୍ଦ୍ଧନ ମୁକ୍ତା, ରଶ୍ମିତା କିଶାନ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦନ ସରେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ପ୍ରଭାତ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଶି ଦେଇ ଯୁବକଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ଼,୪।୪(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ପଣ୍ଡରିଢିପାର ଜଣେ ଯୁବକ ତାଙ୍କ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମର ଗୌରବ ରଉଡିଆ (୨୭) କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ତାଙ୍କ ବେକରେ ଫାଶି ଦେବା ସହ ଝୁଲି ପଡଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଛି। କାର୍ଯ୍ୟରତ ଡାକ୍ତର ଏ ନେଇ ଥାନାକୁ ଏମଏଲସି ପଠାଇ ଥିବାଜଣାପଡ଼ିଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ସୁନ୍ଦରଗଡ଼,୪।୪(ସମିସ):** ହେମଗିରି ଥାନା ଅଧୀନ ଟାଙ୍ଗରଡିହି ଗ୍ରାମର ଜଣେ ଦଶମଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ ହୋଇଛି। ଗତ ୧ ତାରିଖରୁ ସମ୍ପୃକ୍ତ ଛାତ୍ରୀଙ୍କ ପତ୍ତା ମିଳୁନି। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଅପହରଣ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ରୋହିତଙ୍କୁ ବୀରମିତ୍ରପୁର ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



**ରାଉରକେଲା, ୪।୪(ସମିସ):** ସୁନ୍ଦରଗଡ଼ ମାଟିର ଲଢୁଆ ଆଦିବାସୀ ନେତା ତଥା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ୪ ଥର ବିଧାୟକ ଜର୍ଜ ତିର୍କୀଙ୍କ ପୁତ୍ର ତଥା ଗତ ୨୦୧୯ ସାଧାରଣ ନିର୍ବାଚନରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରୋହିତ ଯୋସେଫ ତିର୍କୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ, ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଗୁରୁବାର ବୀରମିତ୍ରପୁର ବିଜୁ ଜନତା ଦଳର ନଗର ସଭାପତି କୁନା ଦେଓଙ୍କ ଅଧ୍ୟକ୍ଷତାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୀରମିତ୍ରପୁର ପୌରାଧ୍ୟକ୍ଷା ନିବେଦିତା ବାଗେ, ୱାର୍ଡ ନଂ ୩ର କାଉନସିଲର କମଲେଶ ସିଂ, ୱାର୍ଡ ନଂ ୫ର କାଉନସିଲର ରୋଶନ ଦୀପ, ୱାର୍ଡ ନଂ ୯ର କାଉନସିଲର ନିର୍ମଳା କୁଜୁର, ୧୦ ନଂ ୱାର୍ଡର କାଉନସିଲର ରିତା ବଡାଇକ, ୧୧ ନଂ ୱାଡର୍ର କାଉନସିଲର ଜ୍ଞାନୀ ବାଘ, ବରିଷ୍ଠ ନେତା ଆବଲ ଖଇର, ଚରଣ କେରକେଟା, ରଶ୍ମିତା ସାହୁ, ରାଉରକେଲା ସାଙ୍ଗଠନିକ ଜିଲ୍ଲା ଛାତ୍ର ଉପସଭାପତି ମହମ୍ମଦ ଏଜାଜ ଆଲାମ, ଜିଲ୍ଲା ଛାତ୍ର ସମ୍ପାଦକ ସାକିବ୍ ରାଜା, ଯୁବ ନେତା ରୋହିତ ଦୀପ, ଅକ୍ଷୟ ବିରଗଠିଆ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୯୫୦ ଟଙ୍କା ବକେୟା ସ୍କୁଲ ଫି' ପାଇଁ

# ଅଷ୍ଟମଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲରୁ ତଡ଼ିଦେଲେ ଗୁରୁଜୀ

**ସୁନ୍ଦରଗଡ଼,୪।୪(ସମିସ):** ମାତ୍ର ୯୫୦ ଟଙ୍କା ବକେୟା ସ୍କୁଲ ଫି' ପାଇଁ ସ୍କୁଲର ଗୁରୁଜୀ ଜଣେ ଅଷ୍ଟମଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲରୁ ତଡ଼ି ଦେଇଥିବା ଅଭିଯୋଗ ହୋଇଛି। ସ୍କୁଲକୁ ଯାଇଥିବା ଅନ୍ୟ ଜଣେ ଅଭିଭାବକ ଛାତ୍ରୀ ଜଣକ ସ୍କୁଲ ବାହାରେ କାନ୍ଦୁଥିବା ଦେଖି ପ୍ରଧାନଆଚାର୍ଯ୍ୟଙ୍କୁ ତାଙ୍କୁ ସ୍କୁଲରେ ବସିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ହେଲେ ସେ ରୋକ୍‌ଠୋକ୍ ମନାକରି ଦେଇଥିଲେ। ସମ୍ପୃକ୍ତ ହୃଦୟବାନ ବ୍ୟକ୍ତିଜଣକ ନିଜ ପକେଟରୁ ଏହି ଛାତ୍ରୀଙ୍କ ସ୍କୁଲ ଫି' ଭରଣା କରିବାପରେ ସ୍କୁଲରେ ତାଙ୍କୁ ବସିବା ଅନୁମତି ଦିଆ ଯାଇଥିଲା। ପରିଶେଷରେ ଉକ୍ତ ଘଟଣା ଥାନାରେ ପହଞ୍ଚି ଥିଲା।

**ଭରଣା କଲେ ପ୍ରତ୍ୟକ୍ଷଦର୍ଶୀ**

ଏପରି ଅଭାବନୀୟ ଘଟଣା ଘଟିଯାଇଛି ସୁନ୍ଦରଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ। ସୁନ୍ଦରଗଡ଼ର ଚର୍ଚ୍ଚିତ ଶ୍ମଶାନବନ୍ଧୁ ଶିଶିର କୁମାର ବେହେରାଙ୍କ ଝିଅାରୀ ଉକ୍ତ ସ୍କୁଲରେ ଅଷ୍ଟମଶ୍ରେଣୀରେ ପାଠ ପଢୁଛନ୍ତି। କୌଣସି କାରଣରୁ ତାଙ୍କ ଝିଅାରୀଙ୍କ ଗତ ମାସର ସ୍କୁଲ ଫି' ବାବଦ ଟଙ୍କା ପଇଠ ହୋଇ ନ ଥିଲା। ଏଣୁ ସ୍କୁଲ ପ୍ରାର୍ଥନା ସମୟରେ ଜଣେ ଗୁରୁଜୀ ତାଙ୍କୁ ସ୍କୁଲରୁ ତଡ଼ି ଦେଇଥିବା ଅଭିଯୋଗ ହୋଇଛି। ଶ୍ମଶାନ ବନ୍ଧୁ ଶ୍ରୀ ବେହେରା ଏ ନେଇ ସୁନ୍ଦରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଏହାର ସମାଧାନ ହୋଇଥିବା ଆଇଆଇସି ଆଦିତ୍ୟ ମହାକୁର କହିଛନ୍ତି।



### ସିପକ୍‌ଟାକ୍ରୋ ଖେଳପ୍ରତି ଅଣାଦେଖା

## ଜନସେବା ସମିତି ପକ୍ଷରୁ ଜାତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼,୪।୪(ସମିସ):** ଜିଲ୍ଲାର ଜନସେବା ସମିତି ପକ୍ଷରୁ ସ୍ଥାନୀୟ ଭବାନୀଭବନ ଷ୍ଟାଡିୟମ୍ ପରିସରରେ ଗୁରୁବାର ଅପରାହ୍ନରେ ଜାତୀୟ ସିପକ୍‌ଟାକ୍ରୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ସମାରୋହରେ ସମାଜସେବୀ ବେଣୁମାଧବ ତ୍ରୀପାଠି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟସ୍ତରରେ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାର ଖେଳାଳିମାନେ ଚମତ୍କାର ଖେଳ ପ୍ରଦର୍ଶନ କରି ପଦକ ହାସଲ କରିଥିବାରୁ କୋଚ୍ ଏବଂ ସମସ୍ତ ଖେଳାଳିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ଡମ୍ବୁରୁଧର ନାୟକ, ଜୟକୃଷ୍ଣ ସେଠ, ଲେଡ଼ିମଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁ, ଅନୁଷ୍ଠାନର ସଭାପତି ନଳୀନ କୁମାର ପଟେଲ ଯୋଗଦାନ କରିଥିଲେ। ଉକ୍ତ ସମ୍ବର୍ଦ୍ଧିତ ଖେଳାଳିଙ୍କ ମଧ୍ୟରେ ମଧୁସ୍ମିତା ଭିତ୍ରିଆ, ପ୍ରୀତି ଟପ୍ପୋ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଦୀପକ କିଶାନ, କବିର କିଶାନ, ପ୍ରତୀକ ପଟେଲ, ଲିପନ ସେଠ୍, ଶିବା କୁମୁରା, ନିଖିଳ କିଶାନ, ମଞ୍ଜୁଲତା ମହାକୁଲ, ରାକ୍ଷୀ ଭୋଇ ଓ ସୁସ୍ମିତା ଖାଖା ରହିଛନ୍ତି। ସୁନ୍ଦରଗଡ ଜିଲ୍ଲା ଆମେଚର ବକ୍ସିଂ ସଂଘ ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନର ସମ୍ପାଦିକା ଲିପସା ଷଡ଼ଙ୍ଗୀ ଯୋଗଦେଇ ମତ ବ୍ୟକ୍ତ କରିଥିଲେ। ଏହା ଖେଳାଳିଙ୍କୁ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ କରିବାକୁ ଦାବି କରିଥିଲେ।

## ସ୍କୁଲରୁ କମ୍ପ୍ୟୁଟର ଚୋରି ଅଭିଯୋଗ

**ସୁନ୍ଦରଗଡ଼,୪।୪(ସମିସ):** ମଙ୍ଗଳବାର ରାତିରେ ଲକ୍ଷ୍ମା ଥାନା ଅନ୍ତର୍ଗତ ଯୋଗିମାଳ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏକ କମ୍ପ୍ୟୁଟର ଚୋରି ହୋଇ ଯାଇଛି। କେହି ଦୁର୍ବୃତ୍ତ ସ୍କୁଲ ତାଲା ଭାଙ୍ଗି ଏକ କମ୍ପ୍ୟୁଟର ଚୋରାଇ ନେଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ଶିକ୍ଷକ ଗୁରୁତର

**ହେମଗିରି,୪।୪(ସମିସ):** ହେମଗିରି ବ୍ଲକ୍ ଅଧୀନ ଗର୍ଜନବାହଲ କ୍ଲଷ୍ଟର ଅଧୀନସ୍ଥ କର୍ଲିକଛାର ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ପିଲାଙ୍କ ପାଇଁ ଚଳିତ ବର୍ଷ ର ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିବା ବେଳେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଗଙ୍ଗାଧର ସେଠ ନିଜ ବାଇକ୍‌ରେ ପୁସ୍ତକ ନେଇ ଆସୁଥିବାବେଳେ ହେମଗିରି ବିଲେଇମୁଣ୍ଡା ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି। କିଛି ସାହୋଦୟ ବ୍ୟକ୍ତିଙ୍କ ସାହାଯ୍ୟରେ ପ୍ରଥମେ ହେମଗିରି ଡାକ୍ତରଖାନାକୁ ଅଣାଯାଇଥିଲା। କାନରୁ ରକ୍ତସ୍ରାବ ହେଉଥିବାରୁ ଆଶୁ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଟ୍ରେନ୍‌ରୁ ଖସି ଶ୍ରମିକଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୪।୪(ସମିସ):** କୁତ୍ରା ଥାନା ଅଧୀନ କୁରୁଙ୍ଗା ଗ୍ରାମର ଜଣେ ଦାଦନ ଶ୍ରମିକ ନିଜ ଘରକୁ ଟ୍ରେନରେ ଫେରୁଥିବା ବେଳେ ଖସିପଡି ମୃତ୍ୟୁ ଘଟିଛି। କୁରୁଙ୍ଗା ଗ୍ରାମର ବିକାଶ ସା (୩୪) କିଛି ଦିନ ତଳେ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଅନ୍ତର୍ଗତ ରାମଗଡ଼ ଅଞ୍ଚଳକୁ କାମ କରିବାକୁ ଯାଇଥିଲେ। ସେ ସାଥୀ ଶ୍ରମିକଙ୍କ ସହ ଟ୍ରେନ୍ ରେ ଘରକୁ ଫେରୁଥିବାବେଳେ କୁଲୁଙ୍ଗା-କାଂଶବାହାଲ ନିକଟରେ ଖସି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ତେବେ ତାଙ୍କ ସାଥୀଶ୍ରମିକମାନେ ତାଙ୍କ ଖସି ପଡିବା ସମ୍ପର୍କରେ ଜାଣି ନ ଥିବା କହୁଛନ୍ତି। ରେଳବାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଗଛରୁ ପଡ଼ି ଆହତ ବୃଦ୍ଧଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୪।୪(ସମିସ):** ଗଛରୁ ପଡ଼ି ଗୁରୁତର ଆହତ ହୋଇଥିବା ବଡ଼ଗାଁ ଥାନା ବରଙ୍ଗାକଛାର କୁଲଗାଁର ମଞ୍ଜୁ କେରକେଟା (୬୦)ଙ୍କ ମୃତ୍ୟୁ ଘଟିଛି। ଉକ୍ତ ବୃଦ୍ଧ ଜଣକ ଗତ ୨ ତାରିଖରେ ନିଜ ବାଡ଼ିରେ ସଜନା ଶାଗ ତୋଳିବାକୁ ଗଛରେ ଚଢିବା ସମୟରେ ଡାଳ ଭାଙ୍ଗି ଯିବାରୁ ଖସିପଡ଼ି ଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ପୁଲିସ ଡାକ୍ତରଖାନାରୁ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୋକ୍ସୋ ମାମଲାର ୱାରେଣ୍ଟି ଗିରଫ



**ସୁନ୍ଦରଗଡ଼,୪।୪(ସମିସ):** ଲକ୍ଷ୍ମା ଥାନା ପୁଲିସ ଏକ ପୋକ୍ସୋ ମାମଲାରୁ ଓାରେଣ୍ଟିକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତେଲିପାଲି ଗ୍ରାମର ସୁବାସ କଛରେଲା ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଲକ୍ଷ୍ମା ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ମାତ୍ର ଶୁଣାଣି ସମୟରେ ଅଦାଲତରେ ହାଜର ହେଉ ନ ଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲେ।

## ଅଧପନ୍ତରିଆ କରି ଛାଡି ଦେଲେ ଡ୍ରେନ୍ କାମ



**ସୁନ୍ଦରଗଡ଼,୪।୪(ସମିସ):** ସୁନ୍ଦରଗଡ଼ ସଦର ବ୍ଲକର ଦେଉଳି ପଞ୍ଚାୟତ ଅଧୀନ ଦେଉଳି ଗ୍ରାମର ଝପାମୁଣ୍ଡାଙ୍କ ଘରଠାରୁ ବିଭୂତିଙ୍କ ଦୋକାନ ଯାଏ ଡ୍ରେନ୍ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ଛାଡି ଦିଆଯାଇଛି। ଫଳରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତାରେ ପଞ୍ଚାୟତ ପକ୍ଷରୁ ପ୍ରଥମେ ୨ ଲକ୍ଷ ୬୨ ହଜାର ୩୩୦ଟଙ୍କା ବ୍ୟୟ ଅଟକଳରେ ଡ୍ରେନ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପକ୍ଷରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ ଅନୁଦାନରେ ଉକ୍ତ ରାସ୍ତାରେ ପୁଣି ଡ୍ରେନ ନିର୍ମାଣ କରାଯାଇଛି। ମାତ୍ର ଉକ୍ତ ଡ୍ରେନର ରାସ୍ତା ଅପରପାଶ୍ୱର୍ରେ ମାଟି ଫିଲିଂ କରା ଯାଇନାହିଁ। ଫଳରେ ଉକ୍ତ ପାଶ୍ୱର୍ ଡ୍ରେନ କାନ୍ଥର ସ୍ଥାୟିତ୍ୱ ନେଇ ଆଶଙ୍କା ଦେଖାଦେଇଛି। ଡ୍ରେନ୍‌କୁ ଲାଗି ଗ୍ରାମବାସୀଙ୍କ ଘର, ବାଡ଼ ଆଦି ରହିଥିବାରୁ ବର୍ଷା ଦିନେ ମାଟି ଧସି ବାଡ ଭୁଶୁଡି ଯିବାର ସମ୍ଭାବନା ରହିଛି। ସେହିପରି ଏହି ଡ୍ରେନ୍‌ରେ ଢାଙ୍କୁଣି ପ୍ଲେଟ ଲଗା ଯାଇ ନ ଥିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

- ମୁକୁଳା ଯୋଗୁଁ ଦୁର୍ଘଟଣା
- ମାଟି ଫିଲିଂ ହୋଇ ନଥିବାରୁ ସ୍ଥାୟିତ୍ୱ ନେଇ ଆଶଙ୍କା

## ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବ



**ସୁନ୍ଦରଗଡ଼,୪।୪(ସମିସ):** ବିଜେପିର ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଓ ଐତିହାସିକ ଯୋଜନା ତଥା ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବାଲିଶଙ୍କରା ଏବଂ ବଡ଼ଗାଁ ବ୍ଲକର କେତେକ ବ୍ୟକ୍ତି ଯୋଗ ଦେଇଥିଲେ। ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ଜିଲ୍ଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସଦର ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ ପଟେଲ, ବଟକିଶୋର ମିଶ୍ର ଏବଂ ଅଜୟ ପଟେଲ ପ୍ରମୁଖ ନେତୃବୃନ୍ଦ ଦଳୀୟ ଉତରୀୟ ଓ ଉପଢୌକନ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ■ ପାନୀୟଜଳ ସମସ୍ୟା ଘେରରେ ହେମଗିରି

# ଓଷ୍ଟାଲି ଉପରପଡ଼ାରେ ଜଳଯୋଗାଣ ଅତି ଜରୁରୀ



**ହେମଗିରି,୪।୪(ସମିସ):** ହେମଗିରି ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ତଥା ଗ୍ରାମରେ ଉତ୍କଟ ପାନୀୟଜଳ ଅଭାବ ଦେଖିବାକୁ ମିଳୁଛି। ହେମଗିରିର ଓସ୍ତାଲି ଗ୍ରାମର ଉପରପଡ଼ାଠାରେ ପ୍ରାୟ ୧୦ଘର ବସବାସ କରନ୍ତି ହେଲେ ଆଜି ପର୍ଯ୍ୟନ୍ତ ସେଠାରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇ ନାହିଁ। ପଡ଼ୋଶୀ ଘରେ ଥିବା ନିଜସ୍ୱ ପାନୀୟଜଳ ବ୍ୟବସ୍ଥାଉପରେ ନିର୍ଭର କରନ୍ତି ଏବଂ ଶୌଚ ତଥା ଗାଧୋଇବା ପାଇଁ ନାଳ ପାଣି ଉପରେ ନିର୍ଭର କରିଥାନ୍ତି । ହେଲେ ତାହା ମଧ୍ୟ ନିରାଶ କରି ଦେଲାଣି। ଏକ ସୋଲାର ପ୍ୟାନେଲ ସହ ନଳକୂପ ବସାଇବା ଅତିଜରୁରୀ ହୋଇପଡ଼ିଛି। ବ୍ଲକ କାର୍ଯ୍ୟାଳୟ ତଥା ଡାକ୍ତରଖାନାରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜଳଯୋଗାଣ ବ୍ୟବସ୍ଥା ମଧ୍ୟ ଫେଲ ମାରିଛି। ଗୁରୁବାର ଦେଖିବାକୁ ମିଳିଥିଲା ଯେ ଉଭୟ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜଳଯୋଗାଣ ବ୍ୟବସ୍ଥା ଠପ୍ ହୋଇପଡିଛି। ଅଫିସ ଷ୍ଟାଫ୍, ହିତାଧିକାରୀ ତଥା ରୋଗୀ ଓ ସମ୍ପର୍କୀୟ ସମସ୍ତେ ବୁନ୍ଦାଏ ପାଣି ପାଇଁ ତହଲବିକଳ ହୋଇଯାଇଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ମଧ୍ୟ ଜଳଛତ୍ରର ବ୍ୟବସ୍ଥା କରିନାହାନ୍ତି । ପ୍ରକାଶ ଥାଉକି ବିଗତ ଦୁଇଟି ଜନଶୁଣାଣି ଶିବିରରେ ପାନୀୟ ଜଳ ସଙ୍କଟ ଓ ପ୍ରତିକାର ପାଇଁ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଅଭିଯୋଗ ଦାଖଲ କରାଯାଇଥିଲା ହେଲେ ଉପସ୍ଥିତ ଏଡିଏମ୍ ଏବଂ ସିଡିଓ କମ୍ ପିଡି , ଜିଲ୍ଲାପାଳ ବିଚାର କରିବେ କହିଥିଲେ । ଏଯାବତ୍ ସେହି ଅଭିଯୋଗ ର କୌଣସି ସୁଫଳ ମିଳିନାହିଁ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ପରପାଲି ବିଜୟୀ, ହେମଗିରି ଉପବିଜେତା



**ହେମଗିରି, ୪।୪(ସମିସ):** ହେମଗିରି ବ୍ଲକ୍ ବଲିଙ୍ଗା କ୍ରିକେଟ୍ ପଡ଼ିଆରେ ପାଞ୍ଚ ଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ସମ୍ପନ୍ନ ହୋଇଛି। ସହୀଦ ଯୁବକ ସଂଘ ବଲିଙ୍ଗା ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୧୬ ଟି ଟିମ୍ ଭାଗନେଇଥିଲେ। ତନ୍ମଧ୍ୟରୁ ହେମଗିରି ଦଳ ଉପବିଜେତା ହୋଇ ୧୫,୦୦୦ ଟଙ୍କା ସହ ଟ୍ରଫି ଗ୍ରହଣ କରିଥିବା ବେଳେ ବିଜେତା ବରପାଲି ଦଳ ୨୦,୦୦୦ ଟଙ୍କା ସହ ଟ୍ରଫି ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ସରପଞ୍ଚ ସାଚିନ୍ଦ୍ର ମାଝୀ ଏବଂ ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝୀ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବର୍ତ୍ତମାନର ବିଧାନସଭା ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଭାବେ ସୁକାନ୍ତ ପତି, କଳାକାହ୍ନୁ ମେହେର, କାଶୀନାଥ ରାଉତ, ଜୟକୃଷ୍ଣ ମାଝୀ , ସଚୀନ୍ଦ୍ର ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। ଉପବିଜେତାଙ୍କୁ ବିଜେଡି ବ୍ଲକ୍ ସଭାପତି ସୁକାନ୍ତ ପତି ଏବଂ କାଶୀନାଥ ରାଉତ ମିଳିତ ଭାବେ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିବାବେଳେ ବିଜେତା ଦଳଙ୍କୁ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଟ୍ରଫି ପ୍ରଦାନ କରିଥିଲେ। ବିଜୟ ନାଏକ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଦୀପକ ବାବୁ ବିଶଦ ବିବରଣି ପ୍ରଦାନ କରିଥିଲେ। ସଙ୍ଘର ସଭ୍ୟ ଶଶି, ଆଲୋକ, ପୁରୋଷତ୍ତମ, ମହେଶ, ସନ୍ତୋଷ, ସଚିନ୍ଦ୍ର, ଭୁପେନ୍ଦ୍ର ଏବଂ ଅନ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳୁଛି ଇଟାଭାଟି; ୪୦ ଡିଗ୍ରୀରେ ସିଝୁଛି ଡେରାବିଶ



**ଡେରାବିଶ, ୪।୪(ସମିସ):** ଏବେ ମଧ୍ୟାହ୍ନରେ ପାରଦ ୪୦ ଡିଗ୍ରୀ ଉପରକୁ ରହୁଛି। ଏହି ଉହଉହ ଖରାରେ ଜନସାଧାରଣ ବହୁ କଷ୍ଟ ଭୋଗ କରୁଛନ୍ତି। ଦିନ ୧୦ଟା ପରେ ଆଉ ଘରୁ ବାହାରକୁ ବାହାରି ହେଉନାହିଁ। ସରକାରଙ୍କ ପକ୍ଷରୁ ଖରାରୁ ରକ୍ଷା ପାଇବା ଓ ଅଂଶୁଘାତରୁ ବର୍ତ୍ତିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଏପରିକି ବିଦ୍ୟାଳୟଗୁଡ଼ିକୁ ମଧ୍ୟ ସକାଳୁଆ କରିଦିଆଗଲାଣି। ହେଲେ ଏତେ ଗରମ ସତ୍ତ୍ୱେ ମଧ୍ୟ ଡେରାବିଶ ବ୍ଲକ ଅଞ୍ଚଳରେ ଶହଶହ ଇଟାଭାଟି ଜଳୁଥିବା ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ କାଉପଡ଼ା, ରଘୁଦେଇପୁର, ଚାଟରାଚକଡ଼ା ଇତ୍ୟାଦି ଅଞ୍ଚଳରେ ଶହଶହ ସଂଖ୍ୟାରେ ଜଳୁଥିବା ଦେଖାଯାଇଛି। ମଧ୍ୟାହ୍ନରେ ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଇଟାଭାଟିତର ତାତି ଓ ଧୂଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏହାକୁ ତୁରନ୍ତ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ



**ଓଲାଭର, ୪।୪(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡ଼ା ଗ୍ରାମର ଜଣେ ଯୁବକ ପୋଖରୀରେ ଗାଧୋଇବାବେଳେ ପାଣିରେ ବୁଡ଼ିଯାଇ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରମେଶ ପରିଡ଼ାଙ୍କ ଏକମାତ୍ର ପୁଅ ମଳୟ (୪୨)। ସେ ବାହାରେ ରହି କାମ କରୁଥିବାବେଳେ କିଛିଦିନ ତଳେ ଗାଁକୁ ଆସିଥିଲେ। ଗୁରୁବାର ଗାଁ ପଞ୍ଚାୟତ ପୋଖରୀରେ ଗାଧୋଇବା ବେଳେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଞ୍ଚନାମା ପରେ ଗାଁରେ ସତ୍କାର କରାଯାଇଛି। ମଳୟଙ୍କର ଦୁଇ ଝିଅ ଗୋଟିଏ ପୁଅ। ବଡଝିଅ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଆଉ ଜଣେ ପଞ୍ଚମରେ ପଢୁଛି। ଏକମାତ୍ର ପୁଅର ବୟସ ୫ ବର୍ଷ। ମଳୟ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ପେୟ କୁଣ୍ଡରେ ପଡ଼ି ତୃତୀୟ ଶ୍ରେଣୀ ଛାତ୍ର ଗୁରୁତର

■ ବିଦ୍ୟାଳୟରେ ଉତ୍ତେଜନା



**ମାର୍ଶାଘାଇ, ୪।୪(ସମିସ):** ମାର୍ଶାଘାଇ ବ୍ଲକ ବାହାକଣ୍ଡିଆ ଅନନ୍ତ ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ ଘଟିଛି। ଶ୍ରେଣୀକକ୍ଷକୁ ଯିବା ବାଟରେ ଥୁଆହୋଇଥିବା ଗରମ ପେୟ କୁଣ୍ଡରେ ପଡ଼ି ତୃତୀୟ ଶ୍ରେଣୀ ଛାତ୍ର ଆହ୍ୱାନ ନାୟକ ଗୁରୁତର ହୋଇଛନ୍ତି। ବାହାରକୁ ଯାଇ ଛାତ୍ର ଆହ୍ୱାନ ଶ୍ରେଣୀକକ୍ଷକୁ ଫେରୁଥିବା ସମୟରେ ଚଟାଣରେ ପାଣିପଡ଼ିଥିବାରୁ ଗୋଡ ଖସିଯାଇଥିଲା। ଯାହାଫଳରେ ପେୟ କୁଣ୍ଡରେ ସମ୍ପୂର୍ଣ୍ଣଭାବେ ପଡ଼ିଯାଇ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଆହ୍ୱାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚକିତ୍ସା କରୁଛନ୍ତି। ଛାତ୍ର ଆହ୍ୱାନଙ୍କ ଆଶୁ ଆରୋଗ୍ୟ କାମନା କରିବାକୁ ଅଭିଭାବକ ଓ ଗ୍ରାମବାସୀମାନେ ଦାବି କରିଛନ୍ତି। ବିଦ୍ୟାଳୟର ରୋଷେଇ ପେଜରେ ପଡ଼ି ଛାତ୍ର ଗୁରୁତର ଖବର ପାଇ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ପାଟିତୁଣ୍ଡ କରିବା ସହ ପ୍ରତିବାଦ କରିଥିଲେ। ଶିକ୍ଷକ ଏବଂ ରୋଷେଇଆଙ୍କ ଖାମଖିଆଲ ପାଇଁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଶିକ୍ଷକ ଓ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଯତ୍ନବାନ ହେବାକୁ ଦାବି ହେଉଛି। ଏଥିପ୍ରତି ବିଇଓ ଦିଲ୍ଲୀପ୍ ମଲ୍ଲିକଙ୍କୁ ପଚାରିବାରୁ ଏହି ଘଟଣାରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗହୀରମଥାରେ ଅଲିଭ୍‌ରିଡ୍‌ଲେଙ୍କ ଗଣଅଣ୍ଡାଦାନ ଆରମ୍ଭ

**ରାଜନଗର, ୪।୪(ସମିସ)**



ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ସୁଡିଶାଳ କେନ୍ଦ୍ରାପଡ଼ା ଉପକୂଳର ଗହୀରମଥାଠାରେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତକାଲି ପ୍ରଥମ ଦିନରେ ପ୍ରାୟ ୮୦ ହଜାର କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଅଲିଭରିଡଲେ ମା'କଇଁଛମାନେ କୂଳ ଠାରୁ ୧ କିମି ଭିତରେ ଦୀର୍ଘ ୨ମାସ ହେଲା ଭିଡ ଜମାଇଥିଲେ ମଧ୍ୟ ପାଗ ଅନୁକୂଳ ହେଉନଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉନଥିଲେ। ଚଳିତମାସ ୩ ତାରିଖ ଠାରୁ ପାଗ ଶୁଖିଲା ସାଙ୍ଗକୁ ଦକ୍ଷିଣା ପବନ ବୋହିବାରୁ ଗୋଟିଏ ଦିନରେ ୮୦ ହଜାର ମା' ଅଲିଭରିଡଲେ ଗଣ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି। ଗତକାଲି ସଂଧ୍ୟାରୁ ହଠାତ୍ ଦଳ ଦଳ ହୋଇ ମାଆ କଇଁଛମାନେ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଆଜି ଭୋର ଯାଏଁ ଏହି ପ୍ରକ୍ରିୟା ଜାରି ରହିଥିଲା। ପ୍ରଥମ ଦିନରେ ଏହି ସଂଖ୍ୟା ଭଲ ଥିବାରୁ ଓ ମା' କଇଁଛମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଅଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ମା' କଇଁଛମାନେ ବେଳାଭୂମିର ନରମ ବାଲିରେ ପଛପଟ ଗୋଡରେ ୧ ଫୁଟରୁ ଦେଢଫୁଟ ଗଭୀରର ମାଠିଆ ଆକୃତିର ଗାତ ଖୋଳି ଥାଏ। ଗାତ ଖୋଳିବା ପରେ ମା'କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟିନଥାଏ। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଣ୍ଡାଦାନସ୍ଥଳକୁ ବାଡ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଚଳିତବର୍ଷ ଶହ ଶହ ସଂଖ୍ୟାରେ ଅଲିଭରିଡଲେଙ୍କ ମୃତ୍ୟୁ ଉଦ୍‌ବେଗ ସୃଷ୍ଟି କରିଥିଲା। କଇଁଛଙ୍କ ମୃତ୍ୟୁ ସାଙ୍ଗକୁ ଠିକ୍ ସମୟରେ ପ୍ରତିକୂଳ ପାଗ ଯୋଗୁଁ ଗଣଅଣ୍ଡାଦାନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। କୂଳରେ କଇଁଛ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ବନବିଭାଗ ରିପୋର୍ଟ ମୁତାବକ ୨୦୧୭-୨୦୧୮ରେ ୬ ଲକ୍ଷ ୬୪ହଜାର ୯୭ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୨୦୧୮-୧୯ରେ ୪ ଲକ୍ଷ ୫୦ ହଜାର ୯୪୯, ୨୦୧୯-୨୦ରେ ୪ ଲକ୍ଷ ୭ହଜାର ୨୦୪ଟି କଇଁଛ, ୨୦୨୦-୨୧ରେ ୩ ଲକ୍ଷ ୪୯ ହଜାର ୬୪୯, ୨୦୨୧-୨୨ରେ ୫ ଲକ୍ଷ ୧ହଜାର ୧୫୭ଟି କଇଁଛ, ଗତବର୍ଷ ୨୦୨୨-୨୩ରେ ୫ ଲକ୍ଷ ୧୨ ହଜାର ୧୩୫ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

■ ପାଟକୁରା ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

# ପୁଅ ପାଇଁ ପ୍ରଚାର ଆରମ୍ଭ କଲେ ବିଜୟ




**ମାର୍ଶାଘାଇ, ୪।୪(ସମିସ):** ଓଡ଼ିଶାର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ପାଟକୁରାର ମାର୍ଶାଘାଇ ବ୍ଲକ ହେଉଛି ପ୍ରବାଦପୁରୁଷ ବିଜୁବାବୁଙ୍କ ଅନ୍ୟତମ କର୍ମଭୂମି। କିଛିଦିନ ତଳେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁତ୍ର ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପାଟକୁରା ବିଧାୟକ ଟିକଟ ଦେଇଥିଲେ। ସେହି ବ୍ଲକରେ ପୂର୍ବରୁ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବହୁ ସମର୍ଥକ ରହିଛନ୍ତି। ଅରବିନ୍ଦ ପ୍ରଚାର ଆରମ୍ଭ କରିଥିବାବେଳେ ବାପା ବିଜୟ ପ୍ରଚାର ମଙ୍ଗ ଧରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ୨୬ ନମ୍ବର ଜୋନର ବିଜେଡି ଜିଲ୍ଲା ପରିଷଦ ପ୍ରମୋଦ ରଥଙ୍କ ନେତୃତ୍ୱରେ ପାଟକୁରା ନିର୍ବାଚନମଣ୍ଡଳୀ ମାର୍ଶାଘାଇ ବ୍ଲକ ତରଫରୁ ସମସ୍ତ ବିଜେଡି କର୍ମୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଜେଡି ବିଧାୟକ ପ୍ରାର୍ଥି ଅରବିନ୍ଦ ମହାପାତ୍ର ଯୋଗ ଦେଇ ଆଗାମୀ ନିର୍ବାଚନରେ ସମସ୍ତଙ୍କୁ ଏକତ୍ର କରି ଚାଲିବା ପାଇଁ କହିଥିବାବେଳେ ସମସ୍ତ ପଞ୍ଚାୟତର ବିଜେଡି କର୍ମୀ ମଧ୍ୟ ଅରବିନ୍ଦଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବିଜେଡି ଯୁବନେତା ପ୍ରଦୀପ୍ତ ପ୍ରଧାନ ଏବଂ ସ୍ୱାଗତ ଭାଷଣ ରଖିଥିଲେ ଭରତ ଚନ୍ଦ୍ର ଜେନା, ମନୋଜକାନ୍ତ ପରିଡ଼ା, ଆଶୁତୋଷ ପାତ୍ର, ସୁକାନ୍ତ ସାହୁ। ସଭାର ମୁଖ୍ୟ ଆକର୍ଷଣ ଥିଲେ ବରିଷ୍ଠ ନେତା ବିଜୟ ମହାପାତ୍ର। ବିଜୟ ମହାପାତ୍ର ଏହି ସଭାରେ ଉପସ୍ଥିତ ରହି ସମସ୍ତ କର୍ମୀଙ୍କୁ ଏକ ହୋଇ ନିର୍ବାଚନରେ ଶାନ୍ତି ଶୃଙ୍ଖଳାରେ ଓ ସ୍ୱଚ୍ଛତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

**ବାଲିକୁଦା, ୪।୪(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ପଞ୍ଚାୟତ ବାରିଲୋ ଗ୍ରାମର ଜଣେ ୪୨ ବର୍ଷୀୟ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ କାଳନ୍ଦୀ ସାହୁଙ୍କ ପତ୍ନୀ ସବିତା ସାହୁ।



ପ୍ରକାଶ ଯେ, ସବିତା ଆତ୍ମହତ୍ୟା କରିଥିବା ଭୋର ପ୍ରାୟ ୪ ଟାରେ ତାଙ୍କ ସ୍ୱାମୀ କାଳନ୍ଦୀ ଶାଳକ କଟକ ସଦର ଥାନା ଅନ୍ତର୍ଗତ ସରୋଜ ସାହୁଙ୍କୁ ଅବଗତ କରିଥିଲେ। ହେଲେ ଭଉଣୀର ଘରେ ପହଁଚି ମୃତଦେହ ଦେଖିବାପରେ ସନ୍ଦେହ ହେବାରୁ ତାଙ୍କ ଭଉଣୀକୁ ଭିଣୋଇ ହତ୍ୟା କରିଥିବା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ କରିଛନ୍ତି କି ତାଙ୍କ ଭଉଣୀ ଦୀର୍ଘ ୧୩ ବର୍ଷ ତଳେ ବିବାହ କରିଥିବାବେଳେ ବିବାହ ସମୟରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ପାଟି ତୁଣ୍ଡ କରିଥିଲେ। ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ତାଙ୍କ ଭଉଣୀକୁ ଶାଶୁଘର ଲୋକେ ମିଳିମିଶି ଭଉଣୀକୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ପୁଲିସ ଶବକୁ ଜବତ କରି ପ୍ରାଥମିକ ତଦନ୍ତ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ୍ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଏନେଇ ସ୍ୱାମୀ କାଳନ୍ଦୀ କହିଛନ୍ତି କି, ଗତକାଲି ରାତିରେ ସାମାନ୍ୟ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲ। ହେଲେ ଉଭୟ ଖାଇ ପିଇ ଏକତ୍ର ଶୋଇଥିଲେ। କିନ୍ତୁ ଭୋର ପ୍ରାୟ ୪ଟାରେ ପତ୍ନୀ ଶୋଇବା ବିଛଣାରେ ନଥିବା ଦେଖି ସେ ଖୋଜାଖୋଜି କରିଥିଲେ। ଏହି ସମୟରେ ଘର ମଧ୍ୟରେ ଥିବା ଅନ୍ୟ ଏକ ବନ୍ଦ କୋଠରୀ ପଙ୍ଖାରେ ତାଙ୍କ ପତ୍ନୀ ଝୁଲି ରହିଥିବା ଦେଖି ଡାକ ପକାଇଥିଲେ। ନିଜ ଭଉଣୀ ସହାୟତାରେ ରଶି କାଟି ସବିତାଙ୍କୁ ତଳକୁ ଖସାଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଦେଖି ଶଳାକୁ ଫୋନ କରି ଜଣାଇଥିଲେ। ହତ୍ୟା ଅଭିଯୋଗ ଭିତ୍ତିହୀନ ସମସ୍ତ ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି କହିଛନ୍ତି କାଳନ୍ଦୀ।

# କୁଦାନଗରୀ ଥାନା ଅଧିକାରୀଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

**ଗରଦପୁର, ୪।୪(ସମିସ)**

ଦିନକୁ ଦିନ ବେକାରୀ ସମସ୍ୟା ବଢୁଥିବା ବେଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପାଟକୁରା ଅଞ୍ଚଳରେ। ବହୁ ଶିକ୍ଷିତ ଯୁବକ ଯୁବତୀ ମାନଙ୍କର ରୋଜଗାର ଆବଶ୍ୟକତା ଥିଲା ସମୟରେ ସେମାନେ ଆଜି ଠକାମୀର ଶିକାର ହୋଇଛନ୍ତି। କିଛି ଦିନ ପୂର୍ବରୁ ୱାନ ଟୁ ୱାନ ନାମକ ଏକ କମ୍ପାନୀ ଯୁବକ ଯୁବତୀମାନଙ୍କୁ ଚାକିରି କରେଇ ଦେବା ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କା ଲୁଟି ନେଇଛି। ଯାହା ଫଳରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରି ନାହିଁ। ପୁଣି ଏକ ଚର୍ଚ୍ଚାର ବିଷୟ ପାଲଟିଛି କୁଦାନଗରୀ ଥାନା ଅଧିକାରୀଙ୍କୁ ନେଇ। ଯେତେବେଳେ ରାଘବ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଭଗବାନପୁରର ସ୍ୱରୁପ ରାଉତଙ୍କ ସହିତ ଆହୁରି

**ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ପୁଲିସ ଚୁପ୍**

୩୦ ଜଣ ଯୁବକ ଯୁବତୀମାନଙ୍କୁ ଚାକିରି କରେଇ ଦେବା କହି ଲକ୍ଷାଧିକ ଟଙ୍କା ନେଇଥିଲା। କିଛି ଦିନ ଆଶାୟୀଙ୍କୁ ବିଦ୍ୟୁତ୍ ବିଭାଗରେ ଖଟାଇଥିଲା। କିଛି ଦିନ କାମ କରିବା ପରେ ସେହି ରାଘବ କମ୍ପାନୀ ନେଇଥିବା ୧୫ ଲକ୍ଷ ଟଙ୍କାର ସିକ୍ୟୁରିଟି ସହ ସେମାନଙ୍କୁ ପାରିଶ୍ରମିକ ନଦେଇ ଫେରାର ହୋଇଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନିରୁପାୟ ହୋଇ ନିଯୁକ୍ତି ପାଇଁ ଦେଇଥିବା ଟଙ୍କା ଫେରିପାଇବା ଲାଗି ସ୍ୱରୂପ କୁମାର ରାଉତ ଓକିଲ ମାଧ୍ୟମରେ ଏକ କେଶ୍ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ କୁଦାନଗରୀ ଥାନାକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୁଦାନଗରୀ ଥାନାର ଅଧିକାରୀ ମାମଲା ରୁଜୁ କଲେ ନାହିଁ ବୋଲି ଲିଖିତ ଦରଖାସ୍ତ ମାଧ୍ୟମରେ ସେହି ଥାନା ଅଧୀନରେ ଥିବା ଭଗବାନପୁର୍ ଗ୍ରାମର ସ୍ୱରୁପ୍ କୁମାର ରାଉତ କେନ୍ଦ୍ରାପଡ଼ା ଜିଲ୍ଲା ଏସପିଙ୍କୁ କୁଦାନଗରି ଥାନାର ଆଇଆଇସି ଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଯଦି ରାଘବ କମ୍ପାନୀ ପିଲାଙ୍କ ପଇସା ଫେରସ୍ତ କରୁ ନାହିଁ ତାହାହେଲେ ସେହି ସମୟରେ ୱାନ ଟୁ ୱାନ ନାମକ ଏକ କମ୍ପାନୀ ଲକ୍ଷାଧିକ ଟଙ୍କା ଠକି ନେଇଥିଲା। ସ୍ୱରୁପ୍ ରାଉତଙ୍କ ସହ ବହୁ ଯୁବକ ଯୁବତୀ ମାନେ ଚାକିରି କରିବା ଆଶାରେ ଯେଉଁ ଲକ୍ଷାଧିକ ଟଙ୍କା ଦେଇଥିଲେ ତାହା ପୁଣି କେବେ ଫେରିପାଇବେ। ପୁଲିସ ପ୍ରଶାସନ ଠକାମୀର ଶିକାର ହୋଇଥିବା ଯୁବକ ଯୁବତୀଙ୍କୁ ନ୍ୟାୟ ଦେବ ନା ଠକିଥିବା କମ୍ପାନୀ ମାନଙ୍କୁ ଘଣ୍ଟ ଘୋଡାଇବ ବୋଲି ପ୍ରଶ୍ନ କରିଛନ୍ତି। ପୁଲିସ କେବେ ଏହି ଦଲାଲମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ତାହା ଦେଖିବାକୁ ବାକି ରହିଲା।

ଇନ୍ଦୁପୁର ବାରୁଣୀ ଯାତ୍ରା

# ପ୍ରସ୍ତୁତି ଶେଷ; ଆଜି ରାତିରୁ ଶ୍ରଦ୍ଧାଳୁଙ୍କ ସମାଗମ

**କେନ୍ଦ୍ରାପଡ଼ା, ୪।୪(ସମିସ)**



କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରରେ ଚଳିତ ବର୍ଷ ମହାବାରୁଣୀ ଯାତ୍ରା ଆସନ୍ତା ୬ତାରିଖରେ ଅନୁଷ୍ଠିତ ହେବ। ଦୀର୍ଘବର୍ଷ ପରେ ଚଳିତ ବର୍ଷ ମହାଯୋଗ ବାରୁଣୀ ସ୍ନାନ ପଡୁଥିବାରୁ ଏହି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା ରହିଛି। ବିରୂପା, ବ୍ରାହ୍ମଣୀ ଓ କେଲୁଆ ନଦୀର ସଙ୍ଗମ ସ୍ଥଳରେ ଅନୁଷ୍ଠିତ ଏହି ମହାବାରୁଣୀ ସ୍ନାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ବାରୁଣୀ କମିଟି, ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର କରାଯାଇଛି। ୫ତାରିଖ ବିଳମ୍ବିତ ରାତିରୁ ଇନ୍ଦୁପୁର ବାରୁଣୀ ଘାଟଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାବେଳେ ୬ ତାରିଖ ଶନିବାର ପ୍ରାତଃରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପକାଇବେ। ଏଥିପାଇଁ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ଘାଟରେ ସ୍ୱତନ୍ତ୍ର ବାରିକେଡ୍ କରାଯିବା ସହ ଶୁକ୍ରବାର ଅଗ୍ନିଶମ ବିଭାଗର ଅଧିକାରୀ ଘାଟ ନିକଟରେ ରହିବା ସହ ସେଠାରେ ସ୍ୱତନ୍ତ୍ର ବୋଟ୍ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଥିବା କେନ୍ଦ୍ରାପଡ଼ା ଅଗ୍ନିଶମ ସହକାରୀ ଅଧିକାରୀ ଦିଲ୍ଲୀପ କୁମାର ରାଉତ ସୂଚନା ଦେଇଛନ୍ତି।

ସେହିପରି ଏହି ବାରୁଣୀ ଯାତ୍ରା ଶନିବାର ଠାରୁ ଆରମ୍ଭ ହୋଇ ୭ଦିନ ଧରି ଚାଲିବାକୁ ଥିବାବେଳେ ନିକିରାଇ ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ନିର୍ବାଚନକୁ ଦୃଷ୍ଟିରେ ରଖି ବାରୁଣୀ ଯାତ୍ରାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ କଡାକଡି ଭାବେ ପାଳନ କରାଯିବ। ଏଥିପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ନିଜେ ଉପସ୍ଥିତ ରହିବା ସହ ଜିଲ୍ଲାର କେତେଜଣ ପୁଲିସ ଅଧିକାରୀଙ୍କ ସମେତ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ୭ ତାରିଖ ରବିବାର ବିରୂପା ନଦୀପଠାରେ ଇନ୍ଦୁପୁର ବାରୁଣୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଶୁକ୍ରବାର ଠାରୁ ଯଜ୍ଞ ହେବ। ଯାତ୍ରୀମାନଙ୍କ ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ସେବାକାର୍ଯ୍ୟ ଯୋଗାଇ ଦେବା ସହ ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବା ନେଇ ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର, କମିଟିର କର୍ମକର୍ତ୍ତା ସାଗର ଜେନା, ପ୍ରକାଶ ଚନ୍ଦ୍ର ଜେନା, ଦୁଷ୍ମନ୍ତ ମଲ୍ଲିକ ପ୍ରମୁଖ ସୂଚନା ଦେଇଛନ୍ତି। ସରପଞ୍ଚଙ୍କ ସୂଚନା ଅନୁଯାୟୀ ଯାତ୍ରା ସମୟରେ ଆଲୋକ ବ୍ୟବସ୍ଥା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବାବେଳେ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ବହୁ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ତେବେ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାରୁଣୀ ଯାତ୍ରା ପାଇଁ ଗୁରୁବାରଠାରୁ ଦୋକାନୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ଆରାଧ୍ୟା ମା' ଚଣ୍ଡୀଙ୍କ ମନ୍ଦିର ଆଜିଠାରୁ ଚଳଚଞ୍ଚଳ ହୋଇଉଠିଛି।

■ ଖଳାରେ ଧାନ ଉଡ଼ାଇବାବେଳେ ଅଘଟଣ

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ



**ଓଲାଭର, ୪।୪(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ନମତରା ଗ୍ରାମର ଜଣେ ଚାଷୀ ଧାନଖଳାରେ ଷ୍ଟାଣ୍ଡ ଫ୍ୟାନ୍ ଯୋଗେ ଧାନ ଉଡାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ କିଶୋର ସେଠୀଙ୍କ ପୁଅ ରାଜେନ୍ଦ୍ର ସେଠୀ (୪୩)। ବୁଧବାର ସନ୍ଧ୍ୟାରେ ନିଜ ଧାନ ଖଳାରେ ଷ୍ଟାଣ୍ଡ ଫ୍ୟାନ୍‌ରେ ରାଜେନ୍ଦ୍ର ଧାନ ଉଡାଉଥିବାବେଳେ ଅସାବଧାନତା ଯୋଗୁ ଫ୍ୟାନର ଫୁଙ୍ଗୁଳା ବିଦ୍ୟୁତ ତାର ରାଜେନ୍ଦ୍ରଙ୍କର ବେକରେ ଗୁଡ଼େଇ ହୋଇ ପଡ଼ିଥିଲା। ଫଳରେ ବେକ ପୋଡ଼ି ଯାଇ ସେ ଗୁରୁତର ହୋଇପଡ଼ିଥିଲେ। ପ୍ରଥମେ ତାଙ୍କୁ ସ୍ଥାନୀୟ କଣ୍ଡିଆ ମେଡିକାଲ ଓ ପରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତଦେହ ଜବତ କରି ରାଜକନିକା ପୁଲିସ ବ୍ୟବଚ୍ଛେଦ ନିମନ୍ତେ ଆଳି ପଠାଇଥିଲା। ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ପରିବାର ଅନାଥ ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସକାଳ THE SAKALA



ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢେଇ

# ବିଜେଡି ସହ ବଳ କଷିବେ ବଳଭଦ୍ର

ଭବାନୀପାଟଣା, ୪।୪(ସମିସ)

ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ସ୍ଥିତିକୁ ଅନୁଧ୍ୟାନ କଲେ ପ୍ରଥମେ ଆଦିବାସୀଙ୍କ ବିକାଶର ପ୍ରଶ୍ନ ମନକୁ ଚାଲିଆସେ। ଅତୀତର ଲାଞ୍ଜିଗଡ଼ ଆଉ ବର୍ତ୍ତମାନର ଚିତ୍ର ଅସମ୍ଭବ ବଦଳିଛି। କିନ୍ତୁ ଯେଉଁମାନେ ୨୦୧୯ ନିର୍ବାଚନ ପୂର୍ବରୁ ଜନ ପ୍ରତିନିଧି ରୂପେ ରହିଥିଲେ ଉନ୍ନୟନ କାର୍ଯ୍ୟକୁ ପ୍ରାଥମିକତା ଦେଇ ଆଦିବାସୀଙ୍କ ସାମଗ୍ରୀକ ଉନ୍ନତିକୁ ଆଦୌ ଧ୍ୟାନ ଦେଇ ନ ଥିବା ଅଭିଯୋଗ ଆସୁଛି। ଅନ୍ୟପକ୍ଷରେ ଗତ ୫ବର୍ଷ ଧରି ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳରେ ଚାଲିଥିବା ବିକାଶର ଯାତ୍ରା ସମସ୍ତଙ୍କୁ ପ୍ରଭାବିତ କରିପାରିଛି। ପୁଣି ଆସିଛି ଆଉ ଏକ ନିର୍ବାଚନ। ଏଥର ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ପ୍ରଦୀପ କୁମାର ଦିଶାରୀ, କଂଗ୍ରେସର ପ୍ରାର୍ଥୀ ବଳଭଦ୍ର





## ବିଜେଡିରୁ ପ୍ରଦୀପ, କଂଗ୍ରେସର ବଳଭଦ୍ର ଓ ବିଜେପିର ରମେଶ

ମାଝୀ। ଯିଏକି ନିକଟ ଅତୀତରେ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ବିଜେପିର ପ୍ରାର୍ଥୀ ହେଲେ ରମେଶ ମାଝୀ। ଗତଥର ବିଜେଡି ଓ ବିଜେପି ପ୍ରାର୍ଥୀ ଉଭୟେ ଦ୍ୱିତୀୟ ବାର ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ପୁରୁଖା ରାଜନେତା ଭାବେ ବଳଭଦ୍ରଙ୍କ ପତିଆରା କିଛି କମ ନୁହେଁ। ତାଙ୍କର ଚତୁରପଣ, ବିଚକ୍ଷଣ ବୁଦ୍ଧି ପାଇଁ ଲାଞ୍ଜିଗଡ଼ ରାଜନୀତିର ଚାଣକ୍ୟ କହିଲେ ଭୁଲହେବ ନାହିଁ। ବଳଭଦ୍ରଙ୍କ ପରିବାରବାଦ ରାଜନୀତି ଏବଂ ଉନ୍ନୟନ କାର୍ଯ୍ୟକୁ ଅଣଦେଖାକରି ଚୁପ ରହିବା ଓ ଆଉ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ପାଇଁ କୋଣଠେସା ହୋଇ ରହିବାକୁ ପଡ଼ିଥିବା ଅନେକ ଚର୍ଚ୍ଚା କରିଛନ୍ତି। ତେଣୁ ଗତ ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ନ ଥିଲେ ବୋଲି କୁହାଯାଉଛି। ବିଜୁ ଜନତା ଦଳ ସୃଷ୍ଟିରୁ ବଳଭଦ୍ର ଥାଇସୁଦ୍ଧା ଆଜି ଦଳ ଭିତରେ ନିଜ ଭବିଷ୍ୟତ ସଜାଡ଼ିବା ପରିବର୍ତ୍ତେ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀ ୬୨୪୧୩ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସରୁ ଲଢ଼ିଥିବା ଶିବାଜୀ ମାଝୀ ପାଇଥିଲେ ୪୮୧୦୫ ଏବଂ ତୃତୀୟ ସ୍ଥାନରେ ରହି ବିଜେପି ପ୍ରାର୍ଥୀ ରମେଶ ମାଝୀ ୩୯୭୭୭ ଭୋଟ ହାତେଇଥିଲେ। ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀ ଜଣେ ଶାନ୍ତ ସ୍ୱଭାବର ମଣିଷ। ରାଜନୈତିକ କ୍ୟାରିୟରରେ ନାଲି ଗାର ନାହିଁ। ତଥାପି କିଛି ଅନିବାର୍ଯ୍ୟ କାରଣ ପାଇଁ ସେ ବାରମ୍ବାର ଜଟିଳ ପରିସ୍ଥିତି ଭିତରକୁ ଟାଣିହୋଇ ଯିବାକୁ ପଡୁଥିବା ନଜିର ରହିଛି। ଦଳ ହାଇକମାଣ୍ଡ ଦିଶାରୀଙ୍କ ପ୍ରତି ବିଶ୍ୱାସ ଓ ଭରସା ରଖି ପ୍ରାର୍ଥୀ କରିଛନ୍ତି। ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ୨୨୯୪୧୮ ଭୋଟ ମଧ୍ୟରୁ କାହା ଭାଗ୍ୟରେ କେତେ ପଡୁଛି ଦେଖିବା କଥା। ବଳଭଦ୍ର ଏବେ ଜିଲ୍ଲାର ଶକ୍ତିଶାଳୀ ନେତା ଭକ୍ତ ଚରଣ ଦାସଙ୍କ ଇଙ୍ଗିତରେ ନିର୍ବାଚନ ମଇଦାନକୁ ଆସିଛନ୍ତି। ଆଦିବାସୀ ଭୋଟ ମୂଳ ପୁଞ୍ଜି ହୋଇଥିବାରୁ ତିନି ଆଦିବାସୀ ନେତା କି ପ୍ରକାର ଖେଳ କରିବେ ତାହା ଏବେଠାରୁ ଆକଳନ କରିବା ମୁସ୍କିଲ। କଂଗ୍ରେସର ପକେଟ ଭୋଟ ରହିଥିବାବେଳେ କଂଗ୍ରେସର ସାଂସଦ ପ୍ରାର୍ଥୀ ଦ୍ରୌପଦୀ ମାଝୀ ହୋଇଥିବା ଦୃଷ୍ଟିରୁ ବଳଭଦ୍ରଙ୍କ ମନରେ ସାହସ ଦ୍ୱିଗୁଣିତ ହୋଇଥିବା ପ୍ରକାଶ। କାରଣ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଥୁଆମୂଳ ରାମପୁର ବ୍ଲକରୁ ଦ୍ରୌପଦୀଙ୍କ ରାଜନୀତି ଜୀବନ ଆରମ୍ଭ। ସେ ଥୁଆମୂଳ ରାମପୁର ବ୍ଲକରେ ଅତୀତରେ ଅଧ୍ୟକ୍ଷା ଆସନରେ ରହି ଲୋକଙ୍କ ସହ ଏବେବି ଜଡିତ ଅଛନ୍ତି। ସେ ଦୃଷ୍ଟିରୁ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ବ୍ଲକ ଉପରେ ବଳଭଦ୍ରଙ୍କ ଫୋକସ ରହିବା ନିଶ୍ଚିତ। ବିଜେପି ପ୍ରାର୍ଥୀ ରମେଶ ମାଝୀ ତୃଣମୂଳସ୍ତରରେ ଯେଉଁ ସଂଗଠନ ଚଳାଇଛନ୍ତି ତାହା କେତେ ସାଥ ଦେବ ସ୍ପଷ୍ଟ ଜଣାପଡୁନାହିଁ। ଲାଞ୍ଜିଗଡ଼ ରାଜନୀତିରେ ଚାଞ୍ଚେର ମାଝୀ ଭିନ୍ନ ଏକ ଚରିତ୍ର। ଲୋକସମ୍ପର୍କ ଯଥେଷ୍ଟ ନଥିଲେ ମଧ୍ୟ ଅର୍ଥବଳକୁ ନେଇ ନିର୍ବାଚନ ଲଢ଼ିବା ନିଶା ତାଙ୍କୁ ଘାରିଥିଲା। କିଛିଦିନ ପୂର୍ବେ ଚାଞ୍ଚେର ମାଝୀ ବିଜେପିରେ ଯୋଗ ଦେଇଥିଲେ। ଆଶା ରଖିଥିଲେ ଲାଞ୍ଜିଗଡ଼ରୁ ବିଜେପି ଟିକେଟ ପାଇବେ। ତାହା କିନ୍ତୁ ହେଲାନାହିଁ। ରମେଶ ମାଝୀଙ୍କୁ ବିଜେପି ଟିକେଟ ଦିଆଗଲା। ଏବେ ଚାଞ୍ଚେରଙ୍କ ଭୂମିକା କଣ ହେବ ଜାଣିବା ସହଜ ନୁହେଁ। ଇନ୍ଦ୍ରାବତୀ ପ୍ରକଳ୍ପ ଠାରୁ ଆରମ୍ଭ କରି ରାସ୍ତାଘାଟ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତକରଣ ଏବଂ ଆଦିବାସୀଙ୍କ ସ୍ୱାର୍ଥ ସହ ଜଡିତ ବହୁ ଉନ୍ନୟନ କାର୍ଯ୍ୟ ହୋଇଥିବାବେଳେ ଜନ ସମର୍ଥନ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କ କ୍ଷେତ୍ରରେ କେଉଁ ରୂପ ନେବ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ।

■ କଂଗ୍ରେସ, ବିଜେପିର ବିଧାନସଭା ପ୍ରାର୍ଥୀ ଘୋଷଣା

# ବୌଦ୍ଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ସମ୍ଭାବନା

**ବୌଦ୍ଧ, ୪।୪(ସମିସ):** ବୌଦ୍ଧ ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ପ୍ରଦୀପ ଅମାତଙ୍କ ଉପରେ ବିଜେଡି ପୁଣି ଭରସା କରିଛି। ମାର୍ଚ୍ଚ ୨୭ରେ ଦଳ ତାଙ୍କ ନାଁ ଘୋଷଣା କରିଛି। ପ୍ରଦୀପ ୫ ଥର ଲଗାତାର ବିଧାୟକ ହୋଇଛନ୍ତି। ଏଣୁ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପୁଣି ମଇଦାନକୁ ଓହ୍ଲାଇବା ଲାଗି ଚୟନ କରିଛି। ଅନ୍ୟପକ୍ଷେ ମଙ୍ଗଳବାର ଉଭୟ ବିଜେପି ଏବଂ





କଂଗ୍ରେସ ବୌଦ୍ଧ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ବିଜେପିରୁ ସରୋଜ ପ୍ରଧାନ ଏବଂ କଂଗ୍ରେସରୁ ନବ ମିଶ୍ରଙ୍କୁ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି।

୨୦୧୯ ସାଧାରଣ ନିର୍ବାଚନରେ ବିଜେଡିର ପ୍ରଦୀପ ଅମାତ ଏବଂ ବିଜେପିର ସୁଶାନ୍ତ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରଦୀପ ଅମାତ ୬୧୫୩୬ ଖଣ୍ଡ ଭୋଟ ପାଇଥିବା ବେଳେ ସୁଶାନ୍ତ ପ୍ରଧାନ ୫୧୦୮୮ ଖଣ୍ଡ ଭୋଟ ପାଇଥିଲେ। ପ୍ରଦୀପ ୧୦୪୪୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେବେ ୨୦୧୯ ନିର୍ବାଚନରେ କଂଗ୍ରେସ ଏବଂ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ମେଣ୍ଟ ହୋଇଥିବା ଯୋଗୁଁ ଏଠାରେ କଂଗ୍ରେସ ତରଫରୁ ପ୍ରାର୍ଥୀ ଦିଆ ଯାଇ ନ ଥିଲା। ଏହା ଫଳରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

ବୌଦ୍ଧ ନିର୍ବାଚନମଣ୍ଡଳୀ ସମଗ୍ର ହରଭଙ୍ଗା ବ୍ଲକ, ବୌଦ୍ଧ ଏନଏସି ଏବଂ ବୌଦ୍ଧ ବ୍ଲକର ୧୧ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ନିର୍ବାଚନ ମଣ୍ଡଳୀର ପ୍ରାୟ ୭୦ ପ୍ରତିଶତ ଭୋଟର ହରଭଙ୍ଗା ବ୍ଲକରେ ଅଛନ୍ତି। ତେବେ ବିଜେପି ପ୍ରାର୍ଥୀ ସରୋଜ ପ୍ରଧାନ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ଅଛନ୍ତି। ତାଙ୍କ ପତ୍ନୀ ସ୍ନେହଲତା ପ୍ରଧାନ ବ୍ଲକ ଅଧ୍ୟକ୍ଷା ଅଛନ୍ତି। ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ରହିଥିବା ସୁଶାନ୍ତ ପ୍ରଧାନଙ୍କ ନିଜ ସାନ ଭାଇ ହେଉଛନ୍ତି ସରୋଜ ପ୍ରଧାନ। ଦୁଇ ଭାଇଙ୍କ ମଧ୍ୟରେ ସହମତି ଭିତ୍ତିରେ ଚଳିତ ନିର୍ବାଚନରେ ସରୋଜ ପ୍ରାର୍ଥୀ ହୋଇଥିବା କୁହାଯାଉଛି। ସେହିପରି ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ସଭାପତି ଥିବା ନବ ମିଶ୍ର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ବେଳେ ୧୯୯୫ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜନତା ଦଳ ପ୍ରାର୍ଥୀ ସଚ୍ଚିଦାନନ୍ଦ ଦଲାଲଙ୍କଠାରୁ ମାତ୍ର ୨୪୯୧ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଶ୍ରୀ ମିଶ୍ର ଜଣେ କୁଶଳୀ ସଙ୍ଗଠକ ଭାବେ ଜଣାଶୁଣା। ବର୍ତ୍ତମାନ ମଧ୍ୟ ତାଙ୍କର ଜିଲ୍ଲାରେ ଭଲ ସାଙ୍ଗଠନିକ ଢାଞ୍ଚା ରହିଛି। ଏସବୁ ଦୃଷ୍ଟିରୁ ବୌଦ୍ଧ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ତେବେ ପ୍ରଥମ ଥର ସ୍ୱାଧୀନ ପ୍ରାର୍ଥୀ ଭାବେ ଏବଂ ପରବର୍ତ୍ତୀ ୪ ଥର ଲଗାତାର ବିଜେଡି ଟିକେଟରୁ ବିଜୟୀ ହୋଇଥିବା ପ୍ରଦୀପ ଅମାତ ନିର୍ବାଚନୀ ରାଜନୀତି ପରିଚାଳନାରେ ଜଣେ ଧୂରୀଣ ଖେଳାଳି ଭାବେ ବେଶ୍ ଜଣାଶୁଣା। ତେଣୁ ଅମାତଙ୍କୁ ମାତ ଦେବା ଏତେ ସହଜ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ବରଗଡ଼ ଲୋକସଭା ପାଇଁ ପ୍ରମୁଖର ଦଳ ପ୍ରାର୍ଥୀ ଘୋଷଣା

# ଚୂଡାନ୍ତ ପ୍ରତିଯୋଗିତା ପାଇଁ ମଇଦାନ ପ୍ରସ୍ତୁତ

**ବରଗଡ଼, ୪।୪ (ସମିସ):** ଲୋକସଭା ନିର୍ବାଚନ ଅଧିସୂଚନା ପାଇଁ ଆହୁରି ୨୪ ଦିନ ସମୟ ବାକି ଥିବା ବେଳେ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବହୁ ପୂର୍ବରୁ ନିଜର ପ୍ରାର୍ଥୀ ଘୋଷଣା କରିଛନ୍ତି। ପୂର୍ବରୁ ଅଧିସୂଚନାର ଦିନେ ଦୁଇ ଦିନ ପୂର୍ବରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହେଉଥିବାରୁ ସେମାନଙ୍କୁ ପ୍ରାୟ ଦୁଇ ସପ୍ତାହ ପ୍ରଚାର ପାଇଁ ସମୟ ମିଳୁଥିଲା। ଚଳିତ ନିର୍ବାଚନରେ ଏହି କାର୍ଯ୍ୟ ବହୁ ପୂର୍ବରୁ ପ୍ରାର୍ଥୀ ଏଠାରୁ ବିଜୟୀ ହୋଇ ସାରିଛନ୍ତି। ଚଳିତ ନିର୍ବାଚନରେ ଯେଉଁ ଦଳର ପ୍ରାର୍ଥୀ ଜିତିବେ ତାହା ସେମାନଙ୍କ ପାଇଁ ଦ୍ୱିତୀୟ ଥର ହେବ।

ବିଜେପି ପ୍ରାର୍ଥୀ ହୋଇଥିବା ଶ୍ରୀ ପୁରୋହିତ ବହୁ ପୂର୍ବରୁ ରାଜନୀତିରେ ଅଛନ୍ତି। ସେ ପୂର୍ବରୁ ୨୦୧୪ରେ ପଦ୍ମପୁରରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କଂଗ୍ରେସ ଦଳର ସଞ୍ଜୟ ଭୋଇ ୨୦୦୯ରେ ବିଜୟୀ ହେବା ପରେ ୨୦୧୪ରେ ପରାଜିତ ହୋଇଥିଲେ।





ହୋଇଯାଇଥିବାରୁ ପ୍ରାର୍ଥୀମାନଙ୍କୁ ପ୍ରାୟ ଦେଢ଼ ମାସ ସମୟ ମିଳିବ। ବିଜେପି ଏଥର ନିଜର ପ୍ରାର୍ଥୀ ବଦଳାଇ ଏଠାରେ ଥିବା ସାଂସଦ ସୁରେଶ ପୂଜାରୀଙ୍କୁ ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ କରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ପୂଜାରୀ ପୂର୍ବରୁ ମଧ୍ୟ ତିନି ଥର ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେଠାରେ ବିଜୟର ସ୍ୱାଦ ଚାଖିପାରି ନ ଥିଲେ। ସେହିପରି ପଦ୍ମପୁରରେ ଗତ ଉପ ନିର୍ବାଚନରେ ପରାଜୟ ବରଣ କରିଥିବା ପ୍ରଦୀପ ପୁରୋହିତଙ୍କୁ ଦଳ ସାଂସଦ ପ୍ରାର୍ଥୀ ଭାବେ ଆସ୍ଥା ପ୍ରକଟ କରିଛି। ଅନ୍ୟତମ ପ୍ରମୁଖ ଜାତୀୟ ରାଜନୈତିକ ଦଳ କଂଗ୍ରେସ ପୂର୍ବତନ ସାଂସଦ ସଞ୍ଜୟ ଭୋଇଙ୍କୁ ନିଜର ପ୍ରାର୍ଥୀ କରିଛି।

ବରଗଡ଼ ଲୋକସଭା ଆସନ ୨୦୦୯ ରେ ପୁଣି ଥରେ ସଂସଦୀୟ କ୍ଷେତ୍ରର ମାନ୍ୟତା ପାଇଥିଲା। ଏହା ପୂର୍ବରୁ ଦେଶର ପ୍ରଥମ ନିର୍ବାଚନ ୧୯୫୨ ରେ ବରଗଡ଼ ଏକ ସଂସଦୀୟ କ୍ଷେତ୍ର ଥିଲା। ତେବେ ହୀରାକୁଦ ଡ୍ୟାମ ପରେ ବରଗଡ଼ ଜିଲ୍ଲା ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ରହିଆସିଥିଲା। ୨୦୦୯ରେ ସୀମା ନିର୍ଦ୍ଧାରିତ ପୁନଃଗଠନ ହେବା ପରେ ପୁଣି ବରଗଡ଼କୁ ଝାରସୁଗୁଡା ଜିଲ୍ଲା ସହିତ ଏକ ସଂସଦୀୟ କ୍ଷେତ୍ରର ମାନ୍ୟତା ମିଳିଥିଲା ଏବଂ ଏଥିରେ ସଞ୍ଜୟ ଭୋଇ କଂଗ୍ରେସ ଦଳରୁ ଲୋକସଭାକୁ ଯାଇଥିଲେ। ଏହାର ପରବର୍ତ୍ତୀ ନିର୍ବାଚନ ୨୦୧୪ରେ ଏହି ଆସନରୁ ବିଜୁ ଜନତା ଦଳର ଡ.ପ୍ରଭାସ ସିଂ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଏହି ସଂସଦୀୟ କ୍ଷେତ୍ର ବିଜେପିକୁ ବିଜୟୀ କରାଇ ସୁରେଶ ପୂଜାରୀଙ୍କୁ ଲୋକସଭାକୁ ପଠାଇଥିଲା। ତେଣୁ ଏହି ନିର୍ବାଚନମଣ୍ଡଳୀର ଇତିହାସ ଦେଖିଲେ ଗତ ତିନୋଟି ନିର୍ବାଚନରେ ତିନି ପ୍ରମୁଖ ଦଳର

ଅନ୍ୟପକ୍ଷରେ ବିଜୁ ଜନତା ଦଳ ଏଥର ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଜଣେ ସମ୍ପୂର୍ଣ୍ଣ ନବାଗତା ସମାଜସେବୀ ପରିଣିତା ମିଶ୍ରଙ୍କୁ ଆସ୍ଥା ପ୍ରକଟ କରିଛି। ଗୋଟିଏ ପଟେ ରାଜନୀତିରେ ଦୁଇ ଜଣ ଭେଟରାନ ପ୍ରାର୍ଥୀ ଥିବା ବେଳେ ବିଜେଡି ନବାଗତାଙ୍କୁ ପ୍ରାର୍ଥୀ କରି ଏହି ଆସନର ସମୀକରଣ ବଦଳାଇ ଦେଇଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ ହେଲା ଗତ ଲୋକସଭା ନିର୍ବାଚନରେ ବିଜେପିର ସୁରେଶ ପୂଜାରୀ ବିଜୟୀ ହୋଇଥିଲେ ମଧ୍ୟ ଏହି ଲୋକସଭା ସଂସଦୀୟ କ୍ଷେତ୍ରର ସମସ୍ତ ୭ଟି ବିଧାନସଭା ଆସନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ସଂସଦୀୟ କ୍ଷେତ୍ରରେ ଭିନ୍ନ କାରଣରୁ ପଦ୍ମପୁର, ବିଜେପୁର, ଝାରସୁଗୁଡା ଓ ବ୍ରଜରାଜନଗରରେ ଉପ ନିର୍ବାଚନମାନ ଅନୁଷ୍ଠିତ ହୋଇଥିଲା। ବିଜେପି ସାଂସଦ ଥିବା ସତ୍ତ୍ୱେ ଏହି ସମସ୍ତ ଉପନିର୍ବାଚନରେ ବିଜୁ ଜନତା ଦଳକୁ ବ୍ୟାପକ ସଫଳତା ମିଳିଥିଲା। ଏପରିକି ଗତ ପଞ୍ଚାୟତ ନିର୍ବାଚନ ଓ ପୌର ପରିଷଦ ନିର୍ବାଚନରେ ମଧ୍ୟ ଏହି ଅଞ୍ଚଳର ଅଧିକାଂଶ ଆସନରେ ବିଜେଡି ବିଜୟୀ ହୋଇଥିଲା। ତେଣୁ ନବାଗତାଙ୍କୁ ପ୍ରାର୍ଥୀ କରିଥିବା ସତ୍ତ୍ୱେ ନିର୍ବାଚନ ଗଣିତରେ ବିଜେଡି ଅଗ୍ରଣୀ ଭୂମିକାରେ ରହିବ। ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପଦ୍ମପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା ବାକି ଥିବା ବେଳେ ବାକି ୬ ଟି ଆସନରେ ଦଳ ବିଧାୟକ ଥିବା ସମସ୍ତ ପ୍ରାର୍ଥୀଙ୍କୁ ପୁନର୍ବାର ସୁଯୋଗ ଦେଇଛି। ଏହି ପରିପେକ୍ଷୀରେ ଚଳିତ ନିର୍ବାଚନ ବେଶ ରୋଚକ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ବିଜେପି କାର୍ଯ୍ୟାଳୟରେ ମାନସ ମନ୍ଥନ

# ଟିକଟ ଆବଣ୍ଟନ ନେଇ ଛିଣ୍ଡୁନି ବିବାଦ

**ଟିଟିଲାଗଡ଼, ୪।୪(ସମିସ):** ବିଜେପି ପକ୍ଷରୁ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ନେଇ ପ୍ରାର୍ଥୀ ଘୋଷଣା ପରେ ଦଳ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ନେଇଛି। ଦୀର୍ଘ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରି ଆସିଥିବା ନେତାଙ୍କ ବଦଳରେ ନୂଆ କରି ଦଳକୁ ଆସିଥିବା ଜଣେ ବ୍ୟବସାୟୀ ନବୀନ ଜୈନଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏନେଇ ଦଳର ବହୁ ନେତା ଦଳ ଛାଡ଼ିବେ କିମ୍ବା ଦଳୀୟ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି ସ୍ଥାନୀୟ ବିଜେପି କାର୍ଯ୍ୟାଳୟଠାରେ ଜିଲ୍ଲା ସାଧାରଣ ସମ୍ପାଦକ ମୁକେଶ ଜୈନଙ୍କ ନେତୃତ୍ୱରେ ତଥା ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏହି ବୈଠକରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟିର



ସଙ୍ଗଠନର ବିଭିନ୍ନ ଶାଖାର ପଦାଧିକାରୀ ଉପସ୍ଥିତ ଥିଲେ। ସମସ୍ତ ପଦାଧିକାରୀ ଟିକଟ ଆବଣ୍ଟନ ନେଇ ଦଳର ନିଷ୍ପତ୍ତିକୁ ନିନ୍ଦା କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ବିଜେପି ସମର୍ଥକ ତଥା ସାଧାରଣ ଜନତା ଏନେଇ ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦେବେ ବୋଲି ସଭାରେ ନେତୃବୃନ୍ଦ ଖୋଲାଖୋଲି ନିଜ ରୋଷ ପ୍ରକଟ କରିଛନ୍ତି। ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଦଳର ଜିଲ୍ଲା ସାଧାରଣ ସମ୍ପାଦକ ମୁକେଶ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩୦୯ଟି ବୁଥରେ ସାଙ୍ଗଠନିକ କାର୍ଯ୍ୟକ୍ରମ କରାଉଥିଲେ। କିନ୍ତୁ ତାଙ୍କୁ ଅଣଦେଖା କରାଗଲା। ସଙ୍ଗଠନ ବାହାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଟିକଟ ଦିଆଗଲା। ଏନେଇ ଦଳର ନେତା ଓ କର୍ମୀ ବିଜେପିକୁ ସମର୍ଥନ ଦେବୁ ନାହିଁ, ଦରକାର ପଡ଼ିଲେ ଦଳ ପରିବର୍ତ୍ତନ କରିବେ ବୋଲି ସଭାରେ ମତବ୍ୟକ୍ତ କରିଥିଲେ। ଏକସ୍ୱରରେ ନେତା କର୍ମୀ ବିଶ୍ୱାସଘାତ ନେଇ କଠୋର ନିଷ୍ପତ୍ତି ନିଆଯିବ ବୋଲି ଗର୍ଜି ଉଠିଥିଲେ। ଏନେଇ ଖୁବ ଶୀଘ୍ର ଦୃଢ ନିଷ୍ପତି ନିଆଯିବ ବୋଲି ବୈଠକ ପରେ ଜିଲା ସାଧାରଣ ସମ୍ପାଦକ ଶ୍ରୀ ଜୈନ କହିଛନ୍ତି। ବୈଠକରେ ଦଳର ଜିଲା ସମ୍ପାଦକ ଅଶୋକ ମିଶ୍ର, ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ନରସିଂ ସିଂ, ନଗର ଉପସଭାପତି ଲିଙ୍ଗରାଜ ନାୟକ, ପ୍ରଶାନ୍ତ ମହାନ୍ତି, ମଣ୍ଡଳ ସଭାପତି ନିମାଇଁ ବେହେରା, ସୁଶାନ୍ତ ବନଛୋର, ଜିବର୍ଦ୍ଧନ ଖରସେଲ, ଗଦାଧର ବଗର୍ତ୍ତି, ଦର୍ଶନ ପ୍ରଧାନ, ଶୁକ୍ରୁ ସାହୁ, ଗରୁଡ଼ଧ୍ୱଜ ରଣା, ଭ୍ରମର ସେଠ, ସତ୍ୟବାନ ଦୀପ, ବିପିନ ଠାକୁର, ଚୁଳଚନ୍ଦ୍ର ଥପା, ମନୋଜ ନାୟକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ମାଳିପଡ଼ାରେ ବିଜେଡି ସାଂସଦ ପ୍ରାର୍ଥୀଙ୍କୁ ଭବ୍ୟସ୍ୱାଗତ ସମ୍ବର୍ଦ୍ଧନା

**ଭବାନୀପାଟଣା, ୪।୪(ସମିସ):** କଳାହାଣ୍ଡି ଲୋକସଭା ନିର୍ବାଚନ ପାଇଁ ଲମ୍ବୋଦର ନିଆଲଙ୍କୁ ପ୍ରାର୍ଥୀ ଘୋଷଣା କରିଛି ବିଜେଡି। ଗୁରୁବାର ସନ୍ଧ୍ୟାରେ ଶ୍ରୀ ନିଆଲ ଭବାନୀପାଟଣା ପୌର ପରିଷଦର ୧୭ ନମ୍ବର ୱାର୍ଡ ମାଳିପଡ଼ାରେ ପହଞ୍ଚିବା ପରେ ତାଙ୍କୁ ମାଳି ସମାଜ ପକ୍ଷରୁ ଭବ୍ୟସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଳାହାଣ୍ଡି ଲୋକସଭା ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଠାକୁରଙ୍କ ଆଶିଷ ଭିକ୍ଷା କରିଥିଲେ। ଏହି ସମୟରେ ମାଳି ସମାଜ ସଭାପତି ନିଳମଣୀ ନାଏକଙ୍କ ସହ ନରେନ୍ଦ୍ର ନାଏକ, ଭିଷ୍ମ ନାଏକ, ନବୀନା ପୁଟେଲ, ଫକିର ପୁଟେଲଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ବିଜେଡିର କଳାହାଣ୍ଡି ସାଂସଦ ପ୍ରାର୍ଥୀ ଶ୍ରୀ ନିଆଲ ଗତ କିଛିଦିନ ତଳେ



## ତ୍ରିନାଥ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କଲେ ଲମ୍ବୋଦର

ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରି ରଣାଙ୍ଗନକୁ ଓହ୍ଲାଇଥିଲେ। ବର୍ତ୍ତମାନ ସେ ଜିଲ୍ଲାର ଧର୍ମଗଡ଼, ଗୋଲାମୁଣ୍ଡା, କୋକସରା, ଭବାନୀପାଟଣା, କେସିଙ୍ଗା ଆଦି ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ଦଳୀୟ କର୍ମୀମାନଙ୍କୁ ସାକ୍ଷାତ କରୁଛନ୍ତି। ଘୋଷିତ ହୋଇଥିବା ବିଧାୟକ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସହ ସଂକଳ୍ପ ସମାବେଶ ମଞ୍ଚରେ ମଧ୍ୟ ଉପସ୍ଥିତ ରହୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି, ବିଜେଡି ଓ ଆମ୍ ଆଦମୀ ପାର୍ଟିର ଶହଶହ କର୍ମୀ ବିଜେଡିରେ ଯୋଗଦେଉଛନ୍ତି। ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି ସମ୍ପୃକ୍ତ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଓ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ। ଏବେ ଜିଲ୍ଲାସାରା ଦଳୀୟ କର୍ମୀମାନଙ୍କୁ ଅଧିକ ସୁସଂଗଠିତ କରିବାରେ ଲାଗି ପଡ଼ିଛନ୍ତି କଳାହାଣ୍ଡି ବିଜେଡିର ନେତୃବୃନ୍ଦ। ଏଠାରେ ପ୍ରକାଶଯୋଗ୍ୟ ଯେ, କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେପି ମାଳବିକା କେଶରୀ ଦେଓଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡି ଲମ୍ବୋଦର ନିଆଲ ଏବଂ କଂଗ୍ରେସ ଦ୍ରୌପଦୀ ମାଝୀଙ୍କୁ ପ୍ରାର୍ଥୀ କରିଛି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ପୃଥକ ପୃଥକ ଭାବେ ବିଭିନ୍ନ ଦେବୀଦେବତାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବାସହ ଦଳୀୟ କର୍ମୀମାନଙ୍କୁ ଭେଟୁଥିବା ଦେଖାଯାଇଛି।

ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ଶୁଭିଲାଣି ଶଙ୍ଖନାଦ, ପାଖୁଡ଼ା ଗୋଟାଉଛି ପଦ୍ମ; ଉଠିବାକୁ ବଳ ପାଉନି ହାତ

ବଲାଙ୍ଗିର, ୪।୪(ସମିସ)

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାନସଭା ନିର୍ବାଚମଣ୍ଡଳୀରେ ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ସରଗରମ ହୋଇଛି ଟିଟିଲାଗଡ଼ ରାଜନୀତି। ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଏବେ ମଧ୍ୟ ପ୍ରାର୍ଥୀ ଘୋଷଣା କରିନାହିଁ। ବିଜେଡି ପକ୍ଷରୁ ପୁଣିଥରେ ଟୁକୁନୀ ସାହୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେପିରୁ ନବୀନ ଜୈନଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ କଂଗ୍ରେସରୁ ପୂର୍ବରୁ ବିଧାୟକ ହୋଇଥିବା ସୁରେନ୍ଦ୍ର ସିଂ ଭୋଇ ଦଳ ଛାଡି ବିଜେଡିରେ ଯୋଗଦେଇ ଥିବାବେଳେ ଆସନ୍ତା ନିର୍ବାଚନରେ ତାଙ୍କୁ ବିଜେଡି ସାଂସଦ ପ୍ରାର୍ଥୀ କରିଛି। ଶ୍ରୀ ଭୋଇଙ୍କ ଯୋଗଦାନ ପରେ ବିଜେଡି ଏହି ଆସନରେ ଅଧିକ ଶକ୍ତିଶାଳୀ ହୋଇ ଶଙ୍ଖନାଦ ଆରମ୍ଭ କରିଥିବା ବେଳେ ଟୁକୁନୀଙ୍କୁ ଚେକ୍ ଦେବା ପାଇଁ ପାଖୁଡ଼ା ଗୋଟାଉଛି ପଦ୍ମ। ଅପରପକ୍ଷେ ହାତ ଏଯାଏଁ ଉଠି ନ ଥିବା ଭଳି ସ୍ଥିତି ଦେଖିବାକୁ ମିଳିଛି ଏହି ନିର୍ବାଚନମଣ୍ଡଳୀରେ।

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସବୁବେଳେ ଚର୍ଚ୍ଚାରେ ରହି ଆସିଥାଏ। ଏହି ଆସନରୁ ଗତ ଦୁଇଟି ସାଧାରଣ ନିର୍ବାଚନରେ ଲଗାତାର ଟୁକୁନୀ ସାହୁ ବିଜୟୀ ହୋଇଛନ୍ତି। ଏପରିକି ୨୦୧୯ରେ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସେ ରାଜ୍ୟ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ ନିର୍ବାଚନ ପାଇଁ ବିଜେଡି ପୁଣି ଥରେ ତାଙ୍କୁ ପ୍ରାର୍ଥୀ କରିଛି। ଦୁଇଦୁଇ ଥର ବିଧାୟିକା ଭାବେ ଟୁକୁନୀ ନିର୍ବାଚିତ ହେବା ପରେ ତାଙ୍କର ପତିଆରା କିଛିଟା କମିଥିବା ବେଳେ ଦଳ ଏହାକୁ ଆସନ୍ତା ନିର୍ବାଚନ ପୂର୍ବରୁ ମ୍ୟାନେଜ କରିବାରେ ସଫଳ ହୋଇଥିବା ଆଲୋଚନା ହେଉଛି। ଟୁକୁନୀଙ୍କ ସହ ବିଗତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇ ସାଂସଦ ପ୍ରାର୍ଥୀ ହୋଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଶ୍ରୀ ଭୋଇଙ୍କ ପତିଆରା ରହିଛି। ସଇଁତଲା ବ୍ଲକ ତାଙ୍କ ଦଖଲରେ ଥିବାବେଳେ ସେ ୨୦୧୯ରେ ୨୯.୧୪ ପ୍ରତିଶତ (୫୩୫୮୫) ଓ ୨୦୧୪ରେ ୩୩.୮୬ ପ୍ରତିଶତ (୫୭୮୩୬) ଭୋଟ ହାତେଇଥିଲେ। ପରାଜିତ ହୋଇଥିଲେ ମଧ୍ୟ ଭଲ ପରିମାଣର ଭୋଟ ଗୋଟାଇବାରେ ସଫଳ ହୋଇଥିଲେ। ଯାହାକି ଏବେ ବିଜେଡିକୁ ସୁହାଇବ ବୋଲି ଆଲୋଚନା ହେଉଛି।




## ସୁରେନ୍ଦ୍ର ସିଂ ଭୋଇଙ୍କ ଯୋଗଦାନ, ନିହାରଙ୍କୁ ଟିକେଟ ପରେ ସୁଦୃଢ଼ ବିଜେଡି

ସେହିପରି ଏହି ଆସନରୁ ପୂର୍ବରୁ ଚାରିଥର ବିଧାୟକ ହୋଇଛନ୍ତି ଯୋଗେନ୍ଦ୍ର ବେହେରା। ଦୁଇ ଥର ଜନତ ଦଳ ଓ ଦୁଇ ଥର ବିଜେଡିରୁ ସେ ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ଯୋଗେନ୍ଦ୍ର ବେହେରାଙ୍କୁ ଦଳ ଲୋଇସିଂହା ସଂରକ୍ଷିତ ଆସନରୁ ପ୍ରାର୍ଥୀ କରିଥିଲା। ସେଠାରୁ ସେ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ। ତାଙ୍କ ପରେ ତାଙ୍କ ସାନପୁଅ ସେହି ଆସନରୁ ଆଶାୟୀ ରହିଥିଲେ। ଚଳିତ ନିର୍ବାଚନରେ ସେ ମଧ୍ୟ ଲୋଇସିଂହା ଆସନରୁ ପ୍ରାର୍ଥି ହୋଇଛନ୍ତି। ଅର୍ଥାତ ଯୋଗେନ୍ଦ୍ର ବେହେରାଙ୍କ ହାତରେ ରହିଥିବା ସଙ୍ଗଠନ ଓ ନିଜସ୍ୱ ଭୋଟବ୍ୟାଙ୍କ ବିଜେଡି ସପକ୍ଷରେ ଯିବା ଏକ ପ୍ରକାର ନିଶ୍ଚିତ। ଏହି ସବୁ ସମୀକରଣ ପରେ ବିଜେଡି ଭଲ ସ୍ଥିତିରେ ରହିଛି। କିନ୍ତୁ ବିଜେପିରୁ ପ୍ରାର୍ଥୀ ହୋଇଥିବା ନବୀନ ଜୈନ ମଧ୍ୟ ସମୀକରଣ ଏପଟସେପଟ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତାଙ୍କୁ ବିଜେପି ପ୍ରାର୍ଥୀ କରିବା ପରେ ତାଙ୍କ ସମର୍ଥକମାନେ ବେଶ୍ ଉତ୍ସାହିତ ରହିଛନ୍ତି। ଏହା ପୂର୍ବରୁ ତାଙ୍କ ସ୍ତ୍ରୀ ମମତା ଜୈନ ଟିଟିଲାଗଡ଼ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇ ତାଙ୍କର କାଟତି ପ୍ରମାଣ କରିଛନ୍ତି। ତେବେ ନବୀନଙ୍କ ପାଇଁ ଏବେ ବଡ଼ ସମସ୍ୟା ପାଲଟିଛନ୍ତି ତାଙ୍କ ନିଜ ଦଳରେ ଥିବା ବିଧାୟକ ଆଶାୟୀ। ସେମାନଙ୍କୁ ବୁଝାଇ ସୁଝାଇ ତାଙ୍କ ପାଖରେ ରଖିବାକୁ ଶ୍ରୀ ଜୈନ ଚେଷ୍ଟା ଚଳାଇଛନ୍ତି। ଅପରପକ୍ଷେ କଂଗ୍ରେସ ଦଳର ସ୍ଥିତି ବେଶ ସଙ୍ଗିନ ରହିଛି। ହଠାତ ଶ୍ରୀ ଭୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ଏହି ଆସନରୁ କିଏ ପ୍ରାର୍ଥୀ ତାହା ଏଯାଏଁ ଛିଡ଼ିନି। ଶ୍ରୀ ଭୋଇଙ୍କ ପରେ ବୁଧବାର କଂଗ୍ରେସ ଛାଡିଥିବା ଯଜ୍ଞେଶ୍ୱର ବାବୁଙ୍କୁ କୁଆଡ଼େ ଏହି ଆସନରୁ ପ୍ରାର୍ଥୀ କରିବା ପାଇଁ ଦଳ ଚେଷ୍ଟା ଚଳାଇଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ସେ ରିସ୍କ ନେବା ବଦଳରେ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ଦଳ ୪୯ ଜଣିଆ ବିଧାୟକ ପ୍ରାର୍ଥୀ ତାଲିକାରେ ଜିଲ୍ଲାର ସମସ୍ତ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଟିଟିଲାଗଡ଼ ଆସନ ଏବେବି ଖାଲି ପଡ଼ିଛି। ଯଦି ବର୍ତ୍ତମାନର ରାଜନୈତିକ ପାଣିପାଗ ଉପରେ ନଜର ପକାଇବା ତେବେ ବିଜେଡି ଶଙ୍ଖନାଦ ଆରମ୍ଭ କରିଥିବା ବେଳେ ବିଜେପି ପାଖୁଡ଼ା ଗୋଟାଉଛି। ଅନ୍ୟପକ୍ଷରେ ହାତ ଉଠିବାକୁ ବଳ ପାଉନାହିଁ।

ସଞ୍ଜୟଙ୍କୁ ଜାମିନ୍: ଆପ୍ ରାଜନୀତି ପାଇଁ ବରଦାନ ନା ଅଭିଶାପ

# ସୁନୀତାଙ୍କ ରାସ୍ତାରେ ସଞ୍ଜୟ କଣ୍ଟା !

୨୦୨୪ ଲୋକସଭା ନିର୍ବାଚନକୁ ନେଇ ଏବେ ବିଭିନ୍ନ ରାଜ୍ୟରେ ରାଜନୀତି ସରଗରମ ହୋଇପଡ଼ିଛି । ସବୁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ଏକ୍ରପ୍ରକାର ଶେଷ ହେବାକୁ ଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । କିନ୍ତୁ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ କିଛି ଭିନ୍ନ ସ୍ଥିତି ଦେଖିବାକୁ ମିଳୁଛି । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ଏଠାକାର ଶାସକ ଦଳ ଆମ ଆଦମୀ ପାର୍ଟି(ଆପ୍)ର ସ୍ଥିତି ବେଳକୁ ବେଳ ବେହାଲ ହେବାରେ ଲାଗିଛି । ଆପ୍ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବେ ଜେଲରେ ରହିଥିଲା ବେଳେ ଦଳୀୟ ନେତୃତ୍ୱକୁ ନେଇ ଏବେ ଦଳରେ ଘଡ଼ିକେ ଘୋଡା ଛୁଟୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଅରବିନ୍ଦଙ୍କ ଅନୁପସ୍ଥିତିରେ ଆପ୍ର ଦୁଇ ପ୍ରମୁଖ ମନ୍ତ୍ରୀ ଆତିଶୀ ମାର୍ଲେନା ଏବଂ ସୌରଭ ଭରଦ୍ୱାଜ ଦଳୀୟ ନେତୃତ୍ୱକୁ



ନେଇ ବିଗତ କିଛି ଦିନ ହେଲା ବିଭିନ୍ନ ପରିସ୍ଥିତିକୁ ସାମ୍ନା କରୁଥିବା ଦେଖାଯାଇଥିଲା । ଏହାକୁ ନେଇ ଅରବିନ୍ଦଙ୍କ ଅନୁପସ୍ଥିତିରେ ଆତିଶୀ ଦଳର ନେତୃତ୍ୱ ନେଇପାରନ୍ତି ବୋଲି ଆଲୋଚନା ଆରମ୍ଭ ହୋଇଥିଲା । କିନ୍ତୁ ଗତ ୩୧ ତାରିଖରେ ରାମଲୀଳା ମଇଦାନରେ ବିରୋଧୀ ମେଣ୍ଟ ମହାରାଲିରେ ଅରବିନ୍ଦଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ଏହାକୁ ଭୁଲ ପ୍ରମାଣିତ କରିଦେଇଥିଲେ । ଆବଶ୍ୟକସ୍ଥଳେ ସେ ହିଁ ଦଳୀୟ ନେତୃତ୍ୱ ବହନ କରିବା ସହିତ ମୁଖ୍ୟମନ୍ତ୍ରୀ ହେବେ ବୋଲି ପରୋକ୍ଷ ସୂଚନା ଦେଇଥିଲେ । ସୁନୀତା ଦିଲ୍ଲୀ କ୍ଷମତାର ମଙ୍ଗ ଧରିବା ପଛରେ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରଚ୍ଛନ୍ନ ହାତ ରହିବା ସହିତ ସେ ହିଁ ପ୍ରଛଦପଟରେ ରହି ଏଥିପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଥିଲା । ସୁନୀତାଙ୍କ ପାଇଁ ବାଟ ସଫା କରିବା ଲାଗି କେଜ୍ରିୱାଲ ମଙ୍ଗଳବାର ଯାହା କରିଥିଲେ ତାହା ଏହାକୁ ଆହୁରି ସୁନିଶ୍ଚିତ କରିଥିଲା । ଅବକାରୀ ମାମଲାରେ କେଜ୍ରିୱାଲ ଇଡି ଆଗରେ ଆତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ନାମ ନେବା ଘଟଣାଚକ୍ରକୁ ବଦଳାଇ ଦେବା ସହିତ ଇଡି ମୁହଁକୁ ଏହି ଦୁଇ ଜଣଙ୍କୁ ଠେଲି ଦେଇଥିଲେ । ଅର୍ଥ କାରବାରକୁ ନେଇ ସେ ଏହି ଦୁଇ ଜଣଙ୍କ ସମ୍ପର୍କରେ ଇଡି ଆଗରେ ଯାହା କହିଥିଲେ ତଦ୍ୱାରା ଆତିଶୀ ଏବଂ ଭରଦ୍ୱାଜ କେଉଁ ମୁହୂର୍ତ୍ତରେ ଯେ ଇଡି ଦ୍ୱାରସ୍ଥ ହେବେ ତାହା ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା । ଏଭଳି ସ୍ଥିତିରେ ଉଭୟ ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନାରୁ ବାଦ୍ ପଡ଼ିବା ସ୍ୱାଭାବିକ କଥା । କିନ୍ତୁ ଦଳୀୟ ସାଂସଦ ସଞ୍ଜୟ ସିଂଙ୍କୁ ଜାମିନ ମିଳିବା ଘଟଣାଚକ୍ରକୁ ପୁରାପୁରି ବଦଳାଇ ଦେଇଛି । ସଞ୍ଜୟ ହେଉଛନ୍ତି ଆନ୍ନା ଆନ୍ଦୋଳନ ସମୟର ଏବଂ ଆପ୍ ଦଳ ଗଠନ ହେବାର କିଛି ନେତାଙ୍କ ମଧ୍ୟରୁ ଜଣେ । ଯଦିଓ ପ୍ରଶାନ୍ତ ଭୂଷଣ, କୁମାର ବିଶ୍ୱାସ ଏବଂ ଯୋଗେନ୍ଦ୍ର ଯାଦବଙ୍କ ଭଳି ବହୁ ନେତାଙ୍କୁ କେଜ୍ରିୱାଲ ପରବର୍ତ୍ତୀ ସମୟରେ ଦଳରୁ ବିଦା କରିଦେଇଥିଲେ ସେ ସମୟର ନେତାଙ୍କ ମଧ୍ୟରୁ ମନୀଷ ସିସୋଦିଆ, ଗୋପାଳ ରାୟ ଏବଂ ସଞ୍ଜୟ ସିଂଙ୍କ ଭଳି ଏବେ କିଛି ନେତା ଦଳରେ ରହିଛନ୍ତି । ତେବେ ବରିଷ୍ଠତା ଏବଂ କେଜ୍ରିୱାଲଙ୍କ ସହ ଘନିଷ୍ଠତା ଦୃଷ୍ଟିରୁ ସଞ୍ଜୟ ସିଂ କେଜ୍ରିୱାଲଙ୍କ ଅନୁପସ୍ଥିତିରେ ଏବେ ଦଳୀୟ ମଙ୍ଗ ଧରିବା ଉଚିତ ବୋଲି ଦଳ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି । ବର୍ତ୍ତମାନ ଦିଲ୍ଲୀ ସରକାର ପରିଚାଳନା ବ୍ୟବସ୍ଥାକୁ ନେଇ ଉପ ରାଜ୍ୟପାଳଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବାକୁ ମସୁଧା ଚାଲିଥିଲା ବେଳେ କେଜ୍ରିୱାଲ ନିକଟ ଭବିଷ୍ୟତରେ ଜେଲରୁ ମୁକୁଳିବା ସମ୍ଭାବନା ନାହିଁ ବୋଲି କୁହାଯାଉଛି । ଏଭଳି ସ୍ଥଳରେ ନିର୍ବାଚନ ପାଖେଇ ଆସୁଥିବାରୁ ସଞ୍ଜୟ ହିଁ ନିର୍ବାଚନ ପ୍ରଚାର ଅଭିଯାନ ଏବଂ ଦଳୀୟ ନେତୃତ୍ୱ ଗ୍ରହଣ କରିବା ଉଚିତ ବୋଲି କୁହାଯାଉଛି । କିନ୍ତୁ କେଜ୍ରିୱାଲଙ୍କ ସ୍ଥାନ ନେବାକୁ ଚାହୁଁଥିବା ତାଙ୍କ ପତ୍ନୀ ସୁନୀତା ଏବଂ ତାଙ୍କ ଅନୁଗତ ଏହାକୁ ଗ୍ରହଣ କରିବା ମୁଡ୍‌ରେ ନାହାନ୍ତି ।

## ମହାରାଷ୍ଟ୍ର ରାଜନୀତି

# ନିର୍ବାଚନକୁ ପ୍ରଭାବିତ କରିବ ଶିବସେନା ଓ ଏନ୍‌ସିପିର ବିଘଟନ

**ମହାରାଷ୍ଟ୍ର : ମୋଟ ଆସନ ସଂଖ୍ୟା ୪୮**

ବିଦର୍ଭ(ନାଗପୁର-ଅମରାବତୀ ଡିଭିଜନ୍)- ୧୦

ମରାଠୱାଡା ( ଔରଙ୍ଗାବାଦ ଡିଭିଜନ୍) -୮

ମୁମ୍ବାଇ-କୋଙ୍କଣ ଡିଭିଜନ୍ -୧୩

ପଶ୍ଚିମ ମହାରାଷ୍ଟ୍ର (ପନେ ଡିଭିଜନ୍) - ୯

ଉତ୍ତର ମହାରାଷ୍ଟ୍ର( ନାସିକ ଡିଭିଜନ୍) -୮

ଜାତୀୟ ରାଜନୀତରେ ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ଗୁରୁତ୍ୱପୂର୍ଣ୍ଣ ରହିଛି । ଏଠରେ ଲୋକସଭା ଆସନ ସଂଖ୍ୟା ୪୮ ରହିଥିଲା ବେଳେ ସବୁ ପ୍ରମୁଖ ଦଳଙ୍କ ଦୃଷ୍ଟି ଏହି ରାଜ୍ୟର ଫଳାଫଳ ଉପରେ ନିବଦ୍ଧ ରହିଛି । ଜନସଂଖ୍ୟା, ସଂପ୍ରଦାୟ ଏବଂ ଜାତିଗତ ବିବିଧତାକୁ ନେଇ ମହାରାଷ୍ଟ୍ରର ବିଭିନ୍ନ ଡିଭିଜନରେ ରହିଥିବା ଲୋକସଭା ଆସନ ଫଳାଫଳ ୨୦୨୪ରେ କ'ଣ ରହିବ ତାହା ଏବେ ମଧ୍ୟ ଅସ୍ପଷ୍ଟ ରହିଛି । କାରଣ ବିଗତ ଦିନରେ ନେତାଙ୍କ ନୀତି-ନୈତିକତାକୁ ନେଇ ଜନତାଙ୍କ ମାନସ ସ୍ତରରେ ଯେଉଁଭଳି ପ୍ରତିକ୍ରିୟା ସୃଷ୍ଟି ହୋଇଛି ଚଳିତ ନିର୍ବାଚନରେ ତାହାର ପ୍ରତିଫଳନ ଘଟିବ ବୋଲି କୁହାଯାଉଛି । ବିଶେଷକରି ଶିବସେନା ଏବଂ ଏନସିପି ଭଳି ଦୁଇ ପ୍ରମୁଖ ରାଜନୈତିକ ଦଳର ବିଘଟନ ଏବଂ ନେତାଙ୍କ ଦଳବଦଳ ନୀତି ସାଧାରଣ ଭୋଟରଙ୍କ ମନରେ ବିତୃଷ୍ଣା ଆଣିଛି ବୋଲି କୁହାଯାଉଛି । ଜନତାଙ୍କ ଏଭଳି ମନୋଭାବକୁ ନେଇ ମୁମ୍ବାଇ-କୋଙ୍କଣ ଡିଭିଜନ୍ (ଆସନ ସଂଖ୍ୟା-୧୩), ପଶ୍ଚିମ ମହାରାଷ୍ଟ୍ର (ପନେ ଡିଭିଜନ୍)-୯ ଏବଂ ଉତ୍ତର ମହାରାଷ୍ଟ୍ର( ନାସିକ ଡିଭିଜନ୍)-୮ରେ କି ଫଳାଫଳ ରହିବ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଏନଡିଏ ମେଣ୍ଟ ୮ ରୁ ୧୦ ଆସନ ହରାଇପାରେ ବୋଲି ଆକଳନ କରାଯାଉଛି । ଏହି ନିର୍ବାଚନରେ ମୁଖ୍ୟତଃ ମହାବିକାଶ ଅଘାଡି(ଇଣ୍ଡିଆ ମେଣ୍ଟ) ଏବଂ ମହାଯୁକ୍ତି(ଏନଡିଏ) ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ବେଳେ ୪୮ ଆସନ ମଧ୍ୟରୁ ଏନଡିଏକୁ ୩୦ ରୁ ୩୨ ମିଳିପାରେ ବୋଲି କୁହାଯାଉଛି । କାରଣ ମହାରାଷ୍ଟ୍ରରେ ଦଳ ଏବଂ ପରିବାର ଭାଙ୍ଗିବା ଅଭିଯୋଗରେ ବିଜେପିକୁ ଜନତାଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିବାର ଆଶଙ୍କା ରହିଛି । ତେବେ ସିନ୍ଦେ ଶିବସେନା ଗୋଷ୍ଠୀ ସହିତ ବିଜେପିର ମେଣ୍ଟ ଏହି ସମସ୍ୟାକୁ ଅଧିକାଂଶ ଭାବେ ଟାଳି ଦେବ ବୋଲି କୁହାଯାଉଛି । ଗତ ନିର୍ବାଚନରେ ବିଜେପି ୨୩ ଏବଂ ଶିବସେନା ୧୮ ଏପରି ୪୧ଟି ଆସନରେ ବିଜୟୀ ହୋଇଥିଲେ । କିନ୍ତୁ ଏଥର ସ୍ଥିତି ଭିନ୍ନ ରହିଛି । ସେହିପରି କଂଗ୍ରେସ ସହ ମେଣ୍ଟ କରି ଶିବସେନା (ୟୁବିଟି) ଏବଂ ଏନସିପି(ଶରଦ) ନିର୍ବାଚନ ଲଢୁଥିବା ବେଳେ ଏହି ମେଣ୍ଟକୁ ୧୬ ରୁ ୧୮ ଆସନ ମିଳିବା ନେଇ ଆକଳନ କରାଯାଇଛି । କିନ୍ତୁ ଅନୁସୂଚିତ ଜାତି, ପଛୁଆ ବର୍ଗ, ଧନଗର ଏବଂ ମରାଠା ସଂରକ୍ଷଣକୁ ନେଇ ଲଢେଇ କରୁଥିବା ବିଭିନ୍ନ ସଂଗଠନ ଯଦି ସେମାନଙ୍କ ପ୍ରାର୍ଥୀ ଛିଡା କରନ୍ତି ତେବେ ଏହି ଦୁଇ ମେଣ୍ଟ ପାଇଁ ଅନେକ ସମସ୍ୟା ଆସିପାରେ । ଅନ୍ୟପକ୍ଷରେ ବଞ୍ଚିତ ବହୁଜନ ଅଘାଡି ମଧ୍ୟ ଚଳିତ ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆକଳନ କରାଯାଉଛି ।




## ୨୦୧୯ ନିର୍ବାଚନ ସ୍ଥିତି

| ଦଳ | ଆସନ | ଭୋଟ(%) |
|---|---|---|
| ବିଜେପି | ୨୩ | ୨୭.୮୪ |
| ଶିବସେନା | ୧୮ | ୨୩.୫ |
| ଏନସିପି | ୦୪ | ୧୫.୬୬ |
| କଂଗ୍ରେସ | ୦୧ | ୧୬.୪୧ |
| ଏଆଇଏମ୍ଆଇଏମ୍ | ୦୧ | ୦.୭୬ |

୨୦୧୯ ନିର୍ବାଚନରେ ମୁଖ୍ୟତଃ ଏନଡିଏ ଏବଂ ୟୁପିଏ ମେଣ୍ଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ବିଜେପି ସହ ଅବିଭକ୍ତ ଶିବସେନା ଏବଂ କଂଗ୍ରେସ ସହ ଏନସିପି ମେଣ୍ଟ କରିଥିଲା । ୪୮ ଟି ଆସନରେ ନିର୍ବାଚନ କରାଯାଇଥିଲା ବେଳେ ବିଜେପି ୨୫ ଟି ଆସନରେ ଲଢେଇ କରି ୨୩ଟି ଆସନ ହାସଲ କରିଥିଲା । ଦଳର ଭୋଟ୍ ପ୍ରତିଶତ ୨୭.୮୪ ପ୍ରତିଶତ ରହିଥିଲା । ସେହିପରି ମେଣ୍ଟର ଅନ୍ୟତମ ସଦସ୍ୟ ଶିବସେନା ୨୩ଟି ଆସନରେ ଲଢେଇ କରିଥିଲା ବେଳେ ଦଳକୁ ୧୮ ଟି ଆସନ ମିଳିବା ସହିତ ୨୩.୫ ପ୍ରତିଶତ ଭୋଟ ମିଳିଥିଲା । ଅନ୍ୟପକ୍ଷରେ ୟୁପିଏ ମେଣ୍ଟ ମାତ୍ର ୫ଟି ଆସନରେ ସନ୍ତୁଷ୍ଟ ରହିଥିଲା । ଏନସିପି ୧୯ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୪ଟି ଆସନ ପାଇବାକୁ ସକ୍ଷମ ହୋଇଥିଲା ବେଳେ କଂଗ୍ରେସ ୨୫ଟି ଆସନରେ ଲଢେଇ କରି ମାତ୍ର ୧ ଆସନରେ ବିଜୟୀ ହୋଇଥିଲା । ଉଭୟ ଦଳଙ୍କ ଭୋଟ ପ୍ରତିଶତ ଯଥାକ୍ରମେ ୧୫.୬୬ ଏବଂ ୧୬.୪୧ ପ୍ରତିଶତ ରହିଥିଲା । ଅନ୍ୟାନ୍ୟ ଦଳଙ୍କ ମଧ୍ୟରେ ଏଆଇଏମଆଇଏମକୁ ଗୋଟିଏ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଥିଲେ । ବହୁଜନ ବିକାଶ ଅଘାଡି ମଞ୍ଚ ୪୦ରୁ ଅଧିକ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ଗୋଟିଏ ବି ଆସନ ହାସଲ କରିପାରି ନଥିଲା ।

## ବିଜେପିର ବଡ଼ଭାଇପଣିଆକୁ ନେଇ ସିନ୍ଦେ ଗୋଷ୍ଠୀ ବିମୁଖ



ଗତ ନିର୍ବାଚନରେ ବିଜେପି ଶିବସେନା ସହ ମେଣ୍ଟ କରି ସର୍ବାଧିକ ଆସନ ହାଥେଇ ଥିଲା । କିନ୍ତୁ ଶିବସେନା ଦୁଇଫାଳ ହେବା ପରେ ଏଥର କେବଳ ଶିବସେନାର ସିନ୍ଦେ ଗୋଷ୍ଠୀ ଏନଡିଏ ମେଣ୍ଟରେ ରହିଛି । ତେବେ ୨୦୨୪ ପାଇଁ ଟିକଟ ବଣ୍ଟା ,ପ୍ରାର୍ଥୀ ଚୟନ, ପ୍ରଚାର ଅଭିଯାନ ଏବଂ ନିର୍ବାଚନ ପରିଚାଳନା ଯୋଜନାକୁ ନେଇ ଉଭୟ ଦଳ ମଧ୍ୟରେ ତୀବ୍ର ମତଭେଦ ଦେଖାଯାଇଥିବାରୁ ଆଗକୁ ସ୍ଥିତି କ'ଣ ହେବ ତାହା ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ପୂର୍ବରୁ ମୁମ୍ବାଇର ବହୁ ଗୁରୁତ୍ୱପୂର୍ଣ୍ଣ ଆସନରେ ଶିବସେନାର ଦବଦବା ରହିଆସିଛି । ସେହି ଅନୁସାରେ ଏଥର ସିନ୍ଦେ ଗୋଷ୍ଠୀ ବିଭିନ୍ନ ସ୍ଥାନରେ ପ୍ରାର୍ଥୀ ଦେବାକୁ ଚାହୁଁଥିଲେ ହେଁ ବିଜେପି ଏଥିପାଇଁ କଣ୍ଟା ହୋଇଛି । ମୁମ୍ବାଇ ବ୍ୟତୀତ ନାସିକ ଏବଂ ରତ୍ନଗିରି ଭଳି ବହୁ ପ୍ରମୁଖ ଆସନରେ ପ୍ରାର୍ଥୀଙ୍କୁ ନେଇ ଉଭୟ ଦଳ ମଧ୍ୟରେ ମତଭେଦ ଦେଖିବାକୁ ମିଳିଛି । ବିଜେପିର ବଡ଼ ଭାଇ ପଣିଆକୁ ନେଇ ସିନ୍ଦେ ଗୋଷ୍ଠୀ ଅସହ୍ୟ ହୋଇପଡ଼ିଥିବା କୁହାଯାଉଛି ।

## ବିଜେପିକୁ ଜବାବ ଦେଲେ ତେଜସ୍ୱୀ

# ବିହାରର ବଂଶବାଦ ରାଜନୀତି



**ପାଟନା:** ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ତୁଙ୍ଗନେତା ଲାଲୁ ପ୍ରସାଦ ଯାଦବଙ୍କ ଦୁଇ ଝିଅ ମିସା ଭାରତୀ ପାଟଳିପୁତ୍ରରୁ ଓ ରୋହିଣୀ ଆଚାର୍ଯ୍ୟ ସାରନରୁ ଆରଜେଡି ଟିକେଟରେ ଲୋକସଭା ନିର୍ବାଚନ ଲଢୁଛନ୍ତି । ପୁଣି ଲାଲୁ ତାଙ୍କ ପୁତ୍ର ତେଜସ୍ୱୀ ଯାଦବଙ୍କୁ ପ୍ରମୋଟ୍ କରୁଛନ୍ତି ଯେପରି କି ସେ(ତେଜସ୍ୱୀ) ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହୋଇପାରିବେ । ଏହାକୁ ବଂଶବାଦୀ ରାଜନୀତି ବୋଲି ଅଭିହିତ କରି ଭାରତୀୟ ଜନତା ପାର୍ଟି(ବିଜେପି) ସମାଲୋଚନା ଓ କୁତ୍ସାରଟନା କରିବାରୁ ଲାଲୁଙ୍କ ପୁତ୍ର ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ସାମନାକୁ ଆସି ବିଜେପିକୁ ପ୍ରତ୍ୟୁତ୍ତର ଦେଇଛନ୍ତି । ତେଜସ୍ୱୀ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଏନଡିଏରେ ବି ବଂଶବାଦୀ ରାଜନୀତି ଚାଲିଛି । ବିହାରର ଜୁମାଇ ଲୋକସଭା କ୍ଷେତ୍ରରୁ ଏନଡିଏ ପ୍ରାର୍ଥୀ ଭାବେ ଲୋକସଭା ନିର୍ବାଚନ ଲଢୁଥିବା ଅରୁଣ ଭାରତୀ ହେଉଛନ୍ତି ପୂର୍ବତନ ବିଧାୟିକା ଜ୍ୟୋତିଙ୍କ ପୁତ୍ର ଓ ସେ ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ଚିରାଗ ପାଶ୍ୱାନଙ୍କ ଜ୍ୱାଇଁ । ଚିରାଗଙ୍କ ଭଉଣୀ ନିଶାଙ୍କୁ ଅରୁଣ ବିବାହ କରିଛନ୍ତି । ପୁଣି ବିଜେପି ବିହାରର ଔରଙ୍ଗାବାଦ ଲୋକସଭା ଆସନରେ ସୁଶୀଲ କୁମାର ସିଂହଙ୍କୁ ପ୍ରାର୍ଥୀ କରିଛି ଯିଏ ହେଉଛନ୍ତି ପୂର୍ବତନ ସାଂସଦ ରାମନରେଶ ସିଂହଙ୍କ ପୁତ୍ର । ବିଜେପି ନାୱାଡା ଲୋକସଭା ଆସନରେ ବିବେକ ଠାକୁରଙ୍କୁ ପ୍ରାର୍ଥୀ କରିଛି ଯିଏ ହେଉଛନ୍ତି ପୂର୍ବତନ ସାଂସଦ ପିସି ଠାକୁରଙ୍କ ପୁତ୍ର । ଏନଡିଏ ଅଂଶୀଦାର ଦଳ ହିନ୍ଦୁସ୍ତାନ ଆୱାମୀ ମୋର୍ଚ୍ଚା(ଧର୍ମନିରପେକ୍ଷ) ମୁଖ୍ୟ ଜିତନରାମ ମାଂଝିଙ୍କ ପୁତ୍ର ସନ୍ତୋଷ କୁମାର ସୁମନ ଗୟା ଲୋକସଭା ଆସନ ପାଇଁ ଏନଡିଏର ପ୍ରାର୍ଥୀ ହୋଇଛନ୍ତି । ପାଟନା ସାହେବ, ସାସାରାମ, ସମସ୍ତିପୁର, ସେହାର. ହାଜିପୁର ଓ ପଶ୍ଚିମ ଚମ୍ପାରନ ଲୋକସଭା ଆସନରୁ ଏନଡିଏ ପ୍ରାର୍ଥୀ ହୋଇଥିବା ବ୍ୟକ୍ତିମାନେ ରାଜନୈତିକ ପରିବାରରୁ ଆସିଛନ୍ତି । ତେଣୁ ବଂଶବାଦୀ ରାଜନୀତି ପ୍ରସଙ୍ଗକୁ ନେଇ କାହାରିକୁ ନିନ୍ଦା ବା ବିରୋଧ କରିବାର ଅଧିକାର ବିଜେପି କିମ୍ବା ଏନଡିଏର ନେତାମାନଙ୍କର ନାହିଁ ବୋଲି ତେଜସ୍ୱୀ କହିଛନ୍ତି ।

ବିହାରର ପ୍ରାୟ ୧୫ଟି ପରିବାର ରାଜନୀତି କ୍ଷେତ୍ରରେ ନିଜନିଜ ଉପସ୍ଥିତି ଜାହିର କରୁଛନ୍ତି । ବର୍ତ୍ତମାନ ନିଶ୍ଚିତଭାବେ ଲାଲୁ ପରିବାର ସର୍ବାଗ୍ରେ ରହିବ । ଲାଲୁ ପ୍ରସାଦ ଯାଦବ ବିହାରର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ରେଳ ବିଭାଗ ମନ୍ତ୍ରୀ ଥିଲେ । ତାଙ୍କ ପତ୍ନୀ ରାବ୍ରି ଦେବୀ ମୁଖ୍ୟମନ୍ତ୍ରୀ ଥିଲେ ଓ ଏବେ ବିଧାନ ପରିଷଦ ସଦସ୍ୟ ବା ଏମଏଲସି ଅଛନ୍ତି । ଲାଲୁଙ୍କ ପୁତ୍ର ତେଜପ୍ରତାପ ବିହାରର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ । ଲାଲୁଙ୍କ କନିଷ୍ଠ ପୁତ୍ର ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ଥିଲେ । ଲାଲୁଙ୍କ କନ୍ୟା ମିସା ଭାରତୀ ରାଜ୍ୟସଭା ସାଂସଦ ଅଛନ୍ତି । ଆଉ ଜଣେ କନ୍ୟା ରେହିଣୀ ଆଚାର୍ଯ୍ୟ ଯାଦବ ଏବେ ଲୋକସଭା ନିର୍ବାଚନ ଲଢ଼ିବାକୁ ଟିକେଟ ପାଇଛନ୍ତି । ବିହାରରେ ପୂର୍ବତନ ରେଲ୍ ମନ୍ତ୍ରୀ ଏଲଏନ ମିଶ୍ରା ପରିବାର ରାଜନୀତିରେ ବେଶ୍ ସକ୍ରିୟ ଅଛି । ଏଲଏନଙ୍କ ପୁତ୍ର ବିଜୟ ୩ଥର ବିଧାୟକ ହୋଇ ଏବେ ଜେଡି-ୟୁ ଏମଏଲସି ଅଛନ୍ତି । ବିଜୟଙ୍କ ପୁତ୍ର ଋଷି ଏବେ ବିଧାୟକ ଅଛନ୍ତି । ଏଲଏନଙ୍କ ଭାଇ ଜଗନ୍ନାଥ ମିଶ୍ର ବିହାରର ମୁଖ୍ୟମନ୍ତ୍ରୀ ଥିଲେ ଓ କେନ୍ଦ୍ର ମନ୍ତ୍ରୀ ମଧ୍ୟ ହୋଇଥିଲେ । ଜଗନ୍ନାଥଙ୍କ ପୁତ୍ର ନୀତୀଶ ମିଶ୍ର ବିହାରର କ୍ୟାବିନେଟ ମନ୍ତ୍ରୀ ଥିଲେ ଓ ଏବେ ଏମଏଲସି ଅଛନ୍ତି । ସେହିଭଳି ଜଗଦେଓ ପ୍ରସାଦ ପରିବାରରୁ ଜଗଦେଓ ନିଜେ ବିହାରର ଉପମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ପୁତ୍ର ନାଗମଣି କେନ୍ଦ୍ର ମନ୍ତ୍ରୀ ଥିଲେ । ଜଗଦେଓଙ୍କ ବହୁ ସୁଚିତ୍ରା ବିହାରର କ୍ୟାବିନେଟ ମନ୍ତ୍ରୀ ଥିଲେ । ସୁଚିତ୍ରା ହେଉଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ସତୀଶ ପ୍ରସାଦ ସିଂହଙ୍କ କନ୍ୟା ।

ବର୍ମା ପରିବାରର ଉପେନ୍ଦ୍ର ବର୍ମା କେନ୍ଦ୍ର ମନ୍ତ୍ରୀ ଥିଲେ । ତାଙ୍କ ପୁତ୍ର ବାଗୀ କୁମାର ବିଧାୟକ ଅଛନ୍ତି । ଉପେନ୍ଦ୍ର ବର୍ମାଙ୍କ ବହୁ କୁମୁଦ ବର୍ମା ଏମଏଲସି ଥିଲେ । ଚୌଧୁରୀ ପରିବାର ଶକୁନି ଚୌଧୁରୀ ୭ଥର ବିଧାୟକ ହୋଇଛନ୍ତି, ବିହାରର ମନ୍ତ୍ରୀ ଥିଲେ ଓ ସଂସଦକୁ ନିର୍ବାଚିତ ମଧ୍ୟ ହୋଇଥିଲେ । ତାଙ୍କ ପୁତ୍ର ସମ୍ରାଟ ଚୌଧୁରୀ ବିହାରର ଉପମୁଖ୍ୟମନ୍ତ୍ରୀ ଅଛନ୍ତି । ପାଶ୍ୱାନ ପରିବାରରୁ ରାମବିଳାସ ପାଶ୍ୱାନ ଦୀର୍ଘ କାଳ କେନ୍ଦ୍ର ମନ୍ତ୍ରୀ ଥିଲେ । ରାମବିଳାସଙ୍କ ପୁତ୍ର ଚିରାଗ ସାଂସଦ ଅଛନ୍ତି । ରାମବିଳାସଙ୍କ ଭାଇ ରାମଚନ୍ଦ୍ର ସାଂସଦ ଥିଲେ । ରାମବିଳାସଙ୍କ ଅନ୍ୟ ଜଣେ ଭାଇ ପାଶୁପତି ପାରସ ଏବେ କେନ୍ଦ୍ରମନ୍ତ୍ରୀ ଅଛନ୍ତି । ଜଗଜ୍ଜୀବନ ରାମ ପରିବାରର ଜଗଜ୍ଜୀବନ ଉପପ୍ରଧାନମନ୍ତ୍ରୀ ଥିଲେ । ତାଙ୍କ କନ୍ୟା ମୀରା କୁମାର ଲୋକସଭାର ପ୍ରଥମ ମହିଳା ବାଚସ୍ପତି ଥିଲେ । ଏହା ହେଲା ସଂକ୍ଷେପରେ ବିହାରର ବଂଶବାଦୀ ରାଜନୀତିର ବର୍ଣ୍ଣନା ।

# ନିର୍ବାଚନ ନିକଟ ହେଲେ ଆସେ ଭୋଟ ବର୍ଜନ ଧମକ

**ଦିଲ୍ଲୀ:** ଦିଲ୍ଲୀର ନୋଏଡା ଓ ଗ୍ରେଟର ନୋଏଡାର ଅନେକ ବହୁତଳ ଆବାସିକ ସୋସାଇଟିରେ ଆପାର୍ଟମେଣ୍ଟ ବା ଫ୍ଲାଟ କିଣି ରହୁଥିବା ଲୋକଙ୍କ ନାମରେ ତାଙ୍କ ଫ୍ଲାଟ ରେଜିଷ୍ଟ୍ରି ହେଉନାହିଁ । ସେଥିପାଇଁ ବହୁବାର ଏଠିକିସେଠିକି ଦୌଡ଼ି ନିରାଶ ହେବାପରେ ଲୋକେ ଏବେ ତାଙ୍କ ଆପାର୍ଟମେଣ୍ଟ ବିଲ୍ଡିଂରେ ସମସ୍ତଙ୍କ ନଜରକୁ ଆସିପାରୁଥିବା ଭଳି ସ୍ଥାନରେ ବଡ଼ ବଡ଼ ବ୍ୟାନର ଝୁଲାଇ ସେଥିରେ ଲେଖିଛନ୍ତି, ରେଜିଷ୍ଟ୍ରି ନାହିଁ ତ ଭୋଟ ନାହିଁ ।

**କର୍ଣ୍ଣାଟକ:** କର୍ଣ୍ଣାଟକର ଉଡୁପି-ଚିକାମାଗାଲୁରୁ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାପୁ ବିଧାନସଭା ନିର୍ବାଚନମଣ୍ଡଳୀର କାଟିଙ୍ଗେରି ଗ୍ରାମର ଲୋକମାନେ ଆଗାମୀ ଲୋକସଭା ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ଦେଇଛନ୍ତି । ସେମାନଙ୍କ ଅଭିଯୋଗ ହେଲା, ଗାଁକୁ ସଡ଼କ ନାହିଁ, ନଦୀରେ ପୋଲ ନଥିବାରୁ ପାଣିରେ ପଶି ଲୋକେ ନଦୀ ପାର ହେଉଛନ୍ତି । ଗାଁକୁ ଗାଡ଼ି ଯାଉନି । ଯାତାୟାତର କୌଣସି ସୁବିଧା ନାହିଁ । ସରକାରୀ ଅଫିସରଙ୍କୁ ଅନେକ ଥର ଏ ବିଷୟରେ କୁହାଗଲାଣି, କିଛି ହେଉନି । ଗାଁରେ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ପ୍ରାୟ ୧ହଜାର । ତଥାପି ସମସ୍ତେ ଏହି ଗାଁକୁ ଅବହେଳା କରିଛନ୍ତି । ତେଣୁ ଗାଁ ଲୋକେ ଏଥର ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।



**ତାମିଲନାଡୁ:** ତାମିଲନାଡୁର ଏନ୍ନୋର ଜିଲ୍ଲାର ପେରିଆକୁପମ୍ ଓ ଚିନ୍ନାକୁପମ ଗ୍ରାମର ବାସିନ୍ଦାମାନେ ନିର୍ବାଚନ ବର୍ଜନ କରିବାକୁ ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି ।୨୦୨୩ ଡିସେମ୍ବର ୨୬ ତାରିଖରେ ଏଠାରେ ଥିବା କରମଣ୍ଡଳ ଇଣ୍ଟରନ୍ୟାସନାଲ ଲିଃ ନାମକ ସାର କାରଖାନାରୁ ଅଫ୍-ସାଇଟ୍ ଆମୋନିଆ ପାଇପଲାଇନରୁ ଗ୍ୟାସ୍ ଲିକ୍ ହୋଇ ସମଗ୍ର ଅଞ୍ଚଳରେ ଥଇବା ଅନେକ ଗ୍ରାମରେ ଆତଙ୍କ ଖେଳିଯାଇଥିଲା । କମ୍ପାନୀର ଅବହେଳାର ପ୍ରତିବାଦ କରି ଗ୍ରାମବାସୀମାନେ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଥିଲେ । ସେହି ଦାବି ପ୍ରତି ସରକାରୀ କଳ କର୍ଣ୍ଣପାତ କରିନଥିବାରୁ ଓ ଏଯାଏ କିଛି ପ୍ରତିକାରାତ୍ମକ ପଦକ୍ଷେପ ନିଆଯାଇନଥିବାରୁ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଭୋଟ ବର୍ଜନ କରିବାକୁ ଲୋକେ ପ୍ରସ୍ତୁତ ହୋଇଛନ୍ତି ।

ତାମିଲନାଡୁର ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇ ମାଛ ଧରୁଥିବା ବେଳେ ଶ୍ରୀଲଙ୍କା ନୌସେନା ପହଞ୍ଚି ସେମାନଙ୍କୁ ଗିରଫ କରୁଛି ଓ ବୋଟ ଜବତ କରିନେଉଛି । ମତ୍ସ୍ୟଜୀବୀଙ୍କ ପାଇଁ ଏହା ଏକ ସବୁଦିନିଆ ସମସ୍ୟା ହୋଇଥିବା ସତ୍ତ୍ୱେ ଭାରତ ସରକାର ସେମାନଙ୍କ ସୁରକ୍ଷା ପାଇଁ କିଛି କରୁନାହାନ୍ତି । ପୁଣି ଶ୍ରୀଲଙ୍କା ନୌସେନା କବଜାରୁ ସେମାନଙ୍କ ବୋଟଗୁଡ଼ିକୁ ଉଦ୍ଧାର କରାଯିବା ଦିଗରେ ମଧ୍ୟ କିଛି କରାଯାଉନାହିଁ । ତେଣୁ ମତ୍ସ୍ୟଜୀବୀମାନେ ସେମାନଙ୍କ ଭୋଟର ପରିଚୟପତ୍ର ସରକାରଙ୍କୁ ଫେରାଇ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

**ତେଲେଙ୍ଗାନା:** ତେଲେଙ୍ଗାନାର ଆଦିଲାବାଦ ଜିଲ୍ଲାସ୍ଥ ମଞ୍ଚିରିଆଲ ବିଧାନସଭା ନିର୍ବାଚନମଣ୍ଡଳୀର ସୀତାରାମପାଲୀ ଗ୍ରାମରେ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ସିଷ୍ଟମ୍ ନାହିଁ । ସ୍ଥାନୀୟ ଲୋକପ୍ରତିନିଧି ଏ ଦିଗରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ରହିଛନ୍ତି । ସରକାରୀ କଳ ବି ଲେଶକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇନାହିଁ । ତେଣୁ ଗ୍ରାମବାସୀମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହିଭଳି ନିର୍ମଳ ଜିଲ୍ଲାରେ ଦୁର୍ଗମ କଦମମଣ୍ଡଳ ଜଙ୍ଗଲ ଭିତରେ ଥିବା ଗଙ୍ଗାପୁର ଗ୍ରାମକୁ ପକ୍କା ସଡ଼କ ନାହିଁ । ଲୋକେ ନିଜ ଅର୍ଥରେ ଜେସିବି ଭଡ଼ା କରି ଗୋଡିମାଟିର କଚ୍ଚା ରାସ୍ତା ନିର୍ମାଣ କରିଆସୁଛନ୍ତି, ଯାହା ପ୍ରତିବର୍ଷ ପ୍ରବଳ ବର୍ଷାରେ, ବନ୍ୟାରେ ଧୋଇହୋଇଯାଉଛି । ଗ୍ରାମକୁ ସବୁଦିନିଆ ସଡ଼କ ନିର୍ମାଣ ପାଇଁ ଗତ ୩୦ ବର୍ଷ ଧରି ଦାବି କରାଯାଉଥିଲେ ସୁଦ୍ଧା ଫଳ ଶୂନ । ତେଣୁ ଗ୍ରମବାସୀ ଭୋଟ ବର୍ଜନ କରି ସେମାନଙ୍କ ଅସନ୍ତୋଷ ଓ ପ୍ରତିବାଦ ପ୍ରତି ଉଚ୍ଚ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ।



## ଜାତୀୟ ନୌବାଣିଜ୍ୟ ଦିବସ

ସଭ୍ୟତାର ଆରମ୍ଭରୁ ଜଳପଥକୁ ମଣିଷ ନିଜର ଗମନାଗମନ ନିମନ୍ତେ ବ୍ୟବହାର କରି ଆସୁଛି । ବିଶ୍ୱ ବାଣିଜ୍ୟର ହୃତ୍‌ପିଣ୍ଡ ହେଉଛି ନୌବାଣିଜ୍ୟ । ବିଶ୍ୱ ସ୍ତରରେ ଭାରତର ବ୍ୟବସାୟ ଓ ବାଣିଜ୍ୟର ବୋଝ ବହନ କରି ବର୍ଷ ବର୍ଷ ଧରି ସମୁଦ୍ରରେ ସମୟ ବିତାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୫ ତାରିଖକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି । ଆଜି ବି ଭାରତର ୯୦% ବାଣିଜ୍ୟ କାରବାର ସମୁଦ୍ର ପଥରେ ହେଉଛି । ପୋତ ଓ ଜାହାଜଗୁଡ଼ିକ ଭାରତର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ କେତେମାତ୍ରାରେ ସକ୍ଷମ, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏପ୍ରିଲ୍ ୫କୁ ୧୯୬୪ ମସିହାରେ ଭାରତ ସରକାର ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଛନ୍ତି । ଏହାର ଇତିହାସ ବହୁ ପୁରୁଣା । ୧୯୧୯ ମସିହା ଏପ୍ରିଲ୍ ୫ରେ ସିନ୍ଧିଆ ନାଭିଗେସନ କମ୍ପାନି 'ଏସ୍ ଏସ୍ ଲୟାଲଟି' ନାମକ ଏକ ଜାହାଜକୁ ଭାରତରୁ ସଂଯୁକ୍ତରାଷ୍ଟ୍ରକୁ ପଠାଇଥିଲା । ସେହି ଦିନଟିକୁ ମନେ ରଖିବା ପାଇଁ ଭାରତ ସରକାର ଏପ୍ରିଲ୍ ୫ ତାରିଖକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଥିଲେ । କିନ୍ତୁ ସିନ୍ଧୁ ସଭ୍ୟତା ସମୟରୁ ଭାରତ ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ଜଳପଥକୁ ମାଧ୍ୟମ କରି ସାରିଥିଲା । ଗୁଜରାଟର ଲୋଥାଲ୍ ଅଞ୍ଚଳର କଚ୍ଛଠାରୁ ମେସୋପଟାମିଆକୁ ପ୍ରଥମେ ନୌ ପରିବହନ ହେଉଥିବାର ପ୍ରମାଣ ଐତିହାସିକମାନେ ପାଇ ସାରିଛନ୍ତି । ପ୍ରାଚ୍ୟ ଦେଶଗୁଡ଼ିକ ସହ ବାଣିଜ୍ୟ ବ୍ୟବସାୟକୁ ବୃଦ୍ଧି କରିବା ପରେ ରୋମ୍, ଗ୍ରୀସ୍, ଅଷ୍ଟ୍ରେଲିଆ ତଥା ପର୍ତ୍ତୁଗାଲ, ଇଂଲଣ୍ଡ ସହିତ ଭାରତ ସକ୍ରିୟ ଭାବେ ନୌବାଣିଜ୍ୟ କାରବାର କରୁଥିଲା । ସେହିପରି ଅତୀତରେ ଓଡ଼ିଶାର ସାଧବ ପୁଅମାନେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି, ସିଂହଳ ଆଦିକୁ ବେପାରବଣିଜ ପାଇଁ ଯାଉଥିଲେ । ଏହି ଦିବସ ପାଳନର ଉଦ୍ଦେଶ୍ୟ ନୌବାଣିଜ୍ୟ ଓ ନୌପରିବହନ ଶିଳ୍ପ ପ୍ରତି ଭାରତୀୟଙ୍କୁ ସଚେତନ କରାଇବା । ଏହି ଦିବସରେ ବେପାର ବାଣିଜ୍ୟ ପାଇଁ ସମୁଦ୍ରରେ ମାସ ମାସ କାଟି ଦେଉଥିବା ଲୋକଙ୍କୁ ସମ୍ମାନ ଜଣାଯାଏ ।

### ଆଜିର ଦିନରେ

- ୧୯୪୯- ଭାରତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସର ସ୍ଥାପନା ।
- ୧୯୫୫- ୱିନଷ୍ଟନ୍ ଚର୍ଚ୍ଚିଲ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ।
- ୧୯୬୪- ମର୍ଚ୍ଚାଣ୍ଟ ନେଭି ପକ୍ଷରୁ ପ୍ରଥମ ଥର ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଗଲା ।
- ୧୯୭୯-ଦେଶର ପ୍ରଥମ ନୌସେନା ସଂଗ୍ରହାଳୟ ମୁମ୍ବାଇରେ ସ୍ଥାପନା ।
- ୧୯୯୧- ମହାକାଶଯାନ ଏସ୍‌ଟିଏସ୍-୮ର ପ୍ରକ୍ଷେପଣ ହେଲା ।
- ୨୦୦୭- ଇରାନ୍ ୧୫ ଜଣ ବ୍ରିଟିଶ୍ ନୌସୈନିକଙ୍କୁ ଛାଡ଼ିଲା ।

## ଗର୍ଭସ୍ଥ ଶିଶୁର ଗଢ଼ଣ ଉପରେ ପ୍ରଭାବ ପକାଏ ମା'ର ଖାଦ୍ୟ



ପ୍ରତ୍ୟେକ ମହିଳା ଇଚ୍ଛା କରନ୍ତି, ତାଙ୍କ ଔରସରୁ ସୁସ୍ଥ ଶିଶୁଟିଏ ଜନ୍ମ ନେଉ । ଏଥିପାଇଁ ଗର୍ଭବତୀ ମହିଳାମାନେ ଗର୍ଭାବସ୍ଥା ସମୟରେ ବେଶ୍ ସତର୍କତା ଅବଲମ୍ବନ କରିଥାନ୍ତି । କାରଣ ଗର୍ଭାବସ୍ଥାରେ ମା' ଖାଉଥିବା ଖାଦ୍ୟ ପିଲାଙ୍କ ଶାରୀରିକ ବିକାଶରେ ପ୍ରଭାବ ପକାଇଥାଏ । କିନ୍ତୁ ଗର୍ଭାବସ୍ଥାରେ ମା' ଖାଉଥିବା ଖାଦ୍ୟ ପିଲାର ଶାରୀରିକ ଗଠନ କିମ୍ବା ତା'ର ମୁଖ ବୈଶିଷ୍ଟ୍ୟକୁ ପ୍ରଭାବିତ କରୁଥିବ, ଏ କଥା ହୁଏତ କେହି ଜାଣି ନ ଥିବେ । ଗର୍ଭାବସ୍ଥାରେ ଗର୍ଭବତୀ ମହିଳାଙ୍କ ଖାଦ୍ୟ ବା ଡାଏଟ୍ ହିଁ ଗର୍ଭରେ ଥିବା ଶିଶୁଟିର ମୁଖ ବୈଶିଷ୍ଟ୍ୟ ଉପରେ ପ୍ରଭାବ ପକାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି । ଏହି ଅଧ୍ୟୟନ 'ନେଚର କମ୍ୟୁନିକେସନ୍ ଜର୍ଣ୍ଣାଲ'ରେ ପ୍ରକାଶ ପାଇଛି । ଅଧ୍ୟୟନରେ ଖାଦ୍ୟରେ ମିଳୁଥିବା ପ୍ରୋଟିନ୍‌କୁ ଜିନ୍ ପରିବର୍ତ୍ତନ ସହିତ ଯୋଡ଼ା ଯାଇଛି । ମୁଖ୍ୟତଃ ଏହା ଏମ୍‌ଟିଓଆର୍‌ସି ୧ଜିନ୍ ସହିତ ଜଡ଼ିତ । ଗର୍ଭବତୀ ମହିଳା ଖାଉଥିବା ଖାଦ୍ୟରେ ଥିବା ପ୍ରୋଟିନ୍ ଯୋଗୁ ଜିନ୍‌ରେ ପରିବର୍ତ୍ତନ ଦେଖାଯାଏ ଓ ଏହା ସିଧାସିଧି ଭାବେ ଭ୍ରୂଣର ଗଢ଼ଣକୁ ପ୍ରଭାବିତ କରିଥାଏ । ଏଥିଯୋଗୁ ଗର୍ଭସ୍ଥ ଶିଶୁଟିର ଚେହେରାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ହାଇ ପ୍ରୋଟିନ୍ ଖାଉଥିବା ମହିଳାମାନଙ୍କର ଗର୍ଭସ୍ଥ ଶିଶୁର ନାକ ଲମ୍ବା ହେବା ସହ ହନୁହାଡ଼ଗୁଡ଼ିକ ମଧ୍ୟ ବେଶ୍ ଶକ୍ତ ହୋଇଥାଏ । ସେହିପରି କମ୍ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଉଥିବା ଗର୍ଭବତୀ ମହିଳାଙ୍କ ଶିଶୁଟି ପତଳା ହେବା ସହ ଏହା ତାର ଶାରୀରିକ ଗଢ଼ଣ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ତେବେ ବୈଜ୍ଞାନିକମାନେ କିଛି ଗର୍ଭବତୀ ମୂଷା ଓ ଜେବ୍ରାଫିସ୍ ଉପରେ ଗବେଷଣା କରି ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ।

## ଡନ୍ ହେବେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍ ନିଜର ସ୍ୱଳ୍ପ ଦିନର ଫିଲ୍ମି କ୍ୟାରିୟର୍‌ରେ ନମ୍ବର ୱାନ୍ ନାୟକ ଦୌଡ଼ରେ ନିଜକୁ ସାମିଲ କରିପାରିଛନ୍ତି । ଶେଷ ଥର ପାଇଁ କାର୍ତ୍ତିକ୍ 'ସତ୍ୟ ପ୍ରେମ୍ କି କଥା' ଫିଲ୍ମରେ ଦେଖାଯାଇଥିଲେ । ଏହାପରେ ତାଙ୍କ ହାତକୁ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସିଛି । ସେ କବିର୍ ଖାନ୍‌ଙ୍କ 'ଚନ୍ଦୁ ଚାମ୍ପିୟନ୍' ଫିଲ୍ମରେ ଅଭିନୟ କରୁଛନ୍ତି । ଏହାବାଦ୍ ସେ ଅନୀସ ବଜ୍‌ମୀଙ୍କ ଫିଲ୍ମ 'ଭୁଲ୍‌ଭୁଲୈୟା-୩'ରେ ମଧ୍ୟ ଦେଖାଯିବେ । ପରଦା ଉପରେ ରୋମାଣ୍ଟିକ୍ ଠାରୁ ଆରମ୍ଭ କରି ସିରିୟସ୍ ରୋଲରେ ଅଭିନୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କାର୍ତ୍ତିକ୍ ଏବେ ତାଙ୍କ ଆଗାମୀ ଫିଲ୍ମରେ ଡନ୍ ଭୂମିକାରେ ଦେଖାଯିବେ । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜ । ସାଜିଦ୍ ନାଡିୟାଡୱାଲା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଏଥିରେ ସେ ଡନ୍ ହୁସେନ୍ ଉସ୍ତାରାଙ୍କ ଭୂମିକାରେ ଦେଖାଯିବେ । ଏଯାବତ୍ ଫିଲ୍ମର ଟାଇଟଲ୍ ଫାଇନାଲ ହୋଇ ନାହିଁ ।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ପାରିବାରିକ ସମସ୍ୟା ଲାଗି ରହିବ । ସଙ୍ଗୀତ, ନୃତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି । ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ବୃଷ:** ଅଚାନକ ଖୁସି ଖବର ପାଇବେ । ଅନ୍ୟଙ୍କୁ ଉଧାର ଦିଅନ୍ତୁ ନାହିଁ । ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ । ନୂତନ ବ୍ୟବସାୟ କରିବାରେ ଲାଭ ମିଳିବ । ପୂଜାର୍ଚ୍ଚନାରେ ସମୟ ବିତିବ ।

**ମିଥୁନ:** କର୍ମକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ । ଆୟ–ବ୍ୟୟ ସମାନ ରହିବ ।

**କର୍କଟ:** ଆର୍ଥିକ ସ୍ଥିତି ଏତେଟା ଭଲ ରହିବ ନାହିଁ । ଅଯଥା ଖର୍ଚ୍ଚ ହେବ । ପରିବାରରେ ଶାନ୍ତି ବଜାୟ ରଖନ୍ତୁ । ବ୍ୟବହାରରେ ସଂଯମତା ରକ୍ଷା କରନ୍ତୁ । ଶାରୀରିକ ଓ ମାନସିକ ଚିନ୍ତା ଦେଖାଦେଇପାରେ ।

**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପରିବାର ବା ବନ୍ଧୁଙ୍କ ସହିତ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ମନ ହାଲୁକା ରହିବ । କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟକୁ ସମୟ ପୂର୍ବରୁ ସମାପ୍ତ କରନ୍ତୁ ।

**କନ୍ୟା:** ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଧାଁ ଧଉଡ଼ରେ ଦିନ ବିତିବ । ମାନସିକ ଶାନ୍ତି ମିଳିବ । କର୍ମକ୍ଷେତ୍ରରେ ଅଚାନକ ସମସ୍ୟା ଦେଖାଦେଇପାରେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

**ତୁଳା:** ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି । ଆର୍ଥିକ ସମସ୍ୟା ଲାଗି ରହିବ । ବ୍ୟବସାୟରେ ବୃଦ୍ଧି ଘଟିବ । ସମାଜରେ ମାନସମ୍ମାନ ପାଇବେ । କୌଣସି କାରଣରୁ ମନ ଭଲ ରହିବ ନାହିଁ ।

**ବିଛା:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉପଯୁକ୍ତ ସମୟ । ପରିବାରରେ ସୁଖ ଶାନ୍ତି ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବାର ଯୋଗ ରହିଛି । ପ୍ରେମ ବ୍ୟାପାରରେ ଅସଫଳ ହେବେ ।

**ଧନୁ:** ବ୍ୟବସାୟ ପାଇଁ ଯାତ୍ରା ଶୁଭଦାୟକ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ନୂତନ ଜମି କ୍ରୟ କରିପାରନ୍ତି । ଧନପ୍ରାପ୍ତି ଯୋଗ ରହିଛି । ବିଦ୍ୟାର୍ଥୀଙ୍କ ପାଇଁ ସମୟ ଭଲ ।

**ମକର:** କୌଣସି ମାମଲାରେ ଅଧିକ ଚିନ୍ତିତ ହୋଇପାରନ୍ତି । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ । ସ୍ଥାନ ପରିବର୍ତ୍ତନର ସମ୍ଭାବନା ରହିଛି । ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ପ୍ରସ୍ତୁତି କରିବେ ।

**କୁମ୍ଭ:** ଅଟକି ରହିଥିବା କାମ ପୂରା ହେବ । ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ବନ୍ଧୁଙ୍କ ସହ ସାକ୍ଷାତ ହେବ । ଉଦ୍ଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ଘଟିବ ।

**ମୀନ:** ଅନ୍ୟ କାହାକୁ ବିଶ୍ୱାସ କରି ନିଜ ବ୍ୟବସାୟ ସମ୍ପର୍କିତ ତଥ୍ୟ ଦିଅନ୍ତୁନି । ଗୁରୁଜନଙ୍କ ପରାମର୍ଶ ନେଇ କାମ କରିବେ । ଜମି କିଣା ଯୋଗ ରହିଛି । ଦାମ୍ପତ୍ୟ ଜୀବନ ସୁଖମୟ ରହିବ ।







## ଜରାୟୁ ଗ୍ରୀବା କର୍କଟ ପାଇଁ ଟିକା

ଭାରତରେ କର୍କଟ ରୋଗ ଭୋଗୁଥିବା ଶତକଡ଼ା ୯୦ ଭାଗ ମହିଳାଙ୍କର ଜରାୟୁ ଗ୍ରୀବା କର୍କଟ ରୋଗ ହୋଇଥାଏ । ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷ ନୂତନ ଜରାୟୁ ଗ୍ରୀବା କର୍କଟ ରୋଗୀ ଚିକିତ୍ସା ପାଇଁ ଆସିଥା'ନ୍ତି । ତନ୍ମଧ୍ୟରୁ ଶତକଡ଼ା ୯୦ ଭାଗ ରୋଗୀ, ଶେଷ ପର୍ଯ୍ୟାୟ (ତୃତୀୟ/ ଚତୁର୍ଥ ଷ୍ଟେଜ୍) ରେ ଚିକିତ୍ସା ପାଇଁ ଆସୁଥିବାରୁ ରୋଗୀର ଉପଯୁକ୍ତ ଅସ୍ତ୍ରୋପଚାର ତଥା ଚିକିତ୍ସା ହୋଇପାରେ ନାହିଁ । ଫଳରେ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ('ହୁ')ର ରିପୋର୍ଟ ଅନୁଯାୟୀ, ଭାରତବର୍ଷରେ ପ୍ରତି ଏକ ଲକ୍ଷରେ ୨୩-୨୪ ଜଣ ମହିଳା ଜରାୟୁ ଗ୍ରୀବା କର୍କଟରେ ପୀଡ଼ିତ ହୋଇଥା'ନ୍ତି । ଆମ ଦେଶରେ ଜରାୟୁ ଗ୍ରୀବା କର୍କଟ ରୋଗରେ ପୀଡ଼ିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ । ପ୍ରାଥମିକ ଅବସ୍ଥାରୁ ଜରାୟୁ ଗ୍ରୀବା କର୍କଟର ଚିହ୍ନଟ ଓ ଚିକିତ୍ସା କରାଯାଇପାରିଲେ ୯୨ % ରୋଗୀ ଭଲ ହୋଇଯା'ନ୍ତି ।

ଡଃ ସରୋଜିନୀ ଷଡ଼ଙ୍ଗୀ

### ଜରାୟୁ କର୍କଟର କାରଣ ଓ 'ହାଇରିସ୍କ' ମହିଳା

ଅଳ୍ପ ବୟସରେ ବିବାହ ଓ ଅଳ୍ପ ବୟସରେ ଯୌନ ଜୀବନର ଆରମ୍ଭ, ଅଳ୍ପ ବୟସରେ ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ନିମ୍ନ ମଧ୍ୟବିତ୍ତ ପରିବାରର ମହିଳା ତଥା ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଥିବା ମହିଳା, ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା ହାଇରିସ୍କ 'ହ୍ୟୁମାନ୍ ପାପିଲୋମା ଭାଇରସ୍'ଓ 'ହର୍ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ' କୁ ଏକ୍ସପୋଜର୍, ଯେଉଁ ମହିଳାମାନଙ୍କର ଅନେକ ଯୌନସଙ୍ଗୀ ଥାଆନ୍ତି, ଯେଉଁ ମହିଳାଙ୍କର ସ୍ୱାମୀଙ୍କର ପୂର୍ବପତ୍ନୀ ଜରାୟୁ ଗ୍ରୀବା କର୍କଟ ରୋଗରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍.ଆଇ.ଭି ପଜିଟିଭ ମହିଳା, ଗର୍ଭନିରୋଧକ ବଟିକା ସେବନ, ଧୂମପାନ କରୁଥିବା ମହିଳାଙ୍କଠାରେ ଏହା ଭୟଙ୍କର ସ୍ଥିତି ସୃଷ୍ଟି କରିଥାଏ ।

### ଏଚ୍.ପି.ଭି ଭେକ୍ସିନ୍ ବା ଟିକା

ସଂପ୍ରତି ଅନୁଧ୍ୟାନରୁ ଜଣାଯାଇଛି ଯେ ହ୍ୟୁମାନ ପାପିଲୋମା ଭାଇରସ ସଂକ୍ରମଣ ଅନେକାଂଶରେ କ୍ୟାନସର ସର୍ଭିକ୍ସ ବା ଜରାୟୁ କର୍କଟ ପାଇଁ ଏକ ବଡ଼ ରିସ୍କ ଫେକ୍ଟର । ଏଚ୍.ପି.ଭି ଭୂତାଣୁର କ୍ୟାନସର ଉଦ୍ରେକକାରୀ ଗୁଣ ଯୋଗୁଁ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଏଥିରେ "ହାଇ ଅଙ୍କୋଜେନିକ୍ ରିସ୍କ" ହେଉଛି ଟାଇପ୍ ୧୬,୧.୩୧,୩.୩୫,୪୮,୮୬ ଏବଂ ଲୋ ଅଂକୋଜେନିକ୍ ରିସ୍କ ହେଉଛି ଟାଇପ୍ ୬,୧.୪୨ ଏବଂ ୪୩ । ଶତକଡ଼ା ପ୍ରାୟ ୪୪ .୭ ପ୍ରତିଶତ ଜରାୟୁ ଗ୍ରୀବା କର୍କଟ ରୋଗୀମାନଙ୍କର ପ୍ରାୟ ହାଇରିସ୍କ ଏଚ୍.ପି.ଭି ସଂକ୍ରମଣ ଥାଏ ଏବଂ ଡିଏନ୍‌ଏ ଟେଷ୍ଟ ପଜିଟିଭ୍ ହୋଇଥାଏ ।

### ସର୍ଭାରିକ୍ସ ଓ ଗାର୍ଡାସିଲ୍ ଟିକା

ଏଭଳି ଏକ ମାରାତ୍ମକ ରୋଗର ନିରାକରଣ ପାଇଁ ଆଜିକାଲି ଦୁଇ ପ୍ରକାରର ଭ୍ୟାକ୍ସିନ୍ ବା ଟିକା ଉପଲବ୍ଧ । "ବାଇଭେଲେଣ୍ଟ ଭେକ୍ସିନ୍ ବା' ସର୍ଭାରିକ୍ସ" ଏହା ଏଚ.ପି.ଭି ୧୬,୧୮ ଏବଂ କ୍ୱାଡ୍ରିଭେଲେଣ୍ଟ ଭେକ୍ସିନ୍ (ଗାର୍ଡାସିଲ) ଏଚ.ପି.ଭି. ଟାଇପ ୧୬,୧.୬ ଏବଂ ୧୧ ବିପକ୍ଷରେ କାମ କରିଥାଏ । ଏହି ଟିକା ପ୍ରାୟ ଶତକଡ଼ା ୯୦ ପ୍ରତିଶତ ସର୍ଭାଇକାଲ କ୍ୟାନସରକୁ ପ୍ରତିରୋଧ କରିଥାଏ । ବର୍ତ୍ତମାନ ନୋନାଭେଲେଣ୍ଟ ଟିକା ମଧ୍ୟ ଉପଲବ୍ଧ । ପ୍ରତ୍ୟେକ ଟିକା ଏଚ.ପି.ଭି ଟାଇପ୍ ୩୧,୩୩ ଏବଂ ୪୫କୁ କ୍ରସ୍ ପ୍ରୋଟେକ୍ସନ୍ ଦେଇଥାଏ । ଏହି ଟିକା ସାଧାରଣତଃ ୯ ରୁ ୧୩ ବର୍ଷର ଝିଅମାନଙ୍କୁ ୩ଟି ଡୋଜ୍‌ରେ ଦିଆଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କାର୍ଯ୍ୟସୂଚୀ ଅନୁଯାୟୀ, ୧୫ ବର୍ଷରୁ କମ୍ ବୟସର ଝିଅମାନଙ୍କୁ ୨ଟି ଡୋଜ୍‌ରେ (୦.୧ ରୁ ୬ ମାସ) ସମୟରେ ଏବଂ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଝିଅମାନଙ୍କୁ ୩ଟି ଡୋଜ୍ ଯଥା-(୦, ୧ ଓ ୭ ମାସ ତଥା ୬ ମାସ) ସମୟରେ ଦିଆଯାଇଥାଏ । ତେବେ ସ୍ଥଳବିଶେଷରେ ଆମେ ମହିଳାମାନଙ୍କୁ ପ୍ରାୟ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ଏହି ଟିକା ଦେଇ ପାରିବା । ତେବେ ମଝିରେ ମଝିରେ ମହିଳାମାନଙ୍କର ଡାଉନ ଷ୍ଟେଜିଂ ଟେଷ୍ଟ ଓ ପାପସ୍ମିଅର ଟେଷ୍ଟ କରିବା ଜରୁରି । ପ୍ରତ୍ୟେକ ମା' ନିଜ ଝିଅମାନଙ୍କୁ ଜରାୟୁ ଗ୍ରୀବା କର୍କଟ ଭଳି ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ନିଜ ଝିଅମାନଙ୍କୁ ଟିକା ଦିଅନ୍ତୁ । ଏହି ଟିକାଟି ସହଜ ଓ ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ଉଚିତ ।

- ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍ ରୋଡ୍, କଟକ –୧୨

### ସୁସ୍ଥ ମନ ସୁସ୍ଥ ଶରୀର



## ମାନସିକ ବିକାଶରେ ବାଧା ସୃଷ୍ଟି କରେ ହେଲିକପ୍ଟର ପ୍ୟାରେଣ୍ଟିଂ

ପିଲାଙ୍କୁ ଦେଖାଶୁଣା କରିବା ସହ କେଉଁଟା ଠିକ୍ କେଉଁଟା ଭୁଲ୍ ଆଦି ଶିକ୍ଷା ଦେବାରେ ଅଭିଭାବକ ଯତ୍ନଶୀଳ ଥାଆନ୍ତି । ଅନେକ ସମୟରେ ପିଲା ଯଦି ଅଜାଣତରେ କୌଣସି ଭୁଲ୍ କରନ୍ତି, ତେବେ ବାପାମା'ଙ୍କ ଚିନ୍ତା ଅଧିକ ବଢ଼ିଯାଏ । ଏମିତି ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ ୨୪ଘଣ୍ଟା କଡ଼ା ନଜରରେ ରଖିଥା'ନ୍ତି । ପିଲାଙ୍କ ଖାଇବା ଠାରୁ ଆରମ୍ଭ କରି ଶୋଇବା, ଉଠିବା, ଖେଳିବା ଆଦି ପ୍ରତ୍ୟେକ କ୍ଷେତ୍ର ପ୍ରତି ଯତ୍ନଶୀଳ ଥାଆନ୍ତି । ଯଦିଓ ଏପରି ୨୪ଘଣ୍ଟା ପିଲାଙ୍କ ନଜର ରଖିବାକୁ ଅନେକ ଜଣ ଠିକ୍ ବୋଲି ଭାବିଥା'ନ୍ତି, ହେଲେ ଏହାର ପ୍ରଭାବ ପିଲାଙ୍କ ଉପରେ ପଡ଼ିଥାଏ । ପିଲାଙ୍କୁ ଅଧିକ ନିୟନ୍ତ୍ରଣ କରିବା ଏହି ଅଭ୍ୟାସକୁ ଓଭର ପ୍ୟାରେଣ୍ଟିଂ ବା ହେଲିକପ୍ଟର ପ୍ୟାରେଣ୍ଟିଂ କୁହାଯାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ପିଲାଙ୍କ ଗତିବିଧିକୁ ୨୪ ଘଣ୍ଟା ଧରି ନଜର ରଖିବା ଦ୍ୱାରା ପିଲାଙ୍କ ବିକାଶରେ ବାଧା ସୃଷ୍ଟି ହୁଏ । ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ମଧ୍ୟ ପଡ଼େ । ଏହି କ୍ଷେତ୍ରରେ ପିଲାମାନେ କୌଣସି ପରିସ୍ଥିତିକୁ ସାମନା କରିବାକୁ ଅସମର୍ଥ ବୋଲି ମନେ କରନ୍ତି । ସାଧାରଣତଃ ପିଲାମାନେ ଛୋଟ ଛୋଟ ଭୁଲ କରିଲେ ହିଁ ଠିକ୍ କେଉଁଟା ଜାଣିପାରନ୍ତି । କିନ୍ତୁ ପିତାମାତାଙ୍କ ଏହି ଅଭ୍ୟାସ ପିଲାଙ୍କୁ ଭୁଲ୍ କରିବାକୁ ସୁଯୋଗ ଦିଏନାହିଁ । କେବଳ ସେତିକି ନୁହେଁ, ଅହରହ ପିଲାଙ୍କୁ ନଜର ରଖିବା ଦ୍ୱାରା ସେମାନେ ସାମାଜିକ ସ୍ତରରେ ସକ୍ରିୟ ହୋଇପାରନ୍ତିନି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଯେଉଁ କଳା ଶିଖିବା କଥା ପିଲାମାନେ ସେଥିରୁ ମଧ୍ୟ ବଞ୍ଚିତ ରୁହନ୍ତି । ଏପରିକି ଏହି ପିଲାମାନେ କୌଣସି ବିଷୟକୁ ନେଇ ନିଜେ ଉଦାସ ରହିବା ସହ ନିଜର ପିତାମାତାଙ୍କ ସହ ଭଲଭାବେ କଥା ହୋଇପାରନ୍ତିନି । ନ୍ୟାସନାଲ ସେଣ୍ଟର ଫର ବାୟୋଟେକ୍ନୋଲୋଜି ଇନଫର୍ମେସନ (ଏନ୍ସିବିଆଇ) ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ହେଲିକପ୍ଟର ପ୍ୟାରେଣ୍ଟିଂ ପିଲାଙ୍କ ଠାରେ ଚିନ୍ତା, ଅବସାଦର କାରଣ ସାଜିପାରେ । କେବଳ ପିଲା ନୁହଁନ୍ତି; ପିତାମାତାଙ୍କ ଉପରେ ମଧ୍ୟ ହେଲିକପ୍ଟର ପ୍ୟାରେଣ୍ଟିଂ ଅଭ୍ୟାସ ଅନେକ କ୍ଷତି ପହଞ୍ଚାଏ । ତେଣୁ ପିତାମାତା ସର୍ବଦା ନିଜ ପିଲାଙ୍କୁ ୨୪ଘଣ୍ଟା ନଜରରେ ନ ରଖି ସେମାନଙ୍କୁ ସ୍ନେହ ଶ୍ରଦ୍ଧା ସହିତ ସେମାନଙ୍କର ଯତ୍ନ ନେବା ଦ୍ୱାରା ଉଭୟ ପିତାମାତା ଓ ପିଲାଙ୍କ ପାଇଁ ଫଳପ୍ରଦ ।

## ଲୁ'ରୁ ସୁରକ୍ଷା ଦିଏ ବେଲ ପଣା

**ଶରୀରକୁ ଥଣ୍ଡା ରଖିବା ସହ ଜଳୀୟ ଅଂଶ ବୃଦ୍ଧି ପାଇଁ ବେଲ ପଣା ପିଇବା ଫଳପ୍ରଦ । ବେଲରେ ଶରୀରକୁ ଆବଶ୍ୟକ ହେଉଥିବା ପୋଷକତତ୍ତ୍ୱ ତଥା ପ୍ରୋଟିନ୍, ଭିଟାମିନ୍, କ୍ୟାଲ୍‌ସିୟମ୍, ଫାସ୍ଫୋରସ, ଥାୟମିନ୍ ଆଦି ଭରପୂର ମାତ୍ରାରେ ମିଳିଥାଏ । ତେବେ ପ୍ରତିଦିନ ବେଲ ପଣା ପିଇବା ଦ୍ୱାରା କ'ଣ ଫାଇଦା ମିଳେ ଜାଣି ରଖନ୍ତୁ...**



- ପାଚନ ପ୍ରକ୍ରିୟାରେ ସୁଧାର ପାଇଁ ହେଉ କି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାକୁ ବେଲ ପଣା ପିଇବା ଜରୁରି । ପେଟ ସମ୍ବନ୍ଧୀୟ ସମସ୍ୟା ତଥା ଗ୍ୟାସ୍, କୋଷ୍ଠକାଠିନ୍ୟରୁ ଏହା ଆରାମ ଦିଏ ।
- ସାଧାରଣତଃ ଗରମ ଦିନେ ଅଧିକାଂଶ ଲୋକ ଲୁ' ବା ଗ୍ରୀଷ୍ମ ପ୍ରବାହର ଶିକାର ହୁଅନ୍ତି । ନିୟମିତ ବେଲ ପଣା ପିଇବା ଦ୍ୱାରା ଶରୀରର ଜଳୀୟ ଅଂଶ ଠିକ୍ ରହିବା ସହ ଲୁ'ରୁ ସୁରକ୍ଷା ମିଳେ । କେବଳ ସେତିକି ନୁହେଁ, ବେଲରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ମିଳୁଥିବାରୁ ଏହା ଉଚ୍ଚ କୋଲେଷ୍ଟ୍ରଲକୁ କମ୍ କରିଥାଏ । ଶରୀରରୁ ବର୍ଜ୍ୟ ବାହାର କରିବାରେ ଏହାର ପ୍ରମୁଖ ଭୂମିକା ରହିଛି ।
- ଖରାଦିନେ ଶରୀର ହାଲୁଆ ବା ଦୁର୍ବଳ ଲାଗିଥାଏ, ତେଣୁ ବେଲରେ ଥିବା ବିଭିନ୍ନ ଭିଟାମିନ୍ ଶରୀରକୁ ଶକ୍ତି ପ୍ରଦାନ କରେ । ଏପରିକି ଯେଉଁମାନଙ୍କର ରକ୍ତହୀନତା ସମସ୍ୟା ରହିଛି, ସେମାନେ ପ୍ରତ୍ୟହ ବେଲ ପଣା ପିଇବା ଦ୍ୱାରା ଶରୀରରେ ରକ୍ତ ବୃଦ୍ଧି ହେବା ସହ ତ୍ୱଚାଜନିତ ସମସ୍ୟା ରୁହେନାହିଁ ।

**ଆଇପିଏଲ୍ ପଦାର୍ପଣରେ ଅର୍ଦ୍ଧଶତକ**

# କିଏ ଏହି ଅଙ୍ଗକ୍ରିସ ରଘୁବଂଶୀ

**ନୂଆଦିଲ୍ଲୀ, ୪।୪(ଏଜେନ୍ସି)**

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଖେଳି ଅଙ୍ଗକ୍ରିସ୍ ରଘୁବଂଶୀ ଅର୍ଦ୍ଧଶତକ ହାସଲ କରିଛନ୍ତି। ମାତ୍ର ୧୮ ବର୍ଷରେ ରଘୁବଂଶୀ ୨୭ ବଲ ଖେଳି ୫୪ ରନ୍ କରିଥିଲେ। ସେ ଜଣେ ଯୁବ ଖେଳାଳି ହୋଇଥିଲେ ମଧ୍ୟ ଜଣେ ଅଭିଜ୍ଞ ବ୍ୟାଟରଙ୍କ ପରି ଖେଳିଥିଲେ। ଏହି ପାଳିରେ ସେ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ଏହି ସଟ୍‌ଗୁଡିକ ଖୁବ ଆକର୍ଷଣୀୟ ହୋଇଥିଲା ଓ ତାଙ୍କ ଦ୍ରୁତ ରନ୍ ସଂଗ୍ରହ ଯୋଗୁ ଦିଲ୍ଲୀ ନିକଟରୁ ମ୍ୟାଚ୍ ହାତଛଡ଼ା ହୋଇଯାଇଥିଲା। ଏଭଳି ସ୍ଥିତିରେ ଜଣେ ଯୁବ ଖେଳାଳି ଏପରି ଖେଳିବେ ବୋଲି କେହି ଆଶା କରି ନଥିଲେ। କିନ୍ତୁ ତାଙ୍କୁ ଯେପରି ଉଚ୍ଚସ୍ତରର ଖେଳାଳି ଭାବେ ବିବେଚନା କରାଯାଉଥିଲା ଠିକ୍ ସେହପରି ସେ ବ୍ୟାଟିଂ ପ୍ରଦର୍ଶନ କରି ତାଙ୍କ ଉପରେ କରାଯାଇଥିବା ଭରସାକୁ ଅତୁଟ ରଖିଥିଲେ।

ତେବେ ଏହି ଖେଳାଳି ଜଣକ କିଏ? ଆଗରୁ ତାଙ୍କର ପ୍ରଦର୍ଶନ କ'ଣ ଏପରି କିଛି ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ୍। ପୂର୍ବରୁ କୌଣସି ଅଭିଜ୍ଞତା ଅଛି କି ନାହିଁ, ତାଙ୍କର ବ୍ୟାଟିଂ ଉପରେ ଭରସା କରାଯାଇ ପାରିବ କି ନାହିଁ ଏଭଳି ଅନେକ ପ୍ରଶ୍ନ ଦର୍ଶକଙ୍କ ମନରେ ଆସିବା ସ୍ୱାଭାବିକ୍। ସଂକ୍ଷେପରେ କହିବାକୁ ଗଲେ ରଘୁବଂଶୀ ଗୁରଗାଓଁରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୧୧ ବର୍ଷ ବୟସରେ ନିଜ ଭାଗ୍ୟ ପରୀକ୍ଷା କରିବା ଲାଗି ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ସ୍କୁଲ କ୍ରିକେଟ ଲିଗ୍ ଖେଳିବା ପରେ ମୁମ୍ବାଇ



୧୯ ବର୍ଷରୁ କମ୍ ଦଳରେ ସ୍ଥାନ ପାଇ ସିକେ ନାଇଡୁ ଟ୍ରଫି ଖେଳିଥିଲେ। ଏଥିରେ ସେ ୭୬୫ ରନ୍ କରି ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହି ସଫଳତା ବଳରେ ତାଙ୍କୁ ୨୦୨୨ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏଥିରେ ସେ ୨୭୮ ରନ୍ କରି ନିଜ ସାମିଲର ଯଥାର୍ଥତା ପ୍ରତିପାଦିତ କରିଥିଲେ। ୨୦୨୩ରେ ମୁମ୍ବାଇ ପକ୍ଷରୁ ସେ ଲିଷ୍ଟ-ଏ ଓ ଟି-୨୦ରେ ବରିଷ୍ଠ କ୍ରିକେଟରେ ପଦାର୍ପଣ କରିଥିଲେ। ଅଭିଷେକ ନାୟାର ତାଙ୍କ ପିଲାବେଳର ପ୍ରଶିକ୍ଷକ ଅଟନ୍ତି। ଅଭିଷେକ କୋଲକାତା ନାଇଟ୍ ରାଇଡର୍ସରେ ସପୋର୍ଟ ଷ୍ଟାଫ୍ ଥିବାରୁ ଏହି ଦଳରେ ତାଙ୍କୁ ନିଲାମିରେ ନେବା ସହଜ ହୋଇଥିଲା। ଏବେ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରି ସେ ଗୁଣାତ୍ମକ କ୍ରିକେଟ ଖେଳିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ତାଙ୍କର ଶକ୍ତି ହେଲା ରିଷ୍ଟରେ ଖେଳିବା। ମିଡ୍‌ୱିକେଟରେ ମାରିଥିବା ଛକା ସବୁଠାରୁ ଉତ୍କୃଷ୍ଟ ଥିଲା। ନଂ-୩ରେ ବ୍ୟାଟିଂ କରିବାକୁ ଆସି ରିଭର୍ସ ସ୍କୁପ୍‌ରେ ଛକା ମାରି ସେ ତାଙ୍କ ଆବିର୍ଭାବ ଦର୍ଶାଇଥିଲେ। ଗୋଟିଏ ପଟେ ସୁନୀଲ ନାରିନ୍ ଷ୍ଟାଡିୟମ୍‌ରେ ତାଙ୍କ ସଟ୍ ମାଧ୍ୟମରେ ବାଣ ଫୁଟାଉଥିଲାବେଳେ ରଘୁବଂଶୀ ଚୁପ୍ ହୋଇ ତାଙ୍କ ଖେଳ ଦେଖି ନ ଥିଲେ। ସେ ମଧ୍ୟ ଧୂଆଁଧାର ବ୍ୟାଟିଂ କରି ୨୫ ବଲ୍‌ରେ ୫୦ ରନ୍ ପୂରଣ କରିଥିଲେ। 'ରଘୁବଂଶୀ ଯେତେବେବେଳେ ଛୋଟପିଲା ଥିଲେ ସେତେବେଳେ ତାଙ୍କ ସାନ ଭାଇ କ୍ରିଷନ କର୍କଟ ରୋଗରେ ପୀଡିତ ହୋଇଥିଲେ। ବଡ଼ ଭାଇ ହିସାବରେ କ୍ରିଷନଙ୍କ ସହ ମେଡିକାଲରେ ରହି ମାନସିକ ଭାବେ ଦୃଢ଼ ହୋଇଯାଇଛନ୍ତି' ବୋଲି ମା' ମଲିକା କହନ୍ତି। ଏଭଳି ଜଣେ ଖେଳାଳିଙ୍କ ଆବିର୍ଭାବ ଭାରତୀୟ କ୍ରିକେଟରେ ନୂଆ ଆଶା ସଞ୍ଚାର କରିଛନ୍ତି। ଚଳିତ ଆଇପିଏଲ୍‌ରେ ମୟଙ୍କ ତାଙ୍କ ସ୍ପିଡ୍ ମାଧ୍ୟମରେ ବ୍ୟାଟରଙ୍କୁ ନଚାଉଥିଲାବେଳେ ରଘୁବଂଶୀଙ୍କ ବ୍ୟାଟ ଚାଳନା ବୋଲରଙ୍କୁ ଅଡୁଆରେ ପକାଇଛି। ଏଭଳି ସ୍ଥିତିରେ ଚଳିତ ଆଇପିଏଲ୍‌ରେ ଆଉ କେତେଜଣ ପ୍ରତିଭାବାନ ଖେଳାଳିଙ୍କ ଆବିର୍ଭାବ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

**ଦ୍ରୁତ ବୋଲିଂ, ଫିଟ୍‌ନେସ୍‌ର ରହସ୍ୟ ଖୋଲିଲେ ମୟଙ୍କ**

# ତାକତ୍ ଅପେକ୍ଷା ଟେକ୍‌ନିକ୍ ଉପରେ ଭରସା



**ଭଲ ନିଦ ମାଧ୍ୟମରେ ଫିଟ୍‌ନେସ୍‌ରେ ଉନ୍ନତି ଆସିଛି**

**ନୂଆଦିଲ୍ଲୀ,୪।୪(ଏଜେନ୍ସି)**

ଦ୍ରୁତଗତିରେ ବୋଲିଂ କରି ହଇଚଇ ସୃଷ୍ଟି କରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ନିଜ ଫିଟ୍‌ନେସ୍ ଓ ଫାଷ୍ଟ ବୋଲିଂର ରହସ୍ୟ ଖୋଲିଛନ୍ତି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ପଞ୍ଜାବ କିଙ୍ଗସ ବିପକ୍ଷରେ ପଦାର୍ପଣ କରି ଘଣ୍ଟାପ୍ରତି ୧୫୫.୭ ବେଗରେ ବୋଲିଂ କରି ସେତେବେଳେ ଲିଗ୍‌ର ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଥିଲେ। ନିଜର ଦ୍ରୁତ ବୋଲିଂ କାରଣରୁ ସେ ରାତାରାତି ତାରକା ବନିଯାଇଥିଲେ। ଏହାପରେ ସେ ଦ୍ୱିତୀୟ ମ୍ୟାଚ୍‌ରେ ୧୫୬.୭ ବେଗରେ ବୋଲିଂରେ ନିଜ ପେସ୍‌ରେ ଉନ୍ନତି ଆଣିଥିଲେ।

ଏକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସାକ୍ଷାତ୍‌କାର ଦେଇ ମୟଙ୍କ ନିଜ ଦ୍ରୁତ ବୋଲିଂ ଓ ଫିଟ୍‌ନେସ ରହସ୍ୟ ବିଷୟରେ ଖୋଲି କହିଛନ୍ତି। ଦ୍ରୁତ ବୋଲିଂ ପାଇଁ ଭାରତୀୟ ଦ୍ରୁତ ବୋଲରଙ୍କ ଶରୀର ସେତେଟା ସହଜ ନୁହଁ। କିନ୍ତୁ ବିଦେଶୀ ଦ୍ରୁତ ବୋଲରଙ୍କ ଶରୀର ବୋଲିଂ ପାଇଁ ବେଶ୍ ସହଜ ତଥା ଅନୁକୂଳ ହୋଇଥାଏ। ଏଥିପାଇଁ ବିଦେଶୀ ବୋଲରମାନେ ଅପେକ୍ଷାକୃତ ଦ୍ରୁତ ବେଗରେ ବୋଲିଂ କରିଥାନ୍ତି। ଉନ୍ନତ ଟେକ୍‌ନିକ୍ ଦ୍ୱାରା ଭାରତୀୟ ବୋଲରମାନେ ଦ୍ରୁତ ଗତିରେ ବୋଲିଂ କରିଥାନ୍ତି। ଦ୍ରୁତଗତିରେ ବୋଲିଂ କରିବାକୁ ହେଲେ ଭାରତୀୟ ବୋଲରଙ୍କୁ ରନ୍‌ଅପ୍, ରିଷ୍ଟ ପୋଜିସନ ଓ ରିଷ୍ଟ ଫ୍ଲିକ୍ ଉପରେ ଧ୍ୟାନ ଦେବାକୁ ହୋଇଥାଏ। ସେହିପରି ଫିଟ୍‌ନେସ ପାଇଁ ଡାଇଟ୍ ଅର୍ଥାତ ଖାଦ୍ୟପେୟ ଓ ଜିମ୍‌କୁ ବାଦ୍ ଦେଲେ ଭଲ ନିଦର ଆବଶ୍ୟକତା ରହିଛି। ଫିଟ୍‌ନେସ୍ ଉପରେ ଭଲ ଓ ଉନ୍ନତ ନିଦର ପ୍ରଭାବ ଯଥେଷ୍ଟ ରହିଛି ବୋଲି ସେ କହିଛନ୍ତି। ପେସାଦାର କ୍ରିକେଟରେ ପଦାର୍ପଣ କରିବାକୁ ମୟଙ୍କ ସ୍କୁଲ ଛାଡିଥିଲେ। ଆଇପିଏଲ ଖେଳାଳି ନୀଲାମିର ପ୍ରଥମ ରାଉଣ୍ଡରେ ସେ ବିକ୍ରି ହୋଇପାରି ନଥିଲେ।

### ୟର୍କର, ବାଉନ୍ସର ଛଡ଼ା କିଛି ଆସୁନଥିଲା

୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ମୟଙ୍କ ପେସାଦାର କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଏଥିପାଇଁ ସେ ୧୦ମ ଶ୍ରେଣୀ ନିଜର ନାମ କାଟିଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୪ଟି ମ୍ୟାଚ୍ ଖେଳି ୧୯ଟି ୱିକେଟ ନେଇ ସମସ୍ତଙ୍କ ନଜରକୁ ଆସିଥିଲେ। ଆରମ୍ଭରେ ଦୁଇ ପ୍ରକାର ବଲ୍ ୟର୍କର ବା ବାଉନ୍ସର ପକାଉଥିଲି ବୋଲି ସେ କହିଛନ୍ତି। ଏଥିପାଇଁ ସେ କୁଚ୍ ବିହାର ଟ୍ରଫିରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ସେତେବେଳେ ଲେନ୍ଥ ବଲ୍ କିପରି ବୋଲିଂ କରିବାକୁ ହୁଏ ଜାଣି ନଥିଲି। ଧୀରେ ଧୀରେ ଲେନ୍ଥ ବଲ ପକାଇବା ଶିକ୍ଷା କରିଥିଲି ଓ ଏହା ଦ୍ୱାରା ୱିକେଟ ହାସଲ କରିଥିଲି ବୋଲି ମୟଙ୍କ କହିଛନ୍ତି।

### ଦିଲ୍ଲୀ ତରଫରୁ ପ୍ରଥମେ ମୁସ୍ତାକ ଅଲ୍ଲୀ ଟ୍ରଫି ଖେଳିଥିଲି

କୁଚ୍ ବିହାର ଟ୍ରଫିର ସଫଳତା ପରେ ରଣଜୀ ଟ୍ରାଏଲ ଦେଇଥିଲି ଓ ଏହା ଭଲ ଥିଲା। କିନ୍ତୁ କୋଭିଡ୍ ଆସିବା କାରଣରୁ ଦିଲ୍ଲୀ ରଣଜୀ ଦଳ ଚୟନ ହୋଇ ନଥିଲା। ଏହାପରେ ସର୍ଭିସେସ୍ ତରଫରୁ ଟ୍ରାଏଲ୍ ଦେବାକୁ କଲ୍ ଆସିଥିଲା। ଟ୍ରାଏଲ ଦେବା ପରେ ଅଫର ଆସିଥିଲା। କିନ୍ତୁ ତାହାକୁ ଗ୍ରହଣ କରିବାକୁ ଚାହିଁ ନଥିଲି। ସର୍ଭିସେସ୍‌ରେ ଚୟନ ହେବା ପରେ ପେପରୱାର୍କ ବେଳେ ସେଠାରୁ ପଳାଇ ଆସିଥିଲି। ଦିଲ୍ଲୀ ତରଫରୁ ପ୍ରଥମେ ସୟଦ ମୁସ୍ତାକ ଅଲି ଟ୍ରଫି ଖେଳବାର ସୁଯୋଗ ମିଳିଥିଲା। ଏହାପରେ ବିଜୟ ହଜାରେ ଟ୍ରଫି ପାଇଁ ଚୟନ ହୋଇଥିଲି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ୬ ୱିକେଟ ନେଇଥିଲି। ଶେଷରେ ଦିଲ୍ଲୀ ପାଇଁ ମୋତେ ରଣଜୀ ଖେଳିବାର ସୁଯୋଗ ମିଳିଥିଲା। ଆଇପିଏଲ ନୀଲାମିର ପ୍ରଥମ ରାଉଣ୍ଡରେ ଅଣଦେଖା ହୋଇଥିଲି। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ମୋତେ ଚୟନ କରାଯାଇଥିଲା ବୋଲି ସେ କହିଛନ୍ତି।

## ପ୍ରି-କ୍ୱାର୍ଟରରେ ହାରିଲେ ନାଗଲ

**ନୂଆଦିଲ୍ଲୀ,୪।୪(ଏଜେନ୍ସି):** ଉତ୍ତର ଆଫ୍ରିକୀୟ ଦେଶ ମରକ୍କୋରେ ଚାଲିଥିବା ମାରାକେକ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତ ଶ୍ରେଷ୍ଠ ଏକକ ତାରକା ସୁମିତ ନାଗଲ ପ୍ରି- କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏଟିପି ମାନ୍ୟତାର ୯୫ତମ ସ୍ଥାନରେ ଥିବା ନାଗଲ ପ୍ରି- କ୍ୱାର୍ଟର ମୁକାବିଲାରେ ଇଟାଲୀ ତାରକା ଲୋରେଞ୍ଜୋ ସୋନେଗୋଙ୍କଠାରୁ ୬-୧, ୩-୬, ୬-୪ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

## ଜାତୀୟ କନିଷ୍ଠ ଜୁ ଜିତ୍‌ସୁରେ ଓଡ଼ିଶାକୁ ୪ ପଦକ




**ଭୁବନେଶ୍ୱର, ୪।୪:** ଲକ୍ଷ୍ନୌରେ ଶେଷ ହୋଇଥିବା ଜାତୀୟ କନିଷ୍ଠ ଓ ଉପକନିଷ୍ଠ ଜୁ ଜିତ୍‌ସୁ ଚାମ୍ପିଅନ୍‌ସିପରେ ଓଡ଼ିଶାକୁ ୪ଟି ପଦକ ମିଳିଛି। ଏହା ମଧ୍ୟରେ ରହିଛି ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୨ଟି କାଂସ୍ୟ ପଦକ। କନିଷ୍ଠ ପୁରୁଷ ୭୭ କିଲୋଗ୍ରାମ୍‌ରେ ଫାଇଟିଂ ସିଷ୍ଟମ୍‌ରେ ଅମ୍ଳାନ ରାଉତ ସ୍ୱର୍ଣ୍ଣ ଓ ନିବାଜାରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କନିଷ୍ଠ ମହିଳା ବିଭାଗ ୪୮ କିଲୋଗ୍ରାମ୍ ନିବାଜାରେ ଶୁଭଲକ୍ଷ୍ମୀ ପାଲଙ୍କୁ ରୌପ୍ୟ ଓ କନିଷ୍ଠ ପୁରୁଷ ୫୨ କିଲୋଗ୍ରାମ୍ ନିବାଜାରେ ଉମାଶଙ୍କର ସାହୁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ୪ଟି ପଦକରେ ସନ୍ତୁଷ୍ଟ ହୋଇଛି। ପ୍ରବନ୍ଧକ ତଥା ପ୍ରଶିକ୍ଷକ ଭାବେ ସ୍ୱରାଜ ଜାନୀ ଦଳ ସହ ଯାଇଥିଲେ। ଏହି ସଫଳତା ଲାଗି ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଜୁ ଜିତ୍‌ସୁ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

# ସାଇନାଙ୍କୁ ୨, କିରଣଙ୍କୁ ୧ ସ୍ୱର୍ଣ୍ଣ




**ଜାତୀୟ ଟିମ୍ ଚେସ୍ ଚାମ୍ପିଅନସିପ**

**ଭୁବନେଶ୍ୱର, ୪।୪ (ସମିସ):** ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଶେଷ ହୋଇଥିବା ଜାତୀୟ ଟିମ୍ ଚେସ୍ ଚାମ୍ପିଅନସିପ୍‌ରେ ଓଡ଼ିଆ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ଉଭୟ ଦଳଗତ ଓ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ପେଟ୍ରୋଲିୟମ୍ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ସେହିପରି ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନିଷା ମହାନ୍ତି ଏଲ୍‌ଆଇସିକୁ ପ୍ରତିନିଧିତ୍ୱ କରି ବ୍ୟକ୍ତିଗତ ବୋର୍ଡରେ ସ୍ୱର୍ଣ୍ଣ ଓ ଦଳଗତ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଅନ୍ୟତମ ଓଡ଼ିଆ ଖେଳାଳି ସ୍ମାରକୀ ମହାନ୍ତି ବ୍ୟକ୍ତିଗତ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦିଲ୍ଲୀର ମିରାଣ୍ଡା ହାଉସ୍ କଲେଜ୍‌ରେ ପଢୁଥିବା ସାଇନା ପିଏସ୍‌ପିବି ପକ୍ଷରୁ ଖେଳୁଥିଲେ। ଏଥିରେ ତାଙ୍କ ଟିମ୍ ସମସ୍ତ ୭ଟିଯାକ ରାଉଣ୍ଡରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଥିଲା। ସାଇନା ୪ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଛନ୍ତି। ଏହା ଫଳରେ ତାଙ୍କୁ ଉଭୟ ଦଳଗତ ଓ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣପଦକ ମିଳିଛି। ପୁରସ୍କାର ବାବଦରେ ପିଏସ୍‌ପିବିକୁ ୧ ଲକ୍ଷ ୨୫ ହଜାର ଟଙ୍କା ପୁରସ୍କାର ମିଳିଛି। ରନର୍ସ ଅପ୍ ହୋଇଥିବା ତେଲଙ୍ଗାନାକୁ ଏକ ଲକ୍ଷ ଓ ରନର୍ସ ଅପ୍ ହୋଇଥିବା ଏଲ୍‌ଆଇସିକୁ ୭୫ ହଜାର ଟଙ୍କା ପୁରସ୍କାର ଦିଆଯାଇଛି।

**ଡବ୍ଲ୍ୟୁଟିଏ ଫାଇନାଲ୍ସର ଆଗାମୀ ୩ ସଂସ୍କରଣ ସାଉଦି ଆରବରେ**

## ପୁରସ୍କାର ରାଶିରେ ୭୦% ବୃଦ୍ଧି

**ରିୟାଦ,୪।୪(ଏଜେନ୍ସି):** ସିରିଜ ଶେଷରେ ଆୟୋଜନ ହେଉଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସ ଏଥର ଆଗାମୀ ୩ ବର୍ଷ ପାଇଁ ସାଉଦି ଆରବରେ ଆୟୋଜନ ହେବ। ୨୦୨୪ରୁ ୨୦୨୬ ମଧ୍ୟରେ ସାଉଦି ଆରବ ରାଜଧାନୀ ରିୟାଦରେ ଏହି ହାଇପ୍ରୋଫାଇଲ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟର ଆଗାମୀ ୩ ସଂସ୍କରଣ ଆୟୋଜନ ହେବ ବୋଲି ଡବ୍ଲ୍ୟୁଟିଏ ଟୁର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଭ ସିମନ ଏ ନେଇ ଗଣମାଧ୍ୟମଗୁଡିକୁ ଅବଗତ କରାଇଛନ୍ତି। ଏଥର ଏହି ଟୁର୍ଣ୍ଣାମେଣ୍ଟରେ ରେକର୍ଡ ଅର୍ଥରାଶି ୧୫.୨୫ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୫୧ କୋଟି ୭ ଲକ୍ଷ ୩୦ ହଜାର ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯିବ। ପୁରସ୍କାର ରାଶିରେ ଏଥର ୭୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ବର୍ଷର ବିଶ୍ୱ ଶ୍ରେଷ୍ଠ ୮ ଏକକ ଓ ଡବଲ୍ସ ଯୋଡି ଅଂଶଗ୍ରହଣ କରିବାର ସୁଯୋଗ ପାଇଥାନ୍ତି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ରିଆଦ୍‌ରେ ନଭେମ୍ବର ୨ରୁ ୯ ତାରିଖ ମଧ୍ୟରେ ଖେଳାଯିବ। ଗତବର୍ଷ ୪ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ପୋଲାଣ୍ଡର ଇଗା ସ୍ୱିଆଟେକ୍ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ହାସଲ କରିଥିଲେ।

**କାଜାଖସ୍ତାନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ**

## ଅନ୍‌ମୋଲ୍‌ଙ୍କ ସହ ୪ ଭାରତୀୟ କ୍ୱାର୍ଟରରେ

**ଉରାଲ୍‌ସ୍କ,୪।୪(ଏଜେନ୍ସି)**

ଏଠାରେ ଚାଲିଥିବା କାଜାଖସ୍ତାନ ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଭାରତୀୟ ଯୁବ ମହିଳା ତାରକା ଅନମୋଲ ଖରବ ଓ ଅନ୍ୟ ୪ ଭାରତୀୟ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବ୍ୟାଡମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜାତୀୟ ଚାମ୍ପିଅନ ଅନମୋଲଙ୍କ ସହ ଦେବିକା ସିହାଗ, ପୂର୍ବତନ ଜାତୀୟ ଚାମ୍ପିଅନ ଅନୁପମା ଉପାଧ୍ୟାୟ, ସପ୍ତମ ସିଡ୍ ଖେଳାଳି ତାନିଆ ହେମନ୍ତ ଓ ଇଶାରାଣୀ ବରୁଆ ମହିଳା ଏକକ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି।

ଅନମୋଲ୍ ଏକକ ଦ୍ୱିତୀୟ ରାଉଣ୍ଡରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ନୁରାନୀ ରତୁ ଆଝାରାଙ୍କୁ ୨୨-୧୧, ୨୧-୭ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ୧୭ ବର୍ଷୀୟ ଅନମୋଲ ପରବର୍ତ୍ତୀ ରାଉଣ୍ଡରେ ଜାପାନର ସୋରାନା ୟୋଶିକାୱାଙ୍କୁ ଭେଟିବେ। ସେହିପରି ଦେବିକା ସିହାଗ ୨୧-୧୨, ୨୧-୧୨ରେ ଚତୁର୍ଥ ସିଡ୍ ଆଜରବୈଜାନର କେସିହା




ଫାତିମା ଆଝାରାଭ୍‌କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। କ୍ୱାର୍ଟରରେ ସେ ନିଜ ଦେଶର ଅନୁପମା ଉପାଧ୍ୟାୟଙ୍କୁ ଭେଟିବେ। ଅନୁପମା ଚେକ୍ ଗଣରାଜ୍ୟର ୫ମ ସିଡ୍ ଖେଳାଳି ତେରେଜା ସ୍ୱାବିକୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସେହିପରି ୭ମ ସିଡ୍ ତାନିଆ ୨୧-୧୧, ୨୧-୧୮ରେ ଇସ୍ରାଏଲ୍‌ର ସେନିଆ କୋଲିକାର୍ପୋଭାଙ୍କୁ ୨୧-୧୧, ୨୧-୧୮ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। କ୍ୱାର୍ଟରରେ ସେ ଅନ୍ୟତମ ଭାରତୀୟ ଖେଳାଳି ଇଶାରନୀଙ୍କୁ ଭେଟିବେ। ଇଶାରାନୀ ୨୧-୧୦, ୨୦-୨୧ରେ ନ୍ୟୁଜିଲାଣ୍ଡର ତିଫାନୀ ହୋଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

## ଜାତୀୟ କ୍ୟାମ୍ପରେ ଗଣେଶ, ଆଶିଷ, ଅଜିତ୍



**ଏସିଆ ରଗ୍‌ବୀ ଚାମ୍ପିଅନସିପ୍**

**ଭୁବନେଶ୍ୱର, ୪।୪ (ସମିସ):** ଚଳିତ ମାସ ୩୦ରୁ ମେ ୪ ତାରିଖ ପର୍ଯ୍ୟନ୍ତ ଶ୍ରୀଲଙ୍କାର କଲମ୍ବୋଠାରେ ଏସିଆ ରଗ୍‌ବୀ ପୁରୁଷ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ବରିଷ୍ଠ ପୁରୁଷ ରଗ୍‌ବୀ ଦଳ ଅଂଶଗ୍ରହଣ କରିବ। ଏହାକୁ ନଜରରେ ରଖି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଏକ ଜାତୀୟ ଶିବିର ପଶ୍ଚିମବଙ୍ଗରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ୪୨ ଜଣିଆ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଶିବିରରେ ଓଡ଼ିଶାର କିସ୍‌ରୁ ୩ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗଣେଶ ଧାଙ୍ଗଡା ମାଝି, ଆଶିଷ ଶବର ଓ ଅଜିତ କୁମାର ହାଁସଦା। ୨୭ ତାରିଖରେ ଶିବିର ଉଦ୍‌ଯାପିତ ହେବାପରେ ଚୂଡ଼ାନ୍ତ ଭାରତୀୟ ଦଳ ଚୟନ କରାଯିବ ବୋଲି ଜଣାପଡ଼ିଛି। ଜାତୀୟ ଶିବିରରେ ସ୍ଥାନ ପାଇଥିବାରୁ ଏହି ୩ଜଣ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

**ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ଉଦଯାପିତ**

# ନୀତା ଏକାଡେମୀ, ଓଡ଼ିଶା ଏକାଦଶ ଚାମ୍ପିଅନ

**କଟକ,୪।୪(ସମିସ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଡିଏ ଗ୍ରାଉଣ୍ଡରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଲିଗ୍‌ର ୧୭ବର୍ଷରୁ କମ୍ ବୟସ ବର୍ଗରେ ସର୍ବାଧିକ ପଏଣ୍ଟ ହାସଲ କରି ନୀତା ଫୁଟବଲ ଏକାଡେମୀ ଚାମ୍ପିଅନ ହୋଇଛି। ଦ୍ୱିତୀୟ ସର୍ବାଧିକ ପଏଣ୍ଟ ସହ ରନର୍ସଅପ ହୋଇଛି କିଟ-କିସ ଦଳ। ସେହିପରି ୧୫ବର୍ଷରୁ କମ୍ ବୟସ ବର୍ଗରେ ଓଡ଼ିଶା ଏକାଦଶ ଚାମ୍ପିଅନ ଏବଂ ସ୍ପୋର୍ଟସ ଓଡ଼ିଶା ରନର୍ସଅପ ହୋଇଛି। ଉଭୟ ବୟସ ବର୍ଗରେ ଚାମ୍ପିଅନ ଦଳକୁ ଟ୍ରଫି ସମେତ ୫୦ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସମେତ ୩୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଫାଓ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଉପସଭାପତି ଦିଲ୍ଲୀପ ସାହୁ, ଯୁଗ୍ମ ସମ୍ପାଦକ ମହମ୍ମଦ ସହିଦ ଜବାର, ବିଶ୍ୱରଞ୍ଜନ ଘଡେଇ, ନୀତା ଫୁଟବଲ ଏକାଡେମୀର ଅଧ୍ୟକ୍ଷ ଅରୁଣ ସାମଲ, ଅର୍ବାନ ଆଡଭେଞ୍ଚର୍ସ କ୍ଲବର ସମ୍ପାଦକ ରଞ୍ଜନ କୁମାର ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶଯୋଗ୍ୟ, ଏହି ଲିଗ୍ ମାର୍ଚ୍ଚ ୧୮ ତାରିଖରୁ ଖେଳାଯାଉଥିଲା। ପ୍ରତ୍ୟେକ ବୟସ ବର୍ଗରେ ୬ଟି ଲେଖାଏ ଦଳ ଭାଗ ନେଇଥିଲେ।






# କ୍ରୀଡ଼ା


ସକାଳ
www.sakalaepaper.com


### ମ୍ୟାଚ୍ ଛଡ଼ାଇନେଲେ ଶଶାଙ୍କ, ଆଶୁତୋଷ

# ପଞ୍ଜାବ କିଙ୍ଗସର ନାଟକୀୟ ବିଜୟ



ଅହମ୍ମଦାବାଦ୍, ୪।୪(ଏଜେନ୍ସି)

ଅଧିନାୟକ ଶୁବମାନ ଗିଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଗୁଜରାଟ ଗୁଜରାଟ ଟାଇଟନ୍ସ ହାତରୁ ମ୍ୟାଚ୍ ଛଡ଼ାଇନେଲେ ଶଶାଙ୍କ ସିଂ ଓ ଆଶୁତୋଷ ଶର୍ମା। ଏହି ଦୁଇ ଖେଳାଳିଙ୍କୁ ଦମ୍‌ଦାର ବ୍ୟାଟିଂ ବଳରେ ଅହମ୍ମଦାବାଦ୍‌ରେ ଗୁରୁବାର ଅନୁଷ୍ଠିତ ୧୭ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ନାଟକୀୟ ପରିସ୍ଥିତିରେ ଗୁଜରାଟକୁ ୩ ୱିକେଟରେ ହରାଇ ଦେଇଛି। ଏହି ମ୍ୟାଚ୍‌ରେ ଶୁବମାନ ଗିଲଙ୍କ ଅପରାଜିତ ୮୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ କରିଥିଲା ୪ ୱିକେଟରେ ୧୯୯ ରନ୍। ପଞ୍ଜାବ କିଙ୍ଗ୍‌ସ ୨୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୬ ଓଭର ଖେଳ ଶେଷ ବେଳକୁ ୬ ୱିକେଟ ହରାଇ କରିଥିଲା ୧୫୩ ରନ୍। ଏହି ସମୟରେ ବ୍ୟାଟିଂ କରୁଥିଲେ ଦୁଇ ଅନଭିଜ୍ଞ ବ୍ୟାଟର ଛତିଶଗଡ଼ର ଶଶାଙ୍କ ସିଂ ଓ ରେଳବାଇର ଆଶୁତୋଷ ଶର୍ମା। ଶଶାଙ୍କ ଆକ୍ରମଣାତ୍ମକ ମୁଡ୍‌ରେ ଥିଲାବେଳେ ଆଶୁତୋଷ ତାଙ୍କୁ ସହଯୋଗ ଦେଇ ୧୯ତମ ଓଭର ଶେଷରେ ଦଳୀୟ ସ୍କୋରକୁ ୧୯୩ ରନ୍‌ରେ ପହଞ୍ଚାଇଥିଲେ। ଶେଷ ଓଭରରେ ବିଜୟ ଲାଗି ଆଉ ୭ ରନ୍ ଦଳକାର ହେଉଥିଲାବେଳେ ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ ଆଶୁତୋଷ। ସେ ୧୭ ବଲ୍‌ରେ ୩୧ ରନ୍ କରଥିଲେ ଓ ୭ମ ୱିକେଟରେ ଶଶାଙ୍କ ସିଂଙ୍କ ସହ ୨୨ ବଲ୍‌ରୁ ୪୩ ରନ୍ ଉଠାଇ ଗୁଜରାଟ ନିକଟରୁ ଏକପ୍ରକାର ମ୍ୟାଚ୍ ଛଡ଼ାଇଆଣିଥିଲେ। ଆଶୁତୋଷ ଆଉଟ ହେବା ପରେ ହରପ୍ରୀତ ବ୍ରାର ଓ ଶଶାଙ୍କ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ବିଜୟୀ କରାଇଥିଲେ। ପଞ୍ଜାବ ୧୯.୫ ଓଭରରେ ୭ ୱିକେଟ ହରାଇ ଠିକ୍ ୨୦୦ ରନ୍ କରିଥିଲା। ଶେଷପର୍ଯ୍ୟନ୍ତ ଆଉଟ ନ ହୋଇ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶଶାଙ୍କ ମାତ୍ର ୨୯ ବଲ୍ ଖେଳି ୬ ଚୌକା ଓ ୪ଛକା ସହ ୬୧ ରନ୍ କରିଥିଲେ। ଏହି ଶଶାଙ୍କ ସିଂଙ୍କୁ ପଞ୍ଜାବ ମ୍ୟାନେଜମେଣ୍ଟ ଭୁଲରେ କିଣିଥିଲେ ବୋଲି ସ୍ୱୀକାର କରିଥିଲେ। ଏହି ଭୁଲ ହିଁ ଆଜି ପଞ୍ଜାବକୁ ଏକ ଉତ୍କଣ୍ଠାପୂର୍ଣ୍ଣ ବିଜୟ ପ୍ରଦାନ କରିଛି। ଗୁଜରାଟର ନୁର ଅହମ୍ମଦ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ହାଇଦ୍ରାବାଦ- ଚେନ୍ନାଇ**

**ସ୍ଥାନ- ହାଇଦରାବାଦ୍, ସମୟ-** ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଘରୋଇ ମାଟିରେ ଚମକିଲେ ଗିଲ୍

ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତିବା ପରେ ଗୁଜରାଟକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଖେଳର ୩ ଓଭରରେ ଦଳ ୨୯ ରନ୍ କରିଥିଲାବେଳେ ଓପନର ରିଦ୍ଧିମାନ ଶାହ (୧୧)ଙ୍କ ୱିକେଟ ହରାଇଥିଲା। ଏହା ପରେ ଗୋଟିଏ ପଟେ ଶୁବମାନ ଗିଲ୍ ଦୃଢ଼ତାର ସହ ବ୍ୟାଟିଂ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ତାଙ୍କୁ ମଧ୍ୟ କେନ୍ ୱିଲିୟମସନ ଓ ସାଇ ସୁଦର୍ଶନ ଉପଯୁକ୍ତ ସହାୟତା ଯୋଗାଇଦେଇଥିଲେ। ଏହି ଯୁବ ଖେଳାଳି ଦ୍ୱିତୀୟ ୱିକେଟରେ ୱିଲିୟମସନଙ୍କ ସହ ୩୩ ବଲ୍‌ରେ ୪୦ ରନ୍, ତୃତୀୟ ୱିକେଟରେ ସାଇ ସୁଦର୍ଶନଙ୍କ ସହ ୩୨ ବଲ୍‌ରେ ୫୩ ରନ୍ ଉଠାଇ ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳୁଥିବା ୱିଲିୟମସନ ୨୨ ବଲ୍‌ରୁ ୪ ଚୌକା ସହ ୨୬ ଓ ସୁଦର୍ଶନ ୧୯ ବଲ୍‌ରେ ୬ ଚୌକା ସହ ୩୩ ରନ୍ କରିଥିଲେ। ଏହା ପରେ ମଧ୍ୟ ଗିଲ୍‌ଙ୍କ ରନ୍ ସଂଗ୍ରହ ହାର ଜାରି ରହିଥିଲା। ଗିଲ ଶେଷ ପର୍ଯ୍ୟନ୍ତ ଆଉଟ ନ ହୋଇ ୪୮ ବଲ୍‌ରୁ ୮୯ ରନ୍ କରିଥିଲେ। ଏହା ମଧ୍ୟରେ ୬ ଚୌକା ଓ ୪ ଛକା ସାମିଲ ରହିଥିଲା। ଆଇପିଏଲ୍‌ରେ ଗିଲ ବ୍ୟକ୍ତିଗତ ଭାବେ ସର୍ବାଧିକ ରନ୍ କରିବାରେ ସମର୍ଥ ହୋଇଥିଲେ।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ | ୩ | ୨ | ୧ | ୪ | +୦.୪୮୩ |
| ପଞ୍ଜାବ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ | ୪ | ୨ | ୨ | ୪ | -୦.୫୮୦ |
| ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ | ୩ | ୦ | ୩ | ୦ | -୧.୪୨୩ |

### ଆଇପିଏଲ- ୨୦୨୪ରେ ରେକର୍ଡ ଭାଙ୍ଗିଲା

## ପ୍ରଥମ ୧୦ ମ୍ୟାଚ୍‌କୁ ଦେଖିଲେ ୩୫ କୋଟି

**ନୂଆଦିଲ୍ଲୀ,୪।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭ୍ୟୁୟରସିପ୍ ଅର୍ଥାତ୍ ଦର୍ଶକ ସଂଖ୍ୟାରେ ନୂଆ ରେକର୍ଡ ଦେଖିବାକୁ ମିଳିଛି। ଆଇପିଏଲ୍‌ରେ ଗୁରୁବାର ସୁଧା ୧୭ଟି ମ୍ୟାଚ୍ ଖେଳାଯାଇସାରିଛି। ଦର୍ଶକଙ୍କ ସଂଖ୍ୟା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଥର ପ୍ରଥମ ୧୦ଟି ମ୍ୟାଚ୍‌ରେ ଇତିହାସ ସୃଷ୍ଟି ହୋଇଛି ବୋଲି ଲିଗ୍‌ର ବ୍ରଡକାଷ୍ଟର ଅର୍ଥାତ ପ୍ରସାରଣକାରୀ ସଂସ୍ଥା ଡିସନୀ ଷ୍ଟାର (ସ୍ପୋର୍ଟ୍ସ) ତରଫରୁ କୁହାଯାଇଛି। ଲିଗ୍‌ର ପ୍ରଥମ ୧୦ଟି ମ୍ୟାଚ୍‌କୁ ରେକର୍ଡ ୩୫ କୋଟି ଲୋକ ଦେଖିଛନ୍ତି। ଏହା ଯେକୌଣସି ସଂସ୍କରଣ ଦୃଷ୍ଟିକୋଣରୁ ସର୍ବାଧିକ ବିବେଚିତ ହୋଇଛି। ଡିସ୍‌ନୀ ଷ୍ଟାର ତରଫରୁ ଏ ନେଇ ଗୁରବାର ବ୍ରଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ୍ (ବିଏଆରସି)ର ତଥ୍ୟ ଜାରି କରାଯାଇଛି। ଟୁର୍ଣ୍ଣାମେଣ୍ଟର ମୋଟ୍ ୱାଚ୍ ଟାଇମ୍ ୮,୦୨୮ କୋଟି ମିନିଟ୍ ରହିଛି ବିଏଆରସିର ତଥ୍ୟରୁ ଜଣାପଡିଛି। ଗତବର୍ଷ ତୁଳନାରେ ଏହା ୨୦ ପ୍ରତିଶତକ ଅଧିକ। ଦର୍ଶକଙ୍କ ସଂଖ୍ୟାରେ ଏଭଳି ବୃଦ୍ଧି ଆମକୁ ଆନନ୍ଦିତ କରିଛି ବୋଲି ଡିଜନ୍ୀ ଷ୍ଟାର ମୁଖ୍ୟ ସଞ୍ଜୋଗ ଗୁପ୍ତା କହିଛନ୍ତି। ଉଲ୍ଲେଖଥାଉ କି, ଡିସ୍‌ନୀ ଷ୍ଟାର ୧୦ଟି ଭାଷାରେ ଆଇପିଏଲ ମ୍ୟାଚ୍ ପ୍ରସାରଣ କରୁଛି। ଏଥିରେ ମୁକ, ବଧୀର ଓ ଦୃଷ୍ଟିବାଧିତ ପ୍ରଶଂସକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ମାର୍ଚ୍ଚ ୨୨ରେ ଅନୁଷ୍ଠିତ ଚେନ୍ନାଇ ସୁପର କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌କୁ ୧୬.୮ କୋଟି ଦର୍ଶକ ଦେଖିଥିଲେ। ପ୍ରଥମ ଦିବସର ୱାଚ୍ ଟାଇମ୍ ୧.୨୭୬ ମିନିଟ୍ ଥିଲା ଓ ଏହା ମଧ୍ୟ ଏକ ରେକର୍ଡ ଥିଲା।

## ପନ୍ତ୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା



ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଋଷଭ ପନ୍ତ୍‌ଙ୍କ ଉପରେ ୨୪ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ବୁଧବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଦଳ ନିର୍ଦ୍ଧାରିତ ସମୟରେ ବୋଲିଂ କୋଟା ପୂରଣ କରି ପାରି ନଥିଲା। ଏହା ଫଳରେ ନିୟମ ଅନୁଯାୟୀ ଚଳିତ ଟୁର୍ଣ୍ଣାମେଣ୍ଟରେ ସେ ଦ୍ୱିତୀୟଥର ଏହି ଅପରାଧ କରିଥିବାରୁ ଜରିମାନ ଦ୍ୱିଗୁଣିତ କରାଯାଇଛି। ଏହା ସହ ଇମ୍ପାକ୍ଟ ଖେଳାଳିଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟଙ୍କ ଉପରେ ୬ ଲକ୍ଷ କିମ୍ବା ମ୍ୟାଚ୍ ଫି'ର ୨୫ ଶତକଡ଼ା ଜରିମାନା ଆକାରରେ କାଟି ନିଆଯିବ ବୋଲି ଆଇପିଏଲ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସେ ଯଦି ତୃତୀୟଥର ଏହି ପ୍ରତିଯୋଗିତାରେ ସମାନ ଅପରାଧ କରନ୍ତି, ତେବେ ଜରିମାନା ପରିମାଣ ୩୦ ଲକ୍ଷ ଟଙ୍କା ହେବ ଓ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ହେବାକୁ ପଡ଼ିବ। ବିଶାଖାପାଟଣାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କୋଲକାତା ୭ ୱିକେଟରେ ୨୭୨ ରନ୍ କରିବା ଫଳରେ ପନ୍ତ୍ ଏହି ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ୧୭ ମ୍ୟାଚରେ ୩୦୦ ଛକା

ଆଇପିଏଲ୍‌ର ଚଳିତ ୧୭ତମ ସଂସ୍କରଣରେ ଅଧିକାଂଶ ମୁକାବିଲା ହାଇସ୍କୋରିଂ ଦେଖିବାକୁ ମିଳୁଛି। ଇତ୍ୟବସରରେ ଦୁଇଟି ମ୍ୟାଚରେ ଦଳଗତ ସ୍କୋର ୨୫୦ ରନ ଟପିସାରିଛି। ମ୍ୟାଚ୍ ଯେହେତୁ ହାଇସ୍କୋରିଂ ହେଉଛି ସେହି ଅନୁସାରେ ଛକା ଚୌକା ଦେଖିବାକୁ ମଧ୍ୟ ମିଳୁଛି। ପ୍ରତିଯୋଗିତାର ୧୭ତମ ମ୍ୟାଚ୍ ଚାଲିଥିବାବେଳେ ମୋଟ୍ ଛକା ସଂଖ୍ୟା ୩୦୦ ଅତିକ୍ରମ କରିସାରିଛି। ଯାହାକି ଏକ ରେକର୍ଡ ହୋଇଛି। ଅର୍ଥାତ୍ ଆଇପିଏଲ୍ ଇତିହାସରେ ଏତେ କମ୍ ମ୍ୟାଚରେ କେବେ ହେଲେ ୩୦୦ ଛକା ଛୁଇଁ ନ ଥିଲା। ଗୁରୁବାର ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମ୍ୟାଚ୍‌ରେ ଶୁବମାନ ଗିଲ୍ ମାରିଥିବା ପ୍ରଥମ ଛକାଟି ସଂସ୍କରଣର ୩୦୦ତମ ଛକା ଥିଲା। ଏଥିପୂର୍ବରୁ ଗତ ବର୍ଷ ଆଇପିଏଲ୍‌ର ପ୍ରଥମ ୧୭ ମ୍ୟାଚ ସୁଦ୍ଧା ମୋଟ୍ ୨୫୯ଟି ଛକା ଦେଖିବାକୁ ମିଳିଥିଲା। ସେହିଭଳି ୨୦୨୦ ସଂସ୍କରଣରେ ପ୍ରଥମ ୧୭ ମ୍ୟାଚରେ ୨୫୮ଟି, ୨୦୧୮ରେ ୧୭ ମ୍ୟାଚ୍ ସୁଦ୍ଧା ୨୫୦, ୨୦୨୨ରେ ପ୍ରଥମ ୧୭ ମ୍ୟାଚ୍‌ରେ ୨୪୫ ଛକା ହୋଇଥିଲା।

## ଶ୍ରୀଲଙ୍କାର ଐତିହାସିକ ସିରିଜ୍ ବିଜୟ

**ଇଷ୍ଟ ଲଣ୍ଡନ, ୪।୪(ଏଜେନ୍ସି):** ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିଲାବେଳେ ଶ୍ରୀଲଙ୍କା ୨-୧ରେ ସିରିଜ୍ କବ୍‌ଜା କରିଛି। ଏହା ଫଳରେ ଶ୍ରୀଲଙ୍କା ଘରୋଇ ଦଳ ବିପକ୍ଷରେ ପ୍ରଥମଥର ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୪୬ ବଲ୍‌ରୁ ୭୩ ରନ୍ କରିଥିବା ଶ୍ରୀଲଙ୍କା ଅଧିନାୟିକା ଚାମରି ଆଟାପାଟୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## କ୍ୟାଣ୍ଡିଡେଟ୍ସ ଚେସ୍‌ରେ ୫ ଭାରତୀୟ

**ଟରେଣ୍ଟୋ, ୪।୪(ଏଜେନ୍ସି):** କାନାଡାର ଟରେଣ୍ଟୋସ୍ଥିତ ଗ୍ରେଟ ହଲ୍‌ରେ ଆରମ୍ଭ ହୋଇଛି କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ବିଶ୍ୱଚାମ୍ପିଅନଙ୍କ ବ୍ୟତୀତ ଶ୍ରେଷ୍ଠ ୮ଜଣ ଲେଖାଏଁ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ବିଶ୍ୱଟାଇଟଲ ଲାଗି ପୂର୍ବ ଚାମ୍ପିଅନ୍ ଖେଳାଳିଙ୍କ ସହ ଏହି ଟୁର୍ଣ୍ଣାମେଣ୍ଟର ବିଜେତା ମୁକାବିଲା କରିବେ। ଏପ୍ରିଲ ୨୨ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତରୁ ୫ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ୪ର୍ଥ ସିଡ୍ ଆର୍ ପ୍ରଜ୍ଞାନନ୍ଦା, ୫ମ ସିଡ୍ ବିଦିତ ଗୁଜରାଟୀ ଓ ୮ମ ସିଡ୍ ଡି ଗୁକେଶ। ସେହିପରି ମହିଳା ବିଭାଗରେ ୬ଷ୍ଠ ସିଡ୍ ଆର୍ ବୈଶାଳୀ ଓ ୮ମ ସିଡ୍ କୋନେରୁ ହମ୍ପି ସାମିଲ ହୋଇଛନ୍ତି। ଦୀର୍ଘଦିନ ବ୍ୟବଧାନ ପରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଖେଳାଳିଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହା ମଧ୍ୟରେ ବିଶ୍ୱନାଥନ ଆନନ୍ଦଙ୍କୁ ପଛରେ ପକାଇ ଭାରତର ୩ଜଣ ନୂଆ ତାରକା ବିଶ୍ୱରେ ପ୍ରଭାବ ବିସ୍ତାର କରିବାକୁ ଆଗେଇ ଆସିଛନ୍ତି। ଏହା ଭାରତୀୟ ଚେସ୍‌କୁ ଏକ ନୂଆ ସୋପାନରେ ପହଞ୍ଚାଇଛି।

### ଜାତୀୟସ୍ତରରେ ଚମକିଲେ ଓଡ଼ିଆ ଝିଅ

## ଅଶ୍ୱ ଚାଳନାରେ ସ୍ୱର୍ଣ୍ଣ ଜିତିଲେ ୫ବର୍ଷୀୟା ରିଦ୍ଧି

ଭୁବନେଶ୍ୱର,୪।୪(ସମିସ)



ପୁଣି ଜାତୀୟସ୍ତରରେ ଚମକିଲେ ଓଡ଼ିଆ ଝିଅ। ନୂଆଦିଲ୍ଲୀରେ ଜାତୀୟସ୍ତରୀୟ ଡିଏଚଏସ୍ ଦିଲ୍ଲୀ ଅଶ୍ୱ ଚାଳନାରେ ଓଡ଼ିଆ ଝିଅ ରିଦ୍ଧି ସାମନ୍ତରାୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରିଦ୍ଧି ୫ ବର୍ଷରୁ କମ୍ ଅଶ୍ୱ ଚାଳନା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତେବେ ଓଡ଼ିଶାରୁ ସେ ଏକମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ଏଥିସହ କନିଷ୍ଠ ପ୍ରତିଯୋଗୀଭାବେ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରିଦ୍ଧିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ପ୍ରକାଶଯୋଗ୍ୟ, ଭୁବନେଶ୍ୱରର କର୍ଣ୍ଣେଲ ଆଶିଷ ସାମନ୍ତରାୟ ଏବଂ ରୋହିଣୀଙ୍କ ସୁକନ୍ୟା ହେଉଛନ୍ତି ରିଦ୍ଧି। ସେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ୟୁକେଜିରେ ପଢୁଥିବାବେଳେ ବଡ଼ ଭଉଣୀ ରକ୍ଷିକା ଜାତୀୟସ୍ତରରେ ଅଶ୍ୱଚାଳନାରେ ସଫଳତା ହାସଲ କରିଥିବାବେଳେ ସେ ତାଙ୍କୁ ଅନୁସରଣ କରୁଛନ୍ତି। ଏହାସହ ବାପାଙ୍କଠାରୁ ମଧ୍ୟ ଅଶ୍ୱ ଚାଳନା ପ୍ରଶିକ୍ଷଣ ନେଉଛନ୍ତି ରିଦ୍ଧି। ତେବେ ଦୁଇ ଭଉଣୀଙ୍କ ଅଶ୍ୱଚାଳନା ପ୍ରତି ଆଗ୍ରହ ଥିବାରୁ ଆଗାମୀ ଦିନରେ ଓଡ଼ିଶାକୁ ଉକ୍ତ କ୍ରୀଡ଼ାର ଲୋକପ୍ରିୟତା ଆଗକୁ ନେବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ମାଦ୍ରିଦ୍ ଓପନ୍: ହାଲେପ୍‌ଙ୍କୁ ୱାଇଲ୍ଡ କାର୍ଡ

**ନୂଆଦିଲ୍ଲୀ,୪।୪(ଏଜେନ୍ସି):** ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମାଦ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ରୋମାନିଆ ମହିଳା ତାରକା ସିମୋନା ହାଲେପ୍‌ଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ଡୋପିଂ କାରଣରୁ ସେ ବାସନ୍ଦ ହୋଇଥିଲେ। ତେବେ ବାସନ୍ଦ ଅବଧୀକୁ କମାଇ ଦିଆଯିବା ପରେ ସେ ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟ ଖେଳିବେ। ସେହିପରି ପୂର୍ବତନ ନଂ ୧ ଖେଳାଳି ଡେନ୍‌ମାର୍କ ମହିଳା ଖେଳାଳି କାରୋଲିନ୍ ଓଜ୍ନିଆକିଙ୍କୁ ମଧ୍ୟ ବୁଧବାର ମୁଖ୍ୟ ଡ୍ର'ରେ ସାମିଲ ହେବାକୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ପୂର୍ବରୁ ୨୦୧୬ ଓ ୨୦୧୭ରେ ୩୨ ବର୍ଷୀୟା ହାଲେପ୍ ମାଦ୍ରିଦ୍ ଓପନ୍ ଟାଇଟଲ ହାସଲ କରିଥିଲେ।

### ମୁମ୍ବାଇ ପୁଲିସ୍‌କୁ କୋର୍ଟ ନିର୍ଦ୍ଦେଶ

## 'ପୃଥ୍ୱୀଙ୍କ ବିରୋଧରେ ଏତଲା ଦାୟର କର'

ମୁମ୍ବାଇ, ୪।୪(ଏଜେନ୍ସି)

ଭାରତୀୟ କ୍ରିକେଟ ତାରକା ପୃଥ୍ୱୀ ଶ' ଜାତୀୟ ଦଳକୁ ଫେରିବା ଲାଗି ସଂଘର୍ଷ କରୁଛନ୍ତି। ଏଭଳି ସମୟରେ ତାଙ୍କ ନାମରେ ଜଣେ ମହିଳା ଦୁର୍ବ୍ୟବହାର ଅଭିଯୋଗ ଆଣିବା ଘଟଣା ତାଙ୍କୁ ଅଧିକ ଚାପରେ ପକାଇଛି। ଏବେ ଦିଲ୍ଲୀ ପକ୍ଷରୁ ଆଇପିଏଲ୍ ଖେଳୁଥିବା ଶ' କିପରି ଏହି ଚାପର ସମ୍ମୁଖୀନ ହୋଇ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବେ ତାହାକୁ ନେଇ ସନ୍ଦେହ ରହିଛି।

ଘଟଣାରୁ ଜଣାଯାଇଛି ମୁମ୍ବଇ ସହରତଳି ଅଞ୍ଚଳ ଅନ୍ଧେରୀରେ ଥିବା ଏକ ପବ୍‌ରେ ପୃଥ୍ୱୀଙ୍କ ସହ ସେଲଫି ନେବାକୁ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପନା ଗିଲ୍‌ଙ୍କ ସହ ଠେଲାପେଲା ହୋଇଥିଲା। ପୃଥ୍ୱୀ ଓ ତାଙ୍କ ବନ୍ଧୁ ଆଶିଷ ଯାଦବ ଖରାପ ବ୍ୟବହାର କରିଥିବା କଥା ଗିଲ୍ ଅଭିଯୋଗ କରିଥିଲେ। କିନ୍ତୁ ସପ୍‌ନା ଓଲଟା ଅଭିଯୋଗରେ ଫସିଥିଲେ ଓ ଜେଲ ଯାଇଥିଲେ। ଏବେ ସେ ଜେଲ୍‌ରୁ ମୁକୁଳିବା ପରେ ତାଙ୍କୁ ଯେଭଳି ଅଶୋଭନୀୟ ବ୍ୟବହାର କରାଯାଇଥିଲା ତାହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟରେ ଆଶ୍ରୟ ନେଇଥିଲେ। ଏବେ କୋର୍ଟ ଏହି ଘଟଣାର ବିଚାର କରି ପୃଥ୍ୱୀଙ୍କ ବିପକ୍ଷରେ ଏତଲା ଦାୟର କରିବା ଓ ଜୁନ୍ ୧୯ ତାରିଖ ସୁଦ୍ଧା ରିପୋର୍ଟ ଦାୟର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗିଲ ଯେଉଁ ସବୁ ଅଭିଯୋଗ ଆଣିଛନ୍ତି ତାହା ଉପରେ ମଧ୍ୟ ତଦନ୍ତ କରିବାକୁ ପୁଲିସ୍‌କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ପୁଲିସ୍ ଏତଲା ଗ୍ରହଣ କରି ନ ଥିଲା ଓ ଏବେ ଯଦି ପୃଥ୍ୱୀଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଉଭୟ ପୃଥ୍ୱୀ ଓ ତତ୍‌କାଳୀନ ପୁଲିସ୍ ଅଧିକାରୀ ଦୋଷୀ ସାବ୍ୟସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୃଥ୍ୱୀଙ୍କ ବିପକ୍ଷରେ ଆଇପିସି ଧାରା ୩୫୪, ୫୦୯, ୩୨୪ରେ ମୋକଦ୍ଦମା ଦାୟର କରାଯାଇଛି।

## ତୀରନ୍ଦାଜ ମାନେଶ୍ୱରୀଙ୍କୁ କାଂସ୍ୟ ପଦକ



**ଭୁବନେଶ୍ୱର, ୪।୪ (ସମିସ):** ପଶ୍ଚିମବଙ୍ଗର ଭୋଲପୁରଠାରେ ଗୁରୁବାର ଉଦ୍‌ଯାପିତ ହୋଇଥିବା ୪ର୍ଥ ଏନ୍‌ଟିପି ଜାତୀୟ ର୍‍ୟାଙ୍କିଂ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡ଼ିଶାର ମାନେଶ୍ୱରୀ ହାସଦକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ଉପ-କନିଷ୍ଠ ବିଭାଗର ରିକର୍ଭ ରାଉଣ୍ଡରେ ସେ ଏହି ସଫଳତା ପାଇଛନ୍ତି। ଏଥିରେ ଭାରତର ଶ୍ରେଷ୍ଠ-୧୬ ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ। ଏଥିସହ ମାନେଶ୍ୱରୀ ଦିଲ୍ଲୀରେ ହେବାକୁ ଥିବା ଫାଇନାଲ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରକାଶଯୋଗ୍ୟ, ମାନେଶ୍ୱରୀଙ୍କ ପ୍ରଶିକ୍ଷକ ହେଉଛନ୍ତି ତାଙ୍କ ବାପା ରାଜେଶ ହାସଦକ। ଯିଏକି ବର୍ତ୍ତମାନ କିସ୍ ବିଶ୍ୱବିଦ୍ୟାଳୟରେ ତୀରନ୍ଦାଜୀ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶାରୁ ୪ଜଣ ବାଳକ ଓ ୨ଜଣ ବାଳିକା ପଶ୍ଚିମବଙ୍ଗ ଗସ୍ତ କରିଥିଲେ। ପଦକ ବିଜୟିନୀ ମାନେଶ୍ୱରୀଙ୍କୁ ଏକ ନୂତନ ରିକର୍ଭ ଧନୁ ଯୋଗାଇଦେବା ପାଇଁ ଓଡ଼ିଶା ତୀରନ୍ଦାଜ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଅନୁରୋଧ କରାଯାଇଛି।

## ଉବର କପ୍‌ରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ, ୪।୪ (ଏଜେନ୍ସି):** ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଥୋମାସ (ପୁରୁଷ) ଓ ଉବର୍ (ମହିଳା) କପ୍ ଚଳିତ ମାସ ୨୭ରୁ ଚାଇନାର ଚେଙ୍ଗଡୁଠାରେ ଆରମ୍ଭ ହେବ। ତେବେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଉବେର୍ (ମହିଳା)ରୁ ଓହରିଯାଇଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ (ବାଇ) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଏଥିଲାଗି ଗୁରୁବାର ବାଇ ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଯେଉଁଥିରେ ସିନ୍ଧୁଙ୍କ ନାମ ନ ଥିବା ଦେଖିବାକୁ ମିଳିଥିଲା। ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ନଜରରେ ରଖି ସିନ୍ଧୁ ନିଜକୁ ଫିଟ୍ ରଖିବା ପାଇଁ ଏଥିରେ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ୨୮ ବର୍ଷୀୟା ସିନ୍ଧୁ ଲମ୍ବା ସମୟର ଆଘାତଜନିତ ସମସ୍ୟା ପରେ ଗତ ଜାନୁଆରୀରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ସେ ବ୍ୟାଡ୍‌ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନସିପ୍ ସମେତ ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍‌ର କେତେକ ଇଭେଣ୍ଟରେ ଖେଳିଥିଲେ।

## ଫିଫା ମାନ୍ୟତା: ୪ଟି ସ୍ଥାନ ତଳକୁ ଖସିଲା ଭାରତ

ଜୁରିକ୍,୪।୪(ଏଜେନ୍ସି)




ସଦ୍ୟ ପ୍ରକାଶିତ ଫିଫା ମାନ୍ୟତାରେ ଭାରତୀୟ ପୁରୁଷ ଫୁଟବଲ ଦଳର ଅବନତୀ ହୋଇଛି। ୪ଟି ସ୍ଥାନ ତଳକୁ ଖସି ଭାରତ ୧୨୧ତମ ସ୍ଥାନରେ ରହିଛି। ଗତ କିଛି ମଧ୍ୟରେ ଭାରତର ଏହା ସର୍ବନିମ୍ନ ର୍‍ୟାଙ୍କିଙ୍ଗ୍। ଗତମାସ ଗୌହାଟୀରେ ଅନୁଷ୍ଠିତ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଆଫଗାନିସ୍ତାନଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା ଓ ଏହି ପରାଜୟର ପ୍ରଭାବ ଫିଫା ମାନ୍ୟତାରେ ପଡିଛି।

### ଗତବର୍ଷ ଶ୍ରେଷ୍ଠ-୧୦୦କୁ ଉଠିଥିଲା ଭାରତ

ମୁଖ୍ୟ ପ୍ରଶିକ୍ଷକ ଆଇଗର ଷ୍ଟିମାକଙ୍କ ତତ୍ତ୍ୱାବଧାନରେ ଭାରତ ଗତ ବର୍ଷ ଶ୍ରେଷ୍ଠ-୧୦୦ରେ ସ୍ଥାନ ପାଇଥିଲା। କିନ୍ତୁ ଏବେ କଥା ଅଲଗା ହୋଇଛି। ସେତେବେଳେ ଇଣ୍ଟରନ୍ୟାସନାଲ କପ୍, ଟ୍ରାଇ- ନେସନ୍ସ ଟୁର୍ଣ୍ଣାମେଣ୍ଟ ଓ ସାଫ୍ ଚାମ୍ପିଅନସିପ୍ ଜିତିଥିବାରୁ ଶ୍ରେଷ୍ଠ-୧୦୦କୁ ଉଠିବାରେ ସମର୍ଥ ହୋଇଥିଲା। କିନ୍ତୁ ଗତକିଛି ମାସ ମଧ୍ୟରେ ଭାରତର ପ୍ରଦର୍ଶନରେ ଅବନୀତ ହୋଇଛି। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ କୁଏତକୁ ହରାଇଥିଲେ ମଧ୍ୟ ଭାରତ କତାରରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ ମାମୁଲି ପ୍ରଦର୍ଶନ କରିଥିଲା। ଅଷ୍ଟ୍ରେଲିଆ, ଉଜ୍‌ବେକିସ୍ତାନ ଓ ସିରିଆଠାରୁ ପରାସ୍ତ ହୋଇ ଅଙ୍କ ସାରଣୀର ନିମ୍ନରେ ରହିଥିଲା। ଭାରତ ଗୋଟିଏ ହେଲେ ଗୋଲ ସ୍କୋର କରିପାରି ନଥିଲା। ଫଳରେ ଭାରତ ଏହି ଟୁର୍ଣ୍ଣାମେଣ୍ଟ ପରେ ୧୫ଟି ସ୍ଥାନ ତଳକୁ ଖସି ୧୧୭ତମ ସ୍ଥାନରେ ରହିଥିଲା। ୨୦୧୫ରେ ଫିଫା ମାନ୍ୟତାରେ ଭାରତ ୧୭୩ତମ ସ୍ଥାନକୁ ଖସି ସର୍ବକାଳୀନ ସର୍ବନିମ୍ନ ସ୍ଥାନରେ ରହିଥିଲା।

### ଶୀର୍ଷରେ ଆର୍ଜେଣ୍ଟିନା, ଏସିଆରେ ଜାପାନ ନଂ ୧

ଫିଫା ମାନ୍ୟତାରେ ବିଶ୍ୱ ଚାମ୍ପିଅନ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଶୀର୍ଷ ସ୍ଥାନ ବଜାୟ ରଖିଛି। ସେହିପରି ଫ୍ରାନ୍ସ ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଥିବା ବେଳେ ବେଲଜିୟମ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ, ଇଂଲଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ଚତୁର୍ଥ, ବ୍ରାଜିଲ ୫ମ, ପର୍ତ୍ତୁଗାଲ ଗୋଟିଏ ପାହଚ ଉପରକୁ ଉଠି ଷଷ୍ଠ, ନେଦରଲାଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ୭ମ, ସ୍ପେନ୍ ୮ମ, ଇଟାଲୀ ୯ମ ଓ କ୍ରୋଏସିଆ ୧୦ମ ସ୍ଥାନରେ ରହିଛି। ଏସୀୟ ଦେଶଗୁଡ଼ିକ ମଧ୍ୟରେ ଜାପାନ ଶୀର୍ଷରେ ରହିଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA